ISSN 2583-9543
VOL. NO. 02, ISSUE NO. 06

REFEREED PEER-REVIEWED JOURNAL

ବାଗୀଶ

BAGEESHA ● ନଭେମ୍ବର - ଡିସେମ୍ବର ୨୦୨୪

ନୂଆପଡ଼ା ଜିଲ୍ଲା ତୁକୁଲା ନିକଟବର୍ତ୍ତୀ ଯୋଗୀମଠର ପ୍ରାକ-ଐତିହାସିକ ପଥର ଚିତ୍ର

BAGEESHA

ବାଗୀଶ

ସମାଲୋଚନାଧର୍ମୀ ପତ୍ରିକା

Refereed Peer-Reviewed Journal

ISSN 2583-9543 (ONLINE)

ଦ୍ୱିତୀୟ ବର୍ଷ, ଷଷ୍ଠ ସଂଖ୍ୟା

ନଭେମ୍ବର - ଡିସେମ୍ବର ୨୦୨୪

Volume No. 02

Issue No. 06

November - December 2024

ଯୋଗାଯୋଗ

ବି.କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍,

ମହିଳା ମହାବିଦ୍ୟାଳୟ ଲେନ୍, ନୟାଗଡ଼

E-mail :

bageesha.magazine@gmail.com

Phone No. 9337166172

Visit Us : www.bageesha.in

ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତଂ ମୁଖମ୍ ।

ତତ୍ତ୍ୱ ପୂଷନ୍ନପାବୃଣୁ ସତ୍ୟଧର୍ମାୟ ଦୃଷ୍ଟୟେ ।।

ଶ୍ଲୋକ ୧୫, ଅଧ୍ୟାୟ - ୪୦,

ଶୁକ୍ଳ ଯଜୁର୍ବେଦ ବାଜସନେୟୀ କାଣ୍ୱ ସଂହିତା

ପ୍ରତିଷ୍ଠାତା-ସଂପାଦକ

ବିକେଶ ସାହୁ

Founder & Editor

Bikesh Sahu

Edited and Published

By

Bikesh Sahu

At - Bhuslad, Po - Dedhagaon,

P.S - Sindhekela

Dist - Balangir - 767035

BOARD OF PEERS

Prof. Dash Benhur
Retired Principal,
S.C.S (Autonomous) College, Puri

Prof. B.N Pattnaik
Retired Prof. of English & Linguistics,
IIT, Kanpur, India

Prof. Satya P. Mohanty
Prof., Department of
English Cornell University, USA

Prof. Babrubahan Mahapatra
Prof., Dept. of Odia
M.S.C.B University, Baripada

Dr. Satyapriya Mahalik
Principal, Workers' College
Jamshedpur, Jharkhand

Dr. Gopinath Bag
Asst. Prof., Dept. of Odia
Samabalpur University, Burla

Dr. Bijayalaxmi Dash
Asst. Prof., Dept. of Odia
Revenshaw University, Cuttack

Dr. Rabindra Kumar Das
Asst. Prof., Dept. of Odia
Visva Bharati University,
Shantiniketan

Mr. Satya Pattanaik
Director, Black Eagle Books
Dublin, Ohio, USA

ABOUT US

- 'Bageesha' is a bi-monthly International Standard Serial Number recognized refereed peer-reviewed journal.
- The special research section of 'Bageesha' publishes research discussions on Literature, Society, Culture, Art, History, Anthropology, Philosophy, Science, etc.
- 'Bageesha' has been successful in recent years with a unique approach to make the youth research minded and has also prepared a new framework for the future.
- 'Bageesha' is rich in the following directed sections:

<u>Essay and Discussion Section:</u> You can submit any basic essay and discussion for this section.
<u>New Book:</u> For this section, a copy of a recently published book should be sent to our address by the author or publisher. A short informative summary of the received book will be presented in the journal. For this section we have reserved one page of the magazine for each book.
<u>'Bageesha' Barenya:</u> An interview with a senior critic is published by the editorial team in each issue.

Note: Text must be typed in Odia Unicode. Author's name, full address, e-mail, brief introduction of the author (within 4-5 lines), summary of the article (within 7-8 lines), full text MS-Word File (within 12 characters and 10 pages) etc. through our website. To be _sent.

Visit our website www.bageesha.in for details on sending articles and books.

GUIDELINES

ସମୀକ୍ଷକ ମଣ୍ଡଳୀ

ପ୍ରଫେସର ଦାଶ ବେନହୁର
ଅବସରପ୍ରାପ୍ତ ଅଧ୍ୟକ୍ଷ,
ସାମନ୍ତ ଚନ୍ଦ୍ର ଶେଖର (ସ୍ୱ) ମହାବିଦ୍ୟାଳୟ, ପୁରୀ

ପ୍ରଫେସର ବିବୁଧେନ୍ଦ୍ର ନାରାୟଣ ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରଫେସର, ଇଂରାଜୀ ଓ ଭାଷା
ବିଜ୍ଞାନ ବିଭାଗ, ଆଇ.ଆଇ.ଟି, କାନପୁର

ପ୍ରଫେସର ସତ୍ୟ ପ୍ରକାଶ ମହାନ୍ତି
ପ୍ରଫେସର, ଇଂରାଜୀ ଭାଷା ଓ ସାହିତ୍ୟ ବିଭାଗ,
କର୍ଣ୍ଣେଲ ବିଶ୍ୱବିଦ୍ୟାଳୟ, ଆମେରିକା

ପ୍ରଫେସର ବଭ୍ରୁବାହନ ମହାପାତ୍ର
ପ୍ରଫେସର, ଓଡ଼ିଆ ବିଭାଗ,
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,
ବାରିପଦା

ଡ. ସତ୍ୟପ୍ରିୟ ମହାଲିକ
ଅଧ୍ୟକ୍ଷ, ଜାମସେଦପୁର ୱାର୍କର୍ସ ମହାବିଦ୍ୟାଳୟ,
ଜାମସେଦପୁର, ଝାଡ଼ଖଣ୍ଡ

ଡ. ଗୋପୀନାଥ ବାଗ
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା

ଡ. ବିଜୟଲକ୍ଷ୍ମୀ ଦାଶ
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ଡ. ରବୀନ୍ଦ୍ର କୁମାର ଦାସ
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ

ଶ୍ରୀଯୁକ୍ତ ସତ୍ୟ ପଟ୍ଟନାୟକ
ନିର୍ଦ୍ଦେଶକ ଓ ପ୍ରକାଶକ, ବ୍ଲାକ୍ ଇଗଲ୍ ବୁକ୍ସ
ଡବଲିନ୍, ଓହିଓ, ଆମେରିକା

ଆମ କଥା

- 'ବାଗୀଶ' ଏକ ଦ୍ୱି-ମାସିକ ଗବେଷଣା ଓ ଆଲୋଚନାଧର୍ମୀ ISSN ସ୍ୱୀକୃତ ରେଫରିଡ୍ ପିଅର୍-ରିଭିଉଡ୍ ଜର୍ଣ୍ଣାଲ୍ (Refereed Peer-Reviewed Journal)।
- 'ବାଗୀଶ'ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ଆଲୋଚନା ପ୍ରକାଶିତ ହୋଇଥାଏ।
- 'ବାଗୀଶ' ଯୁବପିଢ଼ିଙ୍କୁ ଗବେଷଣାମନସ୍କ କରିବା ନିମନ୍ତେ ପ୍ରୟାସ କରିବା ସହ ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି।
- 'ବାଗୀଶ' ନିମ୍ନ ନିର୍ଦ୍ଦେଶିତ ବିଭାଗଗୁଡ଼ିକରେ ସମୃଦ୍ଧ :

ପ୍ରବନ୍ଧ ଓ ଆଲୋଚନା ବିଭାଗ : ଏହି ବିଭାଗ ନିମନ୍ତେ ଆପଣ ଯେକୌଣସି ମୌଳିକ ପ୍ରବନ୍ଧ ଓ ଆଲୋଚନା ଦେଇପାରିବେ।

ନୂଆ ବହି : ଏହି ବିଭାଗ ପାଇଁ ସଦ୍ୟ ପ୍ରକାଶିତ ପୁସ୍ତକ ଖଣ୍ଡିଏ ଲେଖକ କିମ୍ବା ପ୍ରକାଶକ ଆମ ଠିକଣାରେ ପଠେଇବାକୁ ହେବ। ପ୍ରାପ୍ତ ପୁସ୍ତକର ଏକ କ୍ଷୁଦ୍ର ସୂଚନାତ୍ମକ ବିବରଣୀ ସହ ଏହାକୁ ପତ୍ରିକାରେ ଉପସ୍ଥାପନ କରାଯିବ। ଏହି ବିଭାଗ ନିମନ୍ତେ ପ୍ରତି ବହି ପାଇଁ ପତ୍ରିକାର ଗୋଟିଏ ଫର୍ଦ୍ଦ ଆମେ ସଂରକ୍ଷିତ ରଖିଛୁ।

'ବାଗୀଶ' ବରେଣ୍ୟ : ପ୍ରତି ସଂଖ୍ୟାରେ ସଂପାଦନା ମଣ୍ଡଳୀଙ୍କ ଦ୍ୱାରା ଜଣେ ବରିଷ୍ଠ ସମାଲୋଚକଙ୍କ ସହ ସାକ୍ଷାତକାର ପ୍ରକାଶିତ ହୁଏ।

ଦ୍ରଷ୍ଟବ୍ୟ : ଲେଖାଟି ଓଡ଼ିଆ ୟୁନିକୋଡ଼ରେ ଡିଟିପି ହୋଇଥିବା ଆବଶ୍ୟକ। ଲେଖକ ନାମ, ସଂପୂର୍ଣ୍ଣ ଠିକଣା, ଇ-ମେଲ, ଲେଖକଙ୍କ ସଂକ୍ଷିପ୍ତ ପରିଚୟ (୪-୫ ଧାଡ଼ି ଭିତରେ), ଲେଖାର ସାରାଂଶ (୭-୮ ଧାଡ଼ି ଭିତରେ), ସଂପୂର୍ଣ୍ଣ ଲେଖା MS-Word File(ଅକ୍ଷର ଆକାର ୧୨ ଥାଇ ୧୦ ପୃଷ୍ଠା ଭିତରେ) ଆଦି ଆମକୁ ୱେବସାଇଟ୍ ମାଧ୍ୟମରେ ପଠାଇବାକୁ ହେବ।

ଲେଖା ଓ ବହି ପଠେଇବା ନିମନ୍ତେ ସବିଶେଷ ବିବରଣୀ ପାଇଁ ଆମ ୱେବସାଇଟ୍ www.bageesha.in ପରିଦର୍ଶନ କରନ୍ତୁ।

GUIDELINES

ସଂପାଦନା ମଣ୍ଡଳୀ

EDITORIAL BOARD

ସହ-ସଂପାଦକ

କନକ ବର୍ଦ୍ଧନ ସାହୁ

ଅଧ୍ୟାପକ, ସିନାପାଲି ମହାବିଦ୍ୟାଳୟ, ସିନାପାଲି

କାର୍ଯ୍ୟନିର୍ବାହୀ ସଂପାଦକ

ରିତମ୍ ମିଶ୍ର

ସଂପାଦନା ଓ କ୍ଷେତ୍ରୀୟ ସଂଯୋଜନା

ଲେଫ୍ଟନାଣ୍ଟ ଡ. ବିଦ୍ୟୁଲତା ଷଣ୍ଢ

ଓଡ଼ିଆ ଅଧ୍ୟାପିକା, ନୟାଗଡ଼(ସ୍ୱ.ଶା) ମହାବିଦ୍ୟାଳୟ, ନୟାଗଡ଼

ଡ. ସୁଜାତା ସାହାଣୀ

ଓଡ଼ିଆ ଅଧ୍ୟାପିକା, ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ, କଟକ

ତୃପ୍ତିମୟୀ ଭୋଇ

ଓଡ଼ିଆ ଅଧ୍ୟାପିକା, ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କୃଷ୍ଣଚନ୍ଦ୍ରପୁର, ଜଗତସିଂହପୁର

ସୁବାସ ଚନ୍ଦ୍ର ଭୋଇ

ଗବେଷକ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ, କଲିକତା

ପ୍ରଭାସ ଚନ୍ଦ୍ର ଟୋଲଟିଆ

ଗବେଷକ, ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା

ଆପଣଙ୍କ ଚିଠି

ଅଧୁନା ଓଡିଆ ସାହିତ୍ୟରେ ଯେତେଗୁଡ଼ିଏ ଗବେଷଣାଧର୍ମୀ ସାହିତ୍ୟ ପତ୍ରିକା ପ୍ରକାଶିତ ହେଉଛି ସେହିସବୁ ପତ୍ରିକାଠାରୁ ବାଗୀଶ ନିଜସ୍ୱ ସ୍ୱତନ୍ତ୍ରତା ଓ ନବୀନତା ଦୃଷ୍ଟିରୁ ଭିନ୍ନ ଅଟେ। ଆଲୋଚ୍ୟ ପତ୍ରିକାରେ ପ୍ରକାଶିତ ପ୍ରାୟତଃ ସମସ୍ତ ସମାଲୋଚନାଗୁଡ଼ିକ ବେଶ୍ ମନନଶୀଳ ତଥା ହୃଦୟଗ୍ରାହୀ ହେବା ସହ ଗବେଷଣାଗର୍ଭକ ମନେହୁଏ। ଯେକୌଣସି ସାହିତ୍ୟର ଭୂୟୋବିକାଶ ସକାଶେ ସାହିତ୍ୟ ପତ୍ରିକାର ଭୂମିକା ଅନବଦ୍ୟ ଓ ଏହି କର୍ତ୍ତବ୍ୟକୁ ତଥା ଭୂମିକାକୁ ବହନ କରି ବାଗୀଶ ପତ୍ରିକା ଆଗକୁ ଅଗ୍ରସର ହେଉଛି। ଓଡ଼ିଆ ସାହିତ୍ୟର ବିଭିନ୍ନ ଅନାଲୋଚିତ ଦିଗଗୁଡ଼ିକ ଉକ୍ତ ପତ୍ରିକା ମାଧ୍ୟମରେ ଲୋକଲୋଚନକୁ ଆସି ପାରୁଛି। ଉଭୟ ଅଭିଜ୍ଞ ଓ ତରୁଣ ଗବେଷକ, ଗବେଷିକାମାନଙ୍କୁ ସ୍ଥାନଦେଇ ସମନ୍ୱୟର ସେତୁ ବିନିର୍ମାଣ କରିବା ସହ ନୂତନ ଲେଖକଲେଖିକା ସୃଷ୍ଟି କରିବା ସକାଶେ ଏହି ପତ୍ରିକା ଅନବରତ ଚେଷ୍ଟା କରୁଛି। ଆଶା ଓ ବିଶ୍ୱାସ ସ୍ୱକୀୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ପାଥେୟ କରି ଏହା ସାହିତ୍ୟ ଗବେଷଣା କ୍ଷେତ୍ରରେ ଶ୍ରେଷ୍ଠସ୍ଥାନ ଅକ୍ତିଆର କରିବ।

--- ***ବାବୁଲୁ ପଧାନ***

(ଗବେଷକ, ଓଡ଼ିଆ ବିଭାଗ, ଫକୀର ମୋହନ ବିଶ୍ୱବିଦ୍ୟାଳୟ)

'ବାଗୀଶ'ର ଦ୍ୱିତୀୟ ବର୍ଷ ପଞ୍ଚମ ସଂଖ୍ୟା ପାଠ କଲି। ଏହି ସଂଖ୍ୟାର ସଂପାଦକୀୟ ପୃଷ୍ଠା ମୋତେ ବେଶ୍ ପ୍ରଭାବିତ କରିଥିଲା। ସମ୍ପାଦକ ଓଡ଼ିଆ ସାହିତ୍ୟରେ ପତ୍ରପତ୍ରିକାର ସୃଷ୍ଟିଠାରୁ ଆରମ୍ଭ କରି ସାଂପ୍ରତିକ ସମୟରେ ପତ୍ରପତ୍ରିକାର ସ୍ଥିତି ଓ ପ୍ରକାଶନ ସମସ୍ୟା ଉପରେ ଆଲୋକପାତ କରିବା ସହ "ପତ୍ରିକା ପ୍ରକାଶନ ଏକ ଶିଳ୍ପ ନୁହେଁ ଏକ ଦାୟିତ୍ୱ" - ଏହା ସମ୍ପାଦକଙ୍କ ଗୁରୁତ୍ୱପୂର୍ଣ୍ଣ ମତ। ଏଥିପ୍ରତି ସମ୍ପାଦକ ଓ ପାଠକ ସଚେତନ ହେବା ଆବଶ୍ୟକ। ପଶ୍ଚିମ ଓଡ଼ିଶାର 'ଦଳ' ଜନଜାତିଙ୍କ ମୃତସଂସ୍କାର କର୍ମ : ଏକ ଅଧ୍ୟୟନ ଏହି ଗବେଷଣାଧର୍ମୀ ଆଲୋଚନାରେ 'ଦଳ' ଜନଜାତି ସମ୍ପର୍କରେ ଜାଣିବାକୁ ପାଇଲି। 'ବାଗୀଶ' ପତ୍ରିକା ଗବେଷକ

କ୍ରମଶଃ... ପୃଷ୍ଠା ସଂଖ୍ୟା - ୫୫

ନିଜର ସୁଚିନ୍ତିତ ମତାମତ ଆମକୁ ନିମ୍ନ ଠିକଣାରେ ପଠେଇପାରିବେ।

ନିଜର ମତାମତ ଓ ଯୋଗାଯୋଗ ଦେବାପାଇଁ ଇ-ମେଲ ଠିକଣା: (bageesha.magazine@gmail.com)। ବହି ପଠେଇବା ପାଇଁ ଠିକଣା : ବିକେଶ ସାହୁ, ସଂପାଦକ 'ବାଗୀଶ', ବି.କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍, ମହିଳା ମହାବିଦ୍ୟାଳୟ ଲେନ୍, ନୟାଗଡ଼ - ୭୫୨୦୬୯।

ସଂପାଦକୀୟ

॥ ମୂଳରୁ 'ଡ' ନାହିଁ କିନ୍ତୁ 'ଡକ୍ଟର' ॥

ସୁଧିଜନେ, ଆପଣମାନେ ଜାଣନ୍ତି ସବୁକିଛି ପାଇଁ କିଛି ବିଧି ବ୍ୟବସ୍ଥା ସହ ଆବଶ୍ୟକ ପରିମାଣର ପରିଶ୍ରମର ମଧ୍ୟ ଅବଶ୍ୟକତା ରହିଛି। ଏବଂ, ଏସବୁ ଭିତରେ ସବୁଠୁ ବଡ଼ ବିଷୟଟି ହେଉଛି ଆତ୍ମତୃପ୍ତି। ଯାହା ନିର୍ଭର କରେ ବ୍ୟକ୍ତିକ ଚିନ୍ତନ ଉପରେ। ସର୍ବୋପରି ଆତ୍ମପରୀକ୍ଷଣ ବା ଆତ୍ମସମୀକ୍ଷା ବ୍ୟକ୍ତିକୁ ଏକ ସିଦ୍ଧାନ୍ତରେ ଉପନୀତ କରାଏ। ଯାହା ମଣିଷ ମନରେ ଆନନ୍ଦ ଓ ବିଷାଦର କାରକ ହୋଇଥାଏ। ବର୍ତ୍ତମାନ ପ୍ରଶ୍ନ କରାଯାଇପାରେ - ଏ ଆତ୍ମତୃପ୍ତି ମିଳେ କେଉଁଠୁ? ବନ୍ଧୁଗଣ ମଣିଷ ମାତ୍ରକେ ଆମେ ବିବିଧ ଭାବ-ଭାବନା, ପ୍ରବୃତ୍ତି-ନିବୃତ୍ତିର ମାର୍ଗ ଦେଇ ବିଚିତ୍ର ଗତି କରିବାକୁ ହେବ। ଏ ମାର୍ଗଦେଇ ଗଲା ବେଳେ ଏମିତି ଅନେକ ଉପାଦାନ ଆମକୁ ବେଢିକି ରହିବେ। ସେସବୁ ପ୍ରାକୃତିକ ଓ କୃତ୍ରିମ ରୂପରେ ଆମ ସମ୍ମୁଖରେ ବାରମ୍ବାର ଠିଆ ହେବେ। ସବୁ ସତ୍ତ୍ୱେ ମଧ୍ୟ ଏକ ପରିପୂର୍ଣ୍ଣ ଓ ଆନନ୍ଦମୟ ଜୀବନର ପରିକଳ୍ପନା ଆମ ସମସ୍ତଙ୍କର ପରମ ଓ ଚରମ ଲକ୍ଷ୍ୟ ହେବା ଉଚିତ। ଯାହା ସହ ଯୋଡ଼ି ହୋଇ ରହିଥାଏ ଆମ ବ୍ୟକ୍ତିକ ସିଦ୍ଧାନ୍ତ। ଯାହା ଆମକୁ ସ୍ୱତନ୍ତ୍ର ପରିଚୟ ଦିଏ। ଆମକୁ ଗଣଙ୍କ ଆଗରେ ଚିହ୍ନାଏ। ପାଠକେ ଭାବୁଥିବେ ସଂପାଦକ ମହୋଦୟ ପ୍ରବଚନ ଆରମ୍ଭ କରିଦେଲେଣି। କ୍ଷମା କରିବେ ସେ ଧୃଷ୍ଟତା କରିବିନି। ଆସନ୍ତୁ ବର୍ତ୍ତମାନ ପ୍ରସଙ୍ଗକୁ ଫେରିବା।

ମୁଁ ପୂର୍ବରୁ କହିଛି, ଆତ୍ମତୃପ୍ତି ସର୍ବଦା ଆତ୍ମସମୀକ୍ଷା ସଂଜାତ। ଯାହା ଆନନ୍ଦ ଓ ବିଷାଦର ରୂପ ନେଇ ଆମ ସାମ୍ନାକୁ ଆସେ। ବର୍ତ୍ତମାନ କଥା ହେଉଛି ଏ 'ଡକ୍ଟରେଟ୍' ସହ ଏସବୁର ସମ୍ପର୍କ କ'ଣ? ବନ୍ଧୁଗଣ, ଆପଣ ସମସ୍ତେ ଜାଣନ୍ତି ଯେ 'ଡକ୍ଟରେଟ୍' ଗବେଷଣାତ୍ମକ କଳାକର୍ମର ଏକ ସ୍ୱୀକୃତି। ଅବଶ୍ୟ ଏହା ବ୍ୟତୀତ ଅନ୍ୟ ଏକ ପ୍ରାବଧାନ ମଧ୍ୟ ରହିଛି - ଯଦି ଜଣେ ବ୍ୟକ୍ତି କୌଣସି କ୍ଷେତ୍ରରେ ନିଜର ସ୍ୱତନ୍ତ୍ରତା ପ୍ରଦର୍ଶନ କରି ନୂତନ ସିଦ୍ଧାନ୍ତର ଉନ୍ମୋଚନ କରନ୍ତି, ସେ କ୍ଷେତ୍ରରେ ମଧ୍ୟ ଏତାଦୃଶ ଉପାଧି ସମ୍ମାନସୂଚକ ଭାବେ ପ୍ରଦାନ କରାଯାଇଥାଏ। ଯାହାର ଯଥେଷ୍ଟ ନିଦର୍ଶନ ଆପଣମାନେ ପାଇପାରିବେ। ତେବେ ଆମ ଆଲୋଚନାର ବିଷୟ ହେଉଛି - ଏ ସମ୍ମାନସୂଚକ 'ଡକ୍ଟରେଟ୍' ଉପାଧି ସମ୍ପର୍କିତ। ଏ ଦୁଇ ଭିନ୍ନ ଉପାଧି ଅର୍ଜନର ପ୍ରକ୍ରିୟା ସମ୍ପର୍କରେ ଆପଣମାନେ ନିଶ୍ଚୟ ଅବଗତ ଥିବେ ବୋଲି ମୋର ବିଶ୍ୱାସ । ତେବେ ଏ ଦୁଇ ପ୍ରକ୍ରିୟା ମଧ୍ୟରୁ ପ୍ରଥମଟି ଦୀର୍ଘ ବର୍ଷର ଶାରୀରିକ ଓ ମାନସିକ ପରିଶ୍ରମର ଫଳଶ୍ରୁତି। ସେହିପରି ଅନ୍ୟଟି ସହ ମଧ୍ୟ ଜୀବନତମାମର ସାଧନା ଜଡ଼ିତ। ତେବେ ବର୍ତ୍ତମାନର ସ୍ଥିତିରେ ମୋତେ ଲାଗେ ପ୍ରଥମ ଅପେକ୍ଷା ଏ ଦ୍ୱିତୀୟ ପ୍ରକ୍ରିୟାଟି ନିଜ ମାନ ହରେଇବାରେ ଲାଗିଛି। ଯେକେହି ଚାହିଁଲେ ଏହି 'ଡକ୍ଟରେଟ୍' ଉପାଧି ଖଣ୍ଡିଏ ହାତେଇ ନେଇପାରୁଛି। ସେପୁଣି ଜାତୀୟ ନୁହେଁ, ଆନ୍ତର୍ଜାତୀୟ ଅନୁଷ୍ଠାନ ଓ ସଂସ୍ଥାମାନଙ୍କଠାରୁ। ଅବଶ୍ୟ ସମସ୍ୟାଟି ଏହା ନୁହଁ। ସମସ୍ୟାଟି ହେଉଛି, ବିନା ଯୋଗ୍ୟତା ଓ ଉପଲବ୍ଧିରେ ବୈଦ୍ୟୁତିକ ମାଧ୍ୟମରେ ପ୍ରାପ୍ତ ପତ୍ର ଖଣ୍ଡିକ ପାଇ ଆମ ସମାଜର ଅନେକେ ନିଜକୁ 'ଡକ୍ଟରେଟ୍' ଭାବେ ଘୋଷଣା କରିବା। ବାସ୍ତବରେ ଏହା ଦୁର୍ଭାଗ୍ୟର ବିଷୟ।

ଦିନକୁ ଦିନ ବିଶେଷକରି ଗଣମାଧ୍ୟମରେ ଅନେକ ବ୍ୟକ୍ତି ବିଭିନ୍ନ ଆନ୍ତର୍ଜାତୀୟ ଅନୁଷ୍ଠାନ ଓ ସଂସ୍ଥା ଦ୍ୱାରା ସମ୍ମାନସୂଚକ 'ଡକ୍ଟରେଟ୍' ଭଳି ଅନେକ ପଦପଦବୀରେ ଭୂଷିତ ହେଉଥିବାର ସୂଚନା ମିଳୁଛି। ତେବେ ବର୍ତ୍ତମାନ ପ୍ରଶ୍ନ ହେଉଛି- ଏସବୁରୁ କ'ଣ ସେମାନେ ବାସ୍ତବରେ ଆତ୍ମତୃପ୍ତି ଲାଭ କରିପାରୁଛନ୍ତି? ଏହା ଭାବିଲା ମାତ୍ରେ ମୋତେ ଆଶ୍ଚର୍ଯ୍ୟ ଲାଗେ । ଆହୁରି ମଧ୍ୟ ବଡ଼ ପ୍ରଶ୍ନ ହେଉଛି- କିଛି ଅର୍ଥ ବ୍ୟୟରେ ପ୍ରାପ୍ତ ଏ ଉପାଧିସର୍ବସ୍ୱ ମାନସିକତା ସେଇସବୁ ଉପାଧିର ଗୌରବକୁ ନଷ୍ଟ କରୁନାହିଁ କି? - ଏହା ଚିନ୍ତା କରିବାର ବିଷୟ ।

ବନ୍ଧୁଗଣ, ମୋତେ ଲାଗେ ବର୍ତ୍ତମାନ ଆମ ସମାଜରେ ଆତ୍ମସମୀକ୍ଷା ବା ଆତ୍ମସମୀକ୍ଷଣ ରୂପକ ନିଜକୁ ନିରେଖି ଦେଖିବାର ଆଇନା ଖଣ୍ଡକ ଦଦରା ହୋଇଯାଇଛି କିମ୍ବା ଏହା ଉପରେ ଧୂଳି ଜମିଯାଇଛି। ଅଥବା ଆମେ ହିଁ ମିଛ ଆଇନାର କୁହେଳିକାରେ ନିଜର ପ୍ରକୃତ ପ୍ରତିଛବି ଦେଖିବା ବଦଳରେ କେଉଁ କୁହୁକର ଶିକାର ହୋଇସାରିଛେ। ଆମକୁ ବୁଝିବାକୁ ହେବ, ଯିଏ ପ୍ରକୃତରେ ସମ୍ମାନ ପାଇବାର ଯୋଗ୍ୟ ସେ ସମ୍ମାନିତ ହୋଇ ଆସୁଛନ୍ତି ଓ ହେଉଥିବେ ମଧ୍ୟ। ଗୁଣ ଓ ପ୍ରତିଭାର ପୂଜା କେବେ କାହାର ଦୟାର ପାତ୍ର ନୁହେଁ - ଏହା ସବୁ କାଳକୁ ପ୍ରମାଣିତ। ତଥାପି ଏ ବୈକଲ୍ୟ କାହିଁକି? ତେଣୁ ନିଜ ମାନସିକତାକୁ ପରିବର୍ତ୍ତନ କରିବା। ଯେପର୍ଯ୍ୟନ୍ତ ନିଜ ଆଇନରେ ଆମେ ନିଜେ ଯୋଗ୍ୟ ନ ହୋଇଛେ - ଅନ୍ୟର ପ୍ରଶଂସାର କିଛି ମୂଲ୍ୟ ନାହିଁ। ତେଣୁ ଆସନ୍ତୁ ନିଜ ଆତ୍ମସମୀକ୍ଷା ରୂପକ ଆଇନା ଖଣ୍ଡକକୁ ଘଷିମାଜି ସ୍ୱଚ୍ଛ କରିବା।

ସୁଧୀଜନେ! ବିବିଧ ସମସ୍ୟା ହେତୁ ଚଳିତ ସଂଖ୍ୟା ପ୍ରକାଶନରେ ବିଳମ୍ବ ହୋଇଛି। ସେହି ହେତୁ କ୍ଷମା ଯାଚନା କରୁଛି। ମୋର ବିଶ୍ୱାସ ଆପଣମାନେ ଆମକୁ କ୍ଷମା ଦେବେ। ଶେଷରେ ଆମର ଅନୁରୋଧ ରକ୍ଷା କରି ବରେଣ୍ୟ ସାରସ୍ୱତସାଧକ ତଥା ସମାଲୋଚକ ପ୍ରଫେସର ସନ୍ତୋଷ ତ୍ରିପାଠୀ ମହୋଦୟ 'ବାଗୀଶ ବରେଣ୍ୟ'ର ସାକ୍ଷାତକାର ନିମନ୍ତେ ସଦୟ ଅନୁମତି ଦେଇ କୃତାର୍ଥ କରିଥିବାରୁ ତାଙ୍କୁ ବିଶେଷ କୃତଜ୍ଞତା ଜଣାଉଛି। ଏହି ସଂଖ୍ୟାକୁ ସମୃଦ୍ଧ କରିଥିବା ସମସ୍ତ ବରେଣ୍ୟଙ୍କୁ ଅଭିନନ୍ଦନ ଜଣାଇ ଶୁଭେଚ୍ଛାର ସହ 'ବାଗୀଶ'ର ଦ୍ୱିତୀୟ ବର୍ଷ ଷଷ୍ଠ ସଂଖ୍ୟା ଆପଣମାନଙ୍କ ହାତରେ ନିବେଦନ କଲି।

ସଂପାଦକ

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଷଷ୍ଠ ସଂଖ୍ୟା | ନଭେମ୍ବର - ଡିସେମ୍ବର ୨୦୨୪
Volume No. 02 | Issue No. 06 | Nov-Dec 2024
Refereed Peer-Reviewed Journal

ଏଇ ସଂଖ୍ୟାରେ

ପ୍ରବନ୍ଧ ଓ ଆଲୋଚନା

୦୮ ॥ ଓଡ଼ିଆ-ଇଂରାଜୀ ସାହିତ୍ୟିକ ଲେଖା ସବୁର ଅନୁବାଦ : ଏକ ପ୍ରାୟୋଗିକ ଭାଷାବିଜ୍ଞାନ ବିଶ୍ଳେଷଣ

:: ଡ. ପ୍ରତାପ କୁମାର ଦାଶ

୧୪ ॥ ଲୋକଗୀତ ପରଂପରାରେ ବାଥୁଡ଼ି ସଂପ୍ରଦାୟର ଗନ୍ଧାଦିଆ ଓ ମାଟିଖୋଳା ଗୀତ

:: ଡ. ରାଜା କୁମାର ନାଏକ

୧୯ ॥ ତନ୍ତ୍ରଧାରାରେ ସୋନପୁରର ବଳିଯାତ୍ରା

:: ସନ୍ତୋଷ ଭୋଇ

୨୫ ॥ ବରଗଡ଼ ଜିଲ୍ଲାର ସୌଖୀନ ନାଟ୍ୟାନୁଷ୍ଠାନ : ଏକ ଦୃଷ୍ଟିପାତ

:: ଶୁଭ୍ରାଂଶୁ ବେହେରା

୩୩ ॥ ଦୁର୍ଭିକ୍ଷକୈନ୍ଦ୍ରିକ ଓଡ଼ିଆ ଉପନ୍ୟାସ : ଏକ ଆଲୋଚନା

:: ସୁଷମା ବେହେରା, ଡ. ମମତାରାଣୀ ବେହେରା

ସମାଲୋଚନା : ନୂଆ ଫର୍ଦ୍ଦ

୩୯ ॥ ଫକୀର ମୋହନ ଓ ପ୍ରେମଚାନ୍ଦଙ୍କ ଗଳ୍ପ : ଏକ ତୁଳନାତ୍ମକ ବିଚାର

:: ପ୍ରଫେସର ବଭ୍ରୁବାହନ ମହାପାତ୍ର

ସମାଲୋଚନା : ନୂଆ ଫର୍ଦ୍ଦ

୪୩ ॥ ୧୭୧୦ ରୁ ୨୦୧୪ ମସିହା ମଧ୍ୟରେ ଓଡ଼ିଶାରେ ପ୍ରଣୀତ ପ୍ରତିନିଧିସ୍ଥାନୀୟ ବିବିଧ ଶବ୍ଦକୋଷ: ଏକ ମାଇକ୍ରୋ ସମୀକ୍ଷାତ୍ମକ ମୂଲ୍ୟାୟନ

:: ଡ. ରବୀନ୍ଦ୍ର କୁମାର ଦାସ

ବାଗୀଶ ବରେଣ୍ୟ

୫୨ ॥ ପ୍ରଫେସର ସନ୍ତୋଷ ତ୍ରିପାଠୀଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍କାର

ବହିକଥା

୫୪ ॥ ଡ. ଦୂର୍ବାଦଳ ମେହେରଙ୍କ 'ଓଡ଼ିଆ ବର୍ଣ୍ଣବୋଧ ସମ୍ବନ୍ଧରେ'



ପ୍ରଚ୍ଛଦ : ବିକେଶ ସାହୁ

[ପ୍ରଚ୍ଛଦରେ ସ୍ଥାନିତ ହୋଇଛନ୍ତି ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ ଡୁକୁଲା ଗ୍ରାମ ନିକଟବର୍ତ୍ତୀ ଯୋଗୀମଠ ପାହାଡ଼ ଉପରେ ଖୋଦିତ ହୋଇଥିବା ପ୍ରାକ-ଐତିହାସିକ ପଥର ଚିତ୍ର]

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଷଷ୍ଠ ସଂଖ୍ୟା | ନଭେମ୍ବର - ଡିସେମ୍ବର ୨୦୨୪
Volume No. 02 | Issue No. 06 | Nov-Dec 2024
Refereed Peer-Reviewed Journal

ଓଡ଼ିଆ-ଇଂରାଜୀ ସାହିତ୍ୟିକ ଲେଖା ସବୁର ଅନୁବାଦ : ଏକ ପ୍ରାୟୋଗିକ ଭାଷାବିଜ୍ଞାନ ବିଶ୍ଳେଷଣ

BM2024/06-A001
https://bageesha.in
OPEN ACCESS

■ ଡ. ପ୍ରତାପ କୁମାର ଦାଶ
ସହଯୋଗୀ ପ୍ରାଧ୍ୟାପକ, ଇଂରାଜୀ ବିଭାଗ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗିର

Article Received : 09.12.2024 | Accepted : 25.12.2024 | Published : 10.01.2025

ସାରାଂଶ

ABSTRACT

ଓଡ଼ିଶାରେ ଓଡ଼ିଆରୁ ଇଂରାଜୀକୁ ଏବଂ ଇଂରାଜୀରୁ ଓଡ଼ିଆକୁ ଅନୁବାଦ କାର୍ଯ୍ୟ ସମାପନ କରିବା ଏକ ନୂଆ କଥା ନୁହେଁ। ବିଶେଷ କରି ଓଡ଼ିଆ ସାହିତ୍ୟ ଏବଂ ଇଂରାଜୀ ସାହିତ୍ୟର ସାରସ୍ୱତ କୃତି ସମୂହକୁ ଓଡ଼ିଶାର ସାହିତ୍ୟ ଅନୁରାଗୀ ବ୍ୟକ୍ତି ବିଶେଷ ଗତ ପଚାଶ ବର୍ଷରୁ ଊର୍ଦ୍ଧ୍ୱ ହେବ ଅନୁବାଦ କରିଆସୁଛନ୍ତି। ଏହା ଉପରେ ଅନେକ ଗବେଷଣା କାର୍ଯ୍ୟ ମଧ୍ୟ ହୋଇଚାଲିଛି। ଏହା ଫଳରେ ଅନୁବାଦ ସହିତ ତୁଳନାତ୍ମକ ସାହିତ୍ୟର ଦିଗ ମଧ୍ୟ ସମ୍ପ୍ରସାରଣ ହେଉଛି। ତେବେ ଏହି ପୃଷ୍ଠଭୂମିରେ ଅନୁବାଦର ଯଥାର୍ଥତା, ପ୍ରାସଙ୍ଗିକତା, ଉପଯୋଗିତା ଏବଂ ପ୍ରାସଙ୍ଗିକତାର ଅବମୂଲ୍ୟାୟନ କରିବା ହିଁ ଏହି ଲେଖାଟିର ମୂଳ ଉଦ୍ଦେଶ୍ୟ। ଆମେ ନୀତିଗତ ଭାବେ କିମ୍ବା ଆଗ୍ରହ ଯୋଗୁଁ ଅନୁବାଦ କରୁନା ପ୍ରକୃତରେ ସେହି ନିର୍ଦ୍ଦିଷ୍ଟ ଲେଖାଗୁଡ଼ିକର ଆନ୍ତର୍ଜାତୀୟ ସ୍ତରରେ ପାଠକୀୟ ଚାହିଦା ରହିବା ପାଇଁ ଅନୁବାଦ କରିବା ନିହାତି ଦରକାର। ଯଦି ଆମେ ଇଂରାଜୀରୁ ଓଡ଼ିଆ ଏବଂ ଓଡ଼ିଆରୁ ଇଂରାଜୀକୁ ଅନୁବାଦ କରୁ ତେବେ କେବେବି ଏହି ଅନୁବାଦ ହୋଇଥିବା ପୁସ୍ତକଗୁଡ଼ିକର ପାଠକୀୟ ପ୍ରତିକ୍ରିୟାର ମୂଲ୍ୟାୟନ କରିଛେ କି? ଅନୁବାଦ କରୁଥିବା ବ୍ୟକ୍ତିମାନଙ୍କର ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଅନୁବାଦ କଳାର ଯେଉଁ କୌଶଳ ବା କାର୍ଯ୍ୟଦକ୍ଷତା ଅଛି କି? ଏଥି ସହିତ ଉଭୟ ଭାଷା ଓ ସାହିତ୍ୟର ଅନୁବାଦ ନହୋଇପାରୁଥିବା ଉପାଦାନ, ଭାଷାର ଶୈଳୀଗତ ସ୍ୱାତନ୍ତ୍ର୍ୟ ଏବଂ ସୃଜନଶୀଳତାକୁ ଉଚିତ ଭାବେ ଅନୁବାଦରେ ଧ୍ୟାନ ଦେଇପାରୁଛେ କି?

BM2024/06-A001

ମୂଳଶବ୍ଦ: ଓଡ଼ିଆ ସାହିତ୍ୟ, ଇଂରାଜୀ ସାହିତ୍ୟ, ଅନୁବାଦ, ତୁଳନାତ୍ମକ ସାହିତ୍ୟ, ମୂଲ୍ୟାୟନ, ସୃଜନଶୀଳତା

ଉପକ୍ରମ: ସାଧାରଣତଃ ଅନୁବାଦ କହିଲେ ଭାଷାନ୍ତରଣ ପ୍ରକ୍ରିୟାକୁ ବୁଝାଇଥାଏ। ସମୟ କ୍ରମେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷା ଓ ସାହିତ୍ୟର ଅନୁରାଗ ରଖିଥିବା ବ୍ୟକ୍ତି ବିଶେଷମାନେ ଓଡ଼ିଆରୁ ଇଂରାଜୀକୁ ଅନୁବାଦ କରିବା କାର୍ଯ୍ୟକୁ ଚାଲୁରଖିଛନ୍ତି। ସମାନ୍ତରାଳ ଭାବେ ଇଂରାଜୀରୁ ଓଡ଼ିଆକୁ ମଧ୍ୟ ଅନୁବାଦ ଜାରି ରହିଛି। ଗୁରୁପ୍ରସାଦ ମହାନ୍ତିଙ୍କ "କାଳପୁରୁଷ" ହେଉ କିମ୍ବା ଗୋପୀନାଥ ମହାନ୍ତିଙ୍କ "ପରଜା" ସବୁ ଗୋଟିଏ ଗୋଟିଏ ସମସାମୟିକ ଓଡ଼ିଆ - ଇଂରାଜୀ ଅନୁବାଦର ମାଇଲ୍ ଖୁଣ୍ଟ ହୋଇରହିଛି। ସାହିତ୍ୟ ଅନୁରାଗିମାନେ ଅନୁବାଦକୁ ନେଇ ବଡ଼ ବଡ଼ ପରିଯୋଜନାରେ ସାମିଲ ହୋଇ ଓଡ଼ିଆ ସାରସ୍ୱତ ସାହିତ୍ୟିକମାନଙ୍କ ଲେଖାଗୁଡ଼ିକ ହେଉ କିମ୍ବା ଜଣାଶୁଣା ପୁରସ୍କାର ପ୍ରାପ୍ତ ସାହିତ୍ୟିକମାନଙ୍କ ଲେଖାଗୁଡ଼ିକୁ ଅନୁବାଦ କରିଚାଲିଛନ୍ତି। ବର୍ତ୍ତମାନ ଏହା ଏକ ଅନୁବାଦ ଶିଳ୍ପରେ ପରିଣତ ହୋଇସାରିଛି। ତେବେ ମୂଳତଃ ଯେକୌଣସି ଭାଷା କହିବାର ଅର୍ଥ ହେଉଛି ସେହି ଭାଷାରେ ଥିବା ଅନ୍ତର୍ନିହିତ ଲକ୍ଷଣ ସବୁ, ଯଥା - ଭାଷାର ଧ୍ୱନି, ଶବ୍ଦକୋଷ, ଶବ୍ଦ-ଅର୍ଥ, ବାକ୍ୟ ସଂରଚନାର ଶୈଳୀ ସବୁ ପ୍ରଚଳିତ ସଂସ୍କୃତିର ପ୍ରଭାବ, କଥିତ ଭାଷା, ବୃତ୍ତି ସମ୍ପର୍କିତ ଭାଷା, ଢଗଢ଼ମାଳି, ଆଞ୍ଚଳିକତାର ପ୍ରଭାବ ଓ ଭାଷାର ଆଳଙ୍କାରିକ ସମ୍ଭାର। ଭାଷାର ପ୍ରାଚୀନ ଶବ୍ଦ ରାଶି ଓ ପରିପ୍ରକାଶ ଶୈଳୀ ଏବଂ ଅର୍ବାଚୀନ ଶୈଳୀ ମଧ୍ୟ ସବୁ ବିଚାରକୁ ନିଆଯାଇପାରେ। ଏହି ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ଓଡ଼ିଆ ଗୋଟିଏ ଭାରତୀୟ ଭାଷା ଯାହାକି ସଂସ୍କୃତ, ଉଡ୍ର, ପ୍ରାକୃତ, ପର୍ସିଆନ ଏବଂ ଆରବିକ ଭାଷାଗୁଡ଼ିକର ସମାହାରରେ ସୃଷ୍ଟ ବୋଲି କୁହାଯାଏ। ଏଥି ସହିତ ଓଡ଼ିଶାର ଆଦିବାସୀ ଭାଷାଗୁଡ଼ିକ ଯଥା - ସାନ୍ତାଳୀ, ଓରାଂଓ, କୁଇ, ମୁଣ୍ଡା, ସଉରା ଭଳି ଭାଷା ବହୁଦିନରୁ ବ୍ୟବହୃତ ହୋଇଆସୁଛି। ତେଣୁ ଓଡ଼ିଆ ଭାଷାରେ ଏହି ଭାଷାଗୁଡ଼ିକର ପ୍ରଭାବ ମଧ୍ୟ ପରିଲକ୍ଷିତ ହୁଏ।

ସେହିପରି ଇଂରାଜୀ ଭାଷା ମୂଳତଃ ଇଂରେଜମାନଙ୍କ ଭାଷା ଅଟେ, ଯାହାକି ପଶ୍ଚିମ ଜର୍ମାନୀରୁ ସୃଷ୍ଟ ବୋଲି କୁହାଯାଏ। ଏହା ସହିତ ଆଂଗ୍ଲୋସାକ୍ସନମାନଙ୍କ ଦ୍ୱାରା କଥିତ ଏହି ଭାଷା କ୍ରମନ୍ୱେଷରେ ମିଳିତ ଗଣରାଜ୍ୟର ଭାଷା ହିସାବରେ ବିଦିତ। ଦେଖାଯାଏ ଯେ ଇଂରାଜୀ ଭାଷାରେ ଲାଟିନ୍, ଗ୍ରୀକ୍, ଫରାସୀ ଏବଂ ଅନ୍ୟାନ୍ୟ ଇଉରୋପୀୟ ଭାଷାମାନଙ୍କର ପ୍ରଭାବ ସ୍ପଷ୍ଟ। ଇଂରାଜୀ ଭାଷା ଅନ୍ୟ ଯେକୌଣସି ଭାଷାଗୁଡ଼ିକ ଭଳି ସେମାନଙ୍କର ସାଂସ୍କୃତିକ ପ୍ରଭାବ ଏବଂ ଆଞ୍ଚଳିକତାର ପ୍ରଭାବ ଦେଖାଯାଏ, ଯେପରିକି ସ୍କଟଲ୍ୟାଣ୍ଡ, ଆୟାରଲ୍ୟାଣ୍ଡ ଏବଂ ୱେଲସ୍।

ଅନୁବାଦର ଉଦ୍ଦେଶ୍ୟ: ତେବେ ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷା ବିଷୟରେ ଚିନ୍ତା କଲେ କେତେଗୁଡ଼ିଏ ଐତିହାସିକ ଏବଂ ଭାଷାତାତ୍ତ୍ୱିକ ବ୍ୟବସ୍ଥାକୁ ବିଚାରକୁ ନିଆଯାଇପାରେ। ପ୍ରଥମତଃ ଇଂରେଜମାନେ ଆମ ଦେଶକୁ ଉପନିବେଶ ଭାବେ ଦୀର୍ଘଦିନ ଧରି ଶାସନ କରିବା ପରିପ୍ରେକ୍ଷୀରେ ଆମକୁ ଇଂରାଜୀ ଭାଷା ଓ ସାହିତ୍ୟ ସହ ପରିଚିତ କରାଇଛନ୍ତି। ପୁଣି ବିଜ୍ଞାନ, ଦର୍ଶନ, ରାଜନୀତି, ଭଳି ବିଭିନ୍ନ ବିଷୟଠାରୁ ଆରମ୍ଭ କରି ଦୈନନ୍ଦିନ ଜୀବନରେ ଇଂରାଜୀ ଶବ୍ଦମାନଙ୍କର ଓଡ଼ିଆ ଭାଷାରେ ଗ୍ରହଣୀୟତା ମଧ୍ୟ ଏକ ଶୁଭ ସୂଚନା ଅଟେ। କହିବା ବାହୁଲ୍ୟ ଯେ ଆମେ ସମସ୍ତେ ଇଂରେଜୀ ଭାଷାକୁ ଏକ ଯୋଡ଼ି ହେଉଥିବା ଭାଷା ହିସାବରେ ଗ୍ରହଣ କରାଯାଇସାରିଛି। ଇଂରାଜୀ ଭାଷାର ଆନ୍ତର୍ଜାତୀୟ ସ୍ତରରେ ବ୍ୟବହାର ଓ ପ୍ରାଧାନ୍ୟତାକୁ ଦେଖି ମୁଖ୍ୟତଃ ଆମର ଲେଖକ, ଲେଖିକା ଓ ଅନୁବାଦକମାନେ ଓଡ଼ିଆ ସାହିତ୍ୟିକ ଲେଖା ସବୁକୁ ଇଂରାଜୀରେ ଅନୁବାଦ ପାଇଁ ଆଗଭର ହୋଇଅଛନ୍ତି।

ଅନୁବାଦକର ଦାୟିତ୍ୱ: ଓଡିଆ–ଇଂରାଜୀ ଏବଂ ଇଂରାଜୀ-ଓଡିଆ ଅନୁବାଦ କାର୍ଯ୍ୟକୁ ହାତକୁ ନେବା ପାଇଁ କେତୋଟି ବିଷୟକୁ ଧ୍ୟାନ ଦେବା ଅତ୍ୟନ୍ତ ବିଧେୟ, କାରଣ କେବଳ କାହାର ଅନୁରୋଧ ରକ୍ଷା କରି, ନିଜର ଅନୁବାଦରେ ଆଗ୍ରହ ଥିବା ଦର୍ଶାଇ କିମ୍ବା କେଉଁ ଏକ ପରିଯୋଜନାର କାର୍ଯ୍ୟ ହିସାବରେ ଅନୁବାଦ କରିବା ଏକ କଳାକୌଶଳର ପରିମାପକ ନୁହେଁ। ବରଂ ଆମ୍ଭେ ପ୍ରଥମତଃ ବହିଟିର ଭାଷା ଓ ସାହିତ୍ୟର ବାସ୍ତବ ଲକ୍ଷଣ ସବୁ ଯଥା ସୃଜନଶୀଳତା, ବିଷୟବସ୍ତୁର ମୌଳିକତା ଏବଂ ସାର୍ବଜନୀନ ଦିଗସବୁକୁ ନଜର ଦେବା ଦରକାର। ଯେହେତୁ ମୌଳିକ ବିଷୟବସ୍ତୁ ସବୁ ସମାଜ, ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ, ଅନୁବାଦକ ନିଶ୍ଚିତ ହେବା ଦରକାର ଯେ ମୂଳ ଲେଖାର ମୌଳିକ ବିଷୟବସ୍ତୁ ଏବଂ ଭାଷାର ଲାଳିତ୍ୟ ଇଂରାଜୀରେ ଅନୁବାଦ ହେଲାପରେ ମଧ୍ୟ ଅନୁଭବ କରିହେବ। ଏହାର କାରଣ ହେଲା ଯେ ଓଡ଼ିଆ ସାହିତ୍ୟିକମାନଙ୍କର ସୃଷ୍ଟି ଗୁଡିକ ବିଭିନ୍ନ ସ୍ଥାନର ବିଭିନ୍ନ ସମୟର ବିଭିନ୍ନ ସଂସ୍କୃତିର, ବିଭିନ୍ନ ଶୈଳୀର ଏବଂ ବିଭିନ୍ନ ଚିନ୍ତାଧାରାର ପରିପ୍ରକାଶ କରିଥାନ୍ତି। ଅନୁବାଦ ହେଲା ପରେ ଇଂରାଜୀରେ ସେସବୁ ମୌଳିକ ଅବଧାରଣଗୁଡ଼ିକ ପାଠକୀୟ ଅନୁଭୂତିରେ ପରିଣତ ହେଇପାରୁଛି କି ନାହିଁ? ଏହି ଦିଗରେ ଆମେ ଅନେକ ଉଦାହରଣ ନେଇପାରିବା। ଯେପରିକି ଫକୀରମୋହନ ସେନାପତିଙ୍କ 'ଛମାଣ ଆଠ ଗୁଣ୍ଠ' ରେ ଥିବା ଅନ୍ତର୍ନିହିତ ସାଂସ୍କୃତିକ ଓ ସାମାଜିକ ବ୍ୟବସ୍ଥା, ଚରିତ୍ର ଚିତ୍ରଣ, ଭାଷା ଓ ସାହିତ୍ୟ ସଂପର୍କିତ ଲାଳିତ୍ୟ ବର୍ଣ୍ଣନା ଏବଂ ଉପସ୍ଥାପନା ଶୈଳୀ ସବୁ ଇଂରାଜୀ ଅନୁବାଦ ହୋଇଥିବା ଏହାର ସଂସ୍କରଣଗୁଡ଼ିକରେ ସଠିକ୍ ଭାବେ ପରିଲକ୍ଷିତ ହୁଏ କି? ଆଉ ସେତିକି ନୁହେଁ ଭୀମ ଭୋଇଙ୍କ କୃତି ଠାରୁ ଆରମ୍ଭ କରି ମନୋରଞ୍ଜନ ଦାସ ଏବଂ ହରିହର ମିଶ୍ରଙ୍କ ନାଟକ ସବୁ, ସୁରେନ୍ଦ୍ର ମହାନ୍ତି ଓ ସଚ୍ଚିଦାନନ୍ଦ ରାଉତରାୟଙ୍କ ସମସାମୟିକ ବଳିଷ୍ଠ ଓଡ଼ିଆ ସାଂସ୍କୃତିକ ପୃଷ୍ଠଭୂମି ଉପରେ ପର୍ଯ୍ୟବେଶିତ ଗଳ୍ପ ସବୁ ମଧ୍ୟ ଅନୁବାଦ ହୋଇଛି। ତେବେ ଏ ସବୁରେ ବିଷୟ ବସ୍ତୁ ସହିତ ଭାଷା, ସଂସ୍କୃତି, ସଂଭାଷଣ ତଥା ପରିଭାଷିକ ଅବୟବ ସବୁ ସଠିକ୍ ଭାବେ ଇଂରାଜୀ ଭାଷାରେ ପ୍ରତିଫଳିତ ହୋଇପାରିଛି ତ?

ବର୍ତ୍ତମାନ ଆମେ ସାହିତ୍ୟର କୃତି ସବୁର କେତୋଟି ମୂଳ ଭିତ୍ତିଭୂମି ଉପରେ ନଜର ଦେବା। ବାସ୍ତବରେ ପ୍ରତି ଉଚ୍ଚକୋଟିର ସାହିତ୍ୟ କୃତିରେ ଭାଷା ପ୍ରବାହ ଏବଂ ଅଳଙ୍କରଣ ସ୍ୱତଃସ୍ଫୁର୍ତ୍ତ ଥାଏ। ସେ "ମନବୋଧ ଚଉତିଶା" ହେଉ କିମ୍ବା "ତପସ୍ୱିନୀ" ହେଉ, ଭାଷାର ଲାଳିତ୍ୟ ସହ, ଶବ୍ଦ ସଂଯୋଜନା, ସ୍ୱର ସଂଯୋଜନା ଏବଂ ତତ୍ ସଂଲଗ୍ନ ଅର୍ଥ ହିଁ ଆମକୁ ପାଠକୀୟ ଲୋକାତ୍ତର ଆହ୍ଲାଦ ଦେଇଥାଏ। ଇଂରାଜୀ ଅନୁବାଦ କରିବା ଦ୍ୱାରା ଏହି ସ୍ୱତଃସ୍ଫୁର୍ତ୍ତ ପରିଭାଷା, ଅଳଙ୍କରଣ, ସାଙ୍ଗିତିକତା ଏବଂ ଶବ୍ଦ-ଭାବ ସମ୍ପର୍କ ସବୁର ଅନୁବାଦ ଠିକ୍ ହୋଇଥାଏ କି? ସେହିଭଳି ଭାବେ ଇଂରାଜୀରୁ ଓଡ଼ିଆକୁ ଅନୁବାଦ ହୋଇଥିବା ସାହିତ୍ୟିକ ଲେଖାଗୁଡ଼ିକ ଏହି ଧର୍ମ ପାଳନ କରିପାରୁଛନ୍ତି କି? ତେବେ ଏଠି ଦୁଇଟି ପ୍ରଶ୍ନ ମନକୁ ଆସେ। ପ୍ରଥମତଃ "ଅ - ଅନୁବାଦ" ବିଶେଷଜ୍ଞ ଧାରଣ କରୁଥିବା ଭାଷାଗତ ସ୍ୱାତନ୍ତ୍ର୍ୟକୁ କେହି ଅନୁବାଦ କରିପାରିବେ ନାହିଁ। ସେଦୃଷ୍ଟିରୁ ଓଡ଼ିଆରୁ ଇଂରାଜୀ ଏବଂ ଇଂରାଜୀରୁ ଓଡ଼ିଆ ଅନୁବାଦରେ କିଛି ଭାଷା ଓ ସାଂସ୍କୃତିକ ଉପାଦାନ ଅନୁବାଦରୁ ବାଦ୍ ପଡ଼ିଥାଏ। ସେହିପରି ଭାବରେ ଅନୁବାଦକର ଅନୁବାଦ ହୋଇଥିବା ପୁସ୍ତକର କଳେବର ପରିଯୋଜନାରେ ମଧ୍ୟ ଆଉ କିଛି ମୂଳ ଉତ୍ସ ଉପାଦାନ ବାଦପଡ଼ିଯାଏ। ପରବର୍ତ୍ତୀ ସ୍ତରରେ ଆମେ ଅନୁବାଦକର ଉଭୟ ଭାଷା, ସଂସ୍କୃତି ଏବଂ ଭାଷାବିଜ୍ଞାନରେ ରହିଥିବା ଦକ୍ଷତା ଅନୁବାଦ କରିବାର ନିଷ୍ଠା ଏବଂ ହାତକୁ ନେଇଥିବା ସାହିତ୍ୟିକ ଲେଖାଟିର ସାହିତ୍ୟିକ ଶୈଳୀ ସବୁ ମୂଳତଃ ଅନୁବାଦର ମାନଦଣ୍ଡ ହୋଇରହିଯାଏ।

ଏଠାରେ କିଛି ଉଦାହରଣ ନିଆଯାଇପାରେ। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ "ତପସ୍ୱିନୀ"ର ପ୍ରଥମ ପଦ: "କିଏ ଗୋ ତୁ ଜ୍ୟୋତିର୍ମୟୀ ଶୁଦ୍ଧ-ଶୁଭ୍ର-ବେଶା/ ଇନ୍ଦ୍ର-ଦ୍ୟୁତି-ଜିତ-ମନୋହର- କେଶା?/ ତନୁକାନ୍ତି ଭେଦି ତୋର ଶୁଭ୍ର-ସୂକ୍ଷ୍ମବାସ/ ଆହ୍ଲାଦ ହେଉଛି ହୃଦେ ହେଇ ସୁପ୍ରକାଶ।"

ଇଂରାଜୀକୁ ଅନୁବାଦ କରିଥିବା ଅନୁବାଦକମାନେ କବି ବ୍ୟବହାର କରିଥିବା"---"କୁ ବିଚାରକୁ ନେଇଛନ୍ତି କି ନାହିଁ; ଦ୍ୱିତୀୟ ଧାଡ଼ିରେ ଥିବା "?" ଅନୁବାଦରେ ସ୍ଥାନିତ କି ନାହିଁ? ଏବଂ ଶେଷରେ ଥିବା ଯତିପାତ ଇଂରାଜୀରେ ଯତିପାତର ସମ୍ଭାବନା ଅଛି ନା ନାହିଁ ? ତା' ନହେଲେ ଏ ପଦର ଲାଳିତ୍ୟ ଭାଙ୍ଗିଯିବ।

ଏହି ପରିପ୍ରେକ୍ଷୀରେ ଉତ୍ତର ଆଧୁନିକ ସମୟରେ ଲିଖିତ କବି ଶତ୍ରୁଘ୍ନ ପାଣ୍ଡବଙ୍କ "ପାଣି" କବିତାର କିୟଦଂଶ ଏଠାରେ ବିଚାରକୁ ନିଆଯାଇପାରେ।

"ବୋଉର ଶ୍ରାଦ୍ଧ ବେଳେ ଗାଁର ସେ ଅସନା ପୋଖରୀର/ ଆଣ୍ଠୁଏ ପାଣିରେ ଜଳୁଥିବା ଗ୍ରେଡହାଣ୍ଡିକୁ ପିଟି/ ମୁଁ କଷ୍ଟେମଷ୍ଟେ ମୁଣ୍ଡ ବୁଡ଼ାଇଲି/ ତା'ର ଅଛଧରି ବାହାରିଛି ଯେ/ ତାକୁ କେଉଁଠି ବିସର୍ଜନ କରିବି କହ/ କେଉଁ ପବିତ୍ର ନଈରେ/ କେଉଁ ଗଙ୍ଗା ସରଜୁର ଶୁଦ୍ଧ ଧାରରେ?/ ସେଠି ଦିଶେ ଶୀର୍ଣ୍ଣନଈର କଙ୍କାଳ/ ଆଉ ନଈସାରା ଆବର୍ଜନାର ନୀଳ/ କାହିଁ ପାଣି?"

ଏହି କବିତାଟି ଗଦ୍ୟଶୈଳୀରେ ଲିଖିତ। ଏଥିରେ ଥିବା ସଂସ୍କୃତି ଏବଂ ପରମ୍ପରାର କଥା ବସ୍ତୁତଃ ଓଡ଼ିଆ ବା ହିନ୍ଦୁଧର୍ମ ପ୍ରଥା ଅନୁସାରେ ଘଟିଛି। ତେବେ ଏଥିରେ ଏକ କାବ୍ୟିକ ଚେତନା ପରିସ୍ଫୁଟିତ ହେବା ସହ କେତେଗୁଡ଼ିଏ ପରମ୍ପରାଗତ କାର୍ଯ୍ୟର ଅବଧାରଣ ଦିଆଯାଇଛି। ଅନୁବାଦ କଲାବେଳେ ଏସବୁ ଦିଗଗୁଡ଼ିକ କଷ୍ଟକର ଅଟେ ।

ସାହିତ୍ୟିକର ଭାଷା ଏବଂ ଅନ୍ୟ ଆନୁସଙ୍ଗିକ ଜ୍ଞାନ: ଗଦ୍ୟ ହେଉ ଅଥବା ପଦ୍ୟ ହେଉ, ସାହିତ୍ୟିକ ଲେଖାଗୁଡ଼ିକର ଥିବା ଧ୍ୱନି - ଅର୍ଥ ଏବଂ ଶବ୍ଦ - ଅର୍ଥ ସବୁ ଅତ୍ୟନ୍ତ ଉପାଦେୟ। ତତ୍ସଙ୍ଗେ ବ୍ୟବହୃତ କ୍ରିୟାପଦ ଏବଂ ବିଶେଷଣଗୁଡ଼ିକର ନିର୍ଦ୍ଦିଷ୍ଟ ବିଷୟ ସମ୍ପର୍କିତ ବ୍ୟବହାର ହୋଇଥାଏ। ସେଗୁଡ଼ିକର ଅନୁବାଦ ମଧ୍ୟ କଷ୍ଟକର ହୋଇଥାଏ। ଏତଦ୍ -ବ୍ୟତୀତ ଓଡ଼ିଆରେ ଥିବା ବିଶେଷ୍ୟ ପଦଗୁଡ଼ିକ ଯାହାକି ବିଭିନ୍ନ ଫୁଲଫଳ, ଗଛଲତା, ପୂଜାପର୍ବାଣି, ଐତିହ ଏବଂ ପରମ୍ପରା, ଆଧ୍ୟାତ୍ମିକ ବ୍ୟବସ୍ଥା, ଖାଦ୍ୟବସ୍ତ୍ର ଏବଂ ଜୀବନ ଶୈଳୀ ସମ୍ପର୍କିତ ବିଶେଷ୍ୟ ପଦସବୁର ସମାନ ଇଂରାଜୀ ଶବ୍ଦ ନିଆଯାଇପାରେ। ଇଂରାଜୀରୁ ଓଡ଼ିଆକୁ ଅନୁବାଦ କରିବାବେଳେ ଠିକ୍ ସେଇ ସମସ୍ୟା ମଧ୍ୟ ହୋଇଥାଏ। ଏଥି ପାଇଁ ସମାନ୍ତରାଳ ଆଭିଧାନିକ ଶବ୍ଦ ଖୋଜିବାକୁ ପଡ଼େ କିମ୍ବା ସେଇ ଶବ୍ଦଗୁଡ଼ିକୁ ସେହିପରି ଲେଖି ଦିଆଯାଏ।

ଠିକ୍ ସେହିପରି ଭାବେ ବାକ୍ୟ ସଂରଚନା କେବେଳ ସରଳ, ଜଟିଳ କିମ୍ବା ଯୌଗିକ ବାକ୍ୟ ଭିତରେ ସୀମିତ ନ ଥାଏ। ଲେଖାଗୁଡ଼ିକରେ ଖଣ୍ଡବାକ୍ୟ ବା ଅସଂପୂର୍ଣ୍ଣ ବାକ୍ୟ ରହିଥାଏପାରେ, ଲଗାତର ଭାବେ କୌଣସି ବିରାମ ଚିହ୍ନ ନଥାଇ ବାକ୍ୟ ଥାଇପାରେ। ବାକ୍ୟର ସଂରଚନାରେ କର୍ତ୍ତା, କ୍ରିୟା, କର୍ମ ପ୍ରଭୃତିର ଅସାଧାରଣ ଭାବେ ବ୍ୟବହାର ହେଇଥାଇପାରେ। ବିରାମ ଚିହ୍ନର ବହୁଳ ବ୍ୟବହାର ହୋଇଥାଇପାରେ। କେତେଗୁଡ଼ିଏ ଶବ୍ଦ ବା ବାକ୍ୟ ବାରମ୍ବାର ବ୍ୟବହାର ହୋଇଥାଇପାରେ। ଜଟିଳ ବାକ୍ୟଗୁଡ଼ିକୁ କାଟି ଛୋଟ କରିଦିଆଯାଇପାରେ। ତେବେ ଏ ସବୁକୁ ବିଚାରକୁ ନେଇ ବାଚ୍ୟାର୍ଥ ଓ ଲକ୍ଷ୍ୟାର୍ଥ ହିସାବରେ ମୂଳ ଭାଷା ଠାରୁ ଲକ୍ଷ୍ୟ ଭାଷାରେ ଅନୁବାଦ ଏକ ଜଟିଳ ବ୍ୟାପର ହୋଇପାରେ। ନିମ୍ନରେ ଏକ ଉଦାହରଣ ଦେଖାଯାଉ।

"ପୋଡ଼ା ବସନ୍ତ ଶାସନର ଜଗୁ ତିଆଡ଼ିଏ କୀର୍ତ୍ତନ କରନ୍ତି, ମୃଦଙ୍ଗ ବଜାନ୍ତି, ଗଞ୍ଜେଇ ଟାଣନ୍ତି ଏବଂ ଶବ ମଧ୍ୟ ପୋଡ଼ନ୍ତି। ସତରେ ଶବ ପୋଡ଼ିବାର କୌଶଳରେ ସେ ତାଙ୍କ ଅଞ୍ଚଳରେ ବିଦିତ। ଯଦି ଗୋଟେ ଶବ ପୋଡ଼େନି କିମ୍ବା ଶବର ଗୋଡ଼ଟା ସିଧା ଉପରକୁ ଉଠିଯାଏ କିମ୍ବା ଅନ୍ତଃବୁକୁଳାରୁ ପାଣି ବାହାରିଆସି ନିଆଁ ଲିଭିଯାଏ, ମାଲ ଭାଇମାନେ ଜଗୁ ତିଆଡ଼ିଙ୍କ ସାହାଯ୍ୟ ଲୋଡ଼ନ୍ତି। ଗଞ୍ଜେଇ ନିଶାରେ ମସଗୁଲ୍, ଜଗୁ ତିଆଡ଼ି ମଶାଣିରୁ ଆଡ଼ଆ ହୋଇ ଘୁମାଉଥାନ୍ତି। କିନ୍ତୁ ମାଲମାନଙ୍କ କଥା ଶୁଣିବା ମାତ୍ରେ ସତେଜ ହୋଇ ଉଠି ବସନ୍ତି। ତିନି ଫୁଟ ଲମ୍ବା ବାଉଁଶ ଗୋଜଟାଏ ଧରି ସେ ଚିହିଁକି ଉଠି ଶବକୁ ବାରମ୍ବାର କେଂଚି ପକାନ୍ତି ।"("ମଶାଣିର ଫୁଲ" - ସଚ୍ଚି ରାଉତରାୟ)

ଉକ୍ତ ଲେଖାଟିର ଯେଉଁ ମୌଳିକତା ଅଛି, ତାହା ଇଂରାଜୀକୁ ଅନୁବାଦ କରିବା ବେଳେ ନିଶ୍ଚୟ କିଛି ଭାଷା ପରିବର୍ତ୍ତନ ଜନିତ ବାଧା ସୃଷ୍ଟି କରିଥିବ। ଏଥିରେ ଥିବା ଶବ୍ଦ ଯଥା କୀର୍ତ୍ତନ, ମାଲଭାଇ, ଅନ୍ତଃବୁକୁଳାରୁ ପାଣି ବାହାରିଆସିବା, କେଂଚି ପକାଇବା ଇତ୍ୟାଦି ଅନୁବାଦରେ ବୁଝେଇ ଟିକେ କଷ୍ଟକର ବ୍ୟାପାର।

ଲେଖାମାନଙ୍କରେ ବ୍ୟବହୃତ କ୍ରିୟାତ୍ମକ ଅଥବା ପ୍ରଦର୍ଶନାତ୍ମକ ଶବ୍ଦର ପରିପ୍ରକାଶ, କଥୋପକଥନ ପ୍ରକ୍ରିୟାରେ ଥିବା ଭାଷାତାତ୍ତ୍ୱିକ ବ୍ୟବସ୍ଥାକୁ ସଠିକ୍ ବୁଝିବା ଆବଶ୍ୟକ। ଭାଷାରେ ବ୍ୟବହୃତ ବାସ୍ତବିକ ଅଥବା କାଳ୍ପନିକ ଘଟଣାବଳୀ, ପୂର୍ବ ଧାରଣା ସୃଷ୍ଟି ଏବଂ ନିହିତାର୍ଥ ସବୁକୁ ଠିକ୍ ଭାବେ ବୁଝେଇ ଲେଖିବା ଅନୁବାଦରେ ଏକ କଷ୍ଟକର ବ୍ୟାପାର ଭଳି ପ୍ରତୀୟମାନ ହୁଏ। ଏହି ପରିପ୍ରେକ୍ଷୀରେ ଏକ ଉପନ୍ୟାସର ଉଦ୍ଧୃତାଂଶ ବିଚାରକୁ ନିଆଯାଇପାରେ ।

"ଲୋକଟା ସୋମନାଥ କଥାକୁ ଶୁଣିଲା ନାହିଁ। କହି ଚାଲିଲା- ଏ ପଦ ଅବ୍ୟର୍ଥ ଓ ସାତ ପ୍ରକାର ବିଷ, ଦୃଷ୍ଟିବରଣ କରିବ। ସାପହାଣୁ କି ବିଛା ମାରୁ, ବିଲୁଆ କାମୁଡୁ କି ହେଣ୍ଟୁକା ମହୁ ବିନ୍ଧୁ ଟିକିଏ ପାଣିରେ ଘସି ଚନ୍ଦନ ଭଳି ସେ କ୍ଷତ ଚିହ୍ନରେ ଲଗେଇ ଦେବ ! ଅଥବା ପେଟ ଟାଣୁ କି କାମୁଡୁ, ତୁଳସୀ ପତ୍ରରେ ଗୋଟେଇ ଚାମଚରେ ପିଇଦବ। ଭୂତ ଲାଗିଛି, ପ୍ରେତ ଆଖି ପକେଇଛି, ଡାହାଣୀ ଖାଇବାକୁ ମାଗୁଛି, ରକ୍ତ ପିଇଯାଉଛି କି ପିହୁକା ମାରୁଛି ଛୁଆମାନଙ୍କୁ ଏଥିରୁ ଖଣ୍ଡେ ଡେଉଁରିଆରେ ବାନ୍ଧିଦେବ।" ("ପାପ ପରି ନିଜର" - ପଦ୍ମଜ ପାଳ ପୃଷ୍ଠା-୩)

ଉପରୋକ୍ତ ଲେଖାଂଶଟିରେ କମା ଦ୍ୱାରା ବିଭାଜିତ ଖଣ୍ଡବାକ୍ୟ ସବୁ ଏକ ବସ୍ତୁର ବିଭିନ୍ନ ଧାରାକୁ ଗୋଟିଏ ପରେ ଗୋଟିଏ ଯୋଡ଼ାଯାଇଛି ଏବଂ ଶବ୍ଦାତ୍ମକ ନିହିତାର୍ଥ ବୋଲି ଧରାଯାଇପାରେ। ଏଥି ସହିତ ଇଂରାଜୀରେ ସବୁ ସ୍ୱତନ୍ତ୍ର ଓଡ଼ିଆ ଶବ୍ଦ ଏବଂ ଅର୍ଥ ସମ୍ପର୍କିତ କରି ଉପସ୍ଥାପନା କରିବା ଜରୁରୀ, ଲେଖାଗୁଡ଼ିକରେ କେବଳ ଯେ ଗୋଟିଏ ସମସାମୟିକ

ଉପସ୍ଥାପନା ନ ହୋଇପାରେ। କାରଣ ଲେଖାରେ ଗୋଟିଏ ବିଷୟବସ୍ତୁ ଅନ୍ୟ ବିଭିନ୍ନ ବିଷୟ ବସ୍ତୁ ସହିତ ବିଭିନ୍ନ ସ୍ତରରେ ସମ୍ପର୍କିତ ଥାନ୍ତି, କାରଣ ଅର୍ଥ କେବଳ ଗୋଟିଏ (ଯଥା -ଆଭିଧାନିକ) ଅର୍ଥ ଉପରେ ପର୍ଯ୍ୟବେଶିତ ନୁହେଁ। ଏଥିରେ ଇତିହାସ, ଭୂଗୋଳ, ପୁରାଣ କାଳ୍ପନିକ ଅବସ୍ଥା ଏବଂ ବିଜ୍ଞାନ ସହ ସମ୍ପର୍କିତ ଅନ୍ତପାଠ୍ୟତାର ସଂପର୍କ ଥାଏ ।

ବାକ୍ୟମାନଙ୍କରେ ଶବ୍ଦଲୋପ ମଧ୍ୟ ହୋଇପାରେ। ଯେପରିକି, "ମୁଁ ସେଠାକୁ ଯିବାକୁ ଚାହେଁ, ମୋର ସାଙ୍ଗ ମଧ୍ୟ" କିମ୍ବା "ଉଭୟ ମୁଁ ଓ ମୋ ସାଙ୍ଗ ସେଠାକୁ ଯିବାକୁ ଚାହୁଁ।" ବର୍ଣ୍ଣନା ହେଉ ବା ବ୍ୟାପକ କଥନ ହେଉ, ସାହିତ୍ୟିକ ଲେଖାରେ ସେଗୁଡ଼ିକ ପାଇଁ ଶୈଳୀ ବ୍ୟବହୃତ ହୋଇଥାଇପାରେ। ଜଣେ ଶୁଦ୍ଧ ଭାଷା କହିବା ବେଳେ ଆଉ ଜଣେ ମିଶ୍ରିତ ଭାଷା କହୁଥାଇପାରେ। ଜଣେ ଔପଚାରିକ ଭାଷା କହିବା ବେଳେ ଆଉ ଜଣେ ଅଣଔପଚାରିକ ଭାଷା ବା ନୀତିଦିନର କଥିତ ଭାଷା କହୁଥାଉପାରେ। ନାଟକୀୟ ଶୈଳୀ ହେଉ ବା କାବ୍ୟିକ ଶୈଳୀ ହେଉ, ସସ୍ୱର ବା ବାକ୍ୟ କହିବାର ସ୍ୱର ଏବଂ ଭାବଗତ ଉତ୍ଥାନ ଓ ପତନ ହିଁ ବିଷୟବସ୍ତୁର ପ୍ରକୃତ ଅର୍ଥ କରିଥାଏ। ଜଣେ ଅନୁବାଦର ଏସବୁ ବିଷୟରେ ପ୍ରାଞ୍ଜଳ ଅବଧାରଣା ରହିବା ଅପରିହାର୍ଯ୍ୟ। ଖାଲି ସେତିକି ନୁହେଁ, ଲେଖାଗୁଡ଼ିକରେ ଶବ୍ଦ କିମ୍ବା ବାକ୍ୟ ବାରମ୍ବାର ପ୍ରତିଶବ୍ଦ ଅଥବା ପ୍ରତିବାକ୍ୟ ହିସାବରେ ବ୍ୟବହୃତ ହୋଇପାରନ୍ତି, ବାକ୍ୟଗୁଡ଼ିକ କଥିତ ଶୈଳୀରେ ବାକ୍ୟ ମରାମତି, ବାକ୍ୟ ଅନୁକ୍ରମ ମରାମତି (ଯେପରିକି - "ତୁମେ ଗୋଟେ ରାବଣ, ନା ନା, ତୁମେ ଗୋଟେ କୁମ୍ଭକର୍ଣ୍ଣ", "ସେଠାରେ ମୁଁ ତମ ବନ୍ଧୁଙ୍କୁ ଦେଖିଲି, ଉମ୍ ମ୍, ବନ୍ଧୁଙ୍କ ଭଳି କେହି ଜଣେ ବୋଧେ !"

ମୌଖିକ ସଂଚାରି ଭାଷା ବାଦ୍ ଲେଖାଗୁଡ଼ିକରେ ଅନେକ ଅଭିଧାନିକ ଅର୍ଥ ବାହାରେ ଶବ୍ଦ ଓ ଭାବଭଙ୍ଗୀ ପ୍ରକାଶ କଳାଭଳି ଭାଷା ବ୍ୟବହୃତ ହୋଇଥାଏ। ଯେପରିକି "ଏଁ ଶ୍ ଶ୍..... ହଁ...... ହୋ ହୋ .....ହା ହା..... ହିଁ ହିଁ ଇତ୍ୟାଦି। ଏଗୁଡ଼ିକର ଇଂରାଜୀ ଶବ୍ଦ ନାହିଁ। ତେବେ ଲେଖାଗୁଡ଼ିକର ଏହା ଅର୍ଥପୂର୍ଣ୍ଣ। ସେହଭଳି କଥାବସ୍ତୁ ବା ବାର୍ତ୍ତାଳାପ ସବୁକୁ ଆଗକୁ ନେବା ବେଳେ ସଂଯୋଗକାରୀ ଶବ୍ଦ କିମ୍ବା ବାକ୍ୟ-ଖଣ୍ଡମାନଙ୍କର ବ୍ୟବହାର ଜରୁରୀ। ଉଦାହରଣ ସ୍ୱରୂପ "ସତେନା କଣ", "ମୁଁ ଭାବୁଛି", "ମୁଁ ଜାଣେ", "ଇତ୍ୟବସରେ", "ମନେହୁଏ", ବାସ୍ତବରେ", ଅନୁବାଦ କରିବାବେଳେ ମର୍ମାନୁବାଦର ମହତ୍ତ୍ୱ ମଧ୍ୟ କେତେକାଂଶ ଦେଖାଯାଏ। ଉପନ୍ୟାସ ଓ କ୍ଷୁଦ୍ରଗଳ୍ପମାନଙ୍କରେ ନାଟକୀୟ କଥୋପକଥନଗୁଡ଼ିକ ଓଡ଼ିଆରେ ଅର୍ଥ ପୂର୍ଣ୍ଣ ହୋଇଥାଇପାରେ। କିନ୍ତୁ ପୂର୍ଣ୍ଣ ଇଂରାଜୀ ଅନୁବାଦରେ ଏତେଟା ପ୍ରଭାବ ହୋଇ ନପାରେ। ଉଦାହରଣ ସ୍ୱରୂପ -

"- ଆଜ୍ଞା ଅସୁବିଧା ମୋର ନାହିଁ ।

- ଅର୍ଥାତ୍ ?

- ଅସୁବିଧା ମୋ ସାଙ୍ଗର ।

- ସେ କାହାନ୍ତି ?

- ସେ ଖଡ଼ଗପୁରରେ

- ତେବେ ଔଷଧ ଦେଇ ହବନି। ରୋଗୀଙ୍କୁ ଆସିବାକୁ ପଡ଼ିବ।

- ତା'ର ବି ସମାନ ବୟସ, ସମାନ ଅସୁବିଧା

- ଭଲ କଥା। ଜ୍ୱର କେବେଠୁ ହେଲାଣି?"("ଜାମୁକୋଳି ଗପ" - ଲଣ୍ଠନ, ଦିଲ୍ଲୀପ ବେହେରା, ପୃଷ୍ଠା-୨୪)

ସେହିପରି ଭାବେ ଲେଖାଗୁଡ଼ିକରେ ବ୍ୟବହୃତ ଢଗଢ଼ମାଳି ଏବଂ ଆଞ୍ଚଳିକ କଥୋପକଥନରେ ବ୍ୟବହୃତ ଶବ୍ଦ ବା ବାକ୍ୟର ଇଂରାଜୀ ଅନୁବାଦ ହୋଇପାରି ନଥାଏ। ଏ କ୍ଷେତ୍ରରେ ସମାନ୍ତରାଳ ଅର୍ଥ ଅନୁରୂପ ଇଂରାଜୀ ଶବ୍ଦ ବା ବାକ୍ୟ ବ୍ୟବହାର କରାଯାଇଥାଏ। ଉଦାହରଣ ସ୍ୱରୂପ "ମଲାମଲା, ଇଏକି ଅଲକ୍ଷଣା କଥାଗୁଡ଼ାକଲୋ ମା ଏ କାନ କିକଥା ନ ଶୁଣିଲା ଆଜି। ଦୁନିଆ ଯାକ ଦେଖ, କଇଁଛ କାଢ଼ିଛି ବେକ।"

କେବଳ ସେତିକି ନୁହେଁ, ମୂଳ ଲେଖକ ଲେଖିକାମାନଙ୍କ ଲେଖାର ଭିତ୍ତିଭୂମି ଏକ ସାମାଜିକ, ଦାର୍ଶନିକ କିମ୍ବା ସାହିତ୍ୟିକ ତତ୍ତ୍ୱ ବା ଅବଧାରଣା ଉପରେ ପର୍ଯ୍ୟବେଶିତ ହୋଇଥାଏ। ଲେଖକ ଓ ଲେଖିକା ସାମାଜିକ ସମସ୍ୟା, ନାରୀବାଦ, ଉତ୍ତର ଉପନିବେଶ, ସମସାମୟିକ ସମସ୍ୟା, ମାର୍କସବାଦ, ବିଭିନ୍ନ ମନୋବିଜ୍ଞାନ ସମ୍ପର୍କିତ ପ୍ରୟୋଗାତ୍ମକ ଚିନ୍ତାଧାରା, ଅସ୍ତିତ୍ୱବାଦ ଭଳି ଭାବଧାରା ଉପରେ ପର୍ଯ୍ୟବେକ୍ଷିତ ହୋଇପାରେ। ତେବେ ଅନୁବାଦକ ଏହି ଭାବଧାରାକୁ ଠିକ୍ ଭାବେ ବୁଝି ଅନୁବାଦିତ ଲେଖାଟିରେ ସେ ଭାବଧାରାକୁ ସଠିକ୍ ଭାବେ ପ୍ରତିଫଳିତ କରିବା ଆବଶ୍ୟକ। ଅନୁବାଦ କରିବା ବେଳେ ଶବ୍ଦ ସମ୍ପର୍କିତ ବହୁ ସମସ୍ୟା ଦେଖାଦେଇଥାଏ। ଯେପରିକି ଏକ ଲେଖାରେ ଯଦି - 'ଦଶଦିଗପାଳ', 'ଅଭିମାନ', 'ଘୋଷଯାତ୍ରା', 'ଚଣ୍ଡୀଚାମୁଣ୍ଡା', 'ଝୋଟିଚିତା', 'ଚାରୁତରଙ୍ଗିତ', 'ଆପନୋଦିତ', 'ପ୍ରସାଦ', 'ମଦାଳସା', 'ଷଠିଘର', 'ଅନ୍ତୁଡ଼ିଶାଳ', 'ଫଟାକପାଳ', 'ପେଜୁଆ ଦିଶିବା', 'ନାନାବାୟାଗୀତ', 'ଘୁଗୁନି', 'ମନଉଣା କରିବା', 'ସାତ ସମୁଦ୍ର ତେର ନଈ', 'ବନ୍ଦେଇବା', 'କୁଣ୍ଢାଇବା', 'ପୋଇଘାଣ୍ଟ', 'ଛୁଙ୍କ', 'ଛାଟିପିଟି ହେବା', 'ହସିହସି ବେଦମ୍ ହେବା', 'ଆମ୍ବୁଲ', 'ବାକର', 'ଚକୁଳି ପିଠା', 'ମୁଖାଗ୍ନି, 'ଉତ୍ତରିତ' ପ୍ରଭୃତି ଭଳି ଶହ ଶହ ଓଡ଼ିଆ ଶବ୍ଦ ଅଛି ଯାହାରକି ଇଂରାଜୀ ଶବ୍ଦ ପାଇବା ଏତେ ସହଜ ନୁହେଁ। ତେବେ ଏ କ୍ଷେତ୍ରରେ ଅଧିକରୁ ଅଧିକ ଆଭିଧାନିକ ଗବେଷଣା ନିହାତି ଦରକାର। ଠିକ୍ ସେହିଭଳିଭାବେ ସାହିତ୍ୟିକ ଲେଖାଗୁଡ଼ିକରେ ଶବ୍ଦଗୁଚ୍ଛ ସଂଯୋଜନା ଏବଂ ବାକ୍ୟ ସଂରଚନାରେ ଶୈଳୀଗତ ପରିବର୍ତ୍ତନ ଦେଖାଯାଏ। କେତେକ ବାକ୍ୟରେ ପ୍ରଥମେ କ୍ରିୟା ବିଶେଷଣ ବ୍ୟବହୃତ ହୋଇପାରେ; କର୍ତ୍ତା ଓ ବିଧେୟମାନଙ୍କର ସ୍ଥାନ ପରିବର୍ତ୍ତନ ହୋଇପାରେ। ବାକ୍ୟର ପ୍ରତିରପି ସର୍ବନାମ କିମ୍ବା ସ୍ଥାନସୂଚକ କ୍ରିୟା ବିଶେଷଣ ଏକ ପରିବର୍ତ୍ତିତ ସ୍ଥାନରେ ଥାଇପାରେ। ସବୁଠାରୁ ମୁଖ୍ୟ ଆକର୍ଷଣ ହେଲା ବାକ୍ୟଗୁଡ଼ିକରେ ଧ୍ୱନି ଜନିତ ସସ୍ୱର ପଠନ ଦ୍ୱାରା ସ୍ୱର ସୌନ୍ଦର୍ଯ୍ୟ ସୃଷ୍ଟି ହୋଇଥାଏ। ଅନୁବାଦ କଲେ ଓଡ଼ିଆରୁ ଇଂରାଜୀକୁ କିମ୍ବା ଇଂରାଜୀରୁ ଓଡ଼ିଆକୁ ସସ୍ୱର ଗଠନ ଜନିତ ସୌନ୍ଦର୍ଯ୍ୟ ସଠିକ୍ ଭାବେ ଅନୁଦିତ ହୋଇନଥାଏ।

ଓଡ଼ିଆ ବାକ୍ୟ ଏହି ପରିପ୍ରେକ୍ଷୀରେ ଉଦାହରଣ ସ୍ୱରୂପ ନିଆଯାଇପାରେ। "କର୍ପୂର ଉଡ଼ିଯାଇଥିଲା, କନା ଖଣ୍ଡିକ ଖାଲି ପଡ଼ିରହିଲା", "ସମ୍ପର୍କମାନେ ହିଁ ସମ୍ପର୍କ", "ମତେ ଦେ ମୃତ୍ୟୁ ସଂଜୀବନୀ ସୁରା", "ଏକ ଅଦ୍ଭୁତ ସରୀସୃପୀୟ ତୀବ୍ରତାରେ ଭିଡ଼ି - ମୋଡ଼ି ହେଲା", "ଏକ ଅନନୁଭୂତ ଆନନ୍ଦ ତାଙ୍କ ଶରୀରରେ ଖେଳଉଥାଏ ଜ୍ୟୋତିର ଝଲକା", "ପ୍ରତିଭା ନା ଛେନାଗୁଡ଼ ଅଛି", "ଭୂତ ସବାର ହୋଇ ତା'ର ହିକା ଉଠିଛି", "ଆହେ ଦୟାମୟ ବିଶ୍ୱ ବିହାରୀ", "କଳଙ୍କ ରହିତ ଶରଦ ପୂର୍ଣ୍ଣ କଳାକାର ତୁମ୍ଭର ପର୍ଯ୍ୟୁସିତ ଏକ ବ୍ୟକ୍ତି", "ଶିକ୍ଷାଦାନରେ ଓଁକାର", "ମାତ୍ର ଚିତା ପଟାପଟା କାଟି, ତ୍ରିକଚ୍ଛା ପରିଧାନ କଲେ ବ୍ରାହ୍ମଣ ହୋଇନପାରେ", "ଏ ପୋଡ଼ା ଅଙ୍ଗାରର ବା କିଏ ହିସାବ ରଖୁଛି?", "ତେବେ ସେ ହମୁଡ଼ି ଚାଲିଲେ କିପରି ଦିଶନ୍ତା?", ଏହି ଭଳି ଭାବେ ଶହ ଶହ ସଂଖ୍ୟାରେ ବାକ୍ୟ ଅଛି ଯେଉଁଥିରେ କି ଶବ୍ଦ ସାଧନର ସ୍ୱାତନ୍ତ୍ର୍ୟ ଏବଂ ସାଂସ୍କୃତିକ ନମୁନା ରୂପକ ସବୁ ନିହିତ ରହିଛି ଯେଉଁଗୁଡ଼ିକ ଅନୁବାଦ କରିବା କଠିନତର ଅଟେ। ତେବେ ଏହି ସବୁକୁ ଅନୁବାଦ କରିବାର କଳାର ଚମତ୍କାରିତା ହାସଲ ନକଲେ ଇଂରାଜୀ ଭାଷାର ବାକ୍ୟଗୁଡ଼ିକର ଏହାର ପ୍ରକୃତ ଅର୍ଥ ହରାଇ ବସିବ। ଏତଦବ୍ୟତୀତ କେତେକ ସାହିତ୍ୟିକ ଲେଖା ଓଡ଼ିଆରୁ ଇଂରାଜୀ କିମ୍ବା ଇଂରାଜୀରୁ ଓଡ଼ିଆ କରିବା ବେଳେ ସ୍ଥାନୀୟକରଣ କରିବାର ଆବଶ୍ୟକତା ଦେଖାଦେଇଥାଏ। ଏହି କ୍ଷେତ୍ରରେ ଓଡ଼ିଆରୁ ଇଂରାଜୀକୁ ଅନୁବାଦ କରିଥିବା ବ୍ୟକ୍ତି ଜଣକ ଇଂରେଜ ସଭ୍ୟତା, ସଂସ୍କୃତି ଏବଂ ପରିପାଟି ସଂପର୍କରେ ଠିକ୍ ଭାବେ ଅବଗତ ହେବା ଦରକାର। କେବେଳ ସେତିକି ନୁହେଁ, ଜଣେ ଅନୁବାଦକ ବିଭିନ୍ନ ପରିପ୍ରେକ୍ଷୀରେ ଅନୁସୃଜନ ପଦ୍ଧତି ମଧ୍ୟ ଅନୁସରଣ କରିଥାଏ। ଏହି କଳାର ପ୍ରୟୋଗ ଫଳରେ ମୂଳ ଲେଖାର କ୍ଷେତ୍ରାଂଶରେ ପରିବର୍ତ୍ତନ ଏବଂ ପରିବର୍ଦ୍ଧନ ମଧ୍ୟ ହୋଇଥାଏ। ଅନୁବାଦିତ ଲେଖାଟିରେ ଅନ୍ତଃକ୍ରିୟା ଏବଂ ଭାଷା ଓ ଭାବ ଜନିତ ଲେଖକ - ପାଠକ ସମ୍ପର୍କରେ ଦ୍ୱନ୍ଦ ସୃଷ୍ଟି ହେବା ଅବିଧେୟ।

ଇଂରାଜୀରେ ହେଉ ବା ଓଡ଼ିଆରେ ହେଉ, ଲେଖକ ଲେଖିବାବେଳେ ବିଭିନ୍ନ ବର୍ଗର ଚରିତ୍ରମାନଙ୍କୁ ନେଇ ଲେଖାଗୁଡ଼ିକ ରଚନା କରିଥାନ୍ତି। ସେ ଚରିତ୍ରମାନେ ବିଭିନ୍ନ ବୟସ ବର୍ଗର, ବିଭିନ୍ନ ଜାତି, ସଂସ୍କୃତି ଓ ଶିକ୍ଷାଗତ ଯୋଗ୍ୟତା ସଂପନ୍ନ ତଥା ବିଭିନ୍ନ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣକୁ ପରିସ୍ଫୁଟନ କରୁଥାନ୍ତି। ଲେଖକ ସେହି ଅନୁସାରେ ସେମାନଙ୍କ ଭାଷାଶୈଳୀକୁ ଲେଖାରେ ପ୍ରତିଫଳନ କରିଥାନ୍ତି। ତେବେ ପୃଷ୍ଠଭୂମି ଏବଂ ଲେଖାର ପ୍ରକାରଭେଦ ଅନୁସାରେ ଲେଖକ ଗ୍ରାମୀଣ ଭାଷା, ଆଞ୍ଚଳିକ ଭାଷା, ସହରୀ ଭାଷା ଏପରିକି ପାଗଳ ଏବଂ କ୍ଲୀବ ଲିଙ୍ଗ/ transgender/ effeminate ଭାଷା ମଧ୍ୟ ବ୍ୟବହାର କରିଥାନ୍ତି। ମନସ୍ତାତ୍ତ୍ୱିକ ଭାଷାବିଜ୍ଞାନ ଅନୁସାରେ କେତେକ ବାକ୍ୟ କିମ୍ବା ବାକ୍ୟ ଖଣ୍ଡଗୁଡ଼ିକରେ ଅନ୍ତଃ ସଂରଚନା ଏବଂ ବାହ୍ୟ ସଂରଚନା ମଧ୍ୟରେ ଅର୍ଥଗତ ଏବଂ ସଂରଚନାଗତ ତାଳ ମେଳ ନଥାଇପାରେ। ଉଦାହରଣ ସ୍ୱରୂପ "ମାରି ଦେଲାରେ ସେ।" ଏହାର ଅର୍ଥ 'ଠକି ଦେବା', 'ହଇରାଣ କରିବା', 'ସତରେ ଜୀବନରେ ମାରିଦେଲା', ଭଳି କିଛି ଅର୍ଥ ହୋଇପାରେ। 'ତୁମେ କିଏ କି?' ଏକ ପ୍ରଶ୍ନ ନୁହେଁ ବରଂ ଜଣେ ଖୁସି ହୋଇ କହିଥାଇପାରେ। 'ମୁଁ ଆଶଙ୍କିତ ଏବଂ ଆତଙ୍କିତ!'ର ବାକ୍ୟ ସଂରଚନା ଏକ ନିଶ୍ଚୟାତ୍ମକ/ ସ୍ୱୀକାରାତ୍ମକ ବାକ୍ୟ ହୋଇପାରେ। 'କିଏ କ'ଣ କଲା, ସେଥିରେ ମୋର କ'ଣ ଗଲା?'ର ବାକ୍ୟ ସଂରଚନାରେ 'wh - movement' ହୋଇପାରେ।

ଲେଖାଯାଇଥିବା ବାକ୍ୟଗୁଡ଼ିକର ବିଭିନ୍ନ ଉଦ୍ଦେଶ୍ୟମୂଳକ ପ୍ରୟୋଗ ହୋଇଥାଏ। କେତେବେଳେ ବାକ୍ୟଗୁଡ଼ିକ ସୂଚନାଧର୍ମୀ ତ କେତେବେଳେ ଭାବପ୍ରବଣତା; କେତେବେଳେ ଲେଖାରେ ବ୍ୟବହୃତ ମାର୍ମିକ ଅର୍ଥକୁ ସରଳ ଭାବରେ ବୁଝାଇଥାଏ। କାରକ, ବିଭକ୍ତି, ସମାସ ପରିବର୍ତ୍ତନ ଜନିତ ବ୍ୟାକରଣଗତ ଅର୍ଥ ପରିବର୍ତ୍ତନ ଯୁକ୍ତିତର୍କ କିମ୍ବା କୁଟିଳ ଦ୍ୱଅର୍ଥବୋଧକ ବାକ୍ୟ ହୋଇପାରେ।

ଲେଖାଗୁଡ଼ିକରେ ସହବିନ୍ୟାସ ଏବଂ ଯୁଗ୍ମ ଶବ୍ଦ ବ୍ୟବହାର ଏକ ସାଧାରଣ କଥା। ଏହା ପ୍ରତ୍ୟେକ ଭାଷାରେ ଥାଏ। ଉଦାହରଣ ସ୍ୱରୂପ ଓଡ଼ିଆରେ ଯୋଡ଼ିଯାଉଳି, ଗହନକଥା, କାଳିଆଭୂଆ, ନୀଳକୁନ୍ତିକା, ଝାଙ୍କ ଛଡେଇବା, ଅଣ୍ଡିରାଚଣ୍ଡୀ, ଖଣ୍ଡାଖର୍ପର, ଅମୃତ ବେହିଆ, ଉହ୍ଲେଇବା ଭଳି, ଧିମାଆଞ୍ଜ, ସାଲୁକନା, ଗେନ୍ଧାଗୁଡ଼ା, ଠିଆଗୋଇଠା, ମୁଚୁକୁନ୍ଧିଆ ହସ, ନାକ କାନ୍ଦୁରୀ, ଗୋଗଛାବାଡ଼ିଆ, ଛତରଖିଆ, ଦାଦାବଟି, ଖମ୍ବଆଳୁ ବୁଝାବଣା, କୁତୁର କାଳିଆ, ଯାନିଯାତରା, ପ୍ରଭୃତି। ସେହିପରି ଇଂରାଜୀରେ ଶବ୍ଦ ପୁନରାବୃତ୍ତି ବା ଧ୍ୱନ୍ୟାତ୍ମକ ଶବ୍ଦ ମଧ୍ୟ ଏକ ସହବିନ୍ୟାସ ପ୍ରଣାଳୀରେ ହୋଇଥାଏ। ଯେପରିକି itsy-bitsy, hockey-pockey, razzle-dazzle, wishy-wasry ପ୍ରଭୃତି ଯାହାରକି ଓଡ଼ିଆ ଅନୁବାଦ ପ୍ରାୟତଃ ନଥାଏ। ଏହାକୁ ଲେଖାର ପରିପ୍ରେକ୍ଷୀ ଅର୍ଥ ଦେଖି ଶବ୍ଦ ସଂଯୋଜନା କରିବାକୁ ହୁଏ। ଓଡ଼ିଆ ଭାଷାରେ ମଧ୍ୟ ସେହିଭଳି ପୋଡ଼ାପୋଡ଼ି, କୋଡ଼ାକୋଡ଼ି, ଘଞ୍ଚଘଞ୍ଚି, ଠୁଣୁଠୁଣିଆ, ଦଲଦଲ, କଥାନଥା, ଅଣ୍ଡାବଚା, ଗୁଆଗଣ୍ଡା, ଘିସାପିଟା, ଇତ୍ୟାଦି।

ଶ୍ରୀ ଗଣେଶ୍ୱର ମିଶ୍ର, ଶ୍ରୀ ଅନନ୍ତ ଚରଣ ଶୁକ୍ଳ, ଶ୍ରୀ ଦାମୋଦର ମିଶ୍ର, ଶ୍ରୀ ଗୁରୁପ୍ରସାଦ ମହାନ୍ତି, ଜ୍ଞାନେନ୍ଦ୍ର ବର୍ମା, ଶ୍ରୀ ମଧୁସୂଦନ ପତି, ଶ୍ରୀ ରବୀନ୍ଦ୍ରନାଥ ଷଡ଼ଙ୍ଗୀ, ଶ୍ରୀ ଚିତ୍ତରଞ୍ଜନ ମିଶ୍ର ଏବଂ ଶ୍ରୀମତୀ ଶକୁନ୍ତଳା ବଳିଆରସିଂଙ୍କ ଭଳି କେତେକ ଗଭୀର ସାହିତ୍ୟନୁରାଗୀ ଏବଂ ଓଡ଼ିଆ ସାହିତ୍ୟ ଜଗତର ଜଣାଶୁଣା ବ୍ୟକ୍ତିତ୍ୱ କେତେଗୁଡ଼ିଏ ଉପାଦେୟ ଇଂରାଜୀ କବିତା/ ଉପନ୍ୟାସ/ ଗଳ୍ପ ପ୍ରଭୃତିକୁ ଓଡ଼ିଆରେ ଅନୁବାଦ କରିଛନ୍ତି। ଏହା ବସ୍ତୁତଃ ଏକ କଠିନ କାର୍ଯ୍ୟ କାରଣ ଭାଷାର ଲାଲିତ୍ୟ ଏବଂ ସ୍ୱାତନ୍ତ୍ର୍ୟ, ସଂସ୍କୃତିର ପ୍ରଭାବ ଏବଂ ବିଷୟ ବସ୍ତୁରେ ପ୍ରକଟିତ ଭାବ ସବୁକୁ ଓଡ଼ିଆ ଭାଷାରେ ବୁଝିବା ଭଳି ଅର୍ଥଗତ ଅନୁବାଦ କରିବା ସ୍ଥାନ ବିଶେଷରେ ମର୍ମାନୁବାଦ, ସାରାଂଶନୁବାଦ ଓ ସଂକ୍ଷିପ୍ତ ବ୍ୟାଖ୍ୟାନୁବାଦ ଭଳି କୌଶଳ ଅବଲମ୍ବନ କରିବା କିଛି ସହଜ କାର୍ଯ୍ୟ ନୁହେଁ।

ଉପସଂହାର: ଅନୁବାଦ କଳାର ପୃଷ୍ଠଭୂମି ସହିତ ତୁଳନାତ୍ମକ ସାହିତ୍ୟର ଆପେ ଆପେ ପ୍ରଭାବ ପଡ଼ିଥାଏ। ଅନୁବାଦକ ସାହିତ୍ୟିକ ଲେଖାଗୁଡ଼ିକ ଓଡ଼ିଆରୁ ଇଂରାଜୀକୁ କିମ୍ବା ଇଂରାଜୀରୁ ଓଡ଼ିଆକୁ ଅନୁବାଦ କରିବା ବେଳେ ନିଜର ଭାଷା ଓ ସାହିତ୍ୟ ଜ୍ଞାନ ସହ ଓଡ଼ିଆ ଭାଷା ଓ ସାହିତ୍ୟ ଏବଂ ଇଂରାଜୀ ଭାଷା ସାହିତ୍ୟର ପରିପ୍ରେକ୍ଷୀ ସହ ଅହରହ ଅବଚେତନରେ ସମୀକ୍ଷା କରୁଥାଏ। ଫଳତଃ ଅନୁବାଦକର ମନରେ ଅନୁବାଦ କରିବା ବେଳେ ବିଷୟବସ୍ତୁ, ଚରିତ୍ର, ଲେଖକ ଏବଂ ଲକ୍ଷ୍ୟରେ ରହିଥିବା ପାଠକମାନଙ୍କ ସହିତ ଅଦୃଶ୍ୟ ବାର୍ତ୍ତାଳାପରେ ବ୍ୟସ୍ତ ଥାଏ (Mikhail Bakhtin's Dialogic Imagination) ଲେଖାଗୁଡ଼ିକରେ ଥିବା ଆବର୍ତ୍ତି, ସଂକେତଧର୍ମୀ ସାମାଜିକ, ସାଂସ୍କୃତିକ ଏବଂ ଜୀବନ ଦର୍ଶନର ଚିତ୍ରଗୁଡ଼ିକ ଅନେକାର୍ଥ ହୋଇପାରେ କିମ୍ବା ଅସ୍ପଷ୍ଟ ରୂପ ମଧ୍ୟ ନେଇପାରେ। ଅତଏବ ସାହିତ୍ୟିକ ଲେଖାଗୁଡ଼ିକର ଅନୁବାଦ କରିବା ପୂର୍ବରୁ ଏହି ସବୁ ବିଷୟବସ୍ତୁକୁ ବିଚାରକୁ ନିଆଯାଇ ଅନୁବାଦ କଲେ ବୋଧହୁଏ ଅନୁବାଦର ବିଶ୍ୱସ୍ତତା, ମୂଲ୍ୟବୋଧ, ସାମାଜିକ ଏବଂ ପାଠକୀୟ ଉପଯୋଗିତା, ସାଂସ୍କୃତିକ ସ୍ଥାନାନ୍ତରଣ ଓ ଶୈଳୀଗତ ଉତ୍କୃଷ୍ଟତା ହାସଲ କରିହେବ। ଅନୁବାଦକମାନଙ୍କର ଉଭୟ ଇଂରାଜୀ ଓ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଭାଷାବିଜ୍ଞାନ ଜନିତ ଯଥେଷ୍ଟ ଜ୍ଞାନ ନଥାଇ ଏବଂ ଲେଖାଗୁଡ଼ିକର କଳାତ୍ମକ ଦୃଷ୍ଟିକୋଣ ଏବଂ ପାଠକୀୟତା ବିଷୟରେ ଧାରଣା ନଥାଇ ଅନୁବାଦ କଲେ ସେଭଳି ଅନୁବାଦକୁ ଏକ ଅଣକୁଶଳୀ କାର୍ଯ୍ୟ ବୋଲି ବିବେଚନା କରାଯାଇପାରେ ।

ସହାୟକ ଗ୍ରନ୍ଥସୂଚୀ :

୧. Panda, A.K, 2015, "Translation in Odia: A Historical survey," Translation Today.

୨. ପାଣ୍ଡବ, ଶତ୍ରୁଘ୍ନ। ୨୦୧୧। ପାଣି ଓ ଅନ୍ୟାନ୍ୟ କବିତା। କଟକ : ଅଗ୍ରଦୂତ।

୩. ପାଳ, ପଦ୍ମଜା। ୧୯୯୫। ପାପ ପରି ନିଜର, କଟକ: ଅଗ୍ରଦୂତ।

୪. ବେହେରା, ଦିଲ୍ଲୀପ। ୨୦୧୧। ଜାମୁକୋଳି ଗପ, ଲଣ୍ଠନ। ଭୁବନେଶ୍ୱର: ପଶ୍ଚିମା ପବ୍ଲିକେଶନସ।

୫. ମେହେର, ଗଙ୍ଗାଧର। ୧୯୨୧। ତପସ୍ୱିନୀ, ଗଙ୍ଗାଧର ଗ୍ରନ୍ଥାବଳୀ। କଟକ: ଦାସ ବ୍ରଦର୍ସ।

୬. ରାଉତରାୟ, ସଚ୍ଚିଦାନନ୍ଦ। ୧୯୪୫। ମଶାଣିର ଫୁଲ। କଟକ: ଗ୍ରନ୍ଥମନ୍ଦିର।

୭. ସରାଫ୍, ଗାୟତ୍ରୀ। ୨୦୨୦। ପଣତ କାନିରେ ଘର। ଭୁବନେଶ୍ୱର: ବ୍ଲାକ୍ ଇଗଲ ବୁକ୍ସ।

Funding

No funding was received for conducting this study.

Does this article screened for similarity?

Yes

Conflict of interest

The Author has no conflicts of interest to declare that they are relevant to the content of this article.

About the Licenses

© Dr. Pratapa Kumara Dash 2024. The text of this article is open access and licensed under a Creative Commons Attribution 4.0 International License

Cite this Article :

Dr. Pratapa Kumara Dash, Odia - English Sahityika Lekhaa Sabura Anubada : Eka Pryogika Bhasabigyana Bislesana, Bageesha, Vol. No. 02, Issue No. 06, November - December 2024, Article No: BM2024/06-A001 | Page- 8-13

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଷଷ୍ଠ ସଂଖ୍ୟା | ନଭେମ୍ବର - ଡିସେମ୍ବର ୨୦୨୪
Volume No. 02 | Issue No. 06 | Nov-Dec 2024
Refereed Peer-Reviewed Journal
BM2024/06-A002
https://bageesha.in
OPEN ACCESS

ଲୋକଗୀତ ପରଂପରାରେ ବାଥୁଡ଼ି ସଂପ୍ରଦାୟର ଗନ୍ଧାଦିଆ ଓ ମାଟିଖୋଳା ଗୀତ

■ ଡ. ରାଜା କୁମାର ନାଏକ
ସହକାରୀ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

Article Received : 05.12.2024 | Accepted : 25.12.2024 | Published : 10.01.2025

ସାରାଂଶ

ABSTRACT

ଲୋକ ସାହିତ୍ୟର ଏକ ବିଶିଷ୍ଟ ଅଙ୍ଗ ହେଉଛି ଲୋକଗୀତ। ଲୋକଗୀତ ଲୋକମାନଙ୍କଦ୍ୱାରା ସୃଷ୍ଟି ହେଲେ ହେଁ ଗୋଟିଏ ଜାତିର ଏହା ଯଥାର୍ଥ ପ୍ରତିନିଧି। ଏହି ଗୀତମଧ୍ୟରୁ ଗୋଟିଏ ଜାତିର ମାନସିକତା ତଥା ମୌଳିକ ବୈଶିଷ୍ଟ୍ୟର ପରିଚୟ ମିଳେ। ଠିକ୍ ସେହିପରି ବାଥୁଡ଼ି ଜନଜାତି ଏକ ସଂସ୍କୃତି ସଂପନ୍ନ ଜନଜାତି। ଏହି ସଂସ୍କୃତି ସଂପନ୍ନ ବାଥୁଡ଼ି ଜନଜାତି ମୟୂରଭଂଜ, କେନ୍ଦୁଝର ଓ ବାଲେଶ୍ୱର ନୀଳଗିରି ଅଞ୍ଚଳରେ ବସବାସ କରନ୍ତି। ଏହି ସଂପ୍ରଦାୟର ଲୋକମାନେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମୟ ଖଣ୍ଡରେ ବିଭିନ୍ନ ପ୍ରକାର ରୀତିନୀତିର ଅନୁସରଣ କରିଥାନ୍ତି ଏବଂ ପାରଂପାରିକ ରୀତିରେ ତତ୍‌ଜନିତ ଭିନ୍ନ ଭିନ୍ନ ଲୋକଗୀତମାନ ଗାନକରିଥାନ୍ତି। ତନ୍ମଧ୍ୟରୁ ଅନ୍ୟତମ ଉଲ୍ଲେଖନୀୟ ଲୋକଗୀତ ହେଉଛି ଗନ୍ଧାଦିଆ ଓ ମାଟିଖୋଳା ଗୀତ। ଏହି ଗନ୍ଧାଦିଆ ଓ ମାଟିଖୋଳା ଗୀତ ବାଥୁଡ଼ି ସଂପ୍ରଦାୟର ବିବାହର ଏକ ଅଂଶବିଶେଷ। ତେଣୁ ଏହା ସ୍ୱତନ୍ତ୍ର। ଏକ୍ଷେତ୍ରରେ ଏକ ଗବେଷଣାତ୍ମକ ଆକଳନ ହେଉଛି ଉକ୍ତ ଗବେଷଣା ପ୍ରବନ୍ଧ।

BM2024/06-A002

ମୂଳଶବ୍ଦ: ଲୋକଗୀତ, ବାଥୁଡ଼ି ଜନଜାତି, ଗନ୍ଧାଦିଆ ଓ ମାଟିଖୋଳା ଗୀତ, ଲୋକଜୀବନ, ମୌଖିକ ପରଂପରା

ଲୋକଗୀତ ହେଉଛି ଲୋକ ସାହିତ୍ୟର ଏକ ବିଶିଷ୍ଟ ଅଙ୍ଗ। ଏହା କେଉଁ ଆବହମାନ କାଳରୁ ପ୍ରଚଳିତ ହୋଇ ଆସୁଛି, ତା'ର ସମୟ ନିର୍ଦ୍ଧାରଣ କରିବା କଷ୍ଟଦାୟକ। ଲୋକଗୀତ କହିଲେ ଆମେ ଏତିକି ବୁଝିବା ଲୋକମାନଙ୍କ ହୃଦୟରୁ ସ୍ୱତଃସ୍ଫୂର୍ତ୍ତ ଭାବେ ଝରିଆସୁଥିବା ଗୀତକୁ ହିଁ ଲୋକଗୀତ କହିବା ଠିକ୍ ହେବ।

ଲୋକଗୀତର ସଂଜ୍ଞା ଦେବାକୁ ଯାଇ ଚକ୍ରଧର ମହାପାତ୍ର କହନ୍ତି- "ଯେଉଁ କବିତାମାନ ଏବେ ମୁଖେ ମୁଖେ ରହି ଆସିଛି, କେବେହେଲେ ଗ୍ରନ୍ଥଭାବରେ ପରିଚିତ ହେବାର ସୁଯୋଗ ଲାଭ କରିନାହିଁ ବା କୌଣସି ବ୍ୟକ୍ତି ଦ୍ୱାରା କେଉଁ ଅଜ୍ଞାତ କୋଣରେ ସୃଷ୍ଟିଲାଭ କରି ତା'ର ବିଚକ୍ଷଣ ମହକରେ ସେ ଜନ ସମାଜର କୋଣେ କୋଣେ ପ୍ରଚାରିତ ହୋଇ ସାର୍ବଜନୀନ ହୋଇପାରିଛି ତାହାକୁ ହିଁ ଗ୍ରାମ୍ୟଗୀତି ବୋଲି ଅଭିହିତ କରିବା ସମୀଚୀନ।"

ଲୋକଗୀତରେ ଲୋକ ଜୀବନର ହସ କାନ୍ଦର ଅନୁଭୂତି ଓ ଅଭିଜ୍ଞତା ଏଥିରେ ପ୍ରକଟିତ ହୋଇଥାଏ। ଏହି ଲୋକଗୀତ ମଧ୍ୟରେ ଗୋଟିଏ ଜାତି ତଥା ଅଞ୍ଚଳର ସଂସ୍କୃତି ଅନ୍ତଃସଲିଳା ଫଲଗୁ ପରି ପ୍ରବାହିତ ହୋଇଥାଏ। ଲୋକଗୀତ ଆଞ୍ଚଳିକ କଥିତଭାଷା ବା ପ୍ରଜାତିକ ଲୋକଭାଷାରେ ଏବଂ ମୌଖିକ ପରଂପରାରେ ମନୋଭାବର ଅଭିବ୍ୟକ୍ତି ସହଜ ଓ ସରଳ ଭାବରେ ପ୍ରକାଶ ପାଇଥାଏ। ଏହି ଗୀତ ଗୁଡ଼ିକ ଲୋକମାନଙ୍କ ଦ୍ୱାରା ଅବାଧ ଗତିରେ ଲୋକଜୀବନରେ ପ୍ରବାହିତ ହୋଇଥାଏ। ପୁରୁଷାନୁକ୍ରମିକ ବା ପରଂପରାଗତ ହୋଇଥିବାରୁ ଏହାର ଧାରା ଆଜି ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିଛି ।

ଲୋକଗୀତ ଲୋକମାନଙ୍କ ଦ୍ୱାରା ସୃଷ୍ଟି ହେଲେ ହେଁ ଗୋଟିଏ ଜାତିର ଯଥାର୍ଥ ପ୍ରତିନିଧି। ଏହି ଗୀତମଧ୍ୟରୁ ଗୋଟିଏ ଜାତିର ମାନସିକତା ତଥା ମୌଳିକ ବୈଶିଷ୍ଟ୍ୟର ପରିଚୟ ମିଳେ। ଠିକ୍ ସେହିପରି ବାଥୁଡ଼ି ଜନଜାତି ଏକ ସଂସ୍କୃତି ସଂପନ୍ନ ଜନଜାତି। ଏହି ସଂସ୍କୃତି ସଂପନ୍ନ ବାଥୁଡ଼ି ଜନଜାତି ମୟୂରଭଂଜ, କେନ୍ଦୁଝର ଓ ବାଲେଶ୍ୱର ନୀଳଗିରି ଅଞ୍ଚଳରେ ବସବାସ କରନ୍ତି। ଏହି ସଂପ୍ରଦାୟର ଲୋକମାନେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମୟ ଖଣ୍ଡରେ ବିଭିନ୍ନ ପ୍ରକାର ରୀତିନୀତି ଅନୁସରଣ କରିଥାନ୍ତି ଏବଂ ପାରଂପାରିକ ରୀତିରେ ତତ୍‌ଜନିତ ଭିନ୍ନ ଭିନ୍ନ ଲୋକଗୀତମାନ ଗାନକରିଥାନ୍ତି। ତନ୍ମଧ୍ୟରୁ

ଅନ୍ୟତମ ଉଲ୍ଲେଖନୀୟ ଲୋକଗୀତ ହେଉଛି ଗନ୍ଧାଦିଆ ଓ ମାଟିଖୋଳା ଗୀତ।

ଏହି ଗନ୍ଧାଦିଆ ଓ ମାଟିଖୋଳା ଗୀତ ବାଥୁଡ଼ି ସଂପ୍ରଦାୟର ବିବାହର ଏକ ଅଂଶବିଶେଷ। ଆମେ ସମସ୍ତେ ଜାଣିଛେ, ବିବାହ ଏକ ପବିତ୍ର ବନ୍ଧନ। ବିହାହ କହିଲେ ସାଧାରଣତଃ ଜଣେ ପୁରୁଷ ଜଣେ ମହିଳାଙ୍କ ସହିତ ସମାମାଜିକ ଓ ଆଇନଗତ ସ୍ୱୀକୃତି ସହିତ ସହାବସ୍ଥାନ ଓ ପରସ୍ପର ପ୍ରତି ଏବଂ ସେମାନଙ୍କର ପିଲାମାନଙ୍କ ଓ ସମ୍ପର୍କୀୟ ପ୍ରତି ଅନ୍ତର୍ନିହିତ ଅଧିକାର ଓ କର୍ତ୍ତବ୍ୟକୁ ବୁଝାଏ। ବିବାହ ସହିତ ପାରିବାରିକ, ସାମାଜିକ, ଅର୍ଥନୀତିକ ଓ ଧର୍ମୀୟ ଭାବୁକତା ମଧ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଆଉ କେତେକ ବିବାହ ସଂପର୍କରେ ମତ ଦେବାକୁ ଯାଇ କହିଛନ୍ତି – "ସମାଜ ଦ୍ୱାରା ଶୃଙ୍ଖଳିତ, ଗୃହୀତ ଓ ସ୍ୱୀକୃତି ଯୌନ ସମ୍ଭୋଗ ବିଧିବିଧାନକୁ ବିବାହ କୁହାଯାଏ।" ଆଉ କିଛି କୁହନ୍ତି – "ବିବାହ ହେଉଛି ବଂଶରକ୍ଷା ଓ ସମାଜ ରକ୍ଷା ସକାଶେ ପୁରୁଷ ଓ ସ୍ତ୍ରୀର ମିଳନ ଓ ପରିଣୟ। ମଣିଷର ଯୌନଜୀବନକୁ ଶୃଙ୍ଖଳିତ ଓ ସୁନିୟନ୍ତ୍ରିତ କରି ଏକ ସ୍ୱଚ୍ଛ ସାମାଜିକ ଜୀବନ ପ୍ରବାହ ଅବ୍ୟାହତ ରଖିବା ବିବାହର ମୂଳ ଲକ୍ଷ୍ୟ।" ଏଥିପାଇଁ ଭାରତୀୟ ପରଂପରାରେ ବିବାହକୁ ସମ୍ଭୋଗ ସର୍ବସ୍ୱ ଭାବେ ଗ୍ରହଣ କରାଯାଇ ନାହିଁ। ଏହା ମଣିଷକୁ ଆଙ୍ଗିକ ତଥା ଆତ୍ମିକ ପୂର୍ଣ୍ଣତା ପ୍ରଦାନ କରିବା ସହିତ ପାରମାର୍ଥିକ ଅଭିଷ୍ଟ ସାଧନ କରିବାରେ ସହାୟତା କରେ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ସେ ଯାହା ହେଉନା କାହିଁକି ବାଥୁଡ଼ି ସଂପ୍ରଦାୟରେ ମଧ୍ୟ ବିବାହ ସମୟରେ ବିଭିନ୍ନ ପ୍ରକାର ବିଧିବିଧାନ ଦେଖିବାକୁ ମିଳେ। ବାଥୁଡ଼ି ସଂପ୍ରଦାୟରେ ପୁଅ-ଝିଅ ବିବାହଯୋଗ୍ୟ ହେଲେ ବାପା-ମାଆ ପୁଅ-ଝିଅଙ୍କୁ ବିବାହ କରାଇ ଦିଅନ୍ତି।

ଏହି ବିବାହ ସମୟରେ ଗନ୍ଧାଦେବା ଏବଂ ମାଟିଖୋଳାଇବା ଏକ ପରଂପରା ରହିଛି, ତତ୍ ସହିତ ଡାଙ୍ଗୁଳୀମାନେ ଗୀତ ବୋଲିବାର ପ୍ରଥା ମଧ୍ୟ ପ୍ରଚଳିତ ଅଛି। ତାହା ଆଲୋଚନା ପରିସରକୁ ଆଣୁଛି।

ଗନ୍ଧାଦିଆ :

ବାଥୁଡ଼ି ସଂପ୍ରଦାୟର ବର ଓ କନିଆଁକୁ ବିବାହ ସମୟରେ ଗନ୍ଧାଦେବା ପ୍ରଥା ପ୍ରଚଳିତ ଅଛି। ସନ୍ଧ୍ୟା ସମୟରେ ବା ରାତ୍ରିର ପ୍ରଥମାର୍ଦ୍ଧରେ ବର ଏବଂ କନ୍ୟାକୁ ଗନ୍ଧା ଦିଆଯାଏ। ବର କନିଆଁଙ୍କ ନିଜ ଅଗଣାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଗନ୍ଧାଦେବା ସ୍ଥାନକୁ ନାଲିମାଟିରେ ଲିପାପୋଛା କରି ଝୋଟି ଚିତା ପକାଇ କଳସ କିମ୍ବା କଂସାର ଡାଳରଖି ପୂଜାପାଠ କରାଯାଏ। ଏହି ପୂଜାପାଠପାଇଁ କୌଣସି ବ୍ରାହ୍ମଣର ଆବଶ୍ୟକତା ପଡ଼ିନଥାଏ, ଗ୍ରାମର ଦେହୁରୀ ପୂଜା ପାଠ କରିଥାନ୍ତି। ପୂଜାପାଠପାଇଁ ଅରୁଆ ଚାଉଳ, ସିନ୍ଦୂର, କଜ୍ଜଳ, ହଳଦୀ, ଗନ୍ଧ, ଦୀପ ଇତ୍ୟାଦି ରଖାଯାଇଥାଏ। ଏହା ବ୍ୟତୀତ ଗୋଟିଏ ଶାଳପତ୍ର ଖଲିରେ ଧବଳ ବର୍ଣ୍ଣର ଧାନ ମଧ୍ୟ ଥାଏ। ଗ୍ରାମର ଦେହୁରୀ ପୂଜାପାଠ କଲାପରେ ଡାଙ୍ଗୁଆ ଡାଙ୍ଗୁଳି ବର କନ୍ୟାକୁ ଆଣି ପୂଜାସ୍ଥାନରେ ଖଲିପତ୍ର ଉପରେ ବସାନ୍ତି। ଗନ୍ଧାଦେବା କର୍ମ ପ୍ରଥମେ ଦେହୁରୀଙ୍କ ଦ୍ୱାରା ସଂପାଦିତ ହୋଇଥାଏ। ତାପରେ ବର ଏବଂ କନିଆଁର ମାଆ, ବାପା ମାଉସୀ, ପିଉସୀ, କାକା, ଖୁଡୀ, ମାମୁଁ, ମାଇଁ, ଭାଇ, ଭାଉଜ, ନାନୀ, ସାଙ୍ଗସାଥି ଏବଂ ସାହିପଡ଼ିଶାର ସ୍ତ୍ରୀ ଲୋକମାନେ ଗନ୍ଧାଦେବାକୁ ଆସିଥାନ୍ତି। ବାଥୁଡ଼ି ସଂପ୍ରଦାୟର ଗନ୍ଧାଦେବା ସମୟରେ ମଧ୍ୟ କିଛି ନୀତିନିୟମ ରହିଛି। ଯେପରିକି ଗନ୍ଧା ଦେଉଥିବା ବ୍ୟକ୍ତି ପ୍ରଥମେ ଧାନ ଖଲିରୁ ଆଞ୍ଜୁଳାଏ ଧାନ ଧରି ବର କନ୍ୟାର ମୁଣ୍ଡ, ଦୁଇକାନ୍ଧ, ଦୁଇ ପାଦରେ ଛୁଆଁଇ ପୁଣି ଧାନ ଖଲିରେ ରଖିଦେବେ। ତାପରେ ଗନ୍ଧା ଚଉପଦିରୁ ବାମହାତ କାନି ଆଙ୍ଗୁଠିରେ ଗନ୍ଧନେଇ ପୂର୍ବପରି ଛୁଆଁଇ ହଳଦୀ ମିଶ୍ରିତ ଅରୁଆ ଚାଉଳ ବର/କନ୍ୟାଙ୍କ ଉପରକୁ ଫିଙ୍ଗିଦେଇ ପ୍ରଜ୍ଜ୍ୱଳିତ ଦୀପ ସାହାଯ୍ୟରେ ବନ୍ଦାଇ ଦିଅନ୍ତି। ଏହି ଗନ୍ଧାଦିଆ ପ୍ରକ୍ରିୟା ଚାଲିଥିବା ସମୟରେ ବର/କନ୍ୟାଙ୍କ ପାଖରେ ଉପସ୍ଥିତ ଥିବା ଡାଙ୍ଗୁଳୀମାନେ ଗନ୍ଧାଦେଉଥିବା ବ୍ୟକ୍ତିଙ୍କୁ ଆକ୍ଷେପ କରି ବ୍ୟଙ୍ଗାତ୍ମକ ଗୀତ ବୋଲିଥାନ୍ତି। ଏହି ଗୀତଗୁଡ଼ିକୁ ବାଥୁଡ଼ି ସଂପ୍ରଦାୟର ଗନ୍ଧାଦିଆ ଗୀତ ନାମରେ ନାମିତ। ଏହି ଗନ୍ଧାଦିଆ ଗୀତ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଆକ୍ଷେପ କରି ଗାନ କଲେ ମଧ୍ୟ ଏଥିରେ ରାଗରୁଷା ଅଭିମାନ ନଥାଏ, ଥାଏ ନିଜଭିତରେ ଭଲପାଇବାର ଆତ୍ମୀୟତା।

ଗନ୍ଧାଦିଆ ପର୍ଯ୍ୟାୟରେ ପ୍ରଥମେ ଗନ୍ଧାଦେଇଥାନ୍ତି ଗ୍ରାମର ଦେହୁରୀ କାରଣ ସେ ପୂଜାପାଠ କରିଥାନ୍ତି। ଗ୍ରାମର ଦେହୁରୀ ଗନ୍ଧା ଦେଉଥିଲା ବେଳେ ଉପସ୍ଥିତ ଥିବା ଡାଙ୍ଗୁଳୀଗଣ ଦେହୁରୀକୁ ଲକ୍ଷ୍ୟ କରି ଗୀତ ଗାଇଥାନ୍ତି - ମହୁରୀତ ମହୁରୀ ଡମଘର ମହୁରୀ/ ଭଲଭାଲ୍ କରି ଗନ୍ଧା ଦିଅ (୨ଥର)/ ମନୁଆ ଦେହୁରୀ।

ଏହି ଗୀତରେ ଦେହୁରୀକୁ ଆକ୍ଷେପ କରାଯାଇଛି, ମାତ୍ର ଗାଁ ଦେହୁରୀ ମନ ଭିତରେ କ୍ରୋଧଭାବ ଜାଗ୍ରତ ହୁଏ ନାହିଁ। କାରଣ ଏହି ଧାରା ବହୁ କାଳରୁ ବାଥୁଡ଼ି ସଂପ୍ରଦାୟରେ ପ୍ରଚଳିତ ହୋଇ ଆସୁଛି। କେବଳ ଯେ ଗ୍ରାମର ଦେହୁରୀକୁ ବ୍ୟଙ୍ଗାତ୍ମକ ଆକ୍ଷେପ କରିଥାନ୍ତି ତାନୁହେଁ, ଯେ କେହି ଗନ୍ଧା ଦେବାପାଇଁ ଆସିଲେ ତାଙ୍କୁ ବ୍ୟଙ୍ଗାତ୍ମକ କରି ଗୀତ ବୋଲିଥାନ୍ତି। ଦେହୁରୀର ଗନ୍ଧାଦିଆ ସମାପ୍ତ ହେଲାପରେ ବର/କନ୍ୟାର ମାଆ ଗନ୍ଧାଦେବା ପାଇଁ ଆସେ ତାକୁ ମଧ୍ୟ ଆକ୍ଷେପକରି ଗୀତ ବୋଲିଥାନ୍ତି- ନାଠିତ ନାଠି ବୋଲଇଁ ବନଶୀ ନାଠି ନାଠି/ କନିଆଁର ମାଆ ଗନ୍ଧା ଦେଉଛି, କନିଆଁର ମାଆ ଗନ୍ଧା ଦେଉଛି ଗୋ/ ପତର ଚାଟି ଚାଟି (୨ଥର)/ ଯା' ରସ ଯାଆ ଚାଲି ଯାଆରେ। (କନିଆଁର ମାଆ ଉଦ୍ଦେଶ୍ୟରେ)

ଠିକ୍ ସେହି ଭଳି ଅପର ପକ୍ଷରେ ବରର ମାଆ ପୁଅ ବାହାଘର ପାଇଁ ବିଭିନ୍ନ ଚିନ୍ତା କରିବା ଫଳରେ ମୁହଁ କଳାକାଠ ପଡ଼ିଯାଇଥାଏ। ସେ ଗନ୍ଧା ଦେଲା ବେଳେ ଡାଙ୍ଗୁଳୀଗଣ ତାଙ୍କୁ ଲକ୍ଷ୍ୟ କରି ବୋଲିଥାନ୍ତି – ଝାଟିତ ଝାଟି ବୋଲଇଁ କୁଳେଇ ଗନି ଝାଟି/ ପୁଅ ବାହାଘର କରିବ ବୋଲି (୨ଥର)/ ଫଇଲା କଳାକାଠି/ ଯା ରସ ଯାଆ ଚାଲି ଯାଆରେ। (ବରର ମାଆ ଉଦ୍ଦେଶ୍ୟରେ)

କେବଳ ଯେ ଉଭୟ ପକ୍ଷର ସ୍ତ୍ରୀ ଲୋକମାନେ ଗନ୍ଧା ଦିଅନ୍ତି ତାହା ଭ୍ରାନ୍ତ ଧାରଣା ଏଥିରେ ପୁରୁଷମାନେ ମଧ୍ୟ ଗନ୍ଧା ଦେଇଥାନ୍ତି। ବର କନିଆଁର ବାପା ଗନ୍ଧା ଦେଉଥିବା ସମୟରେ

ତାଙ୍କ ଉଦ୍ଦେଶ୍ୟରେ ବୋଲାଯାଏ- 'ଖରକା ତ ଖରକାଗୋ ବାହାର ଖରକା/ କନିଆଁର ବାପ ଗନ୍ଧା ଦେଉଛି/ କନିଆଁର ବାପ ଗନ୍ଧା ଦେଉଛି ଗୋ/ ଗୁଡ଼ଗା ଫେରେକା ଗୋ, ଗୁଡ଼ଗା ଫେରେକା'। (କନିଆଁର ବାପା ଉଦ୍ଦେଶ୍ୟରେ)

"କପାତ କପା ଗୋ, କୁହ୍ଲେଇ ଆଣିଲି କପା/ ବରର ବାପ ଗନ୍ଧା ଦେଉଛି,/ ବରର ବାପ ଗନ୍ଧା ଦେଉଛି ଗୋ/ ମୁହଁଟା ନାଇଁ ସଫା।" (ବରର ବାପା ଉଦ୍ଦେଶ୍ୟରେ)

ବର କନିଆଁର ବାପା ମାଆ ଗନ୍ଧା ଦେଲାପରେ ଅନ୍ୟ ଯେ କେହି ସଂପର୍କୀୟ ଗନ୍ଧା ଦେଇଥାନ୍ତି। ଯଦି ବର କନିଆଁର ଜେଜେ ମାଆ (ନାନା) ନିଜର ଗେହ୍ଲା ନାତି କିମ୍ବା ନାତୁଣୀକୁ ଗନ୍ଧା ଦେବା ପାଇଁ ଆସନ୍ତି ସେହି ସମୟରେ ଗାଁର ଡାଙ୍ଗୁଳୀମାନେ ବୋଲିଥାନ୍ତି। - "ଖଲିତ ଖଲି ଗୋ ଟିପିଗନି ଖଲି/ କନିଆଁର ନାନା ଗନ୍ଧା ଦେଉଛି (୨ଥର)/ ଭଲ ବଲିମେଇଁ ବୋଲି ଗୋ, ଭଲ ବୋଲିମେଇଁ ବୋଲି।"

ବାଥୁଡ଼ି ସଂପ୍ରଦାୟରେ ଭାଇ ଭଉଣୀର ପ୍ରେମ ଅନାବିଳ। ଭଉଣୀ ମଧ୍ୟ ଭାଇର ବିବାହ ସମୟରେ ଉପସ୍ଥିତ ରହି ଭାଇର ଗନ୍ଧାଦିଆ କାର୍ଯ୍ୟରେ ଭାଗନେଇଥାଏ। ଭଉଣୀ ଯେତେବେଳେ ଭାଇକୁ ଗନ୍ଧାଦିଏ ସେତିକି ବେଳେ ଗାଁର ଡାଙ୍ଗୁଳିମାନେ ଆକ୍ଷେପ କରି ଗାଇଥାନ୍ତି – "ନିଶ ତ ନିଶ ବୋଲଇଁ ମକା ନିଶ ନିଶ/ ବରର ଭଉଣୀ ଗନ୍ଧା ଦେଉଛି, ବର ଭଉଣୀ ଗନ୍ଧା ଦେଉଛି ଗୋ,/ ଆଣିଛି କିସ କିସ।" (୨ଥର)

ଏହି ଗୀତରୁ ଜଣାଯାଏ ଯେ, ବରର ଭଉଣୀ ଭାଇ ବାହାଘରକୁ ଆସିଲା ବେଳେ ସେ କ'ଣ କ'ଣ ଉପହାର ନେଇକି ଆସିଛି। ଯେତେ ଉପହାର ଆଣି ଥିଲେ ମଧ୍ୟ ବାଥୁଡ଼ି ସଂପ୍ରଦାୟରେ ସୁନିଶ୍ଚିତ ଗନ୍ଧାଦେବା ସମୟରେ ଗୀତ ବୋଲୁଥିବା ଡାଙ୍ଗୁଳୀମାନେ ଆକ୍ଷେପ କରି ଗୀତ ଗାନ କରିଥାନ୍ତି।

ଭାଉଜ ଦିଅରର ସଂପର୍କ ବାଥୁଡ଼ି ଜନଜାତିରେ ଅତିନିବିଡ଼। ଭାଉଜ ମଧ୍ୟ ଦିଅରର ଗନ୍ଧାଦିଆ ସମୟରେ ଉପସ୍ଥିତ ରହି ଦିଅରକୁ ଗନ୍ଧାଦେଇଥାଏ। ଭାଉଜ ଗନ୍ଧା ଦେଉଥିବା ସମୟରେ ନଣନ୍ଦମାନେ ଭାଉଜକୁ ବିଦ୍ରୁପ କରି ବୋଲିଥାନ୍ତି। - "ରେଙ୍ଗାଳ ତ ରେଙ୍ଗାଳ ବୋଲଇଁ ଭାଙ୍ଗିଲି ରେଙ୍ଗାଳ/ ବରର ଭାଉଜ ଗନ୍ଧା ଦେଉଛି, ବରର ଭାଉଜ ଗନ୍ଧା ଦେଉଛି ଗୋ,/ ଡେଇଁ ଗଲା ଶିଆଳ। (୨ଥର) କିମ୍ବା ଛାଇତ ଛାଇ ବୋଲଇଁ, ଡେଙ୍ଗା ଗଛର ଛାଇ/ ବରର ଭାଉଜ ଗନ୍ଧା ଦେଉଛି, ବରର ଭାଉଜ ଗନ୍ଧା ଦେଉଛି ଗୋ/ ଓଢଣା ଟାଣି ନାଇଁ, ଓଢଣା ଟାଣି ନାଇଁ।"

ଠିକ୍ ସେହିଭଳି ବରର ଅପା (ପିଉସୀ) ମଧ୍ୟ ବିବାହ ସମୟରେ ଗନ୍ଧା ଦେଇଥାନ୍ତି। ତାଙ୍କୁ ମଧ୍ୟ ଲକ୍ଷ୍ୟକରି ଗାଁର ଡାଙ୍ଗୁଳୀମାନେ ଗୀତ ବୋଲିଥାନ୍ତି – "ଟାଙ୍ଗର ତ ଟାଙ୍ଗର ଗୋ, ଠାଇ ଠାଇ ଟାଙ୍ଗର/ ବରର ଅପା ଗନ୍ଧା ଦେଉଛି, ବର ଅପା ଗନ୍ଧା ଦେଉଛି ଗୋ/ ବଢେଇଁ ବାଙ୍ଗର, ବଢେଇଁ ବାଙ୍ଗର। କିମ୍ବା କାଠିତ କାଠି ବୋଲଇଁ ଭାଙ୍ଗି ଗଲି କାଠି/ ପୁଅ ବାହାଘର କରିବି ବୋଲି, ପୁଅ ବାହାଘର କରିବି ବୋଲି ଗୋ/ ଆଣିଛି ଡମର ପାଟି, ଆଣିଛି ଡମର ପାଟି ।"

ବାଥୁଡ଼ି ସଂପ୍ରଦାୟର ଗନ୍ଧାଦେବା ଏକ ଭିନ୍ନ ପରଂପରା ଏଥିରେ ସମସ୍ତ ବନ୍ଧୁବାନ୍ଧବ ଆତ୍ମୀୟସ୍ୱଜନ ଗନ୍ଧା ଦେବାର ବିଧି ରହିଛି। ଏହି ଗନ୍ଧାଦେବା ପରଂପରାରେ ଭଣଜା କିମ୍ବା ଭାଣିଜୀ ବିବାହ ଉତ୍ସବରେ ମାମୁଁ-ମାଇଁ ମଧ୍ୟ ଗନ୍ଧା ଦେଇଥାନ୍ତି। ଭଣଜା କିମ୍ବା ଭାଣିଜୀ ବାହାଘରରେ କ'ଣ କ'ଣ ଉପହାର ନେଇ ଆସିଥାନ୍ତି ତାକୁ ଲକ୍ଷ୍ୟ କରି ମଧ୍ୟ ଗୀତ ବୋଲାଯାଇଥାଏ। ଯେପରିକି – "ଇଶ ତ ଇଶ ବୋଲଇଁ, ନୂଆ ଲଙ୍ଗଳର ଇଶ (୨ଥର)/ ଭଣଜା ବାହାଘର କରିବି ବୋଲି, ଭଣଜା ବାହାଘର କରିବି ବୋଲି ଗୋ/ ଆଣିଛେ କିସ କିସ, ଆଣିଛେ କିସ।"

ବାଥୁଡ଼ି ସଂପ୍ରଦାୟର ବିବାହ ସମୟରେ ଡାଙ୍ଗୁଆ ଡାଙ୍ଗୁଳୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ କାରଣ ଏମାନେ ବିବାହ ସମୟର ବହୁ ରୀତିନୀତିରେ ଉପସ୍ଥିତ ରହିବାକୁ ପଡ଼ିଥାଏ। ଏମାନେ ମଧ୍ୟ ଗନ୍ଧା ଦେଇଥାନ୍ତି। ଗନ୍ଧା ଦେବା ସମୟରେ ସମସ୍ତ ଆତ୍ମୀୟସ୍ୱଜନଙ୍କୁ ବ୍ୟଙ୍ଗାତ୍ମକ ଶୈଳୀରେ ଗୀତ ବୋଲା ଯାଇଥାଏ। ସମସ୍ତେ ଗନ୍ଧା ଦେଇ ସାରିବା ପରେ ବର କନିଆଁକୁ ବେଦୀଶାଳରୁ ଉଠାଇ ଦେବା ସମୟରେ ମଧ୍ୟ ଗୀତ ବୋଲାଯାଇଥାଏ। ଯଥା- "ହଳଦୀ ଛେଚିନି ଶିଳ ଡେରି ଗନି, ଶିଳ ତଳେ ବାଲିର ଚୂଅ/ ନାମ ନ ଜଣାଇ କି ବୋଲି ଡାକିବି, ଉଠ ଉଠ ବଡ଼ଘର ପୁଅ।" (କନିଆଁ ପାଇଁ ପୁଅ ସ୍ଥାନରେ ଝିଅ)

ମାଟିଖୋଳା :

ମାଟିଖୋଳା ବାଥୁଡ଼ି ସଂପ୍ରଦାୟ ବିବାହ ଉତ୍ସବର ଏକ ମହତ୍ କର୍ମ। ବର ବରଯାତ୍ରୀ ଧରି ବିବାହ କରିବାକୁ ଯିବା ପୂର୍ବରୁ ନିଜ ଘରେ ସ୍ଥାପିତ ହୋଇଥିବା ବେଦୀପାଇଁ ଗ୍ରାମର ନିର୍ଦ୍ଧାରିତ ସ୍ଥାନରୁ ମାଟି ଖୋଳି ଆଣିଥାଏ। ଏହି ନିୟମ ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ହୋଇଥାଏ। ମାଟିଖୋଳିବା ପାଇଁ ଯିବାସମୟରେ ମଧ୍ୟ ବର ବାଜାବଜାଇ ରୋଶଣୀକରି ଯାଇଥାଏ ମାତ୍ର ସାଂପ୍ରତିକ ସମୟରେ ଡିଜେବଜାଇ ନାଚଗୀତ କରି ମାଟିଖୋଳିବା ପାଇଁ ଯାଇଥାଏ। ଅପର ପକ୍ଷେ କନିଆଁ ଘରେ ମଧ୍ୟ ଏସବୁ ବିଧି ପାଳନ ହୋଇଥାଏ। ଏହି ବିଧି ବାଥୁଡ଼ି ସଂପ୍ରଦାୟରେ କେବେଠାରୁ ପ୍ରଚଳିତ ହୋଇ ଆସୁଛି ତାହା କହିବା କଷ୍ଟକର ବ୍ୟାପାର। ମାଟିଖୋଳା ପୂର୍ବରୁ ମଧ୍ୟ ଆଉ ଗୋଟିଏ ବିଧି ଅଛି, ତାହା ହେଉଛି ଗନ୍ଧାଦେବା ପରେ ବର ଏବଂ କନିଆଁକୁ ସାହିର ଯୁବତୀମାନେ(ଡାଙ୍ଗୁଳୀମାନେ) ଘରର କିଛି ଦୂରରେ ବର କନିଆଁକୁ ଗାଧେଇ ଦିଅନ୍ତି। ବର କନିଆଁ ଗାଧେଇ ସାରିଲା ପରେ ମାଟିଖୋଳାପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ। ବର କନିଆଁକୁ ଉଭୟ ପକ୍ଷର ଡାଙ୍ଗୁଆ ଡାଙ୍ଗୁଳୀଙ୍କୁ ସଜବାଜ (ବେଶଭୂଷା) କରିବାକୁ ପଡ଼ିଥାଏ। ସାହିର ଯୁବକ ଯୁବତୀ (ଡାଙ୍ଗୁଆ, ଡାଙ୍ଗୁଳୀ) ବର ମୁଣ୍ଡରେ ପଗଡ଼ି, ମଥାରେ ଚନ୍ଦନ ଟିପା, ବେକରେ ଫୁଲ ମାଳ, ହାତରେ ରୂପାର କିମ୍ବା ସୁନାର ବଳା ପିନ୍ଧାଇ ସଜ କରିଦିଅନ୍ତି। ଏହା ବ୍ୟତୀତ ହାତରେ ଖିଲିକାତି ବା ନଡ଼ିଆ ଧରିବାର ପରଂପରା ବାଥୁଡ଼ି ସଂପ୍ରଦାୟରେ ରହିଆସିଛି। ଝିଅ ଘରେ ମଧ୍ୟ ଝିଅକୁ ସଜବାଜ କରିବାର ରୀତିନୀତି ରହିଛି। ବର କନିଆଁ ସଜବାଜ ହେଲାପରେ ପ୍ରସେସନ୍ କରି ମାଟିଖୋଳିବାର ନିର୍ଦ୍ଦିଷ୍ଟ ସ୍ଥାନକୁ ବାହାରେ। ଏହି ପ୍ରସେସନରେ ଆତ୍ମୀୟସ୍ୱଜନ, ସାହିପଡ଼ିଶା,

ବନ୍ଧୁବାନ୍ଧବ, ଯୁବକ ଯୁବତୀ ସମସ୍ତେ ଅଂଶଗ୍ରହଣ କରିଥାନ୍ତି। ବର କନିଆଁ ମାଟିଖୋଳି ଯିବା ସମୟରେ କୋଦାଳ (କୋଡ଼ି), ପୂଜାଡାଲା ଓ ଗୋଟିଏ କୁଲା ମଧ୍ୟ ସଙ୍ଗରେ ନେବାକୁ ପଡ଼ିଥାଏ। ବର/କନିଆଁର ମାଟିଖୋଳା ଦେଖିବାକୁ ଗାଁ ଦାଣ୍ଡର ଉଭୟ ପାର୍ଶ୍ୱରେ ବହୁଲୋକ ରୁଣ୍ଡ ହୋଇଥାନ୍ତି। ବର/କନିଆଁ ଗାଁ ଦାଣ୍ଡରେ ଉଭୟ ପାର୍ଶ୍ୱରେ ଛିଡ଼ା ହୋଇଥିବା ଗୁରୁଜନମାନଙ୍କୁ ପ୍ରଣାମ କରିଥାନ୍ତି ଏ ପରଂପରା ମଧ୍ୟ କେବେଠାରୁ ପ୍ରଚଳିତ ହୋଇ ଆସୁଛି ତାହା ମଧ୍ୟ କହିବା କଷ୍ଟକର। ଗ୍ରାମର ନିର୍ଦ୍ଦିଷ୍ଟ ସ୍ଥାନରେ ମାଟିଖୋଳିବାର ଯେଉଁ ପରଂପରା ରହିଛି ସେହି ସ୍ଥାନ ପର୍ଯ୍ୟନ୍ତ ପ୍ରସେସନ୍ ଯାଇଥାଏ। ନିର୍ଦ୍ଦିଷ୍ଟ ସ୍ଥାନରେ ଉପନୀତ ହେବାପରେ ପୂଜାଡାଲାରୁ ଅରୁଆଚାଉଳ ଓ ଗୋଟା ଗୁଆ ଥୋଇଦିଆଯାଏ। ବର/କନ୍ୟା ଚାରିଦିଗକୁ ପ୍ରଣାମ କଲାପରେ ସାତଜଣ ବର/କନ୍ୟା ସହିତ କୋଦାଳ ବେଣ୍ଟକୁ ଧରି ସାତଥର ମାଟି ଖୋଳି କୁଲାକୁ ଉଠାଇଥାନ୍ତି। ମାଟି କୁଲାଟି ଢାଙ୍ଗୁଳୀମାନେ ଧରି ନାଚଗୀତ କରି ବର/କିନିଆଁ ସହିତ ପ୍ରସେସନ କରି ପ୍ରତ୍ୟାବର୍ତ୍ତନ କରିଥାନ୍ତି। ବର/କିନିଆଁ ନିଜ ଘରକୁ ବାହୁଡ଼ିବା ସମୟରେ ବରକୁ ସାନଭାଇ ସଂପର୍କିତ ଜଣେ ଯୁବକ କାନ୍ଧରେ କାନ୍ଧାଇ ଘର ପର୍ଯ୍ୟନ୍ତ ଆଣିଥାନ୍ତି। ଠିକ୍ ସେହିପରି କନିଆଁକୁ ମଧ୍ୟ ଜଣେ ଯୁବତୀ କାଖ କରି ଘର ପର୍ଯ୍ୟନ୍ତ ନେଇ ଆସନ୍ତି। ବର/କିନିଆଁ ମାଟି ଖୋଳିବାକୁ ଯିବା ସମୟରେ ଓ ପ୍ରତ୍ୟାବର୍ତ୍ତନ ସମୟରେ ସାହିର ଢାଙ୍ଗୁଳୀମାନେ କିଛି ଗୀତ ଗାନ କରିଥାନ୍ତି। ବାଥୁଡ଼ି ସଂପ୍ରଦାୟରେ ଏହି ଗୀତକୁ ମାଟିଖୋଳା ଗୀତ ବୋଲି କୁହାଯାଇଥାଏ। ଏହି ପରଂପରା କେବେଠୁ ଆରମ୍ଭ ହେଲା ତାହା ମଧ୍ୟ କହିବା ସମ୍ଭବ ପର ନୁହେଁ। ସାଧାରଣତଃ ଢାଙ୍ଗୁଳୀମାନେ ଏହି ଗୀତ ବୋଲିବା ବେଳେ ବର/କନିଆଁ, ବରକୁ କାନ୍ଧେଇ ଓ କାଖ କରିଥିବା ପିଲା ପ୍ରତି, ବର/କନିଆଁ ଘରର ବାଜା ବାଣ ଇତ୍ୟାଦି ପ୍ରତି ବ୍ୟଙ୍ଗାତ୍ମକ ଶୈଳୀରେ ଗୀତ ବୋଲିଥାନ୍ତି।

ବରମାଟି ଖୋଳିବାକୁ ଯିବା ସମୟରେ ବର ଭଉଣୀ ପାଇଁ ରଜ ସମୟରେ ପ୍ରତ୍ୟେକ ବର୍ଷ ଯେଉଁ ଦୋଳି ତିଆରି କରୁଥିଲା ଏବଂ ଘରର କୌଣସି ଦାୟିତ୍ୱ ନନେଇ ବୁଲାବୁଲି କରି ବାପା ମାଆଙ୍କ ରୋଜଗାରରେ ଖାଉଥିଲା ସେଥିପ୍ରତି ଦୃଷ୍ଟିଦେଇ ବରକୁ ଆକ୍ଷେପ କରି ଢାଙ୍ଗୁଳୀମାନେ ଗୀତ ବୋଲିଥାନ୍ତି- "ଜଳି ତ ଜଳି ବୋଲଇଁ,/ ବାଟର ଡେଙ୍ଗା ଜଳି/ ଆମ୍ଭର ଭାଇ ବାହା ହେଉଛିରେ ମକର,/ କିଏ ବନାକେ ଦୁଳି/ ଯାରସ ଯାଚାଲି ଯାରେ। କିମ୍ବା କେତା ତ କେତା ବୋଲଇଁ/ ବାଳିଆ ମାଛର କେତା/ ବୁଲି ଆସି କରି ଖାଉଥିଲାରେ ମକର/ ଏଥର ପଶିଲା ଚେତା/ ଯା' ରସ ଯା' ଚାଲିଯାରେ।"

ବରକୁ କାନ୍ଧରେ ବସାଇଥିବା ବ୍ୟକ୍ତି ଯଦି ଦୁର୍ବଳ ହୋଇଥାଏ ଏବଂ ଚାଲିଲାବେଳେ ପାଦ ଟଳମଳ ହୋଇ ଚାଲୁଥିଲେ ସେ ପିଲା ପ୍ରତି ଆକ୍ଷେପ କରି ଗୀତ ବୋଲାଯାଇଥାଏ- "ପୁଳା ତ ପୁଳା ବୋଲଇଁ/ ଗଡ଼େଇ ଗନି ପୁଳା/ ମାରି ଦିଅ ତେନ୍ତୁଳି ଛାଟରେ ମକର/ ଘଟିକି ଯାଉ ଘୁଳା/ ଯା' ରସ ଯା' ଚାଲିଯାରେ...। କିମ୍ବା ବାନା ତ ବାନା ବୋଲଇଁ/ ଗଛରେ ଉଡ଼ଇ ବାନା/ ବର ଘର ଘୁଳା କରିଛି(୨ଥର) ମକର/ କାହୁଁ ଖାଇ ନାହିଁ ଦାନା/ ଯା ରସ ଯା ଚାଲିଯାରେ...।"

ବିବାହ ପାଇଁ ବାଥୁଡ଼ି ସଂପ୍ରଦାୟରେ ବାଜା, ବାଣର ମଧ୍ୟ ଆୟୋଜନ କରାଯାଇଥାଏ। ବରଘର ସକ୍ଷମମତେ ଯେତେ ଉନ୍ନତମାନର ବାଜାବାଣ କରିଥିଲେ ମଧ୍ୟ ବରଘରକୁ ବିଦ୍ରୁପ କରି ପଦେ ଅଧେ ଗୀତ ବୋଲିଥାନ୍ତି। ଯଥା- "ଖଟ ତ ଖଟ ବୋଲଇଁ/ ବୁଣିଗଲି ଖଟ/ ବରଘର ବାଜା କରିଛିରେ (୨ଥର) ମକର/ ବାଜଇ ଫଟ ଫଟ (୨ଥର)/ ଯା ରସ ଯା ଚାଲିଯାରେ...।"

ଏହା ବ୍ୟତୀତ ବିଭିନ୍ନ ପ୍ରକାରର ଗନ୍ଧାଦିଆ ଓ ମାଟିଖୋଳା ଗୀତ ବୋଲାଯାଇଥାଏ। ବାଥୁଡ଼ି ସଂପ୍ରଦାୟର ବିବାହକାଳୀନ ଗନ୍ଧାଦିଆ ଓ ମାଟିଖୋଳା ଗୀତ ବାଥୁଡ଼ି ସମାଜର ସାଂସ୍କୃତିକ ଚେତନାର ବାହକ। କିନ୍ତୁ ପରିତାପର ବିଷୟ ବାଥୁଡ଼ି ସମାଜର ସାଂସ୍କୃତିକ ବିଭବ କ୍ରମଶଃ ଲୋପ ପାଇବାରେ ଲାଗିଛି। ଆଧୁନିକ ଶିକ୍ଷା ଓ ସଭ୍ୟତାର ସଂସ୍ପର୍ଶରେ ଆସିବା ଫଳରେ ବାଥୁଡ଼ି ଜନଜାତି ନିଜ ଭାଷା, ସଂସ୍କୃତି ପରଂପରାଠାରୁ ଦୂରେଇ ଯାଉଥିବା ଲକ୍ଷ୍ୟ କରାଯାଏ। ଆଧୁନିକତାକୁ ଆଦରିନେଉଥିବା ବାଥୁଡ଼ିଜନଜାତିଙ୍କର ବିବାହ ସମୟରେ ବୋଲା ଯାଉଥିବା ଗନ୍ଧାଦିଆ ଓ ମାଟିଖୋଳା ଲୋକଗୀତ ପୂର୍ବପରି ଢାଙ୍ଗୁଳୀମାନଙ୍କ ମୁଖରୁ ଗୁଞ୍ଜରିତ ହୋଇ ବାଥୁଡ଼ି ସଂପ୍ରଦାୟର ଜନଜୀବନ ତଥା ପ୍ରାକୃତିକ ପରିବେଶକୁ ଗୁଞ୍ଜରିତ କରୁନାହିଁ। ବାଥୁଡ଼ି ସଂପ୍ରଦାୟର ସମୃଦ୍ଧ ସଂସ୍କୃତିକୁ ବଂଚାଇ ରଖିବାକୁ ହେଲେ ନିଜ ପରଂପରାଠାରୁ ଦୂରେଇ ନଯାଇ ବିବାହକାଳୀନ ଗନ୍ଧାଦିଆ ଓ ମାଟିଖୋଳା ଗୀତଗୁଡ଼ିକୁ ବିବାହ ସମୟରେ ବୋଲିବା ଏକାନ୍ତ ଆବଶ୍ୟକ ।

ସହାୟକ ଗ୍ରନ୍ଥସୂଚୀ

୧) ଓଡ଼ିଶା ସାହିତ୍ୟ ଏକାଡେମୀ(ସଂ)। ୨୦୦୪। ଓଡ଼ିଆ ସାହିତ୍ୟ ଓ ଆଦିବାସୀ ସାହିତ୍ୟ। ଦ୍ୱିତୀୟ ସଂସ୍କରଣ। ଭୁବନେଶ୍ୱର: ଓଡ଼ିଶା ସାହିତ୍ୟ ଏକାଡେମୀ।

୨) ପସାୟତ, ଚିତ୍ରସେନ। ୨୦୧୬। ଆଦିବାସୀ ମୌଖିକ ସାହିତ୍ୟ ପରଂପରା(ସଂ)। ଦ୍ୱିତୀୟ ସଂସ୍କରଣ । ଭୁବନେଶ୍ୱର: ଓଡ଼ିଶା ସାହିତ୍ୟ ଏକାଡେମୀ।

୩) ନନ୍ଦ, ଦୁର୍ଗାମାଧବ। ୨୦୦୧। ଆମ ଲୋକ ଗୀତ ଓ ଲୋକ ବାଦ୍ୟ(ସଂ)। ପ୍ରଥମ ସଂସ୍କରଣ। ପୁରୀ: ଲୋକ ସଂସ୍କୃତି ଗବେଷଣା ପରିଷଦ।

୪) ଶତପଥି, ରବୀନ୍ଦ୍ର କୁମାର। ୨୦୦୦। ବାଥୁଡ଼ି ଲୋକ ସାହିତ୍ୟ। ପ୍ରଥମ ସଂସ୍କରଣ। ଭୁବନେଶ୍ୱର: ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ।

Funding

No funding was received for conducting this study.

Does this article screened for similarity?
Yes

Conflict of interest
The Author has no conflicts of interest to declare that they are relevant to the content of this article.

About the Licenses
© Dr. Raja kumara Naik 2024. The text of this article is open access and licensed under a Creative Commons Attribution 4.0 International License

Cite this Article :
Dr. Raja kumara Naik, Lokagita Paramparaare Baathudi Sampradayara Gandhadia o Matikholla Gita, Bageesha, Vol. No. 02, Issue No. 06, November - December 2024, Article No: BM2024/06-A002 | Page- 14-18

●

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଷଷ୍ଠ ସଂଖ୍ୟା | ନଭେମ୍ବର - ଡିସେମ୍ବର ୨୦୨୪
Volume No. 02 | Issue No. 06 | Nov-Dec 2024
Refereed Peer-Reviewed Journal
BM2024/06-A003
https://bageesha.in
OPEN ACCESS

ତନ୍ତ୍ରଧାରାରେ ସୋନପୁରର ବଳିଯାତ୍ରା

■ ସନ୍ତୋଷ ଭୋଇ
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ସୋନପୁର

Article Received : 15.12.2024 | Accepted : 25.12.2024 | Published : 10.01.2025

ସାରାଂଶ

ABSTRACT

ତନ୍ତ୍ର, ମନ୍ତ୍ର ଓ ଯନ୍ତ୍ରର ତ୍ରିବେଣୀ ସଂଗମ ହେଉଛି ସୋନପୁର। ଏତଦ ବ୍ୟତୀତ ଶୈବ, ଶାକ୍ତ ଓ ବୌଦ୍ଧ ଧର୍ମର ସମନ୍ୱୟ ଏଠାରେ ଦେଖିବାକୁ ମିଳେ। କେଉଁ ପ୍ରାଚୀନ କାଳରୁ ଏଠାରେ ଶକ୍ତି ପରମ୍ପରା ଅବ୍ୟାହତ ରହିଛି ତାହା କଳନା କରିବା କଷ୍ଟକର ବ୍ୟାପାର। ସୋନପୁରର ଅଷ୍ଟଚଣ୍ଡୀ ହେଉଛନ୍ତି ଏହାର ଉଦାହରଣ। ଏହି ଅଷ୍ଟଚଣ୍ଡୀକୁ ଆଧାର କରି ଆଶ୍ୱିନ ମହାଳୟାରୁ କାର୍ତ୍ତିକ ପ୍ରତିପଦା ପର୍ଯ୍ୟନ୍ତ ସୋନପୁରରେ ବଳିଯାତ୍ରା ଅନୁଷ୍ଠିତ ହୋଇଥାଏ। ଷୋଳଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ଯାତ୍ରାର ଇତିହାସ ବହୁ ପ୍ରାଚୀନ। ଏହା ପ୍ରଥମେ ଆଦିବାସୀ ଗଣ୍ଡ ସମ୍ପ୍ରଦାୟର ଦେବତା ବୁଢାରଜାଙ୍କୁ ନେଇ ଅନୁଷ୍ଠିତ ହେଉଥିଲା। ପରେ ସୋନପୁରର ରାଜବଂଶ ପ୍ରତିଷ୍ଠା ପରେ ଇଷ୍ଟଦେବୀ ସମଲେଇ ଏବଂ ସ୍ତମ୍ଭେଶ୍ୱରୀକୁ ନେଇ ବଳିଯାତ୍ରା ଆରମ୍ଭ ହେଲା। ସମ୍ପ୍ରତି ଏହା ସୋନପୁର ସର୍ବବୃହତ ଗଣପର୍ବ ଅଟେ।

BM2024/06-A003

ମୂଳଶବ୍ଦ: ସୋନପୁର, ବଳିଯାତ୍ରା, ତନ୍ତ୍ର, ବରୁଆ, ଶକ୍ତି, ବୁଢାରାଜା, ସମଲେଇ , ସୁରେଶ୍ୱରୀ, ଗଣପର୍ବ

ତନ୍ତ୍ର-ମନ୍ତ୍ର-ଯନ୍ତ୍ର ସାଧନାର ପ୍ରାଚୀନ ପୀଠ ହେଉଛି ସୋନପୁର। କେଉଁ କାଳରୁ ଏଠାରେ ଶକ୍ତି ପରମ୍ପରା ଅବ୍ୟାହତ ରହିଛି ତାହା କଳନା କରିବା କଷ୍ଟ। ବଳିଯାତ୍ରା ସୋନପୁରର ଶକ୍ତି ପରମ୍ପରାର ଏକ ବଳିଷ୍ଠ ଉଦାହରଣ। ସୋନପୁରର ଅଷ୍ଟଚଣ୍ଡୀ ଭାବରେ ଖମ୍ଭେଶ୍ୱରୀ, ସୁରେଶ୍ୱରୀ, ସମଲେଶ୍ୱରୀ, ଭଗବତୀ, ଦଶମତୀ, ନାରାୟଣୀ, ରାମଚଣ୍ଡୀ ଓ ବିମଳାକ୍ଷୀ ପ୍ରସିଦ୍ଧିଲାଭ କରିଛନ୍ତି। ଏହି ଅଷ୍ଟଶକ୍ତିଙ୍କୁ ଆଧାର କରି ଆଶ୍ୱିନ ମହାଳୟାରୁ କାର୍ତ୍ତିକ ପ୍ରତିପଦା ପର୍ଯ୍ୟନ୍ତ ସୋନପୁରରେ ବଳିଯାତ୍ରା ଅନୁଷ୍ଠିତ ହୋଇଥାଏ। ବିଶେଷ କରି ତ୍ରିଶକ୍ତି ଯଥା- ସମଲେଶ୍ୱରୀ, ସୁରେଶ୍ୱରୀ ଓ ଖମ୍ଭେଶ୍ୱରୀଙ୍କୁ ଆଧାର କରି ଏହି ବଳିଯାତ୍ରା ଅନୁଷ୍ଠିତ ହୁଏ। ଷୋଳଦିନ ବ୍ୟାପୀ ବିଭିନ୍ନ ନୀତିକାନ୍ତି ମଧ୍ୟରେ ଏହି ପର୍ବ ସମାହିତ ହୋଇଥାଏ। ଏହି ଷୋଳଦିନ ବ୍ୟାପୀ ବଳିର ପ୍ରତିନିଧିତ୍ୱ କରୁଥିବା ଦେବତା 'ବରୁଆ'ଙ୍କୁ ପୂଜା କରାଯାଇଥାଏ। ମା' ସମଲେଇ (ସମଲେଶ୍ୱରୀ) ତାଙ୍କ ଠାରେ ଉଭା ହୁଅନ୍ତି। ତେଣୁ ମା' ସମଲେଇ ଭାବରେ ସେ ପ୍ରତି ଶକ୍ତିପୀଠକୁ ଯାତ୍ରା କରନ୍ତି। ଏହି ସମୟରେ ଢୋଲ, ନିଶାନ ଏବଂ ଘଣ୍ଟର ତାଳେ ତାଳେ ତାଙ୍କର ତେଜସ୍ୱୀ ରୂପ ନୃତ୍ୟ କରେ। ଆଧ୍ୟାତ୍ମିକ ସ୍ତରଦେଇ ଭୟର ବାତାବରଣ ସୃଷ୍ଟିକରୁଥିବା ଏହି ପର୍ବ ସୁବର୍ଣ୍ଣପୁର ଜିଲ୍ଲାର ଶ୍ରେଷ୍ଠ ଏବଂ ବଡ଼ ଲୋକପର୍ବ ଅଟେ। ପୂର୍ବେ ଏହି ପର୍ବ ରାଜପରିବାର ଦ୍ୱାରା ସମାହିତ ହେଉଥିଲା। ସମ୍ପ୍ରତି ପ୍ରଶାସନର ଦାୟିତ୍ୱରେ ଏହି ପର୍ବ ପରିଚାଳିତ ହେଉଛି।

'ବଳି' ଶବ୍ଦର ଅକ୍ଷରିକ ଅଭିଧାନିକ ଅର୍ଥ ହେଉଛି ନୈବେଦ୍ୟ, ପୂଜା ସାମଗ୍ରୀ, ବଳଶାଳୀ ଏବଂ ସମର୍ପଣ। ପଶୁ ଯଜ୍ଞ ବା ଯଜ୍ଞରେ ପଶୁ ବଧ ଏବଂ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଛେଦନକୁ ମଧ୍ୟ 'ବଳି' ବୋଲି କୁହାଯାଏ। ମାତ୍ର ସୋନପୁରରେ 'ବଳି' ଶବ୍ଦର ଅର୍ଥ 'ବରୁଆ' (କାଳେସୀ)। ଏଣୁ ଯେଉଁ ବ୍ୟକ୍ତି ଠାରେ ଠାକୁରାଣୀ ଆବିଷ୍ଟା ବା ଉଭା ହୁଅନ୍ତି ତାହାକୁ 'ବଳି' ବୋଲି କୁହାଯାଏ। 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ'ରେ ଏ ସମ୍ପର୍କରେ ଉଲ୍ଲେଖ ଅଛି କି- "ଆଶ୍ୱିନ ପର୍ବ ସମୟରେ ସମଲେଇ ଠାକୁରାଣୀ ଯେଉଁ ଡାଙ୍ଗୁଆ ସେବକ ଠାରେ ଉଭା ହୁଅନ୍ତି, ସେହି ବ୍ୟକ୍ତି ଠାକୁରାଣୀଙ୍କ ଠାରେ ଦିଆଯାଇଥିବା ପଶୁର ଗଣ୍ଡିକୁ ହାତରେ ଧରି ତାହାର ତୋଟିରୁ ସ୍ରବୁଥିବା ରକ୍ତକୁ ଶୋଷି କରି ପିଇ ସେ ଗଣ୍ଡିକୁ ତଳେ ପକାଇ ଦିଏ। ସୋନପୁର ଅଞ୍ଚଳରେ ଯେଉଁ ଜୀବକୁ ବଳି ଦିଆଯାଏ ତାହାର ନାମ ପଶୁ ଓ ଯାହାଠାରେ ଠାକୁରାଣୀ ଉଭା ହୁଅନ୍ତି ତାହାକୁ ବଳି କୁହନ୍ତି।" ଏହି ଯାତ୍ରାରେ ଦୈବୀ ଶକ୍ତି ଆରୁଢ଼ ହୋଇ ବରୁଆ ବା କଳେସୀ ନୃତ୍ୟ କରିଥାନ୍ତି। ଦୈବୀ ଶକ୍ତି ଧାରଣ ପରେ ବରୁଆକୁ ବଳି

ବୋଲି କୁହାଯାଏ। ଏଥିନିମନ୍ତେ ଷୋଳଦିନ ପର୍ଯ୍ୟନ୍ତ ସେମାନେ ନିଷ୍ଠାର ସହିତ ଶୁଚିମନ୍ତ ହୋଇ ଶ୍ରଦ୍ଧାଶୀଳ ଭାବରେ ଶାକ୍ତ ତନ୍ତ୍ରପ୍ରତି ସମର୍ପିତ ରହିଥାନ୍ତି। ଏଣୁ ଦେବୀମାନଙ୍କର ଶକ୍ତି ଏବଂ ପରାକ୍ରମକୁ ଆଧାର କରି 'ବଳି' ଶବ୍ଦର ପ୍ରୟୋଗ ହୋଇଥିବା ଦେଖାଯାଏ। ଏତଦବ୍ୟତୀତ ପୂର୍ବକାଳରେ ବହୁପରିମାଣରେ ପନ୍ଦର ଦିନ ବ୍ୟାପୀ ପୋଡ଼, ମେଣ୍ଢା, ବୋଦା ଏବଂ କୁକୁଡ଼ା ଆଦି ବଳି ଦିଆଯାଉଥିବାରୁ ଲୋକମାନସରେ ଏହା ବଳିଯାତ୍ରା ଭାବରେ ଖ୍ୟାତିଲାଭ କରିଥିବ।

ଶକ୍ତି ପ୍ରବେଶ ସମୟରେ ବରୁଆ ସଂଜ୍ଞାହୀନ ହୋଇଯାଆନ୍ତି। ସଂଜ୍ଞା ପାଇ ବରୁଆ ଢୋଲବାଦ୍ୟ (ଭରନି) ର ତାଳେ ତାଳେ ନୃତ୍ୟ କରିଥାନ୍ତି। ଜଣେ ମନୁଷ୍ୟ ଶରୀରରେ ଶକ୍ତିର ପ୍ରବେଶ କରାଇବାରେ ଭରନି ପାହାର (ବାଦ୍ୟ)ର ପ୍ରମୁଖ ଭୂମିକା ରହିଥାଏ। ବରୁଆ ଦୁଇ ହାତରେ ଛତ୍ର ଧରି ଉପରକୁ ଉଠି ନୃତ୍ୟ କରନ୍ତି। ଏହାପରେ ଲୋକେ ତାଙ୍କୁ ମାଆ ବୋଲି ସମ୍ବୋଧନ କରନ୍ତି। ଲୋକମାନେ ତାଙ୍କୁ ପୂଜା କରନ୍ତି। ନିଜର ସମସ୍ୟା ଦେବୀଙ୍କ ଆଗରେ ପ୍ରକାଶ କରନ୍ତି। ବଳି ଭୂତ, ଭବିଷ୍ୟ ଏବଂ ବର୍ତ୍ତମାନର ବାଣୀ କରନ୍ତି। ସାଧାରଣତଃ ଯାତ୍ରା କହିଲେ ଆମେ ଭ୍ରମଣକୁ ବୁଝୁ। ବିଭିନ୍ନ ପୀଠକୁ ବରୁଆ ବା ବଳି ଏହି ସମୟରେ ଯାତ୍ରା କରୁଥିବାରୁ ଏହାକୁ ବଳିଯାତ୍ରା ବୋଲି କୁହାଯାଏ। ଏହି ସମୟରେ ମଧ୍ୟ ଅନ୍ୟାନ୍ୟ ଶକ୍ତି ବରୁଆଙ୍କ ସହିତ ବିଭିନ୍ନ ଶକ୍ତିପୀଠକୁ ଯାତ୍ରା କରିଥାନ୍ତି।

ଏହି ଯାତ୍ରାରେ ପ୍ରାଚୀନକାଳରେ କନ୍ଧ, ଗଣ୍ଡା, କୁଲି ପ୍ରଭୃତି ଆଦିବାସୀମାନଙ୍କ ଦ୍ୱାରା ସମାହିତ ହେଉଥିଲା। ଏହି ଯାତ୍ରାର ପାରମ୍ପରିକ ବିଧିବିଧାନ ସେମାନଙ୍କ ଦ୍ୱାରା ନିର୍ବାହ ହେଉଥିଲା। ରାଜତନ୍ତ୍ର ଏବଂ ବ୍ରାହ୍ମଣବାଦର ଆଧିପତ୍ୟ ଯୋଗୁଁ ଆଦିବାସୀମାନଙ୍କୁ କ୍ରମଶଃ ବଳିଯାତ୍ରାରୁ ଦୂରେଇ ଦିଆଯାଇଛି। ରାଜପରିବାର ତରଫରୁ ବଳିଯାତ୍ରା ଶୃଙ୍ଖଳିତ ଓ ଆୟତ୍ତାଧୀନ ହେଲାପରେ କେତେକ ନିର୍ଦ୍ଦିଷ୍ଟ କାମରେ ଆଦିବାସୀମାନଙ୍କୁ ନିୟୋଜିତ କରାଯାଇଛି। ସେମାନଙ୍କୁ ଉଚ୍ଚବର୍ଗର ଉପାଧି ପ୍ରଦାନ କରାଯାଇଛି। ଛତିଶ ପାଟକ (ବଳିଯାତ୍ରାର ଛତିଶ ସେବାୟତ) ମଧ୍ୟରେ କେତେକ ଆଦିବାସୀ ପରିବାର ଉଚ୍ଚପାହ୍ୟା ପାଇ କର୍ମନିର୍ବାହ କରୁଛନ୍ତି।

ପ୍ରଥମ ଚୌହାନ ରାଜା ମଦନଗୋପାଳ ସିଂହଦେଓଙ୍କ ସମୟରୁ ବଳିଯାତ୍ରା ଆରମ୍ଭ ହୋଇଛି ବୋଲି ସୋନପୁର ଇତିହାସରୁ ଜଣାପଡ଼େ। ସେ ଭାଇଭାଗ ରୂପେ ସୋନପୁରକୁ ପାଇଥିଲେ। ସୋନପୁରର ଚୌହାନ ବଂଶ ଶାସନ କରିବା ପୂର୍ବରୁ ଏହି ଅଞ୍ଚଳ ସୋମ ଏବଂ ଭଞ୍ଜମାନଙ୍କ ଦ୍ୱାରା ଶାସିତ ହୋଇଥିଲା। ଏହା ବୌଦ୍ଧ ଗଡ଼ଜାତର ଅଧୀନରେ ଥିଲା। ସମ୍ବଲପୁରର ରାଜା ବଳରାମ ଦେବ (୧୬୦୫-୧୬୩୦) ବୌଦ୍ଧରାଜା ସିଦ୍ଧି ଭଞ୍ଜଙ୍କୁ ପରାସ୍ତ କରି ସମ୍ବଲପୁର ସହିତ ମିଶାଇ ଦେଇଥିଲେ। ଫଳରେ ତାଙ୍କର ଦ୍ୱିତୀୟ ନାତି ମଦନ ଗୋପାଳ ସିଂହଦେଓ ଏହି ଅଞ୍ଚଳର ଶାସନ ଦାୟିତ୍ୱରେ ରହିଥିଲେ। ସୋନପୁର ରାଜ୍ୟ ସହିତ ଭୁବନେଶ୍ୱରୀ, ପାଟମାହେଶ୍ୱରୀ ଓ ଅନ୍ୟାନ୍ୟ ଦେବଦେବୀଙ୍କ ସହିତ ପାଟଖଣ୍ଡା, ଦୋଳଖଣ୍ଡା ସୋନପୁରରୁ ଆଣି ପ୍ରତିଷ୍ଠା କରିଥିଲେ। ତାଙ୍କ ଇଷ୍ଟଦେବୀ ମା ସମଲେଶ୍ୱରୀଙ୍କୁ ମଧ୍ୟ ସେ ସୋନପୁରରେ ପ୍ରତିଷ୍ଠା କରିଥିଲେ। ଏହା ପରେ ସେ ସମଲେଶ୍ୱରୀ ମନ୍ଦିରକୁ ନେଇକି ବଳିଯାତ୍ରା ଆରମ୍ଭ କରିଥିଲେ। ମାତ୍ର ଏହା ପୂର୍ବରୁ ସୋନପୁରରେ ବସବାସ କରୁଥିବା କନ୍ଧ ଏବଂ ଗଣ୍ଡ ସମ୍ପ୍ରଦାୟରେ ବଳିପୂଜା ପ୍ରଚଳିତ ଥିଲା। ପୂର୍ବେ ବୁଢ଼ାରଜା (ଗଣ୍ଡଦେବତା)ଙ୍କ ପାଖରେ ବଳିଯାତ୍ରାର ନୀତିକାନ୍ତି ଅନୁଷ୍ଠିତ ହେଉଥିଲା। ବଳିଯାତ୍ରାର ପ୍ରଥମ ଦିନ (ଆଶ୍ୱିନ ଅମାବାସ୍ୟା) ଉଆଁସ ବଳିଯାତ୍ରାରେ ବଳି ସମଲେଇପୀଠରୁ ବୁଢ଼ାରଜାଙ୍କ ପାଖକୁ ଯାତ୍ରା କରିଥାନ୍ତି। ସେଠାରେ ବୁଢ଼ାରଜା ଏବଂ ସମଲେଇ ଉଭାଥିବା ବଳିଙ୍କର ଭେଟହୁଏ। ଏଣୁ ରାଜା ମଦନଗୋପାଳ ଏହାକୁ ସଂସ୍କାରିତ କରି ନିଜ ଇଷ୍ଟଦେବୀ ସମଲେଶ୍ୱରୀ ଏବଂ ଅନ୍ୟଦେବୀମାନଙ୍କ ସହ ଯୋଡ଼ିଛନ୍ତି।

ବିଜୟ ଚନ୍ଦ୍ର ମଜୁମଦାରଙ୍କ ମତରେ ରାଜା ରାଜସିଂହ ଦେଓଙ୍କ ରାଣୀ (ଖେମେଣ୍ଡିର ରାଜକୁମାରୀ) ଖେମିଣ୍ଡିରୁ ଆଣିଥିବା କାଷ୍ଠନିର୍ମିତ ସ୍ତମ୍ଭେଶ୍ୱରୀ ମୂର୍ତ୍ତି ରାଜାଙ୍କୁ ଉପହାର ଦେଇଥିଲେ। ରାଣୀ ସ୍ତମ୍ଭେଶ୍ୱରୀଙ୍କ ପ୍ରତି ସମର୍ପିତ ମନୋଭାବ ଦେଖି ରାଜା ରାଜସିଂହ ଦେଓ ସୋନପୁରରେ ସ୍ତମ୍ଭେଶ୍ୱରୀ ବା ଖମ୍ଭେଶ୍ୱରୀ ମନ୍ଦିର ନିର୍ମାଣ କରିଥିଲେ। ପ୍ରାଚୀନ କାଳରେ ବୌଦ୍ଧ ଏବଂ ସୋନପୁରରେ କନ୍ଧ ଏବଂ ଡୁମାଳ ସମ୍ପ୍ରଦାୟର ଲୋକମାନେ ସ୍ତମ୍ଭେଶ୍ୱରୀଙ୍କୁ ଇଷ୍ଟଦେବୀ ଭାବରେ ପୂଜା କରୁଥିଲେ। ଅଦ୍ୟାପି ସୋନପୁରରେ ସ୍ତମ୍ଭେଶ୍ୱରୀ ମନ୍ଦିରରେ ଅଣବ୍ରାହ୍ମଣ ଡୁମାଳମାନେ ପୂଜା କରୁଛନ୍ତି। ବଳିଯାତ୍ରା ସମୟରେ ସେମାନଙ୍କର ପ୍ରମୁଖ ଭୂମିକା ରହିଛି। ତେଣୁ ପ୍ରାରମ୍ଭିକ ସମୟରେ ବୁଢ଼ାରଜାଙ୍କ ଠାରୁ ବଳିଯାତ୍ରାର ଶୁଭାରମ୍ଭ ଘଟି ସମଲେଶ୍ୱରୀ, ସ୍ତମ୍ଭେଶ୍ୱରୀ ଏବଂ ସୁରେଶ୍ୱରୀଙ୍କ ସମେତ ଅନ୍ୟ ପଞ୍ଚଚଣ୍ଡୀଙ୍କୁ ବଳିଯାତ୍ରା ସହ ଯୋଡ଼ାଯାଇ ଆଦିବାସୀ ଯାତ୍ରାକୁ ସଂସ୍କାରିତ କରାଯାଇଛି।

ପନ୍ଦର ଦିନ ମଧ୍ୟରେ ସର୍ବମୋଟ ଏଗାରଟି ବଳି ଅନୁଷ୍ଠିତ ହୁଏ। ପର୍ଯ୍ୟାୟକ୍ରମେ ସେଗୁଡ଼ିକୁ ଉଲ୍ଲେଖ କରାଗଲା-

୧. ମହାଳୟା- ସମଲେଶ୍ୱରୀ ମନ୍ଦିରରେ ଉଆଁସ ବଳି ବା ବୁଢ଼ାରଜା ବଳି

୨. ପ୍ରତିପଦା, ଦ୍ୱିତୀୟା ଏବଂ ତୃତୀୟା- ସମଲେଶ୍ୱରୀ ମନ୍ଦିରରେ ଉପନବଳି ବା ନିଶାବଳି

୩. ଚତୁର୍ଥୀ ଦିନ- ଅଷ୍ଟଚଣ୍ଡୀ ନିଶାପୂଜା ଏବଂ ଖମ୍ଭେଶ୍ୱରୀ ପୀଠରେ ପଞ୍ଚମୀ ବଳି ବା ଖୌଳଫିଟା ବଳି

୪. ପଞ୍ଚମୀ ଦିନ- ସମଲେଶ୍ୱରୀ ମନ୍ଦିରରେ ପୂଜା ଓ ବଳି

୫. ଷଷ୍ଠୀ ଦିନ- ସମଲେଶ୍ୱରୀ ମନ୍ଦିରରେ ପୂଜା ଓ ବଳି

୬. ସପ୍ତମୀ ଦିନ- ଭୁବନେଶ୍ୱରୀ ଦେବୀ ସମଲେଇ ପୀଠକୁ, ଭଗବତୀ, ଦଶମତୀ, ନାରାୟଣୀ, ରାମଚଣ୍ଡୀ ସୁରେଶ୍ୱରୀ ପୀଠକୁ ଓ କନକଦୁର୍ଗା ଖମ୍ଭେଶ୍ୱରୀ ପୀଠକୁ ଯାତ୍ରା।

୭. ଅଷ୍ଟମୀ ଦିନ- ମହାଷ୍ଟମୀ ବଳି ଏବଂ ଭାଇଜୀଉଁତିଆ

୮. ନବମୀ ଦିନ- ଗାଏନ ବଳି, ଡାଙ୍ଗୁଆ ବଳି ଓ ମହାନବମୀ ବଳି ବା ମହାବଳି ଯାତ୍ରା

୯. ଦଶମୀ ଦିନ- ସମଲେଶ୍ୱରୀ ପୀଠରେ ପୂଜା ଓ ବଳି, ଭୁବନେଶ୍ୱରୀ ଦେବୀ, ଦୁର୍ଗାଦେବୀ ଅନ୍ୟ ଦେବୀମାନଙ୍କର ପ୍ରତ୍ୟାବର୍ତ୍ତନ।

୧୦. ପୂର୍ଣ୍ଣମୀ ଦିନ- ପୂର୍ଣ୍ଣମୀ ବଳି

୧୧. କାର୍ତ୍ତି ପ୍ରତିପଦା- ଜାଙ୍ଗଳି ବଳି

ଦେବଦେବୀଙ୍କୁ ପୂଜା କରିବା ପାଇଁ ମଣ୍ଡଳର ଆବଶ୍ୟକତା ହୋଇଥାଏ। ମଣ୍ଡଳର ଅର୍ଥ ରେଖାତ୍ମକ ସୂଚନା, ଯାହା ଦ୍ୱାରା ଦେବଦେବୀଙ୍କୁ ଆରାଧନା କରାଯାଇଥାଏ। ଏହା ତନ୍ତ୍ର ସମ୍ମତ। ତନ୍ତ୍ର ସାଧାରଣରେ ଦୁଇପ୍ରକାର। ଯଥା- ଲୌକିକ ତନ୍ତ୍ର ଓ ଶାସ୍ତ୍ରୀୟ ତନ୍ତ୍ର। ଲୌକିକ ତନ୍ତ୍ରରେ ପାର୍ଥିବ ସୁଖ ସମ୍ପଦ ଏବଂ ଅଲୌକିକତା ପ୍ରତିପାଦନ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଶାସ୍ତ୍ରୀୟ ତନ୍ତ୍ରରେ ସାଧକର ଆଧ୍ୟାତ୍ମିକତା ବିକାଶ ଦିଗରେ ଗୁରୁତ୍ୱ ଦିଆଯାଇଥାଏ। ତନ୍ତ୍ରର ଇତିହାସ ଖୋଜିବସିଲେ ଏହା ପ୍ରାକ୍-ବୈଦିକ କାଳରୁ ଭାରତୀୟ ଜନମାନସରେ ଉଜ୍ଜିବୀତ ଥିବାର ଲକ୍ଷ୍ୟ କରାଯାଏ। ହରପ୍ପା ସଭ୍ୟତାରୁ ମିଳିଥିବା ଦେବଦେବୀଙ୍କ ମୂର୍ତ୍ତି ଏହାର ଉଦାହରଣ। ବୈଦିକ ସଭ୍ୟତାରେ କୌଣସି ଦେବଦେବୀଙ୍କ ପ୍ରତିମାକୁ ପୂଜା କରାଯିବାର ପ୍ରମାଣ ମିଳେନାହିଁ। ମାତ୍ର ଦେବଦେବୀଙ୍କ ଉଦ୍ଦେଶ୍ୟରେ ଯଜ୍ଞ ଅନୁଷ୍ଠିତ କରି ସମୋନଙ୍କୁ ଆବହନ କରିବା କଥା ବର୍ଣ୍ଣିତ ହୋଇଛି। ତେଣୁ ବୈଦିକକାଳୀନ ସଭ୍ୟତାରେ ଯଜ୍ଞ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା।

ପରବର୍ତ୍ତୀ ସମୟରେ ଜୈନତନ୍ତ୍ର ଏବଂ ବୌଦ୍ଧତନ୍ତ୍ରର ପ୍ରବେଶ ଫଳରେ ଆର୍ଯ୍ୟସଂସ୍କୃତି ମଧ୍ୟରେ ତନ୍ତ୍ରର ସଂସ୍କୃତିର ଅନୁପ୍ରବେଶ ଘଟିଲା। ଆଦିବାସୀମାନେ ତନ୍ତ୍ରମନ୍ତ୍ରର ପ୍ରୟୋଗ କରି ସାଧନା କରୁଥିବାର ପ୍ରମାଣ ଦେଖିବାକୁ ମିଳେ। ଏହାକୁ ସିଡ଼ି ବା କୀଲନ୍ ବୋଲି କୁହାଯାଏ। ପୂଜା କରିବା ନିମନ୍ତେ ପ୍ରତ୍ୟକ ଆଦିବାସୀ ସମଜର ଜଣେ ଜଣେ କୁଶଳୀ ତାନ୍ତ୍ରିକ ବା ଦିଶାରୀ କୁ ଖୋଜାଯାଏ। ଏମାନଙ୍କୁ ବିଭିନ୍ନ ସମ୍ପ୍ରଦାୟରେ ଭିନ୍ନ ଭିନ୍ନ ନାମରେ ପରିଚିତ ଥିବା ଜଣାଯାଏ। ଯଥା- ଦେହୁରୀ ଦିଆରି, ଜାନି, ଦେହେରି, କୁଡ଼ାନ, ନାଇକ, ଝାଙ୍କର ଇତ୍ୟାଦି।

ତନ୍ତ୍ର ମନ୍ତ୍ର ଦ୍ୱାରା ଅଙ୍କନ କରାଯାଉଥିବା ରୈଖିକ ଚିତ୍ରକୁ ଯନ୍ତ୍ର ବୋଲି କୁହାଯାଇଥାଏ। ଏହା ଦେବଦେୀଙ୍କ ସଂକେତକୁ ବହନ କରିଥାଏ। ତେଣୁ ଯନ୍ତ୍ରରେ ବୀଜମନ୍ତ୍ର ସ୍ଥାପନ କରାଯାଇ ଦେବ ଦେବୀଙ୍କୁ ଆବାହନ କରାଯାଏ।

ତନ୍ତ୍ରର 'ଅଦ୍ୱୈତ ସିଦ୍ଧାନ୍ତ' ଦର୍ଶାନୁସାରେ ସୃଷ୍ଟିର ମୂଳ ରହସ୍ୟକୁ ବୁଝିବାକୁ ହେଲେ ଶକ୍ତିଗର୍ଭରେ ଅନ୍ତଃସଂହୃତ ଭାବରେ ଥିବା ଅଭିନ୍ନ ରୂପକୁ ବୁଝିଖିବାକୁ ହେବ। ମାତ୍ର ଯେତେବେଳେ ପରାଶକ୍ତି ସ୍ୱଇଚ୍ଛାରେ ନିଜର ସ୍ଫୁରତା ଦର୍ଶନ କରନ୍ତି ସେତେବେଳେ ବିଶ୍ୱସୃଷ୍ଟି ହୋଇଥାଏ। ଏହା ହିଁ ଶିବ ଓ ଶକ୍ତିଙ୍କର ଅଭିନ୍ନ ଭାବ। ଶିବ ଏଠାରେ ଅଗ୍ନି ବା ସଂବର୍ତ୍ତାନଳ ଏବଂ ଶକ୍ତି ଏଠାରେ ସୋମ ବା ବିବର୍ତ୍ତଚନ୍ଦ୍ର। ତେଣୁ ଉଭୟେ ସାମ୍ୟ ଚରମ ଅବସ୍ଥାର ବିନ୍ଦୁ ପଦବାଚ୍ୟ। ଏହି ବିନ୍ଦୁ ହେଉଛି କାମ ବା ରତି। ବିନ୍ଦୁ କ୍ଷୋଭିତ ହେଲେ ସୃଷ୍ଟିର ଆରମ୍ଭ ହୁଏ। ତେଣୁ ଅଙ୍କିତ ଯନ୍ତ୍ରଗୁଡ଼ିକର ମଧ୍ୟଭାଗରେ ବିନ୍ଦୁଥିବାର ଦେଖିବାକୁ ମିଳେ।

ଚାରୋଟି ବାକ୍ ପଶ୍ୟନ୍ତୀ, ମଧ୍ୟମା, ଅଭିନ୍ନ ଏବଂ ବୈଖାରୀ ମୂଳ ତ୍ରିକୋଣ ବା ମହାଯୋନିରୁ ସୃଷ୍ଟି ହୁଏ। ପଶ୍ୟନ୍ତୀ ଏହାର ବାମ ରେଖା, ବୈଖାରୀ ଦକ୍ଷିଣ ରେଖା, ମଧ୍ୟମା ସରଳ ରେଖା ଏବଂ ମଧ୍ୟସ୍ଥ ମହାବିନ୍ଦୁ ହିଁ ଅଭିନ୍ନ ଭାବରେ ଶିବ ଏବଂ ଶକ୍ତିଙ୍କର ଆସନ ଧାରଣ କରିଛି। ଏହି ତ୍ରିକୋଣ ମଣ୍ଡଳ ଚିତ୍‌କଳାର ଆଭାରେ ଉଦ୍‌ଭାସିତ ହୁଏ। ପର୍ଯ୍ୟାୟକ୍ରମେ ସୃଷ୍ଟି ଏବଂ ଲୟ ନିମନ୍ତେ ଦୁଇଟି ତ୍ରିକୋଣ କଳ୍ପନାରୁ ଷଠ୍‌କୋଣର ଉଦୟ ହୁଏ। ମଧ୍ୟତ୍ରିକୋଣ ବିନ୍ଦୁ ହେଉଛି ନିସର୍ଗମୟ। ଏହାର ପ୍ରତିରେଖା ହେଉଛି ପଞ୍ଚସ୍ୱରମୟ। ଏହି ତ୍ରିକୋଣ ସ୍ପନ୍ଦିତ ହେଲେ ଷଠ୍‌କୋଣର ଉଦୟ ହୁଏ। ଆଭାମୟ ଭୂପୁର ପ୍ରକାଶପାଏ। ଏହି ତ୍ରିକୋଣ ବା ଷଠ୍‌କୋଣ ମଧ୍ୟରେ ଥିବା ରୌଦ୍ରୀ ଶକ୍ତ ସ୍ଖଳନ ଫଳରେ ଅଷ୍ଟକୋଣ ସୃଷ୍ଟି କରନ୍ତି। ଏହାକୁ ଅଷ୍ଟଦଳପଦ୍ମର ପାଖୁଡ଼ା କୁହାଯାଏ। ଏହି ପାଖୁଡ଼ାରେ ଅଷ୍ଟଦେବୀ ଅବସ୍ଥାନ କରିଥାନ୍ତି। ଏହି ଅଷ୍ଟଦେବୀଙ୍କୁ ଅଷ୍ଟକୀଳା ବୋଲି ମଧ୍ୟ କୁହାଯାଏ। ଏହାହେଉଛି ଗୋଟିଏ ଚକ୍ରର ସ୍ୱରୂପ ଏହିଚକ୍ର ଉପରେ ବରୁଆ ଅବସ୍ଥାନ କରିଥାନ୍ତି। ଉକ୍ତ ଚକ୍ରପାଖରେ ମଦ,ମାଂସ, ମାଛ ନୈବେଦ୍ୟ ହେବାପରେ ମୁଦ୍ରା ରହିତ ବରୁଆ ମୈଥୁନ ଆଶାକରେ। ତେଣୁ ବଳିଯାତ୍ରାରେ ସୃଷ୍ଟିର ନିୟମ ସଦୃଶ ମୈଥୁନକୁ ବାରମ୍ବାର ପ୍ରତୀକୀତ କରାଯାଇଥାଏ। ସେଥିପାଇଁ ସୋନପୁରର ବଳିଯାତ୍ରାରେ ଖମ୍ବେଶ୍ୱରୀ, ସୁରେଶ୍ୱରୀ, ସମଲେଶ୍ୱରୀ, ଭଗବତୀ, ଦଶମତୀ, ନାରାୟଣୀ, ରାମଚଣ୍ଡୀ ଓ ବିମଳାକ୍ଷି ପରି ଅଷ୍ଟଚଣ୍ଡୀ ବା ଅଷ୍ଟଦେବୀଙ୍କୁ ଆବହନ କରିବାର ବିଧି ରହିଛି। ତେଣୁ ବଳିଯାତ୍ରା ତନ୍ତ୍ର-ମନ୍ତ୍ର-ଯନ୍ତ୍ରର ତ୍ରିଧାରା ମଧ୍ୟରେ ଗତିଶୀଳ।

ଯାନ୍ତ୍ରିକମାନେ ତ୍ରିକୋଣ, ଚତୁଷ୍କୋଣ, ଷଟ୍‌କୋଣ, ଅଗ୍ନିକୋଣ ବୃତ୍ତ ସହିତ ଚୌଦଳ, ଅଷ୍ଟଦଳ, ଦଶଦଳ, ଦ୍ୱାଦଶ ଦଳ, ଷୋଡ଼ଶ ଦଳ, ଶତଦଳ ଏପରିକି ସହସ୍ରଦଳ ପଦ୍ମର ଯନ୍ତ୍ରକାଟି ଉକ୍ତଯନ୍ତ୍ରରେ ବୀଜମନ୍ତ୍ରକୁ ବିଭିନ୍ନ ସ୍ଥାନରେ ସ୍ଥାପନ କରି ଦେବୀ ଆବହନ କରିଥାନ୍ତି। ତ୍ରିଭୁଜର ରୂପ ଯୋନିର ସାଂକେତିକ ରୂପକଳ୍ପ ବୋଲି ପୂର୍ବରୁ କୁହାଯାଇଛି।

ସାଧକମାନେ ଯନ୍ତ୍ର ନିର୍ମାଣ ନିମନ୍ତେ ସାଧାରଣତଃ ପଞ୍ଚମୁରୁଜ ଯଥା- ଧଳା, କଳା, ନାଲି, ହଳଦି ଏବଂ ନୀଳ ରଙ୍ଗର ମୁରୁଜକୁ ବ୍ୟବହାର କରିତାନ୍ତି। ନୀତି ନିୟମ ଏବଂ ନିଷ୍ଠାର ସହିତ ବଳିଯାତ୍ରାରେ ଯନ୍ତ୍ର ଅଙ୍କନ କରାଯାଇ ପ୍ରାଣ ପ୍ରତିଷ୍ଠା କରାଗଲା ପରେ ତା ଉପରେ ସାଧକ (ବରୁଆ) ବସିଥାଏ। ଏବଂ ବରୁଆ ଶରୀରରେ ଦେବୀ ପ୍ରବେଶ କରିଥାନ୍ତି। ତେଣୁ ପ୍ରକୃତି-ପୁରୁଷ ଆଧାରରେ ବୌଦ୍ଧତନ୍ତ୍ର, ଶାକ୍ତତନ୍ତ୍ର ଏବଂ ଆଦିବାସୀ ତନ୍ତ୍ରର ପରମ୍ପରାକୁ ବହନ କରି ଅନୁଷ୍ଠିତ ହେଉଥିବାରୁ ଏହି ଯାତ୍ରାର ତନ୍ତ୍ର-ମନ୍ତ୍ର-ଯନ୍ତ୍ରରେ ତିନିଧାରାର ତତ୍ତ୍ୱ ଥିବା ଦେଖାଯାଏ। ଏହିଯାତ୍ରାରେ ମୁଖ୍ୟତଃ

ବାଉତୀ ଯନ୍ତ୍ର, ଭୁବନେଶ୍ୱରୀ ଯନ୍ତ୍ର, ମହାବଳି ଯନ୍ତ୍ର, ଡାଙ୍ଗୁଆ ବଳି ଯନ୍ତ୍ର ଅଙ୍କନ କରାଯାଇଥାଏ।

ପ୍ରାଚୀନ କାଳରେ ସୋନପୁର ବୌଦ୍ଧତନ୍ତ୍ର ପୀଠର ମାନ୍ୟତା ଲାଭ କରିଥିଲା। ବଜ୍ରଯାନର ପ୍ରବର୍ତ୍ତକ ଇନ୍ଦ୍ରଭୂତି ଏହି ଅଞ୍ଚଳରେ ବଜ୍ରଯାନର ପ୍ରବର୍ତ୍ତନ କରିଥିଲେ। ମହାବଳି ଯନ୍ତ୍ରର ମଧ୍ୟଭାଗରେ ଥିବା ୫ ସଂଖ୍ୟାଟି ପଞ୍ଚମ କାର (ମଦ, ମାଂସ, ମତ୍ସ, ମୁଦ୍ରା ଏବଂ ମୈଥୁନ)କୁ ସ୍ୱୀକୃତି ଦେଉଛି ବୋଲି ଗ୍ରହଣ କରାଯାଇପାରେ। ମୈଥୁନ ସର୍ବଶେଷ ଉପଚାର ହୋଇଥିବାରୁ ତନ୍ତ୍ର ପ୍ରଚଳିତ ମନ୍ଦିରଗୁଡ଼ିକରେ ବହୁପରିମାଣରେ ମୈଥୁନର ଚିତ୍ର ଦେଖିବାକୁ ମିଳେ। ସୋନପୁରର ସମଲେଶ୍ୱରୀ ମନ୍ଦିର କାନ୍ଥରେ ବହୁ ମୈଥୁନ ଚିତ୍ର ଅଙ୍କିତ ହୋଇଥିବାର ଦେଖିବାକୁ ମିଳେ। ମୈଥୁନ ସହିତ ଅନ୍ୟ ଚାରୋଟି ଉପଚାରର ମଧ୍ୟ ଘନିଷ୍ଠ ସମ୍ପର୍କ ରହିଥିବାର ଦେଖାଯାଏ। ବଜ୍ରଯାନୀମାନେ ପୁରୁଷ ଜନନେନ୍ଦ୍ରିୟକୁ ବଜ୍ର ଏବଂ ସ୍ତ୍ରୀ ଜନନେନ୍ଦ୍ରିୟକୁ ପଦ୍ମ ବୋଲି ବୋଲି ଅଭିହିତ କରିଛନ୍ତି। ତାଙ୍କ ମତରେ ବିନ୍ଦୁ ହେଉଛି ବଜ୍ରୋଦକ। ସୋନପୁର ବଳିଯାତ୍ରାରେ ବରୁଆ ବଜ୍ରକାଛା ଧାରଣ କରି ପଦ୍ମକଳ୍ପିତ ଯନ୍ତ୍ର ଉପରେ ଆରୂଢ଼ ହୁଏ। ତେଣୁ ଏହା ବୌଦ୍ଧତନ୍ତ୍ର ଦ୍ୱାରା ପ୍ରଭାବିତ।

ଉଆଁସ ବଳିରେ ସମଲେଇ ପୀଠରୁ ବୁଢ଼ାରଜା ପୀଠକୁ ବଳି ଯାତ୍ରା କରିଥାନ୍ତି। ସେଠାରେ କୁରେଇ ପତ୍ର ଏବଂ ମୁରୁଜରେ ଯନ୍ତ୍ର ଅଙ୍କନ କରାଯାଇଥାଏ। ସେହି ଯନ୍ତ୍ର ଉପରେ ବରୁଆକୁ ଚିତ୍ କରାଇ ଦେବୀଙ୍କୁ ଆବାହନ କରାଯାଏ। ଭରନିର ତାଳେ ତାଳେ ଦେବୀ ଆବିର୍ଭୂତା ହୁଅନ୍ତି ଏବଂ ବିଭିନ୍ନ ଭଙ୍ଗୀରେ ନୃତ୍ୟ କରନ୍ତି। ଠିକ୍ ସେହିପରି ଚତୁର୍ଥୀ ଦିନ ଖୌଳଫିଟା ବଳିରେ ଏତାଦୃଶ ଆଦିବାସୀ ତନ୍ତ୍ରର ସାଧନା ଦେଖିବାକୁ ମିଳେ। ଅମାବାସ୍ୟା ଦିନଠୁ ଗଣନା କରି ଚତୁର୍ଥୀ ପର୍ଯ୍ୟନ୍ତ ପାଞ୍ଚଦିନ ହେଉଥିବାରୁ ଏହାକୁଓ ମଧ୍ୟ ଖଉଳ ପଞ୍ଚମୀ ବୋଲି କୁହାଯାଏ। ଏହି ଦିନ ସୁରେଶ୍ୱରୀ ମନ୍ଦିର ସମ୍ମୁଖରେ ଥିବା ପୋଖରୀ ନିକଟରେ ଏକ ବୃକ୍ଷ ମୂଳରେ ଖଉଳ ଗାଡ଼ ବା ଗାତ (ବୀରମୂର୍ଚ୍ଛା ଗର୍ତ୍ତ)ରୁ ବରୁଆ ଖଉଳ ମାଟି ସଂଗ୍ରହ କରେ। ଏହାକୁ ଖଉଳ ଫିଟା ବୋଲି କୁହାଯାଏ। ଏହା ଏତେ ଗୁପ୍ତରେ କରାଯାଇଥାଏ ଯେ ସାଧାରଣ ଲୋକ ଏହାକୁ ଦର୍ଶନ କରିବା ନିଷେଧ। ଗଛରେ ବସିଥିବା ପକ୍ଷୀମାନଙ୍କୁ ମଧ୍ୟ ଉଡ଼ାଇ ଦିଆଯାଏ। କେବଳ ଖମ୍ବେଶ୍ୱରୀଆ ପୁରୋହିତ ଏବଂ ଖଉଳ ଫିଟା ଡାଙ୍ଗୁଆ ବରୁଆଙ୍କ ଉପସ୍ଥିତିରେ ସମାହିତ ହୋଇଥାଏ। ବରୁଆ ଏହି ନୀତି ସମାପନ ପରେ ମାଇଛେଳି ବଳି ଦିଆଯାଏ। ବରୁଆ ତ୍ରିବାର ଶବ୍ଦ କରନ୍ତି। ତ୍ରିଶବ୍ଦ ଶୁଣି ସାରିବା ପରେ ଡାଙ୍ଗୁଆ ବରୁଆର ଉପବାସରେ ଥିବା ସ୍ତ୍ରୀ ଉଲଗ୍ନ ହୋଇ ଦେବୀକୋଠରୀରେ ତ୍ରିଶବ୍ଦ ଶୁଣିବା ମାତ୍ରେ ପନିଖିରେ ଛେଳି କିମ୍ବା ମାଛ କାଟିପକାଏ। ଏହା ଲୋକ ବିଶ୍ୱାସ ଜନ୍ମାଏ ଯେ, ଏଥିରେ କିଛି ତ୍ରୁଟି ହେଲେ ବରୁଆର ମୃତ୍ୟୁ ହୁଏ। ବରୁଆ ତିନି କୁଣ୍ଡି ମାଟି ସଂଗ୍ରହ ପରେ ସୁରେଶ୍ୱରୀ ମନ୍ଦିରକୁ ଯାଏ ଏବଂ ଖାଉଳ ମାଟିରେ ପୂଜା ହୁଏ। ସୁରେଶ୍ୱରୀ ମନ୍ଦିରରେ ଗୋଟିଏ କୁଣ୍ଡି ରହେ। ଏବଂ ଆଉ ଦୁଇଟି କୁଣ୍ଡି ଖମ୍ବେଶ୍ୱରୀ ଏବଂ ସମଲେଶ୍ୱରୀଙ୍କ ମନ୍ଦିରକୁ ଯାଏ। ତାପରେ ପଶୁ ବଳି ଦିଆଯାଇ କୁଣ୍ଡିପୂଜା କରାଯାଏ। ଏହି ମାଟିକୁ ପରବର୍ତ୍ତି ବର୍ଷ ବଳିଯାତ୍ରାରେ ବ୍ୟବହାର କରାଯାଏ। କାରଣ ଏହି କୁଣ୍ଡିରେ ଥିବା ଖଉଳ ମାଟି ବରୁଆର ନାଭି ମଣ୍ଡଳରେ ଲଗାଇଦେଲେ ବରୁଆ ଶରୀରରେ ଦୈବୀଶକ୍ତି ଉଭା ହୁଏ।

'ଖଉଳ'ର ଅର୍ଥ ଗାତ। 'ଫିଟାଇବା'ର ଅର୍ଥ ମୁକୁଳିବା। ଆଦିବାସୀ ତନ୍ତ୍ରଧାରାର ଏହା ଏକ ପର୍ବ ହୋଇଥିବାରୁ ଏହାର ଗୁଢ଼ ତତ୍ତ୍ୱ ଏବଂ ରହସ୍ୟକୁ ଭେଦକରି ଆଦିବାସୀମାନେ ପ୍ରକୃତି ଏବଂ ପୁରୁଷର ଯୌନତତ୍ତ୍ୱ ରହସ୍ୟକୁ ଉନ୍ମୋଚନ କରିବା ପାଇଁ ଖଉଳ ଗାତର ପୂଜା କରୁଥିଲେ। ତେଣୁ ଏହା ହେଉଛି ନାରୀପୁରୁଷ ମିଳନର ଏକ ସାଂକେତିକ ରୂପ। ପରବର୍ତ୍ତୀ ସମୟରେ ସୋନପୁରରେ ବଜ୍ରଯାନ ଏବଂ ସହଜଯାନର ପ୍ରଚଳନ ଦ୍ୱାରା ଏହି ତତ୍ତ୍ୱ ପଞ୍ଚ ମ'କାର (ମଦ, ମାଂସ, ମତ୍ସ୍ୟ, ମୁଦ୍ରା ଓ ମୈଥୁନ) ପ୍ରଭାବିତ ହୋଇଛି। ବରୁଆ ଗାତ ଭିତରେ ଅଙ୍ଗୁଳି ପୁରାଇ ତିନୋଟି ଚିତ୍କାର କରିବା ଯୌନତତ୍ତ୍ୱର ଗୁଢ଼ ରହସ୍ୟ ଜନିତ ସନ୍ତୁଷ୍ଟିକୁ ସୂଚାଉଛି।

ଖାଉଳଗାତରେ ଦିଆଯାଉଥିବା ରକ୍ତ ଗୁହ୍ୟ ନୀତିରେ କରାଯାଇଥାଏ। ଖାଉଳ ଗାତ ସ୍ତ୍ରୀ ଯୌନାଙ୍ଗକୁ ପ୍ରତିକୀତ କରେ। ଖାଉଳ ଗାତରେ ପଶୁଥିବା ବରୁଆର ହସ୍ତ ଲିଙ୍ଗ ସ୍ୱରୂପ ଶିବଙ୍କର ପ୍ରତୀକ। ଖାଉଳ ଗାତ ଶକ୍ତିଙ୍କୁ ସୂଚାଏ। ତେଣୁ ଏହି ଖାଉଳ ଗାତରେ ଶକ୍ତିଙ୍କୁ ପୂଜା କରାଯାଇଥାଏ। ହିନ୍ଦୁ ତନ୍ତ୍ରର ଶିବ ଓ ଶକ୍ତି, ବୌଦ୍ଧ ତନ୍ତ୍ରର ପ୍ରଜ୍ଞା ଏବଂ ଉପାୟର ପ୍ରଭାବ ଏଥିରେ ଅନୁସୃତ ହୋଇଅଛି। ସୂଚନାଯୋଗ୍ୟ ଯେ, ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ ଉପଖଣ୍ଡରେ ସିନ୍ଧେକେଲା ଏବଂ ଖଡ଼ିଆଲର ଦୁଆରସେନୀଙ୍କୁ ଏହିପରି ଗର୍ତ୍ତ କରି ପୂଜା କରାଯାଏ। ଭବାନୀପାଟଣାର ମା ମାଣିକେଶ୍ୱରୀଙ୍କ ଛତର ଯାତ୍ରାରେ ଜେନାଖାଲର ସ୍ୱରୂପ ମଧ୍ୟ ଏତାଦୃଶ। ଏଥିରୁ ଅନୁମାନ କରାଯାଇ ପାରେ କି ଶକ୍ତି ଉପାସନା ଯୋନି ଉପାସନାରୁ ପ୍ରଥମେ ଆରମ୍ଭ କରାଯାଇଥିଲା। କଳାହାଣ୍ଡିର ମାରାଡ଼ାଗୁଡ଼ାରୁ ପ୍ରସ୍ତର ନିର୍ମିତ ଏକ ପୂଜିତ ଯୋନି ମିଳିଛି।

ଅଷ୍ଟମୀ ତିଥିରେ ପୂର୍ବକାଳରେ ଅଷ୍ଟଚଣ୍ଡୀଙ୍କ ନିକଟରେ ବଳି ପଡୁଥିଲା। ଏହି ଦିନ ରାତିରେ ସୋନପୁରର ଚାରିଘାଟ (ରାଜଘାଟ, ଗୌରୀଘାଟ, କଦମ୍ବଘାଟ, ସମଲାଇଘାଟ), ଚାରି ଟିକିରା ବା ନାଳ (ଶଶିସେଣା ଟିକିରା, ରଣରାହୁ ଟିକିରା, ହୁଲଭଟ୍ଟ ଟିକିରା, ଖୁଲିୟା ଟିକିରା), ଚାରିଗାଡ଼ ବା ଖାଲ (ମନାଇ ଗାଡ଼, ଦନାଇଡ଼, ମହୀଗାଡ଼, କହ୍ନାଇ ଗାଡ଼) ଏବଂ ଚାରିବାଟ (ଖମ୍ବେଶ୍ୱରୀ ବାଟ, କୁଲିପଡ଼ା ବାଟ, ବୁଢ଼ାରଜା ବାଟ, ସମଲାଇ ବାଟ)ରେ ମାଳି ବରୁଆମାନଙ୍କ ଦ୍ୱାରା ଗୁପ୍ତ ତନ୍ତ୍ରପୂଜା କରାଯାଇଥାଏ। ଏଥିସହ ସୋନପୁରର ଚାରିଯୋଡ଼ ସ୍ତମ୍ଭ ଯଥା- ସମଲେଶ୍ୱରୀ ଯୋଡ଼ା ସ୍ତମ୍ଭ, ଖମ୍ବେଶ୍ୱରୀ ଯୋଡ଼ାସ୍ତମ୍ଭ, ରାଜାଘର ଯୋଡ଼ା ସ୍ତମ୍ଭ ଏବଂ ଘୋଡ଼ାଘାଟପଡ଼ା ଯୋଡ଼ା ସ୍ତମ୍ଭ ସମେତ ଅଷ୍ଟଚଣ୍ଡୀଙ୍କ ପାଖରେ ମହାଖଳା ପୂଜା ହୁଏ। ଏହା ଗୁପ୍ତତନ୍ତ୍ରରେ ହୁଏ।

ନବମୀ ତିଥିରେ ତିନୋଟି ବଳି ଅନୁଷ୍ଠିତ ହୁଏ। ଯଥା-

ଗାଏନ୍ ବଳି, ଡାଙ୍ଗୁଆ ବଳି ଏବଂ ମହାବଳି। ଏଥିରୁ ଡାଙ୍ଗୁଆ ବଳି ଏବଂ ମହାବଳି ତନ୍ତ୍ରାଶ୍ରିତ। ଡାଙ୍ଗୁଆ ବଳିର ଅନ୍ୟନାମ ନଗର ନାଏକେନ। ଚାରିଘରିଆମାନେ ମଶାଲତୀ ଧରି ଡାଙ୍ଗୁଆ ବରୁଆଙ୍କ ଘରକୁ ଯାଇଥାନ୍ତି। ସେଠାରେ ଡାଙ୍ଗୁଆ ବରୁଆ ତନ୍ତ୍ର ପୂଜା କରୁଥାନ୍ତି। ବରୁଆକୁ ସାତବନ୍ଧର ହନୁମାନ ଘାଟରେ ଶୁଦ୍ଧସ୍ନାନ ପରେ ବଜ୍ରକାୟା ପିନ୍ଧାଇ ଖମ୍ବେଶ୍ୱରୀ ମନ୍ଦିରକୁ ଅଣାଯାଇଥାଏ। ସେଠାରେ ଅଙ୍କିତ ହନୁମାନ ଯନ୍ତ୍ରରେ ସେ ଆରୂଢ଼ହୋଇଥାନ୍ତି। କପାଳରେ ଓଲଟା ତ୍ରିକୋଣରେ ସିନ୍ଦୁର ଲଗାଇଥାନ୍ତି। ସେଥିପାଇଁ ସେ ହନୁମାନଙ୍କ ପରି ନୃତ୍ୟ କରିବା ସହ ଦୌଡ଼ିଥାନ୍ତି। ଏହାର ଉଦ୍ଦେଶ୍ୟ ହେଲା ପରବର୍ତ୍ତୀ ମହାବଳି ନିମନ୍ତେ ନଗରବାସୀଙ୍କୁ ସଚେତନ କରାଇବା। ଆଦିବାସୀ ସମାଜରେ ଡେଙ୍ଗୁରା ଦେଉଥିବା ପ୍ରଜାକୁ ଡାଙ୍ଗୁଆ ବୋଲି କୁହାଯାଏ। ସେମାନେ ହନୁମାନଙ୍କ ଭକ୍ତ ଓ ହନୁମାନଙ୍କ ପରି ବଳଶାଳୀ। କଥିତ ଅଛିକି ଗଗନ ନାମୀ ସୋନପୁର ରାଜାଙ୍କର ଜଣେ ପହିଲମାନ ଥିଲା। ଡାଙ୍ଗୁଆ ବୃଦ୍ଧ ପ୍ରଜା ଜଣେ ତନ୍ତ୍ରମନ୍ତ୍ରରେ ସେ ପହିଲମାନକୁ ପରାସ୍ତ କରିଥିଲା। ତେଣୁ ଏହି ଡାଙ୍ଗୁଆ ବଳି ଆଦିବାସୀ ତନ୍ତ୍ର ସହିତ ସହବନ୍ଧିତ।

ମହାନବମୀ ତିଥିରେ ଖମ୍ବେଶ୍ୱରୀଆ ପୁରୋହିତ କଳାଧଳା ଛତ୍ର ଏବଂ କନକଦୁର୍ଗାଙ୍କ ସମ୍ମୁଖରେ ଅରୁଆ ଚାଉଳରେ ଯନ୍ତ୍ର ଅଙ୍କନ କରିଥାନ୍ତି। ଖମ୍ବେଶ୍ୱରୀଙ୍କ ପଛପଟେ ମହାବଳି ବରୁଆକୁ ବଜ୍ରକଚ୍ଛା ଏବଂ ରକ୍ତରଙ୍ଗର କଚ୍ଛା ପିନ୍ଧାଇ ନାଭିରେ ଖଉଳ ମାଟି ଦେଇ ଦୈବୀ ଶକ୍ତିର ଆବାହନ କରାଯାଏ। ସଂଜ୍ଞାହୀନ ପରେ ତାକୁ ଯନ୍ତ୍ର ଉପରେ ଚିତ୍‌କରି ଶୁଆଦିଆଯାଏ। ବହୁ ସମୟ ଝୋଲ ଭରନି ବାଜିବା ଏବଂ ମାଳଶ୍ରୀ ଗାଇବା ପରେ ମହାବଳି ଛତ୍ରଧରି ଉଦଣ୍ଡ ନୃତ୍ୟ କରନ୍ତି। ତାଜା ପଶୁ ରକ୍ତ ପାନକରିବା ସହିତ ଶରୀରରେ ବହୁତ ଦହି ମାଖିଥାନ୍ତି।

ଦଶମୀ ତିଥିରେ ସମଲେଶ୍ୱରୀ ମନ୍ଦିରରେ ଦଶହରା ବଳି ଅନୁଷ୍ଠିତ ହୁଏ। ମନ୍ଦିର ଭିତରେ ବରୁଆ ଦେହରେ ଖାଉଳ ମାଟି ଲଗାଇ ସାରିଲା ପରେ ତାକୁ ବୋହି ଆଣି ଯନ୍ତ୍ରଉପରେ ଉତ୍ତରକୁ ଚିତ୍ କରି ଶୁଆଇ ଦିଆଯାଏ। ବରୁଆ ଦେହରେ ଦେବୀ ଆବିର୍ଭୂତା ହୁଅନ୍ତି। ସମଲେଶ୍ୱରୀ ମନ୍ଦିରରେ ଦଶମୀ ବଳି ସମାପନ ହୁଏ।

ସୋନପୁରର ଲୋକପର୍ବ ବଳିଯାତ୍ରାରେ ସମୟକ୍ରମେ ଆଦିବାସୀ ତନ୍ତ୍ର, ହିନ୍ଦୁ ତନ୍ତ୍ର ଏବଂ ବୌଦ୍ଧ ତନ୍ତ୍ରର ପ୍ରଭାବ ଦେଇ ସମ୍ପ୍ରତି ତା'ର ମିଶ୍ରିତ ରୂପ ସଂସ୍କାରିତ ହୋଇ ପ୍ରଚଳିତ ହୋଇଆସୁଛି। ଆଦିବାସୀମାନଙ୍କ ଦ୍ୱାରା ପ୍ରାଚୀନ କାଳରୁ ହୋଇଆସୁଥିବା ବୁଢ଼ାରଜା ବଳି ସମୟକ୍ରମେ ସୋନପୁର ରାଜବଂଶ ସଂସ୍ପର୍ଶରେ ଆସି ଶାକ୍ତମତକୁ ଗ୍ରହଣ କରିଛି। ବୌଦ୍ଧ ଓ ବ୍ରାହ୍ମଣମାନଙ୍କ ମନ୍ତ୍ର-ତନ୍ତ୍ର-ଯନ୍ତ୍ରର ତ୍ରିବିଦ୍ଧ ସାଧନା ଆଦିବାସୀମାନଙ୍କୁ ପ୍ରଭାବିତ କରିଛି। ସେମାନଙ୍କ ଦେବଦେବୀଙ୍କୁ ଅଧିକ ରହସ୍ୟମୟ କରିବା ପାଇଁ ଏହି ତ୍ରିସାଧନା ସହିତ ଯୋଡ଼ିହେବାକୁ ଆଦିବାସୀମାନେ ବାଧ୍ୟ ହୋଇଛନ୍ତି। ତେଣୁ ସୋନପୁରର ଅନାର୍ଯ୍ୟ ସମାହିତ ବଳିଯାତ୍ରା ଆର୍ଯ୍ୟ ସଂସ୍କାରିତ ଏକ ମିଶ୍ରିତ ଗଣପର୍ବରେ ପରିଣତ ହୋଇ ମନ୍ତ୍ର-ତନ୍ତ୍ର-ଯନ୍ତ୍ରର ଏକ ପ୍ରାଚୀନ ପୀଠ ଭାବରେ ପରିଚୟ ଦେଇଆସୁଛି।

ସହାୟକ ଗ୍ରନ୍ଥସୂଚୀ

୧. ପଟ୍ଟନାୟକ, ଆଶୁତୋଷ ଏବଂ ପରିଜା ଗଣେଶ ପ୍ରସାଦ। ୧୯୮୨। ଓଡ଼ିଆ ସାହିତ୍ୟରେ ତନ୍ତ୍ରର ପ୍ରଭାବ। ଭୁବନେଶ୍ୱର: ଓଡ଼ିଶା ସାହିତ୍ୟ ଏକାଡ଼େମୀ ।

୨. କେଦାରନାଥ ଗବେଷଣା ପରିଷଦ। ୧୯୯୭। ଓଡ଼ିଶାର ତନ୍ତ୍ର ସଂସ୍କୃତି। ଭୁବନେଶ୍ୱର: ଓଡ଼ିଶା ସାହିତ୍ୟ ଏକାଡ଼େମୀ।

୩. ମିଶ୍ର, ପୁରୁଷୋତ୍ତମ। ୨୦୨୦। ସୁବର୍ଣ୍ଣପୁରର ଲୋକସଂସ୍କୃତି। ବଲାଙ୍ଗୀର: ବୀଣାପାଣି ପ୍ରକାଶନ।

୪. ନାଏକ, ସୁଦାମ। ୨୦୨୨। ସୁବର୍ଣ୍ଣପୁରର ଇତିହାସ। କଟକ: ଚନ୍ଦନ ବୁକ୍ସ, ମହମ୍ମଦିଆ ବଜାର।

୫. ନାଏକ ସୁଦାମ। ୨୦୨୩। ମନ୍ଦିର ମାଳିନୀ ସୁବର୍ଣ୍ଣପୁର। ସୁବର୍ଣ୍ଣପୁର: ନିସାନ ପ୍ରକାଶନୀ, ରାଏପାଲି ।

Funding

No funding was received for conducting this study.

Does this article screened for similarity?

Yes

Conflict of interest

The Author has no conflicts of interest to declare that they are relevant to the content of this article.

About the Licenses

© Santosa Bhoi 2024. The text of this article is open access and licensed under a Creative Commons Attribution 4.0 International License

Cite this Article :

Santosha Bhoi, Tantradharaaare Sonapurara Balijatra, Bageesha, Vol. No. 02, Issue No. 06, November - December 2024, Article No: BM2024/06-A003 | Page- 19-24

●

BAGEESHA ବାଗୀଶ
ଦ୍ୱିତୀୟ ବର୍ଷ, ଷଷ୍ଠ ସଂଖ୍ୟା | ନଭେମ୍ବର - ଡିସେମ୍ବର ୨୦୨୪
Volume No. 02 | Issue No. 06 | Nov-Dec 2024
Refereed Peer-Reviewed Journal
BM2024/06-A004
OPEN ACCESS
https://bageesha.in

ବରଗଡ଼ ଜିଲ୍ଲାର ସୌଖୀନ ନାଟ୍ୟାନୁଷ୍ଠାନ : ଏକ ଦୃଷ୍ଟିପାତ

■ ଶୁଭ୍ରାଂଶୁ ବେହେରା

ଗବେଷକ, ଓଡ଼ିଆ ବିଭାଗ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ପ୍ରଜ୍ଞା ବିହାର, ବଲାଙ୍ଗିର

Article Received : 20.02.2024 | Accepted : 25.12.2024 | Published : 10.01.2025

ସାରାଂଶ

ABSTRACT

ନାଟକ ସାହିତ୍ୟର ଏକ ସୁକୁମାର ବିଭାଗ। ଏହା ନାଟ୍ୟକାରଙ୍କ ଲେଖନୀରୁ ଜନ୍ମ ନେଇଥାଏ ସତ, ହେଲେ ଅପେକ୍ଷା ରଖେ ରଙ୍ଗମଞ୍ଚକୁ, ନାଟ୍ୟାନୁଷ୍ଠାନକୁ, ଅଭିନୟକୁ। ନାଟକ ପାଇଁ ମଞ୍ଚ ଏକ ପ୍ରଧାନ ଅବଲମ୍ବନ। କୌଣସି ନାଟକ ମଞ୍ଚାୟନ ନ ହେବା ପର୍ଯ୍ୟନ୍ତ ତା'ର ବାସ୍ତବ ମୂଲ୍ୟ; ସଫଳ ଭାବେ ନିରୂପଣ କରାଯାଇ ପାରେନା। ତେଣୁ ନାଟକ ମାତ୍ରେ ହିଁ ଅଭିନୟ ଉପରେ ନିର୍ଭର କରିଥାଏ। ଅଭିନୟ ପାଇଁ ମଞ୍ଚ ଓ ନାଟ୍ୟାନୁଷ୍ଠାନର ଆବଶ୍ୟକତା ଅନୁଭୂତ ହୋଇଥାଏ। ଓଡ଼ିଆ ନାଟକ କ୍ଷେତ୍ରରେ ଓଡ଼ିଶାର ବହୁ ନାଟ୍ୟାନୁଷ୍ଠାନ ଗଢ଼ିଉଠିଛି। ସ୍ୱାଧୀନତା ପରବର୍ତ୍ତୀ ସମୟରେ ବିଶେଷ କରି ବହୁ ସୌଖିନ ନାଟ୍ୟାନୁଷ୍ଠାନ ଗଢ଼ିଉଠିଛି। ଯାହା ଓଡ଼ିଆ ନାଟ୍ୟ ସାହିତ୍ୟ ପାଇଁ ଶୁଭଙ୍କରୀ। ତେବେ ଅବିଭକ୍ତ ସମ୍ବଲପୁର ଜିଲ୍ଲା ବା ବର୍ତ୍ତମାନର ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ପାଖାପାଖି ୨୫-୩୦ଟି ସୌଖିନ ନାଟ୍ୟାନୁଷ୍ଠାନ ରହିଛି। ଏହି ସଂସ୍ଥାମାନଙ୍କ ଦ୍ୱାରା ବହୁ ନାଟକ ମଞ୍ଚସ୍ଥ ହୋଇଅଛି। ଯାହା ଓଡ଼ିଆ ନାଟ୍ୟ ସାହିତ୍ୟ ଜଗତକୁ ସୁଦୃଢ଼ କରିଛି। ଏହି ନାଟ୍ୟାନୁଷ୍ଠାନମାନଙ୍କର ଜନ୍ମଜାତକ, ଏଥିରେ ଅଭିନୀତ ନାଟକ ଏବଂ ଓଡ଼ିଆ ନାଟକକୁ ଏହାର ଅବଦାନକୁ ଏହି ପ୍ରବନ୍ଧରେ ଆଲୋଚନ କରାଯାଇଛି ।

ମୂଳଶବ୍ଦ: ବରଗଡ଼ ଜିଲ୍ଲା, ପଦ୍ମପୁର, ସୌଖିନ ନାଟ୍ୟାନୁଷ୍ଠାନ, ରଙ୍ଗମଞ୍ଚ, ଓଡ଼ିଆ ନାଟକ, ସମ୍ବଲପୁରୀ ନାଟକ

ସ୍ୱାଧୀନତା ପରବର୍ତ୍ତୀ ସମୟରେ ବିଶେଷ କରି ସତୁରି ଦଶକ ଓ ତା'ର ପରବର୍ତ୍ତୀ ସମୟରେ ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ ବହୁ ସୌଖୀନ ନାଟ୍ୟାନୁଷ୍ଠାନ ଗଢ଼ିଉଠିଥିଲା। ଯାହା ଓଡ଼ିଆ ନାଟ୍ୟଜଗତ ପାଇଁ ଶୁଭଙ୍କରୀ ଥିଲା। ଅବିଭକ୍ତ ସମ୍ବଲପୁର ଜିଲ୍ଲାର ଏକ ପ୍ରମୁଖ ସହର ହେଉଛି ବରଗଡ଼। କଳା, ସାହିତ୍ୟ ଓ ସଂସ୍କୃତି ପାଇଁ ମଧ୍ୟ ଆଜି ବରଗଡ଼ ବିଶ୍ୱରେ ପ୍ରସିଦ୍ଧ। ଓଡ଼ିଆ ନାଟ୍ୟ ସାହିତ୍ୟ ପାଇଁ ବରଗଡ଼ ଜିଲ୍ଲାର ଦାନ ଅତୁଳନୀୟ। ଏହି ସହରରେ ପାଖାପାଖି ୨୫ରୁ ୩୦ଟି ନାଟ୍ୟାନୁଷ୍ଠାନ ରହିଛି। ବରଗଡ଼ ସହର ବ୍ୟତୀତ ଗାଁ ଗଣ୍ଡାରେ ମଧ୍ୟ ବହୁ ନାଟ୍ୟାନୁଷ୍ଠାନ ରହିଛି। ଏହି ବରଗଡ଼ ସହରର କେତେଗୁଡ଼ିଏ ନାଟ୍ୟାନୁଷ୍ଠାନର ଇତିହାସକୁ ନିମ୍ନରେ ପ୍ରଦାନ କରାଗଲା।

୧) **ସୌଖୀନ କଳାକାର ସଂଘ, ବରଗଡ଼**: ବରଗଡ଼ ସହରର ସବୁଠାରୁ ପ୍ରାଚୀନ ନାଟ୍ୟାନୁଷ୍ଠାନ ହେଉଛି 'ସୌଖୀନ କଳାକାର ସଂଘ'। ଏହି ଅନୁଷ୍ଠାନ ୧୯୬୯ ମସିହା ଏପ୍ରିଲ ୨୯ ତାରିଖରେ ସୃଷ୍ଟି ହୋଇଥିଲା। ଶ୍ରୀ ହରିହର ମିଶ୍ର, ଶ୍ରୀ ବିଭୂତିଭୂଷଣ ପାଢ଼ୀ, ଶ୍ରୀ ବିଜୟକୃଷ୍ଣ ପଣ୍ଡା, ଶ୍ରୀ ସୁନୀଲ ପୂଜାରୀ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ଦାଶ, ଶ୍ରୀ ସେବାରାମ ଦାଶ, ଶ୍ରୀ ସୁଶୀଲ ମହାପାତ୍ର, ଶ୍ରୀ ଅଶୋକ ମହାନ୍ତି, ଶ୍ରୀ ସନ୍ତୋଷ କୁମାର ରଥ, ଶ୍ରୀ କେ.ସି. ରଙ୍ଗରାଜନ, ଶ୍ରୀ ଆର୍ତ୍ତଦନ୍ତା, ଶ୍ରୀ କିରଟୀଭୂଷଣ ପଣ୍ଡା ଓ ଅନ୍ୟମାନେ ଥିଲେ ଏହାର ପ୍ରମୁଖ ଉଦ୍ୟୋକ୍ତା। ନାଟକ ମାଧ୍ୟମରେ ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି, ସାହିତ୍ୟର ପ୍ରଚାର ପ୍ରସାର କରିବା ଥିଲା ଏହି ନାଟ୍ୟାନୁଷ୍ଠାନ ଗଢ଼ିଉଠିବା ପଛର ଉଦ୍ଦେଶ୍ୟ। ୧୯୭୪ ମସିହାରେ ଏହା ରେଜିଷ୍ଟ୍ରେସନ ଅନ୍ତର୍ଭୁକ୍ତ ହୋଇଥିଲା। 'ସୌଖୀନ କଳାକାର ସଂଘ' ମୁଖ୍ୟତଃ ଓଡ଼ିଆ ଓ ସମ୍ବଲପୁରୀ ଭାଷାର ନାଟକଗୁଡ଼ିକୁ ମଞ୍ଚସ୍ଥ କରିଥାଏ। ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ୧୯୬୯ ମସିହାରେ ନାଟ୍ୟକାର ସୁଧିନ୍ଦ୍ର ପଣ୍ଡାଙ୍କ 'ରଙ୍ଗୀନ କାଚ ଗିଲାସ ଓ ଆମ୍ଭେମାନେ' ନାଟକ ବରଗଡ଼ କେନାଲ କଲୋନୀ ମଞ୍ଚରେ ମଞ୍ଚସ୍ଥ କରାଯାଇଥିଲା। ଏହାର ନିର୍ଦ୍ଦେଶକ ହେଉଛନ୍ତି ହରିହର ମିଶ୍ର ଓ କେ.ସି. ରଙ୍ଗରାଜନ୍। 'ରଙ୍ଗୀନ କାଚଗିଲାସ ଓ ଆମ୍ଭେମାନେ' ନାଟକ ହେଉଛି ଏହି ନାଟ୍ୟାନୁଷ୍ଠାନର ପ୍ରଥମ ମଞ୍ଚସ୍ଥ ନାଟକ। ଯାହା ସେ ସମୟରେ

ବହୁ ପ୍ରଶଂସା ପାଇଥିଲା। ଏହି ନାଟ୍ୟାନୁଷ୍ଠାନଟି ଓଡ଼ିଶାରେ ଥିବା ପ୍ରାୟ ସମସ୍ତ ରଙ୍ଗମଞ୍ଚରେ ନିଜର ନାଟକ ପ୍ରଦର୍ଶନ କରିଛନ୍ତି, ଯଥା-ରାଉରକେଲା ସିଭିକ୍ ସେଣ୍ଟର, କଲଚରାଲ ଏକାଡେମୀ ରାଉରକେଲା, ସମ୍ବଲପୁର କଳାବିକାଶ ପରିଷଦ, ଆରଣ୍ୟକ ମଞ୍ଚ ସମ୍ବଲପୁର, ଦେବଗଡ଼ କଳା ପରିଷଦ, ହିଣ୍ଡାଲକୋ କ୍ଲବ ହୀରାକୁଦ, ରବୀନ୍ଦ୍ର ମଣ୍ଡପ ଭୁବନେଶ୍ୱର, ଅନୁଗୁଳ କଳାକେନ୍ଦ୍ର ଇତ୍ୟାଦି ପ୍ରମୁଖ ସ୍ଥାନ ।

'ସୌଖୀନ କଳାକାର ସଂଘ' ଦ୍ୱାରା ଏ ପର୍ଯ୍ୟନ୍ତ ୧୦୦ରୁ ଊର୍ଦ୍ଧ୍ୱ ନାଟକ ମଞ୍ଚସ୍ଥ ହୋଇସାରିଛି। ସେଥିମଧ୍ୟରୁ କେତୋଟି ପ୍ରମୁଖ ନାଟକର ତାଲିକା ନିମ୍ନରେ ପ୍ରଦାନ କରାଗଲା- 'ରଙ୍ଗୀନ କାଚଗ୍ଲାସ ଓ ଆମ୍ଭେମାନେ' (୧୯୬୯, ନାଟ୍ୟକାର- ସୁଧୀନ୍ଦ୍ର ପଣ୍ଡା, ନିର୍ଦ୍ଦେଶକ- ହରିହର ମିଶ୍ର ଓ କେ.ସି. ରଙ୍ଗରାଜନ) 'ମୁଁ ସଇତାନ କହୁଛି' (୧୯୭୦, ନାଟ୍ୟକାର- ପୂର୍ଣ୍ଣଚନ୍ଦ୍ର କାନୁନଗୋ, ନିର୍ଦ୍ଦେଶକ- ହରିହର ମିଶ୍ର ଓ କେ.ସି. ରଙ୍ଗରାଜନ), 'ରାଜହଂସ' (୧୯୭୧, ନାଟ୍ୟକାର- ରତ୍ନାକର ଚଇନି, ନିର୍ଦ୍ଦେଶକ-ଦେବୁ ବୋଷ), 'ପଲାଶ କନ୍ୟା' (୧୯୭୨, ନାଟ୍ୟକାର- ପୂର୍ଣ୍ଣଚନ୍ଦ୍ର କାନୁନଗୋ, ନିର୍ଦ୍ଦେଶକ- ମାନଭଞ୍ଜନ ହୋତା), 'ପ୍ରତୀକ୍ଷା' (୧୯୭୩, ନାଟ୍ୟକାର- ବିଜୟ ମିଶ୍ର, ନିର୍ଦ୍ଦେଶକ- ଦେବୁ ବୋଷ), 'ତୃଷ୍ଣା' (ନାଟ୍ୟକାର- ବୀରେନ୍ଦ୍ର କୁମାର, ନିର୍ଦ୍ଦେଶକ- ଦେବୁ ବୋଷ), 'କାଚଘର' (୧୯୭୫, ନାଟ୍ୟକାର- ଡ.ବସନ୍ତ କୁମାର ମହାପାତ୍ର, ନିର୍ଦ୍ଦେଶକ- ଦେବୁ ବୋଷ) 'ମୃଗୟା' (୧୯୭୬, ନାଟ୍ୟକାର- ବିଶ୍ୱଜିତ ଦାସ, ନିର୍ଦ୍ଦେଶକ- ଦେବୁ ବୋଷ), 'ଆଜିର ରାଜା' (୧୯୭୭, ନାଟ୍ୟକାର- ପୂର୍ଣ୍ଣଚନ୍ଦ୍ର କାନୁନଗୋ, ନିର୍ଦ୍ଦେଶକ- ଦେବୁ ବୋଷ), 'ମୁଁ, ଆମ୍ଭେ, ଆମ୍ଭେମାନେ' (୧୯୭୮, ନାଟ୍ୟକାର- ରମେଶ ପ୍ରସାଦ ପାଣିଗ୍ରାହୀ, ନିର୍ଦ୍ଦେଶକ- ଦେବୁ ବୋଷ), 'କଳାପାହାଡ଼' (୧୯୭୯, ନାଟ୍ୟକାର- ପୂର୍ଣ୍ଣଚନ୍ଦ୍ର କାନୁନଗୋ, ନିର୍ଦ୍ଦେଶକ- ଦେବୁ ବୋଷ), 'ମାଂସର ଫୁଲ' (୧୯୮୦, ନାଟ୍ୟକାର- କାର୍ତ୍ତିକ ଚନ୍ଦ୍ର ରଥ, ନିର୍ଦ୍ଦେଶକ- ଦେବୁ ବୋଷ), 'ଗୋଟିଏ ବୁଲା କୁକୁରର ଜନ୍ମବୃତ୍ତାନ୍ତ' (୧୯୮୧, ନାଟ୍ୟକାର-ପ୍ରମୋଦ କୁମାର ତ୍ରିପାଠୀ, ନିର୍ଦ୍ଦେଶକ- ହରିହର ମିଶ୍ର), 'ଶୁଣ ପରୀକ୍ଷ ଦଣ୍ଡଧାରୀ' (୧୯୮୩, ନାଟ୍ୟକାର- ପ୍ରମୋଦ କୁମାର ତ୍ରିପାଠୀ, ନିର୍ଦ୍ଦେଶକ- ହରିହର ମିଶ୍ର), 'ନିଶବ୍ଦ ନଗରୀ' (୧୯୮୪, ନାଟ୍ୟକାର- ପୂର୍ଣ୍ଣଚନ୍ଦ୍ର ଦାଶ, ନିର୍ଦ୍ଦେଶକ- ହରିହର ମିଶ୍ର), 'ଲୁରା'(୧୯୮୫, ନାଟ୍ୟକାର- ମଙ୍ଗଳୁ ଚରଣ ବିଶ୍ୱାଳ, ନିର୍ଦ୍ଦେଶକ- ମନୋରଞ୍ଜନ ସାହୁ), 'ଜଠର' (୧୯୮୬, ନାଟ୍ୟକାର-ପ୍ରମୋଦ କୁମାର ତ୍ରିପାଠୀ, ନିର୍ଦ୍ଦେଶକ- ହରିହର ମିଶ୍ର), 'ଦୈବାୟତ୍ତ କୁଳେ ଜନ୍ମ' (୧୯୮୭, ନାଟ୍ୟକାର- ମନୋରଞ୍ଜନ ସାହୁ, ନିର୍ଦ୍ଦେଶକ- ହରିହର ମିଶ୍ର), 'ସୂର୍ଯ୍ୟଚନ୍ଦ୍ର' (୧୯୮୮, ନାଟ୍ୟକାର- ରମାକାନ୍ତ ମିଶ୍ର, ନିର୍ଦ୍ଦେଶକ- ହରିହର ମିଶ୍ର), 'ଉତ୍ତମ ପୁରୁଷ' (୧୯୮୯, ନାଟ୍ୟକାର- ଦିଲ୍ଲୀଶ୍ୱର ମହାରଣା, ନିର୍ଦ୍ଦେଶକ- ବିଭୂତି ଭୂଷଣ ପାଢ଼ୀ), 'ଆପଣମାନେ ଯାହା ଚାହିଁଥିଲେ' (୧୯୯୧, ନାଟ୍ୟକାର- ଦିଲ୍ଲୀଶ୍ୱର ମହାରଣା, ନିର୍ଦ୍ଦେଶକ- ବିଭୂତି ଭୂଷଣ ପାଢ଼ୀ), 'ମାଙ୍କଡ଼ ଖାଏ କାଙ୍କଡ଼ କଷି' (୧୯୯୩, ନାଟ୍ୟକାର- ବ୍ରଜେନ୍ଦ୍ର ନାୟକ, ନିର୍ଦ୍ଦେଶକ- ହରିହର ମିଶ୍ର), 'କାଉଁର' (୧୯୯୪), 'ଅସଲି ମଦାଙ୍ଗ' (୨୦୧୫), 'ଏନ୍ତାଏନ୍ତା କଥା' (୨୦୧୬), 'କୁକୁର ମାଡ଼' (୨୦୧୪), 'ବୁକା', 'କୁକୁରର୍ ନାଁ ହେରେସମେଣ୍ଟ' (୨୦୧୭), 'ପେଟ୍' (୨୦୧୮), 'ଅଲଝଟ୍' (୨୦୧୯), 'ବିଶ୍ୱାମିତ୍ର ଉବାଚ୍' (୨୦୨୦), 'ଆଦିମ', 'ବତୀଖୁଣ୍ଟ' , 'ସୁରିଖିଆ ପାଟି' , 'ଯୁବକ ନିରୁଦ୍ଦିଷ୍ଟ,'ଚିଠି' , 'ସଇତାନ କବର ଉପରେ ମୁଁ ମଣିଷ କହୁଛି' ପ୍ରଭୃତି ନାଟକ।

୨) ଅବର୍ଣ୍ଣିଗୁଁଡ଼ା ନାଟ୍ୟ ସଂସଦ (ପଦ୍ମପୁର, ବରଗଡ଼): ବରଗଡ଼ ଜିଲ୍ଲାର ଅନ୍ୟତମ ପ୍ରମୁଖ ଐତିହାସିକ ସହର ହେଉଛି ପଦ୍ମପୁର। କଳା, ସାହିତ୍ୟ, ସଂସ୍କୃତିର ଏକ ପେଣ୍ଠସ୍ଥଳୀ ହେଉଛି ପଦ୍ମପୁର। ଏ ଅଞ୍ଚଳରେ ନାଟକର ବିଶେଷ ଚାହିଦା ରହିଛି। ପଦ୍ମପୁର ସହରରେ ବହୁ ନାଟ୍ୟାନୁଷ୍ଠାନ ଆମେ ଦେଖିବାକୁ ପାଇଥାଉ। ସେଥି ମଧ୍ୟରୁ ଅନ୍ୟତମ ସଫଳ ନାଟ୍ୟାନୁଷ୍ଠାନ ହେଉଛି 'ଅବର୍ଣ୍ଣିଗୁଁଡ଼ା ନାଟ୍ୟ ସଂସଦ'। ଏହି ଅନୁଷ୍ଠାନର ସଭାପତି ହେଉଛନ୍ତି ଡକ୍ଟର ପ୍ରମୋଦ ପାଢ଼ୀ ଓ ସମ୍ପାଦକ ଶ୍ରୀ ଅଶୋକ କୁମାର ବହିଦାର। ଏହି ସଂସ୍ଥା ୧୯୮୫ ମସିହାରେ ଗଢ଼ିଉଠିଥିଲା ଏବଂ ୨୦୦୧ ମସିହାରେ ରେଜିଷ୍ଟ୍ରେସନ ଅନ୍ତର୍ଭୁକ୍ତ ହୋଇଥିଲା। ପଦ୍ମପୁରଠାରେ ହଠାତ୍ ଶିଥିଳ ହୋଇପଡ଼ିଥିବା ନାଟ୍ୟଧାରାକୁ କ୍ରିୟାଶୀଳ କରିବାର ଉଦ୍ଦେଶ୍ୟ ନେଇ ଏହି ଅନୁଷ୍ଠାନଟି ଗଢ଼ିଉଠିଥିଲା। ଏହି ଅନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ପ୍ରଥମ ସମ୍ବଲପୁରୀ ନାଟକ ହେଉଛି 'ପୁଷପୁନି', ଯାହା ୧୯୮୯ ମସିହାରେ ପ୍ରଦର୍ଶିତ ହୋଇଥିଲା। ଏହି ନାଟକର ଲେଖକ ଓ ନିର୍ଦ୍ଦେଶକ ହେଉଛନ୍ତି 'ଶ୍ରୀ ଅଶୋକ କୁମାର ବହିଦାର'। 'ଶାଳବଞ୍ଜିକା' ହେଉଛି ଏହି ଅନୁଷ୍ଠାନ ଦ୍ୱାରା ଅଭିନୀତ ପ୍ରଥମ ଓଡ଼ିଆ ଭାଷାଭାଷୀ ନାଟକ, ଯାହା ୧୯୯୦ ମସିହାରେ ମଞ୍ଚସ୍ଥ ହୋଇଥିଲା। ଏହି ନାଟକର ମଧ୍ୟ ନାଟ୍ୟକାର ଓ ନିର୍ଦ୍ଦେଶକ ହେଉଛନ୍ତି ଅଶୋକ କୁମାର ବହିଦାର। ଏହି ନାଟ୍ୟାନୁଷ୍ଠାନଟି ଓଡ଼ିଶା ତଥା ଓଡ଼ିଶା ବାହାରେ ଥିବା ପ୍ରମୁଖ ସହରର ରଙ୍ଗମଞ୍ଚମାନଙ୍କରେ ନିଜର ନାଟକଗୁଡ଼ିକ ମଞ୍ଚସ୍ଥ କରିଛି।

'ଅବର୍ଣ୍ଣିଗୁଁଡ଼ା ନାଟ୍ୟ ସଂସଦ'ଉଭୟ ସମ୍ବଲପୁରୀ ଓ ଓଡ଼ିଆ ଭାଷାର ନାଟକଗୁଡ଼ିକୁ ମଞ୍ଚସ୍ଥ କରିଥାଏ। ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ଅଦ୍ୟାବଧି '୫୦' ରୁ ଊର୍ଦ୍ଧ୍ୱ ନାଟକ ମଞ୍ଚସ୍ଥ ହୋଇସାରିଛି। ଏହି ସଂସ୍ଥା ଦ୍ୱାରା ଅଭିନୀତ ନାଟକଗୁଡ଼ିକ ମଧ୍ୟରୁ କେତୋଟି ପ୍ରମୁଖ ନାଟକ, ଯଥା- 'ଶାଳବଞ୍ଜିକା', 'ଲୁହର ରଙ୍ଗ', 'ଠିକ୍ ୧୦ ବଜେ' , 'ବା', 'ଘା', ' ରଥ୍', 'ଭୋକ୍', 'ସୁରିଖିଆ ପାଟି', 'ବାପା ବନାମ ବୁଢ଼ା', 'ବୁକା', 'କୁକୁରର୍ ନାଁ ହେରେସମେଣ୍ଟ', 'ଭୁଲତା', 'ଡାଲ୍', 'ଅପ୍ରତିଦ୍ୱନ୍ଦ୍ୱୀ', 'ଚିହ୍ନା', 'ତୋର୍ ପାର୍ କେ ମୋର୍ ପାହା', 'ବାବୁଖର୍ଚ୍ଚା', 'ରଘୁପତି ରାଘବ ରାଜାରାମ', 'ବହି', 'ଗୁଟେ ଚିଠିର କଥା' ପ୍ରଭୃତି ନାଟକ। ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ 'ଘା' ଓ 'ରଥ୍' ନାଟକ ଦୂରଦର୍ଶନରେ ମଧ୍ୟ ପ୍ରଦର୍ଶିତ ହୋଇଛି। ନାଟ୍ୟକାର ଅଶୋକ କୁମାର ବହିଦାରଙ୍କ ପ୍ରାୟଃ ସମସ୍ତ ନାଟକ ଏହି ସଂସ୍ଥା ମଞ୍ଚସ୍ଥ କରିଥାଏ।

୩) ଡ୍ରାମା ଚେତନା (ସୋହେଲା, ବରଗଡ଼): ବରଗଡ଼

ଜିଲ୍ଲାର ଅନ୍ୟତମ ଐତିହାସିକ ସହର ହେଉଛି 'ସୋହେଲା'। ସାର୍ବଜନୀନ ଦୁର୍ଗାପୂଜା ଓ ରାବଣ ପୋଡ଼ି ପାଇଁ 'ସୋହେଲା' ପ୍ରସିଦ୍ଧ। 'ଏ ଅଞ୍ଚଳରେ ନାଟକର ଚାହିଦା ମଧ୍ୟ ବେଶ୍ ରହିଛି। ଏହି ନାଟକର ଚାହିଦା ଯୋଗୁଁ ୧୯୮୯ ମସିହାରେ କେତେକ ଉତ୍ସାହୀ ଯୁବକଙ୍କ ଦ୍ୱାରା ସୋହେଲାଠାରେ 'ଡ୍ରାମା ଚେତନା' ନାମକ ଏକ ନାଟ୍ୟାନୁଷ୍ଠାନ ଗଢ଼ିଉଠିଥିଲା। ଏହି ଅନୁଷ୍ଠାନ ଗଢ଼ିଉଠିବାର ପଛର କାରଣ ଥିଲା ନିଜ ଅଞ୍ଚଳର କଳା, ସାହିତ୍ୟ ଏବଂ ଭାଷାର ପ୍ରଚାର ଓ ପ୍ରସାର କରିବା। ଏହା ୧୮୮୯-୯୦ ମସିହାରେ ରେଜିଷ୍ଟ୍ରେସନ ଅନ୍ତର୍ଭୁକ୍ତ ହୋଇଥିଲା। 'ଡ୍ରାମା ଚେତନା' ଦ୍ୱାରା ପ୍ରଥମ ମଞ୍ଚସ୍ଥ ନାଟକ ହେଉଛି 'ଈଶ୍ୱର ଜଣେ ଯୁବକ' ଯାହା ସୋହେଲାର 'ଦୁର୍ଗା ମଣ୍ଡପ' ମଞ୍ଚରେ ମଞ୍ଚସ୍ଥ ହୋଇଥିଲା। ପ୍ରଥମ ମଞ୍ଚସ୍ଥ ନାଟକର ନାଟ୍ୟକାର ହେଉଛନ୍ତି ପ୍ରଫେସର କାର୍ତ୍ତିକ ଚନ୍ଦ୍ର ରଥ ଓ ନିର୍ଦ୍ଦେଶକ ରବିରଞ୍ଜନ ପଧାନ। ଏହି ସଂସ୍ଥା ଓଡ଼ିଶାର ପ୍ରମୁଖ ସହରରେ ଥିବା ରଙ୍ଗମଞ୍ଚମାନଙ୍କରେ ନିଜର ନାଟକଗୁଡ଼ିକ ପ୍ରଦର୍ଶିତ କରିଛି, ଯଥା- ସୌଖୀନ ରଙ୍ଗମଞ୍ଚ ବରଗଡ଼, ଆରଣ୍ୟକ ମଞ୍ଚ ସମ୍ବଲପୁର, ରବୀନ୍ଦ୍ର ମଣ୍ଡପ ଭୁବନେଶ୍ୱର, ବରପାଲି, ବଲାଙ୍ଗୀର, ଭବାନୀପାଟଣା, ଦାମନଯୋଡ଼ି, କୋରାପୁଟ ଇତ୍ୟାଦି ସ୍ଥାନରେ। ଏହି ନାଟ୍ୟାନୁଷ୍ଠାନଟି ଏପର୍ଯ୍ୟନ୍ତ ୧୭ ଗୋଟି ନାଟକ ମଞ୍ଚସ୍ଥ କରିସାରିଛି, ସେଥିମଧ୍ୟରୁ କେତୋଟି ନାଟକ ହେଲା- 'ଈଶ୍ୱର ଜଣେ ଯୁବକ' (୧୯୮୯, ନାଟ୍ୟକାର-କାର୍ତ୍ତିକ ଚନ୍ଦ୍ର ରଥ, ନିର୍ଦ୍ଦେଶକ- ରବିରଞ୍ଜନ ପଧାନ), 'ବାଞ୍ଝାର ବାଏର୍' (୧୯୯୦, ନାଟ୍ୟକାର ଓ ନିର୍ଦ୍ଦେଶକ- ରବିରଞ୍ଜନ ପଧାନ), 'କୁଇଲା କାଟୁ' (୧୯୯୧, ନାଟ୍ୟକାର ଓ ନିର୍ଦ୍ଦେଶକ-ରବିରଞ୍ଜନ ପଧାନ), 'ବହ୍ନିମାନ' (୧୯୯୨, ନାଟ୍ୟକାର-କାର୍ତ୍ତିକ ଚନ୍ଦ୍ର ରଥ, ନିର୍ଦ୍ଦେଶକ- ରବିରଞ୍ଜନ ପ୍ରଧାନ), 'ତଥାପି ବୁମେରଙ୍ଗ ନିଶ୍ଚେ' (୧୯୯୫, ନିର୍ଦ୍ଦେଶକ- ବିକାଶ ଚନ୍ଦ୍ର ନାୟକ), 'କିଏ କର୍ ବା ନିଏଁ' (୨୦୦୩, ନାଟ୍ୟକାର-ରଞ୍ଜନ କୁମାର ଦେବତା, ନିର୍ଦ୍ଦେଶକ- ଶିଶୁପାଳ କଲେଟ), 'ମାଲିଘରେ ଛେଲ୍ ପିଲା' (୨୦୦୪, ନାଟ୍ୟକାର- ରାଜେଶ କୁମାର କରିଆ, ନିର୍ଦ୍ଦେଶକ- ଡକ୍ଟରତୁଷାରକାନ୍ତ ସାହୁ), 'ପୁଷପୁନିର ଛେର୍ ଛେରା' (୨୦୦୫, ନାଟ୍ୟକାର- ରାଜେଶ କୁମାର କରିଆ, ନିର୍ଦ୍ଦେଶକ- ଶିଶୁପାଳ କଲେଟ), 'ଗୁଲୁମ' (୨୦୦୬-ନାଟ୍ୟକାର- ଅମୃତଲାଲ ସାହୁ, ନିର୍ଦ୍ଦେଶକ-ଶିଶୁପାଳ କଲେଟ), 'ଭାଇଜିଉଁତିଆ' (୨୦୦୭, ଲେଖକ- ଅମୃତଲାଲ ସାହୁ, ନିର୍ଦ୍ଦେଶକ- ଶିଶୁପାଳ କଲେଟ), 'ଲକ୍ଷ୍ମୀ ଇନ୍ ସରସ୍ୱତୀ ଆଉଟ୍' (୨୦୧୪, ନାଟ୍ୟକାର- ଅଶୋକ କୁମାର ବହିଦାର, ନିର୍ଦ୍ଦେଶକ- ଅଗସ୍ତି ଭୋଇ), 'ବାପ୍ ବନାମ୍ ବୁଢ଼ା-୨୦୧୫', 'ବୁକା'-୨୦୧୬', 'କୁକୁରର୍ ନାଁ ହାରେସମେଣ୍ଟ'-୨୦୧୭, 'ପଲସା ଫୁଲ-୨୦୧୭', 'ବାବୁଖର୍ଚ୍ଚା'-୨୦୧୮', 'ରଘୁପତି ରାଘବ ରାଜାରାମ- ୨୦୧୯', 'ବହି-୨୦୨୧' ପ୍ରଭୃତି ନାଟକ। ଏହି ସଂସ୍ଥା ଦ୍ୱାରା ମୁଖ୍ୟତଃ ଓଡ଼ିଆ ଓ ସମ୍ବଲପୁରୀ ଭାଷାର ନାଟକ ମଞ୍ଚସ୍ଥ କରାଯାଇଥାଏ।

୪) 'ଲୁ' (ପଦ୍ମପୁର, ବରଗଡ଼): ବରଗଡ଼ ଜିଲ୍ଲାର ପଦ୍ମପୁର ସହର ନାଟକ ପାଇଁ ଏକ ଅନୁକୂଳ ପରିବେଶ। ଏହିଠାରେ ବହୁ ନାଟ୍ୟାନୁଷ୍ଠାନ ରହିଛି। ସେଥି ମଧ୍ୟରୁ 'ଲୁ' ନାମକ ନାଟ୍ୟ ସଂସ୍ଥା ଅନ୍ୟତମ। କେଶରଞ୍ଜନ ପ୍ରଧାନ, ଚିତ୍ତରଞ୍ଜନ ଦାଶ, ସୋମନାଥ ପୁରୋହିତ, ରମାକାନ୍ତ ରାଉତ, ରବିରଞ୍ଜନ ପଧାନ ଆଦି ପ୍ରମୁଖ ନାଟ୍ୟପ୍ରେମୀମାନଙ୍କ ଦ୍ୱାରା ୧୯୯୩ ମସିହାରେ ଏହି ଅନୁଷ୍ଠାନଟି ଗଢ଼ିଉଠିଥିଲା। ସମ୍ବଲପୁରୀ ଭାଷାରେ ନାଟକ ପ୍ରସ୍ତୁତ ହିଁ ମୁଖ୍ୟ କାରଣ। ଏହି ଅନୁଷ୍ଠାନ ଗଢ଼ିଉଠିବା ପଛରେ ଉଦ୍ଦେଶ୍ୟ ଥିଲା ସମ୍ବଲପୁରୀ ନାଟକକୁ ମୁଖ୍ୟଧାରାକୁ ନେବା ଏବଂ ମୁଖ୍ୟଧାରାର ନାଟକକୁ ସମ୍ବଲପୁରୀ ଭାଷାରେ ପରିବେଷଣ କରିବା। ଅର୍ଥାତ ଓଡ଼ିଆ ଭାଷାର ନାଟକକୁ ସମ୍ବଲପୁରୀ ଭାଷାରେ ଅଭିନୀତ କରାଇବା ଓ ସମ୍ବଲପୁରୀ ଭାଷାର ନାଟକକୁ ଓଡ଼ିଆ ଭାଷାରେ ଅଭିନୀତ କରାଇବା। ଏହି ଅନୁଷ୍ଠାନ ଦ୍ୱାରା ପ୍ରଥମ ମଞ୍ଚସ୍ଥ ନାଟକ ହେଉଛି 'ଅସୁର'। ଏହାର ନାଟ୍ୟକାର- କେଶରଞ୍ଜନ ପ୍ରଧାନ, ନିର୍ଦ୍ଦେଶକ-ରବିରଞ୍ଜନ ପଧାନ। ଏହା ୧୯୯୩ ମସିହା, ଅକ୍ଟୋବର ୧୬ ତାରିଖରେ କଟକର କଳା ବିକାଶ କେନ୍ଦ୍ର ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇଥିଲା। ଏହି ଅନୁଷ୍ଠାନଟି ମୁଖ୍ୟତଃ ସମ୍ବଲପୁରୀ ଭାଷାର ନାଟକ ମଞ୍ଚସ୍ଥ କରିଥାଏ। ତେବେ କେତୋଟି ନାଟକ ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାର ମଧ୍ୟ ପରିବେଷିତ କରିଛନ୍ତି।

'ଲୁ' ଅନୁଷ୍ଠାନଟି ତା'ର ଜନ୍ମ ଠାରୁ ଏ ପର୍ଯ୍ୟନ୍ତ ୩୮ଟି ନାଟକ ମଞ୍ଚସ୍ଥ କରିସାରିଛି। ସେଥିମଧ୍ୟରୁ କେତୋଟି ପ୍ରମୁଖ ନାଟକର ନାମ ପ୍ରଦାନ କରାଗଲା- 'ଅସୁର' (୧୬-୧୦-୧୯୯୩, କଳା ବିକାଶ କେନ୍ଦ୍ର, କଟକ), 'ଗଛର କଥା' (ପଥପ୍ରାନ୍ତ ନାଟକ, ୦୨-୦୩-୧୯୯୪ ମସିହାରେ ମଞ୍ଚସ୍ଥ), 'ଗଧର କଥା'(୧୬-୦୭-୧୯୯୫ - ପଦ୍ମପୁର), 'ଦି ଗେମ ଅଫ ଚେସ' (୦୪-୧୦-୧୯୯୫)', 'ବାଘର ପିଠିଁ '(୦୧-୦୭-୧୯୯୮ ପଦ୍ମପୁର), 'ଅମ୍ବା' (୧୨-୧୨-୧୯୯୮, ରାଉରକେଲା), 'ନାଗନାଡ଼ି' (୨୮-୧୨-୧୯୯୮, ଆରଣ୍ୟକ ମଞ୍ଚ ସମ୍ବଲପୁର) 'ଝି ବୁହେନ ଭୁଆସେନ' (୧୫-୦୪-୧୯୯୯, ଜଟଣୀ), 'କଲମସ୍ ପାଦ' (୨୮-୧୨-୧୯୯୯, ଆରଣ୍ୟକ ମଞ୍ଚ ସମ୍ବଲପୁର), 'ମାୟା' (୧୯-୦୫-୨୦୦୦, ପଦ୍ମପୁର), 'ମୋର କଥାଟା କଥାନି ଆଏ' (୦୫-୫୦-୨୦୦୨, ବରଗଡ଼), 'ମହାପୁରୁ' (୦୧-୧୧-୨୦୦୨, ପାଟଣା, ବିହାର), 'ପାଏନ୍ ଟା ଜୀବନ' (୨୯-୦୪-୨୦୦୩, ସତିଭଟା, ବଲାଙ୍ଗୀର), 'ଉମଙ୍ଗ' (୨୩-୦୬-୨୦୦୧ ଜଟଣୀ, ଖୋର୍ଦ୍ଧା), 'ଲେଙ୍ଗଡ଼ା ରାଜା' (୧୯ -୧୦ -୨୦୦୧, ଦିଲ୍ଲୀ), 'ଘାଟି' (୨୮-୦୧-୨୦୦୨, ବଲାଙ୍ଗୀର), 'ଘୁଙ୍ଗୁର୍' (୧୧-୦୨-୨୦୦୪, ପଦ୍ମପୁର), 'କୁଇଲି କୁଇଲି କେ ରଜା' (୨୫-୦୨-୨୦୦୫, ପଦ୍ମପୁର), 'ଅଦ୍ଭୁତ ପର୍ବତ' (୨୨-୦୪-୨୦୦୬, ପଦ୍ମପୁର), 'ଶେଷ ଚାଲ୍' (୧୪-୧୨-୨୦୦୬, ସମ୍ବଲପୁର), 'ବିମ୍ବାଧରର କଥା' (୨୦-୧୨-୨୦୦୮, ବେଳପାହାଡ଼), 'ଗୁରୁଦକ୍ଷିଣା' (୨୪-୧୧-୨୦୦୯, ବରଗଡ଼), 'ରାଜାମନ୍ତ୍ରୀ' (୨୯-୧୧-୨୦୧୦, ବରଗଡ଼), 'ମୁଖା' (୦୫-୦୧-୨୦୧୧, ଝାରସୁଗୁଡା), 'ଗରାବନ୍ଧା' (୧୮-୧୨-୨୦୧୧, ପାଟଣା, ବିହାର), 'ଅମୃତସାଗର ବିନ୍ଦୁ' (୨୯-୦୭-୨୦୧୨, ପଦ୍ମପୁର), 'ଚରଣ

ଦାସ ଚୋର' (୧୭-୦୧-୨୦୧୩, ପଦ୍ମପୁର), 'ଧାନଫୁଲ ପରଜାର କଥା' (୦୮-୧୧-୨୦୧୫, ବରଗଡ଼), 'ଗୁରୁକେ ଗରଲ' (୨୭-୧୧-୨୦୧୫, ପାଟଣା, ବିହାର), 'ଆଜାଦି' (୨୨-୧୧-୨୦୧୫, ବରଗଡ଼), 'ନିଜର୍ ହାତେନ ନିଜର୍ ଭାଗ୍ୟ' (୧୬-୧୨-୨୦୧୫, ପଦ୍ମପୁର), 'କରମା' (୧୫-୦୨-୨୦୧୬, ନୂଆଦିଲ୍ଲୀ), 'ମେରା ଭାରତ' (୨୦-୧୧-୨୦୧୬, ପଦ୍ମପୁର), 'ଦୁର୍ଗା'(୦୪-୧୨-୨୦୧୬, ପଦ୍ମପୁର), 'ପୁତୁଲି' (୧୮-୦୨-୨୦୧୬, ବରଗଡ଼), 'ଇସ୍ତାଫା' (୨୭-୧୨-୨୦୧୭, ସମ୍ବଲପୁର), 'ଧାନଫୁଲ' (୨୫-୧୨-୨୦୧୮, ସମ୍ବଲପୁର), 'ଗନ୍ଧଛାକ୍' (୧୮-୧୦-୨୦୧୯, ଭବାନୀପାଟଣା), 'ଆମଘର' (୧୨-୦୨-୨୦୨୧ ନାଟକ ଆଶ୍ରମ), 'ଗାନ୍ଧୀଙ୍କ ଓଡ଼ିଶା' (୨୫-୦୩-୨୦୨୧, ପଦ୍ମପୁର), 'ଦୁବିଧା' (୨୭-୧୨-୨୦୨୧, ସମ୍ବଲପୁର), 'ମା କହ ଗୁଟେ କଥାନି' (୨୩-୦୩-୨୦୨୨, ବରଗଡ଼) ଇତ୍ୟାଦି ନାଟକ ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ।

୫) 'ଆତ୍ମପ୍ରକାଶ' କଳା, ସାହିତ୍ୟ, ସାଂସ୍କୃତିକ ଅନୁଷ୍ଠାନ (ବରଡୋଲ, ବରଗଡ଼): ବରଗଡ଼ ଜିଲ୍ଲାର ପ୍ରତ୍ୟେକ ଗାଁରେ ନାଟକର ଚାହିଦା ରହିଛି। ଯାହାର ପ୍ରଭାବ ସ୍ୱରୂପ ବରଗଡ଼ ଜିଲ୍ଲାର ବରଡୋଲ ଗ୍ରାମରେ 'ଆତ୍ମପ୍ରକାଶ' ନାମକ ଏକ କଳା, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ସୃଷ୍ଟି ହୋଇଛି। 'ଆତ୍ମପ୍ରକାଶ' ନାଟ୍ୟାନୁଷ୍ଠାନ ୧୯୯୪ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ଏହାର ପ୍ରତିଷ୍ଠାତା ହେଉଛନ୍ତି ଶ୍ରୀ ମନୋରଞ୍ଜନ ସାହୁ। ନିଜ ଅଞ୍ଚଳର କଳା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ଏବଂ ପ୍ରସାରର କାରଣ ଓ ଉଦ୍ଦେଶ୍ୟ ନେଇ ଏଇ ଅନୁଷ୍ଠାନଟି ଗଢ଼ିଉଠିଥିଲା। ଏହି ନାଟ୍ୟାନୁଷ୍ଠାନର ପ୍ରଥମ ମଞ୍ଚସ୍ଥ ନାଟକ ହେଉଛି 'ଭାରତବାସୀ କି ଜୟେ' ଏହା ସମ୍ବଲପୁରର ଆରଣ୍ୟକ ମଞ୍ଚରେ ଅଭିନୀତ ହୋଇଥିଲା। ଏହି ନାଟକର ନାଟ୍ୟକାର ଓ ନିର୍ଦ୍ଦେଶକ ହେଉଛନ୍ତି ଦିଲ୍ଲୀପ କୁମାର ବେହେରା। ଏହି ଅନୁଷ୍ଠାନ ଦ୍ୱାରା ଏ ପର୍ଯ୍ୟନ୍ତ ପାଖାପାଖି ୭୫ଟି ନାଟକ ମଞ୍ଚସ୍ଥ ହୋଇଅଛି। ସେଥିମଧ୍ୟରୁ କେତୋଟି ପ୍ରମୁଖ ନାଟକଗୁଡ଼ିକ- 'ଭାରତବାସୀ କି ଜୟେ', 'ଜାଲ', 'ପ୍ଲାଟଫର୍ମ', 'ଗାନ୍ଧିବାଦ', 'ଦୀକ୍ଷା', 'ଇନ୍ତା ବି ଘେଁ କରି ଦେଖୁଁନ୍', 'ମୁର୍ଦ୍ଧା', 'ପୁଟଲି', 'ପ୍ରତିବିମ୍ବ', 'ଶହେ କୁହାର', 'ବମ୍ବେ ଲଡୁ', 'ଘରକୁଏଁ', 'ଲେଡି ଆର୍ଟିଷ୍ଟ', 'ଘୋ ଘୋ ରାଣୀ', 'ଇଚିର୍ ମିଚିର୍', 'ଜିନ୍ଦାବାଦ୍', 'ପଶୁ', 'ନୂଆଖାଇ', 'ରାମ ରାମ ସତ୍ୟ ହେ', 'ହରିବୋଲ' ଇତ୍ୟାଦି ପ୍ରମୁଖ ନାଟକ।

ଉପରୋକ୍ତ ନାଟକଗୁଡ଼ିକ 'ଆତ୍ମପ୍ରକାଶ' ନାଟ୍ୟାନୁଷ୍ଠାନ ଦ୍ୱାରା ବିଭିନ୍ନ ସମୟରେ ଓଡ଼ିଶା ତଥା ଓଡ଼ିଶା ବାହାରେ ମଧ୍ୟ ମଞ୍ଚସ୍ଥ ହୋଇଛି। ମୁଖ୍ୟତଃ ଓଡ଼ିଆ ଓ ସମ୍ବଲପୁରୀ ଭାଷାର ନାଟକଗୁଡ଼ିକ ଏହି ଅନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ହୋଇଛି।

୬) ଆମେ କଳାକାରର ସଂଘ (ପଦ୍ମପୁର, ବରଗଡ଼): ବରଗଡ଼ ଜିଲ୍ଲାର ଅନ୍ୟତମ ପ୍ରମୁଖ ଐତିହ୍ୟ ସଂପନ୍ନ ସ୍ଥାନ ପଦ୍ମପୁର। କଳା, ସାହିତ୍ୟ ଓ ସଂସ୍କୃତିର ଗନ୍ତାଘର ହେଉଛି ପଦ୍ମପୁର। ଏ ଅଞ୍ଚଳରେ ନାଟକ ବହୁ ସମୃଦ୍ଧ ଏଠାରେ ବହୁ ନାଟ୍ୟ ଅନୁଷ୍ଠାନ ରହିଛି। ସେଥିମଧ୍ୟ ବହୁ ପୁରାତନ ନାଟ୍ୟାନୁଷ୍ଠାନ ହେଉଛି 'ଆମେ କଳାକାର ସଂଘ'। ଏହି ସଂସ୍ଥାଟି ଦୀର୍ଘ ବର୍ଷ ପୂର୍ବରୁ ସୃଷ୍ଟି ହୋଇଥିଲେ ମଧ୍ୟ ୧୯୯୫ ମସିହାରେ ସମସ୍ତ କଳାକାରଙ୍କ ସର୍ବ ସମ୍ମତିରେ ଏହାର ନାମ 'ଆମେ କଳାକାର ସଂଘ' ରଖାଯାଇଥିଲା। ଶ୍ରୀଯୁକ୍ତ ସନ୍ତୋଷ କୁମାର ମହାନ୍ତି, ସ୍ୱର୍ଗତ ରାଜେଶ କୁମାର ବାରିକ, ସ୍ୱର୍ଗତ ବୈଶାଖୁ ମେହେର ପ୍ରମୁଖଙ୍କ ଉଦ୍ୟମରେ ଅନୁଷ୍ଠାନଟି ଗଢ଼ିଉଠିଥିଲା। ଏହି ନାଟ୍ୟାନୁଷ୍ଠାନ ଗଢ଼ିଉଠିବା ପଛର କାରଣ ଓ ଉଦ୍ଦେଶ୍ୟ ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତିର ପ୍ରଚାର ପ୍ରସାର ତଥା ଓଡ଼ିଶାର ଲୋକଭାଷା ସାହିତ୍ୟ ସୃଷ୍ଟିରେ ସହଯୋଗ ଏବଂ ସ୍ଥାନୀୟ ତଥା ଆଖପାଖ ଅଞ୍ଚଳରେ କଳାପ୍ରିୟ କଳାକାରଙ୍କୁ କଳାଜଗତରେ ସାମିଲ କରି ସେମାନଙ୍କୁ ପରିଚୟ ଦେବା ଥିଲା। ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ପ୍ରଥମ ନାଟକ 'ଭାଇଜିଇଁତା'। ଏହା ସମ୍ବଲପୁରୀ ଭାଷାର ନାଟକ ଯାହା ପଦ୍ମପୁରର ' ରାଜାଜୀ ଟାଉନ ହଲ ' ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇଥିଲା ଏବଂ ଦର୍ଶକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସା ଲାଭ କରିଥିଲା। ଏହି 'ଭାଇଜିଇଁତା' ନାଟକର ନାଟ୍ୟକାର ହେଉଛନ୍ତି- ଅମୃଲାଲ ସାହୁ ଓ ନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି। ଏହି ସଂସ୍ଥା ୧୯୯୯ ମସିହା ଜୁନ ୧୭ ତାରିଖରେ ଏକ ସୌଖୀନ ନାଟ୍ୟାନୁଷ୍ଠାନ ରୂପରେ ରେଜିଷ୍ଟ୍ରେସନ ଅନ୍ତର୍ଭୁକ୍ତ ହୋଇଥିଲା। ପଦ୍ମପୁର, ସମ୍ବଲପୁର, ସୋହେଲା, ବଲାଙ୍ଗୀର, ଝାରସୁଗୁଡ଼ା, ରାଉରକେଲା, ହୀରାକୁଦ, ଦାମନଯୋଡ଼ି, ବିହାର ପ୍ରମୁଖ ସହରରେ ଥିବା ରଙ୍ଗମଞ୍ଚମାନଙ୍କରେ ଏହି ନାଟ୍ୟାନୁଷ୍ଠାନ ତା'ର ନାଟକଗୁଡ଼ିକୁ ମଞ୍ଚସ୍ଥ କରିଛି। ଏହି ସଂସ୍ଥା ୧୯୯୫-୨୦୦୩ ମସିହା ପର୍ଯ୍ୟନ୍ତ ୧୦ ରୁ ୧୫ଟି ନାଟକ ପରିବେଷଣ କରିଛନ୍ତି। ସେଥିମଧ୍ୟରୁ କେତୋଟି ପ୍ରମୁଖ ନାଟକଗୁଡ଼ିକ ହେଲା-'ତୁଳସୀ' (ଏହା ଦୂରଦର୍ଶନରେ ମଧ୍ୟ ମଞ୍ଚସ୍ଥ), 'ନିଏ', 'ଢୋଲ' ଇତ୍ୟାଦି ।

୭) ଗାଁ ମାଏଟ୍ ସାଂସ୍କୃତିକ ଆନ୍ଦୋଳନ (ତାଳଶ୍ରୀଗିଡା, ବରଗଡ଼): ବରଗଡ଼ ଜିଲ୍ଲାର ଅନ୍ୟତମ କଳା, ସାହିତ୍ୟ ଓ ସଂସ୍କୃତି ପ୍ରେମୀ ଗ୍ରାମ ହେଉଛି ତାଳଶ୍ରୀଗିଡ଼ା। ଏହି ଗ୍ରାମରେ ବହୁ ପ୍ରାଚୀନ କାଳରୁ କଳା ଓ ସଂସ୍କୃତିକୁ ପ୍ରାଧାନ୍ୟ ଦେଇଆସୁଛନ୍ତି। ଯାହାର ଫଳ ସ୍ୱରୂପ 'ଗାଁ ମାଏଟ୍ ସାଂସ୍କୃତିକ ଆନ୍ଦୋଳନ' ନାମକ ଏକ ନାଟ୍ୟାନୁଷ୍ଠାନ ଗଢ଼ିଉଠିଲା। ଭାରତୀୟ ସମାଜରେ ବ୍ୟାପି ରହିଥିବା ଜାତିଗତ ଭେଦଭାବ, ଆର୍ଥିକ ଅସମାନତା, ରାଜନୈତିକ ଭ୍ରଷ୍ଟାଚାର, ନାରୀ ନିର୍ଯ୍ୟାତନା (ବିଶେଷ କରି ଯୌତୁକ ପ୍ରଥା), ମଦ, ଜୁଆ ଆଦି ବିରୁଦ୍ଧରେ ଜନସଚେତନତା ସୃଷ୍ଟି କରିବାର ଓ ପୁଣି ତାହା ମନୋରଞ୍ଜନ ମାଧ୍ୟମରେ ଏହି କାରଣ ଓ ଉଦ୍ଦେଶ୍ୟ ନେଇ ଏହି ନାଟ୍ୟ ସଂସଦ ସୃଷ୍ଟି ହୋଇଥିଲା। ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ପ୍ରଥମ ନାଟକ 'ସମିଆ ଚକା', ଯାହା ତାଳଶ୍ରୀଗିଡ଼ା ଗ୍ରାମରେ ୧୯୯୫ ମସିହାରେ ମଞ୍ଚସ୍ଥ ହୋଇଥିଲା। ଏହି ନାଟକର ନାଟ୍ୟକାର ହେଉଛନ୍ତି ଶ୍ରୀ ପ୍ରଫୁଲ୍ଲ ସାହୁ ଓ ନିର୍ଦ୍ଦେଶକ ଶ୍ରୀ ମଧୁସୂଦନ ପାଢ଼ୀ। ମୁଖ୍ୟତଃ ସମ୍ବଲପୁରୀ ଓ ହିନ୍ଦୀ ଭାଷାର ନାଟକଗୁଡ଼ିକୁ ଏହି ସଂସ୍ଥା ମଞ୍ଚସ୍ଥ କରିଥାଏ।

'ଗାଁ ମାଏଟ୍ ସାଂସ୍କୃତିକ ଆନ୍ଦୋଳନ' ଅନୁଷ୍ଠାନ ଦ୍ୱାରା ଏ ପର୍ଯ୍ୟନ୍ତ ୧୧ଟି ନାଟକ ପରିବେଷଣ ହୋଇସାରିଛି।

ସେଥିମଧ୍ୟରୁ କେତୋଟି ପ୍ରମୁଖ ନାଟକ ହେଲା- 'ସମିଆଚକା' (୧୯୯୫), 'ମୁର୍ଦ୍ଧାର' (୧୯୯୮), 'ତଲିବରଡ଼ା ଖସୁଛେ' (୨୦୦୦), 'ବାଗଧରା' (୨୦୦୨), 'ହାତୀର ଚାଲ' (୨୦୦୩), 'ଆଏଁଖ' (୨୦୦୪), 'ଅଗଷ୍ଟ ୧୫' (୨୦୦୪), 'ଇଦଂନାଟ୍ୟ ଶାସ୍ତ୍ରମ୍' (୨୦୦୮), 'ଇନଫ୍ଲୁଏଞ୍ଜା', 'ଫଟୁ ଖେଲ' (୨୦୧୫) ଇତ୍ୟାଦି। ଉପରୋକ୍ତ ନାଟକଗୁଡ଼ିକ ଓଡ଼ିଶା ତଥା ଓଡ଼ିଶା ବାହାରର ପ୍ରମୁଖ ସହରରେ ଥିବା ରଙ୍ଗମଞ୍ଚଗୁଡ଼ିକରେ ମଞ୍ଚସ୍ଥ ହୋଇଛି।

୮) ମୁନଲାଇଟ ସ୍ୱେଚ୍ଛାସେବୀ ଅନୁଷ୍ଠାନ (କେଶଇପାଲି, ବରଗଡ଼): ୧୯୯୭ ମସିହାରେ 'ମୁନଲାଇଟ ସ୍ୱେଚ୍ଛାସେବୀ' ନାମକ ଏକ ନାଟ୍ୟାନୁଷ୍ଠାନ ଗଢ଼ିଉଠିଥିଲା। ଏହାର ପ୍ରତିଷ୍ଠାତା ହେଉଛନ୍ତି ଅଧ୍ୟାପକ ଚୂଡ଼ାମଣି ରଥ। ଏହା ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅନ୍ତର୍ଗତ କେଶଇପାଲି ଗ୍ରାମରେ ଅବସ୍ଥିତ। ଏହି ନାଟ୍ୟାନୁଷ୍ଠାନ ଗଢ଼ିଉଠିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ନାଟକ ମାଧ୍ୟମରେ ସାମାଜିକ ବାର୍ତ୍ତା ପ୍ରଦାନ କରିବା। ଏହି ନାଟ୍ୟ ସଂସ୍ଥା ଦ୍ୱାରା ମଞ୍ଚସ୍ଥ ପ୍ରଥମ ନାଟକ ହେଉଛି 'ନୁଆଁଖାଇର ନୂଆଜନମ୍', ଯାହା ସମ୍ବଲପୁରର ଆରଣ୍ୟକ ମଞ୍ଚରେ ପ୍ରଦର୍ଶିତ ହୋଇଥିଲା। ଏହି ନାଟକର ନାଟ୍ୟକାର ହେଉଛନ୍ତି ଶ୍ରୀବତ୍ସ ସାହୁ ଓ ନିର୍ଦ୍ଦେଶକ ଚୂଡ଼ାମଣି ରଥ। ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ଏ ପର୍ଯ୍ୟନ୍ତ ୪୮ଟି ରୁ ଉର୍ଦ୍ଧ୍ୱ ନାଟକ ମଞ୍ଚସ୍ଥ ହୋଇସାରିଛି। ସେଥି ମଧ୍ୟରୁ କେତୋଟି ପ୍ରମୁଖ ନାଟକର ନାମ ହେଲା - 'କାକୁଲ-୨୦୦୨', 'ବଇଲି', 'ଅହଲ୍ୟା-୨୦୦୩', 'ଝାର୍ ବିଲେଇ-୨୦୦୫', 'ବାଇଖୁଜେନ-୨୦୦୬', 'ଫାସିଦିଆମାଲ-୨୦୦୭', 'ଜିଭେଦୟା-୨୦୦୮', 'ମିରକିଟିଆ-୨୦୦୯', 'ଆଜି ମୁଁଇ କାଏଲ ସେ ପରିଦିନେଁ..- ୨୦୧୩', 'ଜଂକ୍- ୨୦୧୪', 'ଆଶାପୁରାରୁ ଆମେରିକା (ଓଡ଼ିଆ) ୨୦୦୫', 'ମୁଦ୍ରାପଥର-୨୦୧୬', 'ନପା- ୨୦୧୭', 'ନିଷ୍ଠି ପ୍ରଜ୍ଞା ସମପ୍ରଭା- ୨୦୧୮' ଇତ୍ୟାଦି। ଉପରୋକ୍ତ ସମସ୍ତ ନାଟକଗୁଡ଼ିକ ଓଡ଼ିଶାର ବିଭିନ୍ନ ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇଛି।

୯) ନବରସ କଳା ପରିଷଦ (ବରଗଡ଼): ବରଗଡ଼ ସହରରେ ନାଟକର ଚାହିଦା ଖୁବ ବେଶୀ। ବହୁ ରଙ୍ଗମଞ୍ଚ ଓ ସୌଖୀନ ନାଟ୍ୟାନୁଷ୍ଠାନ ଏହି ସହରରେ ଅବସ୍ଥିତ। ସେଥିମଧ୍ୟରୁ ଅନ୍ୟତମ ନାଟ୍ୟନୁଷ୍ଠାନ ହେଉଛି 'ନବରସ କଳା ପରିଷଦ'। ଯାହା ୨୦୦୧ ମସିହା ସାମ୍ବାଦିକ ସୁରେନ୍ଦ୍ର ହୋତା ଓ ନାଟ୍ୟକାର ନକୁଳ ବାଦୀଙ୍କ ମିଳିତ ଉଦ୍ୟମରେ ଗଢ଼ିଉଠିଥିଲା। ସାମ୍ପ୍ରତିକ ସମୟରେ ନାଟକଗୁଡ଼ିକର ଗୁଣାତ୍ମକମାନ ହ୍ରାସ ଓ ଅବକ୍ଷୟ ଯୋଗୁଁ ଏଇ ଅନୁଷ୍ଠାନର ପରିକଳ୍ପନା କରାଯାଇଥିଲା। ନୂତନ ସ୍ୱାଦର ନାଟକ ରଚନା ଓ ପରିବେଷଣ ମାଧ୍ୟମରେ ଜନ ସଚେତନତା ଜାଗ୍ରତ କରିବା ପ୍ରକୃତ ଉଦ୍ଦେଶ୍ୟ ଥିଲା ଏହି ନାଟ୍ୟାନୁଷ୍ଠାନ। ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ପ୍ରଥମ ନାଟକ ହେଉଛି 'ଅଲ୍ ଝଟ୍' ଯାହା ଉତ୍କଳ ଗୌରବ କଳାକାର ସଂଘ ବରଗଡ଼ର ରଙ୍ଗମଞ୍ଚରେ ମଞ୍ଚସ୍ଥ। ଏଇ ନାଟକର ନାଟ୍ୟକାର ଓ ନିର୍ଦ୍ଦେଶକ ନକୁଳ ବାଦୀ। ଏହି ନାଟ୍ୟ ସଂସ୍ଥା ଦ୍ୱାରା ଏ ପର୍ଯ୍ୟନ୍ତ ୧୮ରୁ ଉର୍ଦ୍ଧ୍ୱ ନାଟକ ମଞ୍ଚସ୍ଥ ହୋଇସାରିଛି। ସେଥିମଧ୍ୟରୁ କେତୋଟି ପ୍ରମୁଖ ନାଟକ ହେଲା - 'ଅଲ୍ ଝଟ୍', 'ବକର୍ଣ୍ଣା', 'ଏଫୁଲ', 'ଉଆଁକୁ', 'ଶେଷକଥା', 'କୁଆ ଘରେ କୁଇଲି ରଜା', 'ଭଙ୍ଗା ଘରେ ଚକାଜହ୍ନ', 'ବୁଟକା', 'ଭୁଲତା', 'ତାଲ', 'ଉମ୍ବେଇ', 'ମୌସୁମୀ' , 'ମା', 'ଜିନ ଟେଷ୍ଟ', 'ବାଲିବନ୍ଧ', 'ହରିଭକ୍ତ ଗୟାସୁର', 'ଥ୍ରି', 'ଲେକରି' ଇତ୍ୟାଦି।

୧୦) ସିରଜିନା ସାହିତ୍ୟ ଆରୁ ସାଂସ୍କୃତିକ ଅନୁଷ୍ଠାନ (ପଦ୍ମପୁର, ବରଗଡ଼): ପଦ୍ମପୁର ହେଉଛି ବରଗଡ଼ ଜିଲ୍ଲାର ସର୍ବପ୍ରାଚୀନ ଐତିହାସିକ ଓ ସଂସ୍କୃତି ସଂପନ୍ନ ସହର। ଏଠାରେ ସାହିତ୍ୟର ସମସ୍ତ ବିଭାଗ ପାଇଁ ରହିଛି ବ୍ୟାପକ କ୍ଷେତ୍ର। ସେହି ଦୃଷ୍ଟିରୁ ନାଟକର ପରିସର ମଧ୍ୟ ବ୍ୟାପକ। ଏହି ପଦ୍ମପୁର ସହରରେ ବହୁ ସୌଖୀନ ନାଟ୍ୟ ସଂସ୍ଥାଗୁଡ଼ିକ ରହିଛି ସେଥିମଧ୍ୟରୁ 'ସିରଜିନା ସାହିତ୍ୟ ଆରୁ ସାଂସ୍କୃତିକ ଅନୁଷ୍ଠାନ' ଅନ୍ୟତମ। ଏହି ନାଟ୍ୟାନୁଷ୍ଠାନ ୨୦୦୧ ଏପ୍ରିଲ ୧୪ ତାରିଖ ଦିନ ଗଢ଼ିଉଠିଥିଲା। ଏହାର ପ୍ରତିଷ୍ଠାତା ହେଉଛନ୍ତି ଶ୍ରୀ ରାଜେନ୍ଦ୍ର କୁମାର ମହାନ୍ତି। ଏହି ନାଟ୍ୟାନୁଷ୍ଠାନ ଗଢ଼ିଉଠିବା ପଛର ଉଦ୍ଦେଶ୍ୟ ସାହିତ୍ୟ ଓ ସଂସ୍କୃତିର ପୁନରୁଦ୍ଧାର ଓ ନାଟ୍ୟମଞ୍ଚର ପୁନଃରୁଦ୍ଧାର। 'ବଉଳା' ନାଟକ ଏହି ନାଟ୍ୟ ସଂସ୍ଥା ଦ୍ୱାରା ମଞ୍ଚସ୍ଥ ପ୍ରଥମ ନାଟକ। ଏହି ନାଟକର ଲେଖକ ଓ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ମହାନ୍ତି, ଯାହା 'ଆରଣ୍ୟକ ମଞ୍ଚ' ସମ୍ବଲପୁରଠାରେ ୨୦୦୧ ମସିହାରେ ମଞ୍ଚସ୍ଥ ହୋଇଥିଲା। ଏହି ଅନୁଷ୍ଠାନ ମୁଖ୍ୟତଃ ସମ୍ବଲପୁରୀ ଭାଷାର ନାଟକଗୁଡ଼ିକ ମଞ୍ଚସ୍ଥ କରିଥାଏ। ଆରଣ୍ୟକ ମଞ୍ଚ ସମ୍ବଲପୁର, ହିଣ୍ଡାଲକୋ କ୍ଲବ ହୀରାକୁଦ, ସୌଖୀନ ରଙ୍ଗମଞ୍ଚ ବରଗଡ଼, ଦର୍ପଣ ବରପାଲି, ଆମେ କଳାକାର ସଂଘ ପଦ୍ମପୁର, ଆମେ କଳାକାର ସଂଘ ଭବାନୀପାଟଣା, ସଙ୍ଗମ ଭବାନୀପାଟଣା, ସଦେଇପାଲି (ବଲାଙ୍ଗୀର) ପ୍ରଭୃତି ସ୍ଥାନରେ ଥିବା ରଙ୍ଗମଞ୍ଚ ଓ ଦୂରଦର୍ଶନ ଭୁବନେଶ୍ୱରଠାରେ ମଧ୍ୟ ଏହି ସଂସ୍ଥା ନିଜର ନାଟକମାନ ପରିବେଷଣ କରିଛନ୍ତି। ଏହି ନାଟ୍ୟାନୁଷ୍ଠାନ ଏ ପର୍ଯ୍ୟନ୍ତ ୨୫ ଗୋଟି ନାଟକ ମଞ୍ଚସ୍ଥ କରିସାରିଛି। ସେଥିମଧ୍ୟରୁ କେତୋଟି ପ୍ରମୁଖ ନାଟକ- 'ପଥ, ପଥିକ ଓ ପାଥେୟ', 'ବଉଳା', 'ଆମେ ସବୁ ସମାନ', 'ଗୁଟେରକତ୍', 'ସରପଞ୍ଚ', 'ରକତ୍' (ହିନ୍ଦୀ), 'ଅନ୍ଧି', 'ନାଗନୀ', 'ଧୁକା', 'ପଲଟା ବାଘ', 'ସଂସ୍କାର', 'ନାରଦ ଉବାଚ୍', 'ମିଚୁର କଥା', 'ୱା', 'ଗୁରସ', 'ଚିଠି', 'ସସେମିରା', 'ନିଏ', 'ପାହାଚିହ୍ନା' ପ୍ରଭୃତି ନାଟକ ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ହୋଇସାରିଛି।

୧୧) ଉତାଲଗଡ଼ ନାଟ୍ୟ ସଂସଦ (ତାଲପଦର, ବରଗଡ଼): ବରଗଡ଼ ଜିଲ୍ଲା ହେଉଛି କଳା, କଳାକାର ଓ କଳାପ୍ରେମୀଙ୍କ ଜିଲ୍ଲା। ଏହି ଜିଲ୍ଲାର ପ୍ରତ୍ୟେକ ଗ୍ରାମରେ ଆମେ କଳା କଳାକାରମାନଙ୍କୁ ଭେଟି ପାଇବା। ସେହିପରି ଏକ କଳା, ସାହିତ୍ୟ ଓ ସଂସ୍କୃତି ପ୍ରେମୀ ଗ୍ରାମ ହେଉଛି ତାଲପଦର। ଏହି ଗ୍ରାମରେ କେଉଁ ଆବହମାନ କାଳରୁ ଲୋକନାଟକ ତଥା ନାଟକମାନ ନିୟମିତ ପ୍ରଦର୍ଶିତ ହେଉଥିଲା। ନାଟକ ପ୍ରତି ଏଠାକାର ଲୋକମାନଙ୍କ ବେଶ୍ ଆଗ୍ରହ ରହିଛି। ଯାହାର ଫଳ ସ୍ୱରୂପ ଏହି ଗ୍ରାମରେ 'ଉତାଲଗଡ଼ ନାଟ୍ୟ ସଂସଦ' ନାମକ

ଏକ ସୌଖୀନ ନାଟ୍ୟାନୁଷ୍ଠାନ ଗଢ଼ିଉଠିଛି। ଏହି ନାଟ୍ୟାନୁଷ୍ଠାନ ୨୦୦୩ ମସିହାରେ ସ୍ଥାନୀୟ ନାଟ୍ୟପ୍ରେମୀଙ୍କ ମିଳିତ ପ୍ରୟାସରେ ଆରମ୍ଭ ହୋଇଥିଲା। ଏହି ଅନୁଷ୍ଠାନର ପ୍ରଥମ ନାଟକ ହେଉଛି 'ଚଢ଼େନ୍ ଝୁରୀର୍ ମୁଣେଁ ବାଡ଼ି'। ସର୍ବପ୍ରଥମେ ଏହା ଯୁବଉଦୟନ ଆନୁକୂଲ୍ୟରେ ସମ୍ବଲପୁରର ଆରଣ୍ୟକ ମଞ୍ଚରେ ଆୟୋଜିତ '୬ଷ୍ଠ ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା'ରେ ୨୦୦୩ ମସିହାରେ ପ୍ରଦର୍ଶିତ ହୋଇଥିଲା। ଏହି ମଞ୍ଚସ୍ଥ ନାଟକର ଲେଖକ ସୁଶାନ୍ତ ମିଶ୍ର ଓ ନିର୍ଦ୍ଦେଶକ ସ୍ୱର୍ଗତ ହରି ନାଏକ। ଏହି ନାଟ୍ୟ ସଂସଦ ମୁଖ୍ୟତଃ ସମ୍ବଲପୁରୀ ଭାଷାର ନାଟକଗୁଡ଼ିକ ମଞ୍ଚସ୍ଥ କରିଥାଏ।

ଏହି ନାଟ୍ୟାନୁଷ୍ଠାନର କଳାକାରମାନଙ୍କ ଅଭିନୟରେ ଏ ପର୍ଯ୍ୟନ୍ତ ୨୦ଟି ରୁ ଅଧିକ ନାଟକ ମଞ୍ଚସ୍ଥ ହୋଇସାରିଛି। ଏଠାରେ ଆହୁରି ସୂଚନାଯୋଗ୍ୟ ଯେ 'ଉତାଲଗଡ଼ ନାଟ୍ୟ ସଂସଦ' ଆନୁକୂଲ୍ୟରେ ୨୦୦୪ ମସିହାରୁ 'ଉତାଲଗଡ଼ ନାଟ୍ୟ ମହୋତ୍ସବ' ନାମରେ ରାଜ୍ୟସ୍ତରୀୟ ସମ୍ବଲପୁରୀ-କୋଶଲୀ ଭାଷାର ନାଟକ ମହୋତ୍ସବ ଆୟୋଜିତ ହୋଇଆସୁଛି। ଉକ୍ତ ମହୋତ୍ସବରେ ଏ ପର୍ଯ୍ୟନ୍ତ ପ୍ରାୟ ୧୦୦ ରୁ ଅଧିକ ନାଟକ। ୨୦୦୨ ମସିହାରୁ ଆରମ୍ଭ କରି ପ୍ରତିବର୍ଷ ବିଭିନ୍ନ ମଞ୍ଚରେ ଏହି ଅନୁଷ୍ଠାନ ତରଫରୁ ନାଟକ ମଞ୍ଚସ୍ଥ ହୋଇଆସୁଛି। ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ନାଟକ ମଧ୍ୟରେ ନାଟ୍ୟକାର ସୁଶାନ୍ତ ମିଶ୍ରଙ୍କ ରଚିତ 'ଚଢେନ ଝୁରୀର୍ ମୁଣେଁ ବାଡ଼ି', 'କପାଲର୍ ଦୋଷ୍', 'ଝୁଲରେ ହାତୀ ଝୁଲ', 'ଢୁଲିଆ', 'କୁଏ', 'ଦୁଇବଟିଆ', ସୁକୁମାର ଭୋଇଙ୍କ ରଚିତ 'ଅନମୁନସିଆ', 'ଚେତାବାର ବେଲ୍', ଅର୍ଜୁନ ମହାନ୍ତିଙ୍କ ନାଟକ 'ସୃଷ୍ଟି', ତେଜୁ ବାରିକଙ୍କ ରଚିତ 'ବତରକିରି', ମୋହନ ସିଂହ କନ୍ହେଇଙ୍କ ରଚିତ 'ଯେନ୍ ମୂଳ ସେନୁ ଶେଷ୍', ବିଜୁ ବଜ୍ରବାହୁଙ୍କ ରଚିତ 'ନାଟ୍', ରାଜେଶ କରିଆଙ୍କ ରଚିତ 'ଚଷମା' ଇତ୍ୟାଦି ନାଟକ ପ୍ରଦର୍ଶିତ ହୋଇସାରିଛି ।

୧୨) ଉଦିଆଁତରା ସାଂସ୍କୃତିକ ଅନୁଷ୍ଠାନ (ଭେଡ଼େନ, ବରଗଡ଼): ବରଗଡ଼ ଜିଲ୍ଲାର ଭେଡ଼େନ ବ୍ଲକ ମଧ କଳା, ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବେଶ୍ ପ୍ରସିଦ୍ଧି ଲାଭ କରିଛି। ଏହି ଭେଡ଼େନ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ମଧ ବହୁ ନାଟ୍ୟାନୁଷ୍ଠାନ ରହିଛି। ଏହି ଅନୁଷ୍ଠାନମାନଙ୍କ ମଧ୍ୟରୁ ଭେଡ଼େନରେ ରହିଛି 'ଉଦିଆଁତରା ସାଂସ୍କୃତିକ ଅନୁଷ୍ଠାନ' ନାମରେ ଏକ ସୌଖୀନ ନାଟ୍ୟାନୁଷ୍ଠାନ। ଏହି ଅନୁଷ୍ଠାନ ୨୦୦୪ ମସିହାରେ ପ୍ରତିଷ୍ଠା ଲାଭ କରିଥିଲା। ନାଟ୍ୟକାର ସନ୍ତୋଷ କୁମାର ପଣ୍ଡା ଓ ତାଙ୍କର କିଛି ନାଟ୍ୟପ୍ରେମୀ ସାଥୀମାନଙ୍କ ଦ୍ୱାରା ଏହି ଅନୁଷ୍ଠାନ ପ୍ରତିଷ୍ଠିତ ହୋଇଥିଲା। ନାଟକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି ତଥା କଳାର ବିକାଶ କରିବାର ଉଦ୍ଦେଶ୍ୟ ନେଇ ଏଇ ନାଟ୍ୟାନୁଷ୍ଠାନ ଗଢ଼ିଉଠିଥିଲା। ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ପ୍ରଥମ ନାଟକ ହେଉଛି 'ମସାନ୍', ଯାହାର ନାଟ୍ୟକାର ସୁଧାଂଶୁ ଦାସ ଓ ନିର୍ଦ୍ଦେଶକ ସନ୍ତୋଷ କୁମାର ପଣ୍ଡା। ଏହି ନାଟକ ପ୍ରଥମେ ସମ୍ବଲପୁରର ଆରଣ୍ୟକ ମଞ୍ଚରେ ମଞ୍ଚସ୍ଥ ହୋଇଥିଲା। 'ଉଦିଆଁତରା ସାଂସ୍କୃତିକ ଅନୁଷ୍ଠାନ' ୨୦୦୪ ମସିହାରେ ଏକ ସୌଖୀନ ନାଟ୍ୟାନୁଷ୍ଠାନ ରୂପରେ ରେଜିଷ୍ଟ୍ରେସନ ଅନ୍ତର୍ଭୁକ୍ତ ହୋଇଛି। ମୁଖତଃ ଓଡ଼ିଆ ସମ୍ବଲପୁରୀ ଭାଷାର ନାଟକଗୁଡ଼ିକ ଏହି ସଂସ୍ଥା ପରିବେଷଣ କରିଥାଏ। ଏହି ଅନୁଷ୍ଠାନ ଏ ପର୍ଯ୍ୟନ୍ତ ୩୧ଟି ନାଟକ ମଞ୍ଚସ୍ଥ କରିସାରିଛି। 'ରାମ ତୁମେ ହାରିଗଲ', 'ନିଜ ସ୍ତ୍ରୀ ପର ସ୍ତ୍ରୀ', 'ସନ୍ଧ୍ୟାତାରା', 'ଶାମୁକା ସମାଧି', 'ମାଏଁକି', 'ଏ ଫୁଲ', 'ବକର୍ଣ୍ଣା', 'ଫଗୁନ୍', 'ଲାରେଲାପ୍ପା', 'ମସାନ୍', 'ଡିଙ୍ଗିରା', 'ବେଲ୍ ନାଇଁ ବୁଡ଼ି', 'ସତିଆ ସାହୁର ସଂସାର', 'ପପଙ୍ଗା ପାହାଡ଼ର ତଳେ', 'ରଜା ଖଣ୍ଡ ଖଜା', ଇତ୍ୟାଦି ପ୍ରମୁଖ ନାଟକ ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ହୋଇସାରିଛି।

୧୩) ସମର୍ପଣ (ବରଗଡ଼): ବରଗଡ଼ ସହରର ଅନ୍ୟତମ ପ୍ରସିଦ୍ଧ ନାଟ୍ୟାନୁଷ୍ଠାନ ହେଉଛି 'ସମର୍ପଣ'। ଏହି ନାଟ୍ୟାନୁଷ୍ଠାନ ୨୦୦୪ ମସିହା ନଭେମ୍ବର ୧୭ ତାରିଖରେ ସୃଷ୍ଟି ହୋଇଛି। ଏହାର ପ୍ରତିଷ୍ଠାତା ହେଉଛନ୍ତି ଶ୍ରୀଯୁକ୍ତ ସଞ୍ଜୟ କୁମାର ବେହେରା। ଖୁବ୍ କମ୍ ବର୍ଷ ମଧ୍ୟରେ ଏହି ଅନୁଷ୍ଠାନଟି ବହୁ ପ୍ରସିଦ୍ଧି ଲାଭ କରିଛି। ଏହି ସଂସ୍ଥା ତା'ର ମଞ୍ଚସ୍ଥ ନାଟକଗୁଡ଼ିକରେ ବହୁ ପରୀକ୍ଷା ନିରୀକ୍ଷା ଚଳାଇଥାଏ। ନିଜ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାର ଆଗ୍ରହ ହିଁ ଏହି ଅନୁଷ୍ଠାନ ଗଢ଼ିଉଠିବାର ମୁଖ୍ୟ କାରଣ ଥିଲା। ପୁଣି ସମାଜରେ ପ୍ରଚଳିତ ବିଭିନ୍ନ ରୋଗର ନିରାକରଣ ଉପାୟକୁ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ଓ ଜାଗରଣ ଆଣିବା ଏହି ନାଟ୍ୟାନୁଷ୍ଠାନର ମୂଳ ଉଦ୍ଦେଶ୍ୟ। ଏହି ଅନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ପ୍ରଥମ ନାଟକ 'ରାମ ନାମ ସତ୍ୟ ହେ', ଯାହା ବରଗଡ଼ ସୌଖୀନ କଳାକାର ସଂଘର ରଙ୍ଗମଞ୍ଚରେ ଅଭିନୀତ। ଏହି ପ୍ରଥମ ମଞ୍ଚସ୍ଥ ନାଟକର ନାଟ୍ୟକାର ଶ୍ରୀ ରାମାଶିଷ ତ୍ରିପାଠୀ ଓ ନିର୍ଦ୍ଦେଶକ ସଞ୍ଜୟ କୁମାର ବେହେରା। ମୁଖ୍ୟତଃ ସମ୍ବଲପୁରୀ ଓ ହିନ୍ଦୀ ଭାଷାର ନାଟକଗୁଡ଼ିକୁ ଏହି ସଂସ୍ଥା ମଞ୍ଚସ୍ଥ କରିଥାଏ। ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ଏ ପର୍ଯ୍ୟନ୍ତ ୧୫ଟି ନାଟକ ବିଭିନ୍ନ ମଞ୍ଚରେ ପ୍ରଦର୍ଶିତ ହୋଇଛି। 'ରାମ ନାମ ସତ୍ୟ ହେ- ୨୦୦୬', 'ଅଲଖେନ୍- ୨୦୦୬', 'ଉଡ଼ନ୍ତା କବି- ୨୦୦୭', 'ଗଣେଷ ଚୋର- ୨୦୦୮', 'ଡ଼ରହା- ୨୦୦୯', 'ପରିସ୍ରା କରିବା ମନା-୨୦୧୧', 'ଏନ୍ତା ହେଲେ କେନ୍ତା ହେତା- ୨୦୧୩', 'ବାଦଲି- ୨୦୧୭', 'ଛାଁଚି-୨୦୧୭', 'ଅ- ୨୦୧୬', 'ଘରର କଥା- ୨୦୨୧', 'ମାୟାମରିଚ- ୨୦୨୨' ଇତ୍ୟାଦି ନାଟକ ଓଡ଼ିଶାର ବିଭିନ୍ନ ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇସାରିଛି।

୧୪) 'ରା' ନାଟୁଆଡେରା (ବରଗଡ଼): ବରଗଡ଼ ସହରରେ ଅବସ୍ଥିତ ବହୁ ନାଟ୍ୟାନୁଷ୍ଠାନ ମଧ୍ୟରୁ 'ରା' ନାଟୁଆଡେରା' ଅନ୍ୟତମ ସଫଳ ନାଟ୍ୟାନୁଷ୍ଠାନ ଯାହା ୨୦୦୪ ମସିହାରେ ଗଢ଼ିଉଠିଥିଲା। ଏହି ନାଟ୍ୟାନୁଷ୍ଠାନର ପ୍ରତିଷ୍ଠାତା ନାଟ୍ୟକାର ନକୁଳ ବାଦୀ ଓ ଅଶୋକ କୁମାର ବେହେରା। ଏହି ନାଟ୍ୟାନୁଷ୍ଠାନ ଗଢ଼ିଉଠିବା ପଛରେ କେତେକ ମୁଖ୍ୟ କାରଣ ଓ ଉଦ୍ଦେଶ୍ୟ ରହିଛି, ଯଥା-

କ) ନୂତନ ସ୍ୱାଦ ଓ ଶୈଳୀର ନାଟକ ପରିବେଷଣ
ଖ) ଦର୍ଶକମାନଙ୍କୁ ମଞ୍ଚାଭିମୁଖୀକରିବା
ଗ) ନୂତନ ନାଟ୍ୟ କର୍ମୀ ସୃଷ୍ଟି

ଘ) ସ୍ୱାଧୀନ ରୂପେ ମତ ପ୍ରକାଶ
ଙ) ସମାଜରେ ସଂସ୍କାର ଆଣିବା

ଚ) ଲୁଚି ଯାଉଥିବା ସଂସ୍କୃତିର ପୁନଃରୁଦ୍ଧାର ଇତ୍ୟାଦି।

ଏହି ଅନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ପ୍ରଥମ ନାଟକ ହେଉଛି 'ରବିଆଖିଆ'। ଯାହା ସମ୍ବଲପୁରର ଆରଣ୍ୟକ ରଙ୍ଗମଞ୍ଚରେ ମଞ୍ଚସ୍ଥ। ଏହି ପ୍ରଥମ ଅଭିନୀତ ନାଟକର ନାଟ୍ୟକାର ଓ ନିର୍ଦ୍ଦେଶକ ହେଉଛନ୍ତି ଶ୍ରୀ ନକୁଳ ବାଦୀ। ଏହି ନାଟ୍ୟନୁଷ୍ଠାନ ମୁଖ୍ୟତଃ ସମ୍ବଲପୁରୀ ଭାଷାର ନାଟକଗୁଡ଼ିକ ପରିବେଷଣ କରିଥାଏ। ଏହି ନାଟ୍ୟ ଦଳ ଏ ପର୍ଯ୍ୟନ୍ତ ୨୨ଟି ନାଟକ ମଞ୍ଚସ୍ଥ କରିସାରିଛି। ସେଥି ମଧ୍ୟରୁ କେତୋଟି ପ୍ରମୁଖ ନାଟକ ହେଲା- 'ରବିଆଖିଆ', 'ଅଲଝଟ୍' (କାଦମ୍ବିନୀ ମଞ୍ଚ, ବରଗଡ଼), 'କେଲେଣ୍ଡର' (ବନହର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ), 'କାକୁ' (ସୌଖୀନ କଳାକାର ସଂଘ, ବରଗଡ଼), 'ଭାଏରସ୍'(କାଦମ୍ବିନୀ ମଣ୍ଡପ, ବରଗଡ଼), 'ରଜା ଖଣ୍ ଖଜା' (ମହିଳା ମହାବିଦ୍ୟାଳୟ, ବରଗଡ଼), ' ବକର୍ଣ୍ଣା ' (କାଦମ୍ବିନୀ ମଞ୍ଚ, ବରଗଡ଼), 'ଏ ଫୁଲ' (ଟାଉନହଲ ମଞ୍ଚ,ଖୋର୍ଦ୍ଧା), 'ସତିଆ ସାହୁର ସଂସାର' (ଗାନ୍ଧିଜୀ କ୍ଲବ, ଜଟଲା, ବରଗଡ଼- ୨୦୦୪), 'ଫଗୁନ୍' (ବନହର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ- ୨୦୦୫), 'ବାଗଡ଼ି' (ଆରଣ୍ୟକ ମଞ୍ଚ ସମ୍ବଲପୁର- ୨୦୦୬), 'ରଜାମକରିଆ' (ସୌଖିନ ରଙ୍ଗମଞ୍ଚ, ବରଗଡ଼- ୨୦୦୮), 'ଲାରେଲାପ୍ପା' (ସୌଖୀନ ରଙ୍ଗମଞ୍ଚ, ବରଗଡ଼-୨୦୧୦), 'ଝଲକା ଗଠିଁଆ' (ଆରଣ୍ୟକ ମଞ୍ଚ, ସମ୍ବଲପୁର- ୨୦୧୧), 'ପପଙ୍ଗା ପାହାଡ଼ର ତଳେ' (ମନମୋହନ ମ.ଇ.ସ୍କୁଲ ମଞ୍ଚ, ଝାରସୁଗୁଡା- ୨୦୧୨), 'ମୋର୍ ଭାଏ ତୋର୍ ଭାଏ' (ଆରଣ୍ୟକ ମଞ୍ଚ, ସମ୍ବଲପୁର- ୨୦୧୫), 'ମାଏଁକି' (ଆରଣ୍ୟକ ମଞ୍ଚ, ସମ୍ବଲପୁର- ୨୦୧୫), 'ବଟଉପାଲ୍' (ଆରଣ୍ୟକ ମଞ୍ଚ, ସମ୍ବଲପୁର- ୨୦୧୬), 'ଫେର୍ ଗୁଟେ ରେବତୀ' (ମହିଳା ମହାବିଦ୍ୟାଳୟ,ବରଗଡ଼-୨୦୧୮), 'ଆମର ଜିତାନି ଗୁଡ୍ଡୁ' (ସିମେଣ୍ଟନଗର ମ.ଇ.ସ୍କୁଲ, ବରଗଡ଼) ଆଦି ସମେତ ବହୁ ନାଟକ ମଞ୍ଚସ୍ଥ ହୋଇଛି।

୧୫) ସ୍ପେସ୍ ଥିଏଟର (କଟାପାଲି, ବରଗଡ଼): ବରଗଡ଼ ଜିଲ୍ଲା ହେଉଛି କଳା ଓ ସାହିତ୍ୟର ଜିଲ୍ଲା। ଏହି ଜିଲ୍ଲାର ପ୍ରତ୍ୟେକ ଗାଁରେ ଆମେ ବିଭିନ୍ନ କଳା ଓ ବିଭିନ୍ନ ପ୍ରକାର କଳାକାରଙ୍କୁ ଦେଖିଥାଉ। ଏଭଳି ଏକ ଗ୍ରାମ ହେଉଛି କଟାପାଲି। ଏହି ଗ୍ରାମରେ 'ସ୍ପେସ୍ ଥିଏଟର' ନାମରେ ଏକ ସୌଖୀନ ନାଟ୍ୟାନୁଷ୍ଠାନ ରହିଛି। ଏହି ଥିଏଟର ୨୦୦୫ ମସିହାରେ ନାଟ୍ୟକାର ଅରୁଣ କୁମାର ସାହୁଙ୍କ ଉଦ୍ୟମରେ ଗଢ଼ିଉଠିଥିଲା। ଏହି ନାଟ୍ୟାନୁଷ୍ଠାନ ଗଢ଼ିଉଠିବା ପଛରେ ଥିବା କାରଣ ଓ ଉଦ୍ଦେଶ୍ୟ ସଂପର୍କରେ ଅରୁଣ କୁମାର ସାହୁ କହିଥିଲେ-"ଜଗତୀକରଣ ପରବର୍ତ୍ତୀ ଭାରତରେ ଆର୍ଥନୀତି ସାଙ୍ଗକୁ ଦେଶର ରାଜନୈତିକ ଓ ସାମାଜିକ ଚିତ୍ରଗୁଡ଼ିକ ଖୁବ୍ ଦ୍ରୁତଗତିରେ ବଦଳି ଚାଲିଛି। ତଦାନୁସାରେ ଆମର ନାଟକଗୁଡ଼ିକ ତାଳ ଦେଇ ପାରୁନାହାନ୍ତି ବୋଲି ମୁଁ ମନେ କରେ ଯଥା - ଶିକ୍ଷାର ଘରୋଇକରଣ, ବିସ୍ଥାପନ, ପରିବେଶ, ଚାଷୀ ଆତ୍ମହତ୍ୟା, ଭ୍ରଷ୍ଟାଚାର ସଙ୍କଟ ସମୟରେ ବୁଦ୍ଧିଜୀବିମାନଙ୍କର ଭୂମିକା ଇତ୍ୟାଦି।" ଏଇ ସବୁ ସମସ୍ୟାକୁ ସେ ନାଟକ ମାଧ୍ୟମରେ ସମାଧାନ କରି ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ପରିବେଷଣ କରାଇ ସମାଜ ସଚେତନତା ସୃଷ୍ଟି କରିବା ହିଁ ନାଟ୍ୟାନୁଷ୍ଠାନ ଗଢ଼ିବାର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଏହି ନାଟ୍ୟ ସଂସଦ ଦ୍ୱାରା ମଞ୍ଚସ୍ଥ ପ୍ରଥମ ନାଟକ 'ସେ ଆଏବେ', ଯାହାର ନାଟ୍ୟକାର ଓ ନିର୍ଦ୍ଦେଶକ ଅରୁଣ କୁମାର ସାହୁ। ଏହି ନାଟକ ବରଗଡ଼ର ସୌଖୀନ ରଙ୍ଗମଞ୍ଚରେ ଅଭିନୀତ। ଏହି ନାଟ୍ୟାନୁଷ୍ଠାନ କେବଳ ସମ୍ବଲପୁରୀ ଭାଷାର ନାଟକ ମଞ୍ଚସ୍ଥ କରିଥାଏ। ୧୪ଟି ନାଟକ ଏ ପର୍ଯ୍ୟନ୍ତ ଏହି ଅନୁଷ୍ଠାନ ମଞ୍ଚସ୍ଥ କରିସାରିଛି। ସେଥି ମଧ୍ୟରୁ କେତୋଟି ପ୍ରମୁଖ ନାଟକ ହେଲା- 'ସେ ଆଏବେ-୨୦୦୬', 'ଏକଲୁ' -୨୦୦୭', 'ବିଶ୍ୱଗ୍ରାମ' (୨୦୦୮)', 'ଏଫ୍ଲୁନେଜା' (୨୦୦୯)', 'ଏ ଭାଇ ! ଟିକେ ଦେଖିକରି' (୨୦୧୦), 'ଯୁଜନା ଚାଲିଛେ' (୨୦୧୩)', 'ଟାଏର୍ ନମ୍ବର ମାଙ୍କଡ଼' (୨୦୧୪) 'ଏକଲୁ' (୧୩-୦୬-୨୦୧୫)', 'ଫାଇନାଲ ରିପୋର୍ଟ' (୨୦୧୫), 'କିଛି ଗୁଟେ' ୨୦୧୭- ', 'ଅଛେ ଦିନ' (୨୦୧୯) ଇତ୍ୟାଦି ନାଟକ ବିଭିନ୍ନ ରଙ୍ଗମଞ୍ଚରେ ଅଭିନୀତ ହୋଇଅଛି ।

୧୬) ସଚେତନ ହେମା (ଢୋଲବନ୍ଧ, ବରଗଡ଼): ୨୦୧୦ ମସିହାରେ 'ସଚେତନ ହେମା' ନାମକ ଏକ ନାଟ୍ୟାନୁଷ୍ଠାନ ଢୋଲବନ୍ଧ ଗ୍ରାମରେ ଗଢ଼ିଉଠିଥିଲା। ଏହି ନାଟ୍ୟାନୁଷ୍ଠାନର ପ୍ରତିଷ୍ଠାତା ହେଉଛନ୍ତି ନାଟ୍ୟକାର ରାଜକୁମାର ସାହୁ। 'ଦାନବୀର ହରିଶ୍ଚନ୍ଦ୍ର' ହେଉଛି ଏହି ଦଳର ପ୍ରଥମ ମଞ୍ଚସ୍ଥ ନାଟକ। ଏହି ନାଟକର ନାଟ୍ୟକାର ହେଉଛନ୍ତି ଶ୍ରୀ ରାଜକୁମାର ସାହୁ। ସମ୍ବଲପୁରୀ, ଓଡ଼ିଆ, ହିନ୍ଦୀ ପ୍ରଭୃତି ଭାଷାର ନାଟକଗୁଡ଼ିକ ଏହି ନାଟ୍ୟାନୁଷ୍ଠାନ ମଞ୍ଚସ୍ଥ କରିଥାଏ। 'ସଚେତନ ହେମା' ନାଟ୍ୟାନୁଷ୍ଠାନ ବର୍ତ୍ତମାନ ପର୍ଯ୍ୟନ୍ତ ୨୦ଟି ନାଟକ ମଞ୍ଚସ୍ଥ କରିସାରିଛି। ସେଥି ମଧ୍ୟରୁ କେତୋଟି ପ୍ରମୁଖ ନାଟକ ହେଲା- 'ଦାନବୀର ହରିଶ୍ଚନ୍ଦ୍ର', 'ସୀତାଚୋରି', 'ବାଲିବଧ', 'ରାବଣବଧ', 'ପାଏନ୍ ତ ଜୀବନ', 'ବଡ଼ରୋଗ', 'ଦାଦନ', 'ଶ୍ରୀବତ୍ସ କୁମାର', 'ଅଭିମନ୍ୟୁ କଥା', 'କ୍ଷୀର ସମୁଦ୍ର', 'ଉଗ୍ରସେନ ବସୁଦେବ ଭେଟ', 'ମୋର କାଏଁ ଦୋଷ', 'ଗଣ୍ଡିର ସୁନା ପଇସା ମୁନା', 'କୁନ୍ଦୁଲି ରାଇଜର ଝି', 'ମମତା ମାଉସୀର କଥା', 'ଆଜାଦି ଆରୁ ଆଜାଦ', 'ଭୁକା-୨', 'ମାତା ସାବିତ୍ରୀ ବାଈ ଫୁଲେ' ଇତ୍ୟାଦି। ଉପରୋକ୍ତ ସମସ୍ତ ନାଟକ ଓଡ଼ିଶାର ପ୍ରମୁଖ ସହର,ବିଭିନ୍ନ ଗ୍ରାମ ତଥା ଓଡ଼ିଶା ବାହାରେ ମଧ୍ୟ ବିଭିନ୍ନ ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇଛି।

ଏତଦ୍‌ବ୍ୟତୀତ ଆହୁରି ବହୁ ନାଟ୍ୟାନୁଷ୍ଠାନ ବରଗଡ଼ ଜିଲ୍ଲାରେ ରହିଛି, ଯଥା- 'ଦର୍ପଣ ଦ କଲଚରାଲ ଏସୋସିଏସନ, ବରପାଲି', 'ଇଣ୍ଟରନ୍ୟାସନାଲ ଥିଏଟର, ବରପାଲି', ନାଟ୍ୟ ରଶ୍ମି , ତୁଲଣ୍ଡି, ବରଗଡ଼, ନେତାଜୀ ନାଟ୍ୟ ସଂସଦ, ବରପାଲି', 'ଲଗନ କଳା ମନ୍ଦିର, ଘେଁସ', 'ଜୟନ୍ତୀ ଯୁବକ ସଂଘ ବାବେବିରା', 'ଦି ନାଟ୍, ପାଇକମାଲ', 'କୁସୁମକଲି କଳାପରିଷଦ, କେନ୍ଦପାଲି', 'ଉଦୀୟମାନ ନାଟ୍ୟ ସଂସଦ, ରେମଣ୍ଡା', 'ଉତ୍କଳ ଗୌରବ କଳାକାର ସଂଘ, ବରଗଡ଼',

'ସରସ୍ୱତୀ କଳାନିକେତନ, ପାଇକମାଲ', 'ଝାରମଲି ଦି ଥିଏଟର ଟିମ୍ ବିଜେପୁର' ଇତ୍ୟାଦି ନାଟ୍ୟାନୁଷ୍ଠାନ ।

ସହାୟକ ଗ୍ରନ୍ଥସୂଚୀ :

୧. ଲେଖା ଅଟଳ ଉତ୍ସବ। ୨୦୨୧। ମୁଖ୍ୟ ସମ୍ପାଦକ ଡ. ଫକୀର ଚରଣ ରଣା। ସମ୍ବଲପୁର: ଡ. ଅଟଳ ବିହାରୀ ସ୍ମୃତି ସଂସଦ ବୁର୍ଲା।

୨. ଧନୁସ୍ତମ୍ଭ। ୨୦୧୭। ମୁଖ୍ୟ ସମ୍ପାଦକ ଶ୍ରୀ ଅଞ୍ଜନ କୁମାର ମାଣିକ (ଜିଲ୍ଲାପାଳ ବରଗଡ଼)। ବରଗଡ଼: ଧନୁଯାତ୍ରା ମହୋତ୍ସବ ସମିତି।

୩. (ସ୍ମରଣିକା) ସଭାପତି। ୨୦୦୭। ହରିହର ମିଶ୍ର, ସୌଖୀନ ବରଗଡ଼: କଳାକାର ସଂଘ।

୪. ନାଟ୍ୟସବ, ବାର୍ତ୍ତାଳାପ-୨। ୨୦୦୯। ସମ୍ପାଦକ- ବ୍ରଜେନ୍ଦ୍ର ନାୟକ। ସମ୍ବଲପୁର: କ, ଖ, ଗ ।

Funding

No funding was received for conducting this study.

Does this article screened for similarity?

Yes

Conflict of interest

The Author has no conflicts of interest to declare that they are relevant to the content of this article.

About the Licenses

© Subhranshu Behera 2024. The text of this article is open access and licensed under a Creative Commons Attribution 4.0 International License

Cite this Article :

Subhranshu Behera, Baragada Jilaara Saukhina Natanusthana : Eka Drustipata, Bageesha, Vol. No. 02, Issue No. 06, November - December 2024, Article No: BM2024/06-A004 | Page- 25-32

●

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଷଷ୍ଠ ସଂଖ୍ୟା | ନଭେମ୍ବର - ଡିସେମ୍ବର ୨୦୨୪
Volume No. 02 | Issue No. 06 | Nov-Dec 2024
Refereed Peer-Reviewed Journal
BM2024/06-A005
https://bageesha.in
OPEN ACCESS

ଦୁର୍ଭିକ୍ଷକୈନ୍ଦ୍ରିକ ଓଡ଼ିଆ ଉପନ୍ୟାସ : ଏକ ଆଲୋଚନା

■ ସୁଷମା ବେହେରା[୧], ଡ. ମମତାରାଣୀ ବେହେରା[୨]
ଗବେଷିକା, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର[୧]
ସହକାରୀ ପ୍ରଫେସର, ଓଡ଼ିଆ ସିଡିଓଇ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର[୨]

Article Received : 18.12.2024 | Accepted : 25.12.2024 | Published : 10.01.2025

ସାରାଂଶ

ABSTRACT

ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଅଟେ। ଏଠାରେ ବର୍ଷର ବିଭିନ୍ନ ସମୟରେ ନାନା ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଇଥାଏ। ରାଜ୍ୟରେ କ୍ରମାଗତ ଭାବରେ ବନ୍ୟା, ବାତ୍ୟା, ମରୁଡି, ଦୁର୍ଭିକ୍ଷ, ଅଂଶୁଘାତ, ଜଳ ସଙ୍କଟ ଭଳି ଋତୁକାଳୀନ ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକ ଦେଖାଯାଇଥାଏ। ପ୍ରକୃତିର ସ୍ୱାଭାବିକ ଗତି କୌଣସି କାରଣରୁ ଖଣ୍ଡିତ ହେଲେ ପୃଥିବୀରେ ସୃଷ୍ଟି ହୁଏ ନାନା ବିପଦ। ଏ ବିପଦ କେବେକେବେ ଏତେ କଠିନ ହୁଏ ଯେ ସାମାଜିକ ଜୀବନର ଗତିଧାରା ବିଶେଷ ପରିବର୍ତ୍ତିତ ହୁଏ। ବାହ୍ୟତଃ ଏହା ଅସମ୍ଭବ ମନେ ହେଉଥିଲେ ହେଁ ନଅଙ୍କ ଦୁର୍ଭିକ୍ଷ ଜନିତ ସାମାଜିକ ବିବର୍ତ୍ତନ ଏକ ଐତିହାସିକ ସତ୍ୟଭାବେ ଏ ମନ୍ତବ୍ୟକୁ ପ୍ରମାଣିତ କରୁଚି। ଓଡ଼ିଆ ଉପନ୍ୟାସରେ ବିଭିନ୍ନ ଘଟଣାର ବର୍ଣ୍ଣନା କିମ୍ବା ପରିସ୍ଥିତି ଓ ପରିବେଶ ପ୍ରସଙ୍ଗରେ ବନ୍ୟା, ବାତ୍ୟା ଓ ଦୁର୍ଭିକ୍ଷପରି ପ୍ରାକୃତିକ ଦୁର୍ଯୋଗର ବର୍ଣ୍ଣନା ରହିଛି। ଏମାନଙ୍କ ମଧ୍ୟରୁ ଦୁର୍ଭିକ୍ଷର ସାମାଜିକ ଜୀବନଚର୍ଯ୍ୟାର ଗତିନିୟନ୍ତା ଭାବେ ଏକ ସ୍ୱତନ୍ତ୍ର ଭୂମିକା ରହିଛି।

BM2024/06-A005

ମୂଳଶବ୍ଦ: ଦୁର୍ଭିକ୍ଷ, ଓଡ଼ିଆ ଉପନ୍ୟାସ, ନ'ଅଙ୍କ ଦୁର୍ଭିକ୍ଷ, ପ୍ରାକୃତିକ ବିପର୍ଯ୍ୟୟ, ଓଡ଼ିଶା, ଉପନ୍ୟାସ

ପ୍ରକୃତିର କୋଳରେ ମନୁଷ୍ୟର ଜନ୍ମ ବିକାଶ ଓ ବିଲୟ। ପ୍ରକୃତିର ଶାନ୍ତକାନ୍ତ ରୂପରେ ମନୁଷ୍ୟ କେତେବେଳେ ବିମୋହିତ ହୁଏ ତ ଆଉ କେତେବେଳେ ପ୍ରକୃତିର କ୍ରୋଧର ଶିକାର ହୁଏ। ବିଭୀଷିକାମୟ ପ୍ରକୃତି ତାର କରାଳ ରୂପରେ ଜୀବଜଗତର ଅଶେଷ କ୍ଷତିସାଧନ କରେ। ପ୍ରକୃତିଦ୍ୱାରା ସୃଷ୍ଟ ବିପଦକୁ ହିଁ ପ୍ରାକୃତିକ ବିପର୍ଯ୍ୟୟ କୁହାଯାଏ। ପ୍ରାୟ ପ୍ରତିବର୍ଷ ଓଡ଼ିଶା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ସମୟର ଅଗ୍ରଗତିରେ ମନୁଷ୍ୟ ବହୁ ସମୟରେ ପ୍ରକୃତିର ଭୟାବହତାଦ୍ୱାରା ପ୍ରଭାବିତ ହୋଇଛି। ଯେଉଁ ପ୍ରକୃତିପାଇଁ ମଣିଷ ବଞ୍ଚିଥାଏ ସେହି ପ୍ରକୃତିର ଭୟଙ୍କର ରୂପପାଇଁ ତାକୁ ସର୍ବଦା ମୃତ୍ୟୁ ମୁଖରେ ସମ୍ମୁଖୀନ ହେବାକୁ ପଡ଼ିଥାଏ। ପ୍ରକୃତିର ପରିବର୍ତ୍ତନ ପାଇଁ ମୁଖ୍ୟତଃ ମନୁଷ୍ୟ ହିଁ ଦାୟୀ। ଏଥିପାଇଁ ରାଜ୍ୟର ବନ, ପାହାଡ, ପର୍ବତ, ଭୌଗୋଳିକ ପରିବେଶ ହିଁ ଦାୟୀ। ମନୁଷ୍ୟ ପ୍ରାକୃତିକ ସମ୍ବଳର ଅପବ୍ୟବହାର କରିବାଦ୍ୱାରା ପୃଥିବୀ ପୃଷ୍ଠରେ ବିଭିନ୍ନ ଦୁର୍ବିପାକ ସୃଷ୍ଟି ହେଉଛି।

ଓଡ଼ିଆ ସାହିତ୍ୟ ଇତିହାସରେ ୧୮୬୬ ମସିହାରେ ଘଟିଥିବା ନ'ଅଙ୍କ ଦୁର୍ଭିକ୍ଷକୁ କେନ୍ଦ୍ରକରି ଅନେକ ଉପନ୍ୟାସ ରଚନା କରାଯାଇଛି। ଏଥିରେ ଲେଖକଙ୍କର ବାସ୍ତବ ଅନୁଭୂତି, ନିଜସ୍ୱ ଆନ୍ତରିକ ଅଭିଜ୍ଞତା, ଉଦ୍ଦେଶ୍ୟ, ସ୍ମୃତି, ନ'ଅଙ୍କ ଦୁର୍ଭିକ୍ଷ ପ୍ରସଙ୍ଗ, ପୃଷ୍ଠଭୂମି, ପରିବେଶ ବିସ୍ତୃତ ରୂପେ ସ୍ଥାନ ପାଇଛି। ତନ୍ମଧ୍ୟରୁ ନଅଙ୍କ ଦୁର୍ଭିକ୍ଷର ବିଭିନ୍ନ ଦିଗ ତାତ୍ପର୍ଯ୍ୟପୂର୍ଣ୍ଣଭାବେ କୁନ୍ତଳା କୁମାରୀ ସାବତଙ୍କ 'କାଳୀବୋହୂ'(୧୯୨୭), ପୀତାମ୍ବରୀ ଦେବୀଙ୍କ 'କାନ୍ତରାବାବୁ'(୧୯୩୧), କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମୁକ୍ତାଗଡର କ୍ଷୁଧା'(୧୯୩୨), 'ଅମରଚିତା'(୧୯୩୩), କାହ୍ନୁଚରଣ ମହାନ୍ତିଙ୍କ 'ହା'ଅନ୍ନ'(୧୯୩୫), 'ଶାସ୍ତି'(୧୯୪୬), ରାମପ୍ରସାଦ ସିଂହଙ୍କ 'ହୋମଶିଖା'(୧୯୩୭), 'ସମାପ୍ତ'(୧୯୬୨), ଜଗନ୍ନାଥ ପ୍ରସାଦ ଦାସଙ୍କ 'ଦେଶ-କାଳ-ପାତ୍ର'(୧୯୯୨), ଶରତ ଚନ୍ଦ୍ର ମିଶ୍ରଙ୍କ 'କଳାହାଣ୍ଡି ଓ ଇନ୍ଦ୍ରଦେବତା'(୨୦୦୫), ଦାଶରଥି ନନ୍ଦଙ୍କ 'ଦଣ୍ଡଧାରୀ'(୨୦୦୭), ହୃଷୀକେଶ ପଣ୍ଡାଙ୍କ 'ଗର୍ବକରିବାର କଥା'(୨୦୧୦), ରାସବିହାରୀଙ୍କ 'ବସୁନ୍ଧରାର କୋହ'(୨୦୧୭) ଆଦି ଉପନ୍ୟାସ ସ୍ଥାନ ପାଇଛି।

ଓଡ଼ିଆ ଉପନ୍ୟାସ ଓ ଦୁର୍ଭିକ୍ଷ ବିଷୟକ ଅନୁଶୀଳନବେଳେ ଦୁର୍ଭିକ୍ଷର ଚରମତା ଓ ତା'ର ପରିଣତି କେଉଁଭଳି ଉପନ୍ୟାସର ବିଷୟ ଓ ପୃଷ୍ଠଭୂମିକୁ ପ୍ରଭାବିତ କରିଛି ସେଇ ଆଧାରରେ ଏହି ଆଲୋଚନାର ପରିକଳ୍ପନା। ପ୍ରାଥମିକ ପର୍ଯ୍ୟାୟରେ

ଅପ୍ରକାଶିତ 'ବିବାସିନୀ'(୧୮୯୧) ଉପନ୍ୟାସରେ ଦୁର୍ଭିକ୍ଷ ଈଶ୍ୱରପ୍ରେରିତ ବୋଲି ବିଶ୍ୱାସ କରାଯାଇଛି। ମନୁଷ୍ୟ ଅନୀତି, ଅନାଚାର, ପାପ କଲେ ଦେବତା ରଷ୍ଟ ହୁଅନ୍ତି ଏବଂ କଠିନ ଶାସ୍ତି ପ୍ରଦାନ କରନ୍ତି। ଏମିତି ଏକ ଧାରଣା ପ୍ରତିଷ୍ଠା କରିବାକୁ ସଚେତନ ଲେଖକ ସତେଅବା କୁଣ୍ଠା କରିନାହାନ୍ତି ।

ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତଙ୍କର '**କାଳୀବୋହୂ**' ଉପନ୍ୟାସରେ ଅନାବୃଷ୍ଟି ଜନିତ ଦୁର୍ଭିକ୍ଷର ଚିତ୍ର ଅବଶ୍ୟ ରହିଛି ଏବଂ ତା ସହିତ ବର୍ଷାଶୂନ୍ୟ ସମୟର କଥା ମଧ୍ୟ ରହିଚି; କିନ୍ତୁ ଏସବୁର ମୂଳ ଉପନ୍ୟାସର କାହାଣୀ ସହିତ ସେତେବେଶୀ ସମ୍ପର୍କ ନାହିଁ। ଯଦିଓ ଉପନ୍ୟାସର ଦ୍ୱିତୀୟ ଭାଗ(ବନ୍ଦ୍ରୋଦୟ) ରେ ସଦାନନ୍ଦଙ୍କୁ ପ୍ରେରିତ କରିବାପାଇଁ ଏହା ନିଶ୍ଚିତ ଭାବରେ ପୃଷ୍ଠଭୂମି ବୋଲି ଅବତାରଣା କରାଯାଇପାରେ। ଉପନ୍ୟାସରେ ବର୍ଷା ନହେବା ପ୍ରସଙ୍ଗଟି ଏକ ଘଟଣାର ଉପକ୍ରମ ମାତ୍ର। ସେ ବର୍ଷ ଓଡ଼ିଶାର ଅବସ୍ଥା ଯେପରି ହୋଇଥିଲା ଊଣା ଅଧିକ ୧୦/୧୨ ବର୍ଷ ମଧ୍ୟରେ ଏପରି କେବେ ହୋଇନଥିଲା। ପ୍ରଥମତଃ ସେସମୟରେ ବର୍ଷା ହେଲା ନାହିଁ। ଧାନ ଗଛ ଠିଆ ଠିଆ କ୍ଷେତରେ ଝାଉଁଳି ଗଲେ। ଦ୍ୱିତୀୟତଃ ସେସମୟରେ ଭାଦ୍ର ଆଶ୍ୱିନ ମାସ ଆଡ଼କୁ ସମ୍ବଲପୁର ଜିଲ୍ଲାରେ ଘୋର ବର୍ଷା ହୋଇ ସବୁ ନଦୀଯାକ ଏ କୂଳ ସେ କୂଳ ଖାଇଲେ। ଭୀଷଣ ଦୁର୍ଭିକ୍ଷ, ଭୟଙ୍କର ମହାମାରୀ ଏବଂ ଏକାନ୍ତ ଆଶ୍ରୟ ହୀନତା ଯୋଗୁଁ ଲକ୍ଷ ଲକ୍ଷ ଓଡ଼ିଆ ଦେଶ ଛାଡ଼ି ପଳାଇଲେ।

'କାଳୀବୋହୂ' ଉପନ୍ୟାସରେ ଏ ଅନାବୃଷ୍ଟିର ବିଭୀଷିକା କିଭଳି ଓଡ଼ିଶାର ସାମାଜିକ, ଆର୍ଥନୀତିକ, ସାଂସ୍କୃତିକ ଓ ଧର୍ମୀୟ ଅବସ୍ଥାକୁ ଭାଙ୍ଗି ଚୂରମାର କରିଛି; ତା'ର ଏକ ବାସ୍ତବ ଚିତ୍ର ପ୍ରଦାନ କରିଛି। ବର୍ଷା କିଭଳି ବଦଳେଇ ଦେଇଛି ଓଡ଼ିଶାର ସ୍ଥିତି – ତା'ର ଏକ ଆଭାସ ମାତ୍ର ହେଉଛି ଉପନ୍ୟାସର ଏକ ଅଂଶ। ଗୋଟିଏ ଜାତି କିଭଳି ତା'ର ଗରିମାମୟ ଅତୀତକୁ ହଜାଇ ଦେଇଛି; ସେ କଥାର ମୂଳରେ ଦୁର୍ଭିକ୍ଷ ଏକ ମୂଖ୍ୟ ସମସ୍ୟାଭାବେ ଲେଖକଙ୍କ ଭାବନାରେ ବେଶ୍ ସ୍ପଷ୍ଟ। 'କାଳୀବୋହୂ' ଉପନ୍ୟାସରେ ବିଷୟ ସହ ସିଧାସଳଖ ନହେଲେ ହେଁ ଉପନ୍ୟାସର ବିବର୍ତ୍ତିତ ସାମାଜିକତାକୁ ଏହା ଅବଶ୍ୟ ପ୍ରତୀକିତ କରିଛି।

'କାଳୀବୋହୂ' ଉପନ୍ୟାସ ପୃଷ୍ଠଭୂମି ସହିତ ଅନେକ ସମାନତା ପରିଲକ୍ଷିତ ହୁଏ ପୀତାମ୍ବରୀ ଦେବୀଙ୍କ '**କାନ୍ତରାବାବୁ**' ଉପନ୍ୟାସ ପରିବେଷଣରେ ସେହି ସ୍ମୃତି କଥନ ରହିଛି। ବଡ଼ି ପଛେ ପଛେ ପୁଣି ସେ ବରଷ ମରୁଡ଼ି ପଡ଼ିଲା। ଲୋକେ ମେଘକୁ ଚାହିଁ ଚାହିଁ ଆଖିରୁ ପାଣି ମଲା। ଦିନେ ଓଳିଏ ନୁହେଁ ଲାଗେ ଲାଗେ ତିନି ବରଷ ଏହିପରି ଦୈବୀଦଣ୍ଡ ପଡ଼ିଲାଣି। ଚାହୁଁ ଚାହୁଁ ଚାରିଆଡ଼େ ଦୁର୍ଭିକ୍ଷ ମାଡ଼ିଗଲା। ଗହଦ ଗୁଲୁଗୁଲି ତା ସାଙ୍ଗକୁ ପୁଣି ପେଟ ବିକଳ। ପିଲାହାତରୁ ମାଆମାନେ ଛଡ଼ାଇ ଖାଇଯାଉଥାନ୍ତି। ଲୋକେ ଭାତ ପତର ଧରି ବସିଥାଆନ୍ତି କିନ୍ତୁ ନଅଙ୍କିଆପଲ ଘରେ ପଶିଯାଇ ଖାଇବା ଲୋକଙ୍କ ହାତକୁ ଧରିପକାଇ ସେ ପତରରୁ ସବୁ ଗାଉଁ ଗାଉଁ କରି ଖାଇଯାଆନ୍ତି। ଲୋକମାନେ ଭୋକରେ ଅଖିଆ ଦରବ ଖାଉଥାଆନ୍ତି। ଯେଉଁଠାରେ ଦେଖିବ ତୁଚ୍ଛା ଅନ୍ନ କାଙ୍ଗାଳ, ହାଡ଼ କଙ୍କାଳ ମାଳ ଧରି ଭେଳା ଭେଳା ହୋଇ ବୁଲୁଥାନ୍ତି। ମୂଳ ବିଷୟବସ୍ତୁ ସହିତ ସିଧାସଳଖ ସମ୍ପର୍କ ନଥିଲେ ହେଁ ଦୁର୍ଭିକ୍ଷର ଚିତ୍ର ଉପସ୍ଥାପନା ଉପନ୍ୟାସରେ ବେଶ୍ ପ୍ରଯୁଜ୍ୟ ।

ଦୁର୍ଭିକ୍ଷର ସାମଗ୍ରିକ ସ୍ଥିତି ତିନୋଟି ଦିଗରୁ ଉପନ୍ୟାସମାନଙ୍କରେ ସ୍ଥାନିତ। ଦୁର୍ଭିକ୍ଷର କାରଣ ପ୍ରଦର୍ଶନ, ଦୁର୍ଭିକ୍ଷ ଜନିତ ସାମାଜିକ ସ୍ଥିତିର ଚିତ୍ରଣ, ଦୁର୍ଭିକ୍ଷ ପର ଜୀବନସ୍ଥିତିର ଅନୁଶୀଳନ।

ନ'ଅଙ୍କ ଦୁର୍ଭିକ୍ଷ ଆଗମନର କାରଣ ଅନେକ। ଅଠରଶହ ପଞ୍ଚଷଠି- ଛଷଠି ମସିହାରେ ଅନିୟମିତ, ଅସ୍ୱାଭାବିକ ବୃଷ୍ଟି; କ୍ରମାଗତ ତିନିବର୍ଷ ବର୍ଷା ନହେବାର ଭୟାନକ ପ୍ରାକୃତିକତା ଏଥିପାଇଁ ଯେପରି ଦାୟୀ, ସେପରି ମଧ୍ୟ ଦାୟୀ ଇଂରାଜୀ ଶାସନ ଜନିତ ଜମିଦାରୀ ବ୍ୟବସ୍ଥାର ଶୃଙ୍ଖଳିତ, ସ୍ଥିର ନିୟମହୀନତା, ବ୍ୟବସାୟିକ ଗୋଷ୍ଠୀ ଓ ଯୋଗାଯୋଗର ଅପରିମିତତା। ଜନଦାରିଦ୍ର୍ୟ ମଧ୍ୟ ଏହାର ଅନ୍ୟତମ ବିଶିଷ୍ଟ କାରଣ। ଅନ୍ୟ ଦେଶରୁ ଓଡ଼ିଶାକୁ ଖାଦ୍ୟ ଯୋଗାଣରେ ଶାସକୀୟ ସମ୍ପୂର୍ଣ୍ଣ ନିସ୍ପୃହତା ଦୁର୍ଭିକ୍ଷର ଭୟାନକତାକୁ ଅଧିକତର କରିଥିଲା। ଉଭୟ ପ୍ରକୃତି ଓ ଶାସକର ଶାସନ ବିଭ୍ରାଟରେ ବଳିହେଲେ ଓଡ଼ିଶାର ଲକ୍ଷ ଲକ୍ଷ ନିରୀହ ମନୁଷ୍ୟ ।

'**ମୁକ୍ତାଗଡ଼ର କ୍ଷୁଧା**' ଉପନ୍ୟାସର ରଚନାକାଳ ୧୯୩୨। ଏହା ହେଉଛି ମାହାତ୍ମାଗାନ୍ଧୀଙ୍କଦ୍ୱାରା ପ୍ରଚାରିତ ସ୍ୱାଧୀନତା ଆନ୍ଦୋଳନର ସମୟ। ଦେଶର ବହୁ ବିଶିଷ୍ଟ ବ୍ୟକ୍ତି ତଥା ଗଡ଼ଜାତ ଅତ୍ୟାଚାରୀ ରାଜା ଏବଂ ଇଂରେଜମାନଙ୍କ ହୃଦୟ ପରିବର୍ତ୍ତନପାଇଁ ମାହାତ୍ମାଗାନ୍ଧୀ ଯେଉଁ ପ୍ରଚେଷ୍ଟା କରିଥିଲେ, ତାହାରି ପ୍ରତିଛବି 'ମୁକ୍ତାଗଡ଼ର କ୍ଷୁଧା'ରେ ଦେଖିବାକୁ ମିଳେ। 'ମୁକ୍ତାଗଡ଼ର କ୍ଷୁଧା' ଉପନ୍ୟାସରେ ମଧ୍ୟ ଓଡ଼ିଶାର ମେରୁଦଣ୍ଡ ହଲାଇ ଦେଇଥିବା ନଅଙ୍କ ଦୁର୍ଭିକ୍ଷର ସଂକେତ ଦେଖିବାକୁ ମିଳେ। ନଅଙ୍କ ଦୁର୍ଭିକ୍ଷର ସମୟ ହେଲା ୧୮୬୫ ଓ ୬୬। ସେତେବେଳେ ଲେଖକ ଜନ୍ମ ଗ୍ରହଣ କରିନଥିଲେ; କିନ୍ତୁ ଦରିଦ୍ର ନିରନ୍ନ ଜନତାର ଆର୍ତ୍ତନାଦ କରୁଣ ସ୍ମୃତି ତାଙ୍କ ଉପନ୍ୟାସରେ ପ୍ରାଣ ଲାଭ କରିଛି। ଏଥି ସହିତ କିପରି କଠିନ ସମୟ ବହୁ ନିଷ୍ଠୁର ହୃଦୟକୁ ପରିବର୍ତ୍ତିତ କରି ଉଦାର କରିଦେଇଥାଏ, ମାନବ ଜୀବନର ଏହି ଚିରନ୍ତନ ସତ୍ୟକୁ ପ୍ରତିପାଦନ କରିବାପାଇଁ ଲେଖକ ନଅଙ୍କ ଦୁର୍ଭିକ୍ଷକୁ ଗ୍ରହଣ କରିଛନ୍ତି। 'ମୁକ୍ତାଗଡ଼ର କ୍ଷୁଧା' ଦୁଇ ଭାବେ ପ୍ରକାଶିତ। ଯେଉଁ ମନୁଷ୍ୟ ଯୌବନର ମାଦକତାରେ ଶାରୀରିକ କ୍ଷୁଧା ନିବାରଣ କରିବାପାଇଁ ବିଭିନ୍ନ ପ୍ରକାର ଅପକର୍ମ କରିପାରେ ସେହି ମନୁଷ୍ୟ ମାନସିକ କ୍ଷୁଧା ନିବାରଣ କରିବାପାଇଁ ହୁଏ ଉନ୍ନତ, ଉଦାର, ପରୋପକାରୀ ଓ ପ୍ରଜାବତ୍ସଳ। 'ମୁକ୍ତାଗଡ଼ର କ୍ଷୁଧା' କେବଳ ଏକ ଜୀବନ୍ତ ପରିପ୍ରକାଶ ନୁହେଁ, ଏହି କ୍ଷୁଧା ଭିତରେ ମଣିଷର ଅନ୍ତର ପୁରୁଷର ବିଶାଳ ବୁଭୁକ୍ଷା ରୂପାୟିତ ହୋଇଛି। ଏହି କ୍ଷୁଧା ଅନ୍ନପାଇଁ କ୍ଷୁଧାରେ ସୀମିତ ନୁହେଁ। ମଣିଷର ମନ, ପ୍ରାଣର ଯେଉଁସବୁ ଅବ୍ୟକ୍ତ କ୍ଷୁଧାମାନ ରହିଛି ସତ୍ୟପାଇଁ, ନ୍ୟାୟପାଇଁ, ପ୍ରେମପାଇଁ ମଣିଷର ପରାପ୍ରକୃତି ଯେଉଁ ଆତ୍ମ

ଦହନରେ ସନ୍ତୁଳିତ ହେଉଛି, ସେଇ ସନ୍ତୁଳନର କିଞ୍ଚିତ ଉତ୍ତାପ 'ମୁକ୍ତାଗଡ଼ର କ୍ଷୁଧା' ଉପନ୍ୟାସଟି ପାଠକର ଚିତ୍ତରେ ସଞ୍ଚରିତ କରିଥାଏ।

ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରତିରୋଧ କରିବା ମନୁଷ୍ୟର ଆୟତ୍ତ ବାହାରେ; ମାତ୍ର ପୂର୍ବରୁ କୌଣସି ପ୍ରାକୃତିକ ବିପର୍ଯ୍ୟୟର ସୂଚନା ପାଇଲେ ଲୋକମାନେ ତାର ସମ୍ମୁଖୀନ ହେବାପାଇଁ ପ୍ରସ୍ତୁତ ହୋଇପାରିବେ। ବିପର୍ଯ୍ୟୟ ସମୟରେ କି ପ୍ରତିକାର କରାଯାଇପାରେ ଓ ବିପର୍ଯ୍ୟୟ ଘଟିବାର ପରବର୍ତ୍ତୀ ଅବସ୍ଥାରେ କିପରି ମୁକାବିଲା କରିବାକୁ ହେବ ସେ ବିଷୟରେ ସମସ୍ତେ ସଚେତନ ହେବା ବିଶେଷ ଗୁରୁତ୍ୱପୂର୍ଣ୍ଣ।

ଅନୁରୂପ ଭାବରେ ୧୯୩୩ ମସିହାରେ ପ୍ରକାଶିତ ଔପନ୍ୟାସିକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ '**ଅମରଚିତା**' ମଧ୍ୟ ଦୁର୍ଭିକ୍ଷକେନ୍ଦ୍ରିକ ଉପନ୍ୟାସ। ଏହା 'ମୁକ୍ତାଗଡ଼ର କ୍ଷୁଧା' ଉପନ୍ୟାସର ପରବର୍ତ୍ତୀ ଉପନ୍ୟାସ କହିଲେ ଅତ୍ୟୁକ୍ତି ହେବନାହିଁ। ରାଜା ଶୁଭକାନ୍ତ ଦୁର୍ଭିକ୍ଷ ସମୟରେ ଲୋକମାନଙ୍କୁ ରକ୍ଷାକରିବାପାଇଁ ଯେଉଁ ପଦକ୍ଷେପ ନେଇଛନ୍ତି; ତାହା ଏଥିରେ ବର୍ଣ୍ଣିତ ହୋଇଛି।

ଦୁର୍ଭିକ୍ଷ ସମୟରେ ସ୍ୱାମୀ କିପରି ବଳପୂର୍ବକ ସ୍ତ୍ରୀଠାରୁ ଖାଦ୍ୟ ଛଡ଼ାଇ ନେଇ ନିଜ ଭୋକ ମେଣ୍ଟାଉଛି, ମା'ମାନେ ସନ୍ତାନମାନଙ୍କଠାରୁ ଖାଦ୍ୟ ଲୁଚାଇ ଖାଉଛନ୍ତି, ସେମାନେ ଭୋକ ନିକଟରେ କେହି କାହାକୁ ଚିହ୍ନିପାରୁନାହାନ୍ତି। ଦୁର୍ଭିକ୍ଷରୁ ଲୋକମାନେ କିପରି ରକ୍ଷାପାଇବେ ସେଥିପାଇଁ ସନାତନ ଓ ଶୁଭକାନ୍ତ ସାହାଯ୍ୟ କରିବାପାଇଁ ଚାହିଁଛନ୍ତି। ସେଦୁହେଁ ଦେଖିଛନ୍ତି ଲୋକଙ୍କପାଇଁ ଯେଉଁ ଅନ୍ନଛତ୍ର ଖୋଲା ଯାଇଥିଲା; ତାହା କାଳକ୍ରମେ ବନ୍ଦ ହୋଇଛି। ସରକାର ମଧ୍ୟ ଲୋକମାନଙ୍କୁ ସହାୟତା ଆଉ କରୁନାହାନ୍ତି। ଜମିଦାରମାନେ ସାଧାରଣ ଲୋକଙ୍କୁ ହଇରାଣ କରୁଛନ୍ତି। ରାଜା ଲୋକମାନଙ୍କୁ ସାହାଯ୍ୟ କରିବାପାଇଁ ଧନୀଶ୍ରେଣୀର ଲୋକମାନଙ୍କ ପାଖରେ ଭିକ୍ଷା କରୁଛନ୍ତି। ନିଜ ସମ୍ମାନକୁ ନ ଦେଖି ଲୋକମାନଙ୍କପାଇଁ ନିଜ ଜୀବନ ଉତ୍ସର୍ଗ କରିଦେଇଛନ୍ତି। ଔପନ୍ୟାସିକ ଦୁର୍ଭିକ୍ଷର ଘଟଣାକୁ ସଫଳ ରୂପେ ଚିତ୍ରଣ କରିଛନ୍ତି। ଦୁର୍ଭିକ୍ଷପାଇଁ ସମସ୍ତ ବ୍ୟକ୍ତିଙ୍କର ସ୍ଥିତି ଓ ପରିଚୟ ବଦଳି ଯାଇଛି। ରାଜା ଜଣେ ସାଧାରଣ ଲୋକ ଭାବରେ ଦଣ୍ଡାୟମାନ ହୋଇଛନ୍ତି। ସେ ସାଧାରଣ ଲୋକମାନଙ୍କ ପରି ଖାଇବାକୁ ନ ପାଇ ଅସହ୍ୟ ଯନ୍ତ୍ରଣା ଓ କଷ୍ଟ ପାଇଛନ୍ତି।

ଔପନ୍ୟାସିକ କାହ୍ନୁଚରଣ ମହାନ୍ତି ୧୯୧୫/୧୬ ମସିହାରେ ଉତ୍ତର ଓଡ଼ିଶା ଗଡ଼ଜାତମାନଙ୍କରେ ଯେଉଁ ଅନାବୃଷ୍ଟି ହୋଇ ଦୁର୍ଭିକ୍ଷ ହୋଇଥିଲା ତାହାକୁ ସେ ଅତି ନିକଟରୁ ଦେଖିଛନ୍ତି। ଆଖି ଆଗରେ ଦେଖିବାକୁ ବାସ୍ତବ ଛବିକୁ ୧୮୬୬ ମସିହାରେ ଘଟିଥିବା ନଅଙ୍କ ଦୁର୍ଭିକ୍ଷ ଆଡ଼କୁ ଟାଣି ନେଇଛି। ୧୮୬୬ ମସିହାରେ 'ହା'ଅନ୍ନ'ର ଚିତ୍କାରରେ କିପରି ଲୋକମାନେ ମୃତ୍ୟୁବରଣ କରୁଥିଲେ; ତାହାକୁ ସେ ହୃଦୟରେ ଅନୁଭବ କରିଛନ୍ତି ଏବଂ ଔପନ୍ୟାସିକ ଏହି କଥାବସ୍ତୁକୁ '**ହା'ଅନ୍ନ**' ଉପନ୍ୟାସରେ ସ୍ଥାନ ଦେଇଛନ୍ତି। ୧୮୧୪-୧୫ ବେଳର ଅନାବୃଷ୍ଟି ଯୋଗୁଁ ଓଡ଼ିଆ ଜମିଦାରଗଣ ରାଜସ୍ୱ ଦେଇ ନପାରି ସରକାରଙ୍କୁ ଏକ ଆବେଦନ ଜଣାଇଲେ। ଓଡ଼ିଶାର ଜୀବନ ମରଣ ସମସ୍ୟା ୧୮୧୭ ମସିହାରେ ରାଜସ୍ୱ ବାକିରେ ଓଡ଼ିଶାର ବଡ଼ଛୋଟ ଅସଂଖ୍ୟ ଜମିଦାରୀ ମାହାଲା କଲିକତା ସହରରେ ନିଲାମ ହୋଇଗଲା। କେହି ଏହି ଦୁର୍ଦ୍ଦିନ ପରିସ୍ଥିତିକୁ ଦୃଷ୍ଟିପାତ କିମ୍ବା କର୍ଣ୍ଣପାତ କଲେ ନାହିଁ। ଜମିଦାର ବଙ୍ଗାଳୀ ହୋଇ କଲିକତାରେ ରହିଲେ। ଓଡ଼ିଶାର ଜମିଦାରୀକୁ ଅର୍ଥାଗମର ଏକମାତ୍ର କ୍ଷେତ୍ର ଭାବିନେଲେ। ଗୁମାସ୍ତାଦ୍ୱାରା ସର୍ବବିଧ ଅତ୍ୟାଚାର କରି ଅର୍ଥାଦାୟ କରିବାକୁ ଲାଗିଲେ। କୃଷକ ହେଲେ ଦରିଦ୍ରତର। ଅମାର ସବୁ ଶୂନ୍ୟ ପଡ଼ିଲା। ଚାଷପାଇଁ ବୈରାଗ୍ୟ ଜାତ ହେଲା। ଏହି ଭିତରେ ପରିସ୍ଥିତିକୁ ସଙ୍ଗୀନ କରି ନଅଙ୍କ ଦୁର୍ଭିକ୍ଷ ପହଞ୍ଚିଲା। ମୁମୂର୍ଷୁପ୍ରାୟ ଅତ୍ୟାଚାରିତ ନିପୀଡ଼ିତ ଶୁଷ୍କଗର୍ଭ କୃଷକ ତାର ମୃତ୍ୟୁକୁ ଅପେକ୍ଷା କଲା। ପଚିଶୋତ୍ତର ଲେଖକ କଦାପି ଦୁର୍ଭିକ୍ଷକୁ ବିଧିସୃଷ୍ଟି କହି ନାହିଁ, ଯଦିଓ ଏ ଦୁର୍ଘୋର ଅବସ୍ଥାରୁ ମୁକ୍ତି ଲଭିବାପାଇଁ ସେମାନେ ନାନାଭାବେ ଦେବତାର ସହାୟତା ଭିକ୍ଷା କରିଛନ୍ତି।

୧୮୬୬ ମସିହା ଅଗଷ୍ଟ ମାସ ୧୫ ତାରିଖରେ ଗ୍ରାମରେ ଲୋକମାନେ ଖାଇବାକୁ ପାଇନାହାନ୍ତି। ସବୁଆଡେ ଜଳାଭାବ ଦେଖାଦେଇଛି। ଲୋକମାନେ ଅଖାଦ୍ୟ ଖାଇ ବଞ୍ଚିଛନ୍ତି। ବିଭିନ୍ନ ସ୍ଥାନରେ ଲୋକେ ଖାଇବାକୁ ନପାଇ ଘର ଛାଡ଼ିଛନ୍ତି। ଖରାଦିନେ କୁଅରୁ ପାଣି ଶୁଖି ଯିବାରୁ ବହୁ ଲୋକ ଦୂର ଜାଗାକୁ ପାଣି ଆଣିବାକୁ ଯାଇଛନ୍ତି। ଚାରିଆଡ଼େ ହଇଜା ବ୍ୟାପିଛି। ଲୋକମାନଙ୍କ ମନରେ ଆତଙ୍କ ସୃଷ୍ଟି ହୋଇଛି। ନିଜକୁ ରକ୍ଷା କରିବାପାଇଁ ଯେତେ ଠାକୁରଙ୍କୁ ପୂଜା କଲେ ମଧ୍ୟ ଏହି ଅନ୍ଧବିଶ୍ୱାସ ଯୋଗୁଁ ଲୋକେ ମୃତ୍ୟୁବରଣ କରିଛନ୍ତି। ଦୁର୍ଭିକ୍ଷ ସମସ୍ତଙ୍କର ପରିଚୟକୁ ହଜାଇଦେଇଛି। 'ମୁକ୍ତାଗଡ଼ର କ୍ଷୁଧା', 'ଅମରଚିତା' ଉପନ୍ୟାସରେ ରାଜା ଶୁଭକାନ୍ତ ଦୁର୍ଭିକ୍ଷରେ ଘଟୁଥିବା ବିଭିନ୍ନ ଘଟଣା ଦେଖିଛନ୍ତି। ଶୁଭକାନ୍ତ ସମସ୍ତଙ୍କୁ ସାହାଯ୍ୟ କରିବାପାଇଁ ଅଣ୍ଟା ଭିଡ଼ିଥିବାବେଳେ; ଜଗୁ ସମସ୍ତଙ୍କଠାରୁ ଦୂରେଇ ନିଜେ ବଞ୍ଚିବାକୁ ଚାହିଁଛି। ଇଂରେଜ ସରକାରଙ୍କ ମନୋମୁଖୀ ଶାସନ, ଦେଶୀୟ ଜମିଦାରଙ୍କ ଅପାରଗତା କାର୍ଯ୍ୟପାଇଁ ବହୁଲୋକ ମୃତ୍ୟୁବରଣ କରିଛନ୍ତି।

ଅନୁରୂପ ଭାବରେ କାହ୍ନୁଚରଣ ମହାନ୍ତିଙ୍କ ଅନ୍ୟ ଏକ ଉପନ୍ୟାସ '**ଶାସ୍ତି**' ଦୁର୍ଭିକ୍ଷକୈନ୍ଦ୍ରିକ। ଏଥିରେ ଦୁର୍ଭିକ୍ଷ ସମୟର ଚିତ୍ର ସ୍ଥାନ ପାଇ ନାହିଁ। ଦୁର୍ଭିକ୍ଷ ପରବର୍ତ୍ତୀ ସମାଜର ଚିତ୍ର, ମନୁଷ୍ୟର ବାସ୍ତବ ସଂଘର୍ଷ, କଷ୍ଟ ଜର୍ଜରିତ ଜୀବନଯାପନ, ଘରବାଡ଼ି, ଚାଷଜମି ହରେଇବା, ଜାତି ହରେଇବା, ଛତରରେ ଖାଇବା, ଜାତିରେ ମିଶିବା ଏବଂ ଏସବୁ ଭିତର ଦେଇ ମଣିଷ କିପରି ଏକ ସାମାଜିକ, ସାଂସ୍କୃତିକ, ଶାରୀରିକ, ମାନସିକ ସମ୍ପର୍କର ସମ୍ମୁଖୀନ ହେଉଛି ତା'ର ଏକ ଜୀବନ୍ତ ରୂପ ବର୍ଣ୍ଣିତ।

ଔପନ୍ୟାସିକ ରାମପ୍ରସାଦ ସିଂହଙ୍କ '**ହୋମଶିଖା**' ଉପନ୍ୟାସରେ ଦୁର୍ଭିକ୍ଷର କଥା ବର୍ଣ୍ଣନା ହୋଇଛି। ଏଥିରେ ଦୁର୍ଭିକ୍ଷ ସହ ଧନୀକ ଶ୍ରେଣୀ ବିରୁଦ୍ଧରେ ଆନ୍ଦୋଳନର ଚିତ୍ର ସ୍ଥାନିତ। ଦୁର୍ଭିକ୍ଷ କିଭଳି ମଣିଷଙ୍କୁ ଦୁର୍ଗତି ଆଡ଼କୁ ଠେଲି

ଦେଇଛି ବହୁ ନରନାରୀ ନିଜ ପରିବାରକୁ ହରାଇ କିଭଳି ନିସ୍ୱ ହୋଇଛନ୍ତି ଏବଂ ଦୁର୍ଭିକ୍ଷପାଇଁ ଚାରିଆଡେ କିଭଳି ହାହାକାର ସ୍ୱର ଶୁଣାଯାଇଛି ତାହାର ବାସ୍ତବ ଚିତ୍ର ଦେଖିବାକୁ ମିଳେ ଏହି 'ହୋମଶିଖା' ଉପନ୍ୟାସରେ। ଦୁର୍ଭିକ୍ଷରେ ଜମିଦାରମାନେ ସାଧାରଣ ଗରିବ ଲୋକମାନଙ୍କ ଉପରେ ଅତ୍ୟାଚାର କରିବାର ଚିତ୍ର ଏହି ଉପନ୍ୟାସ ମଧ୍ୟରେ ସ୍ଥାନିତ ।

ରାମପ୍ରସାଦ ସିଂଙ୍କ ଅନ୍ୟ ଏକ ଉପନ୍ୟାସ '**ସମାପ୍ତ**' ରେ ଦୁର୍ଭିକ୍ଷର ବ୍ୟାପକତା ଓ ଭୟାନତାକୁ ବୃଦ୍ଧି କରାଇବାରେ ସରକାରୀ କର୍ମଚାରୀଙ୍କ ଦାୟିତ୍ୱହୀନତା, ହୃଦୟହୀନତା ଓ ସ୍ୱାର୍ଥପରତାକୁ ତୀବ୍ର ସମାଲୋଚନା କରାଯାଇଛି। ସ୍ୱାର୍ଥସର୍ବସ୍ୱ ଦାୟିତ୍ୱହୀନ ଲୋକଙ୍କପାଇଁ ଦୁର୍ଭିକ୍ଷର ସ୍ୱାଭାବିକ ଭୟାନକତା ଅପେକ୍ଷା ଲକ୍ଷଗୁଣ ଅଧିକ ଭୀତପ୍ରଦ ଓ ମୃତ୍ୟୁମୁଖୀ ହୋଇପଡ଼ିଥିଲା। ଐତିହାସିକ ସତ୍ୟତା ପ୍ରତି ପଟିଶୋତ୍ତର ଲେଖକ ସବୁବେଳେ ଶ୍ରଦ୍ଧାଶୀଳ ଓ ତାର ପ୍ରଦର୍ଶନରେ ବିଶେଷ ନିଷ୍ଠାବାନ। ଔପନ୍ୟାସିକ ୧୯୪୨-୪୩ ମସିହାରେ ହୋଇଥିବା ଦୁର୍ଭିକ୍ଷର ଚିତ୍ରକୁ ଏହି ଉପନ୍ୟାସରେ ବର୍ଣ୍ଣନା କରିଛନ୍ତି। ଦୁର୍ଭିକ୍ଷରେ କଷ୍ଟ ପାଉଥିବା ଲୋକଙ୍କପାଇଁ ସରକାର ବିଭିନ୍ନ ଯୋଜନା ଯୋଗାଉଛନ୍ତି; କିନ୍ତୁ ସେସବୁ ସାଧାରଣ ଗରିବ ଜନତା ପାଇପାରୁନାହାନ୍ତି। ଉଚ୍ଚଶ୍ରେଣୀୟ ବ୍ୟକ୍ତିମାନେ ଖଟିଖିଆ ମୂଲିଆଙ୍କପାଇଁ ଆସୁଥିବା ସମସ୍ତ ଜିନିଷକୁ ହଡ଼ପ କରି ଧନୀ ହେଉଛନ୍ତି। ସେହି ନିରୀହ ନିରସ୍ତ୍ର ଜନତାମାନେ ଦୁର୍ଭିକ୍ଷରେ ସାମାନ୍ୟ ଜିନିଷ ପାଇବାରୁ ବଞ୍ଚିତ ହୋଇ ମୃତ୍ୟୁବରଣ କରୁଛନ୍ତି।

ଔପନ୍ୟାସିକ ଜଗନ୍ନାଥ ପ୍ରସାଦ ଦାଶଙ୍କ '**ଦେଶ-କାଳ-ପାତ୍ର**' ଉପନ୍ୟାସରେ ଦୁର୍ଭିକ୍ଷ କଥାବସ୍ତୁ ସ୍ଥାନିତ। ଏହି ଉପନ୍ୟାସରେ କାଳ୍ପନିକତା ଅପେକ୍ଷା ସତ୍ୟତା ବିଶେଷ ଭାବରେ ସ୍ଥାନ ପାଇଛି। ଲେଖକ ନିଜସ୍ୱ ଦୃଷ୍ଟିକୋଣରୁ ନଅଙ୍କ ଦୁର୍ଭିକ୍ଷକୁ ଦେଖିଛନ୍ତି ଏବଂ ଏହାର ବାସ୍ତବ ସତ୍ୟାସତ୍ୟକୁ ରୂପ ଦେଇଛନ୍ତି। ଏଥିରେ କାହାଣୀ ନାହିଁ, କଥାବସ୍ତୁ ଚିରନ୍ତନ ବାସ୍ତବ ଏବଂ ଏଥିରେ ସତ୍ୟ ଚରିତ୍ର ସ୍ଥାନିତ। ଇଂରେଜ ସରକାରଙ୍କ ମନୋମୁଖୀ ଶାସନ, ରାଜାମାନଙ୍କର ବେଖାତିର ପଣିଆ ମନୋଭାବ, ଦେଶୀୟ ଜନତାଙ୍କର ଦୋମୁହାଁ ନୀତି ଆଦି ବିଭିନ୍ନ କାରଣରୁ ବିପୁଳ ସଂଖ୍ୟାରେ ଲୋକ ନଅଙ୍କ ଦୁର୍ଭିକ୍ଷରେ ପ୍ରାଣ ହରାଇଛନ୍ତି। ଇଂରେଜ ସରକାରଙ୍କପାଇଁ ଦୁର୍ଭିକ୍ଷରେ ଅଧିକ ଲୋକ ମରିଯିବାର କଥା 'ମୁକ୍ତାଗଡ଼ର କ୍ଷୁଧା', 'ଅମରଚିତା', 'ହା'ଅନ୍ନ', 'ସମାପ୍ତି' ଆଦି ଉପନ୍ୟାସରେ ସ୍ଥାନପାଇଛି।

ଔପନ୍ୟାସିକ ଶରତ ଚନ୍ଦ୍ର ମିଶ୍ରଙ୍କ '**କଳାହାଣ୍ଡି ଓ ଇନ୍ଦ୍ରଦେବତା**' ଉପନ୍ୟାସରେ କଳାହାଣ୍ଡିର ଦୁର୍ଭିକ୍ଷ କଥା ସ୍ଥାନ ପାଇଛି। ବର୍ତ୍ତମାନର ନୂଆପଡ଼ା ଜିଲ୍ଲା ସେତେବେଳେ କଳାହାଣ୍ଡି ଜିଲ୍ଲାର ଅଂଶବିଶେଷ ଥିଲା। ୧୯୬୬ ମସିହାରେ ଅନାବୃଷ୍ଟିଜନିତ ଖରିଆର ଅଞ୍ଚଳରେ ଦୁର୍ଭିକ୍ଷ ଅବସ୍ଥା ସୃଷ୍ଟି ହୋଇଥିଲା। ସେ ସମୟର କରାଳ ଦୃଶ୍ୟ ଏହି ଉପନ୍ୟାସରେ ସ୍ଥାନିତ। ଲେଖକ ୧୯୯୧ ମସିହାରେ ଆଉଥରେ କଳାହାଣ୍ଡି ଅଞ୍ଚଳକୁ ଭ୍ରମଣ କରିବାକୁ ଯାଇଥିଲେ। ଦୀର୍ଘ ୨୫ ବର୍ଷ ମଧ୍ୟରେ ସେ ଅଞ୍ଚଳର ବିଶେଷ କିଛି ଉନ୍ନତିକର କାର୍ଯ୍ୟ ନ ହୋଇଥିବା ଦେଖି ତାଙ୍କର ମନ ଖୁବ୍ ବ୍ୟଥିତ ହୋଇଥିଲା; ଯାହାର ଫଳସ୍ୱରୂପ 'କଳାହାଣ୍ଡି ଓ ଇନ୍ଦ୍ରଦେବତା' ଉପନ୍ୟାସର ଜନ୍ମ।

ଖରିଆରଠାରୁ ୧୨କି.ମି. ଦୂରରେ ଥିବା ଭଟିମୁଣ୍ଡା ଗାଁର ଲୋକମାନେ ଦୁର୍ଭିକ୍ଷରେ ଶିକାର ହୋଇଛନ୍ତି। ସେଠାକାର ଚାଷୀଭାଇ ବର୍ଷାକୁ ଚାତକ ପକ୍ଷୀପରି ଅନେଇ ରହିଛନ୍ତି। କିନ୍ତୁ ବର୍ଷା ନ ହେବାରୁ କେହି କେହି ଗାଆଁ ଛାଡ଼ି ଦୂରକୁ ଚାଲିଯାଇଛନ୍ତି ତ କେହି କେହି ସାହୁକାରଙ୍କଠାରୁ ଆଣିଥିବା ଋଣସବୁ କିପରି ସୁଝିବେ ସେ ଚିନ୍ତାରେ ବ୍ୟସ୍ତ ବିବ୍ରତ ହୋଇପଡ଼ିଛନ୍ତି। ସେଠାକାର ଲୋକମାନେ ଭାବିଛନ୍ତି ବୋଧହୁଏ ଇନ୍ଦ୍ରଦେବତା ତାଙ୍କ ଉପରେ ଖୁସି ନାହାନ୍ତି ଏଥିପାଇଁ ସେ ଅନେକ ପୂଜାର୍ଚ୍ଚନା କରି ମଧ୍ୟ ନିରାଶ ହୋଇଛନ୍ତି। ସରକାରୀ ଲୋକମାନଙ୍କର ସ୍ୱାର୍ଥଭାବ, ମନଇଚ୍ଛା ଶାସନପାଇଁ ସାଧାରଣ ଜନତା ବହୁ ଅସୁବିଧାର ଶିକାର ହୋଇଛନ୍ତି ସେମାନେ ଦୁର୍ଭିକ୍ଷରେ ଲୋକମାନଙ୍କପାଇଁ ସୁବ୍ୟବସ୍ଥା ନକରି ନିଜର ବଦଳି ହେବା ଚିନ୍ତା କରିବା କଥା ମଧ୍ୟ ଉପନ୍ୟାସରେ ସ୍ଥାନିତ।

ସେହିପରି ଦାଶରଥି ନନ୍ଦଙ୍କ '**ଦଣ୍ଡଧାରୀ**' ଉପନ୍ୟାସରେ କଳାହାଣ୍ଡି ଜିଲ୍ଲାର କଥା ସ୍ଥାନ ପାଇଛି। ୧୯୬୫ ମସିହାରେ କଳାହାଣ୍ଡିରେ ମରୁଡି ପଡ଼ିଥିଲା। ଏହାର ପ୍ରଭାବ ଦୁଇବର୍ଷ ଯାଏ ରହିଥିଲା। ଔପନ୍ୟାସିକ ପ୍ରତ୍ୟକ୍ଷଭାବେ ଦୁର୍ଭିକ୍ଷ ଘଟଣାକୁ ଅଙ୍ଗେ ଲିଭାଇଛନ୍ତି ଏବଂ ଅତି ନିକଟରୁ ରାଜନୈତିକ ବ୍ୟକ୍ତି ଓ ପ୍ରଶାସନିକ ବ୍ୟକ୍ତିମାନଙ୍କ ଅପାରଗତା ଦେଖିବାକୁ ପାଇଛନ୍ତି। ଯାହାକୁ ଔପନ୍ୟାସିକ ସ୍ଥାନ ଦେଇଛନ୍ତି 'ଦଣ୍ଡଧାରୀ' ଉପନ୍ୟାସର କଥାବସ୍ତୁରେ।

ଔପନ୍ୟାସିକ ରାସବିହାରୀ ବେହେରାଙ୍କ '**ବସୁନ୍ଧରାର କୋହ**'ରେ ଦୁର୍ଭିକ୍ଷ ଓ ଦାଦନ ସମସ୍ୟା ସ୍ଥାନପାଇଛି। ଏତେ ଦିନ ଧରି ଦେଶ ସ୍ୱାଧୀନ ପାଇଲେ ମଧ୍ୟ ଦେଶରେ ବେରୋଜଗାର ଦେଖାଯାଉଛି। ଯେଉଁଥିପାଇଁ ଲୋକମାନେ ନିଜ ଅଞ୍ଚଳରେ କାର୍ଯ୍ୟ କରିବାର ସୁଯୋଗ ନ ପାଇ କାମ କରିବାକୁ ବାହାରକୁ ଯାଇଛନ୍ତି। ଦୁର୍ଭିକ୍ଷ ଯୋଗୁଁ ଲୋକମାନେ ଗାଁ ଛାଡ଼ି ଦାଦନ ଖଟିବାକୁ ଯାଆନ୍ତି। ଦାଦନ ଖଟିଲାବେଳେ କଣ୍ଟ୍ରାକ୍ଟରମାନଙ୍କ ଦ୍ୱାରା ଶୋଷିତ ହୁଅନ୍ତି, ସେଠି ଠିକ୍ ରୂପେ କାର୍ଯ୍ୟ ନ କରିପାରିଲେ ଅତ୍ୟାଚାର ସହିବାକୁ ପଡେ ଏବଂ ଯିଏ ସେହି ସମୟରେ ଘରକୁ ଯିବାପାଇଁ ବାହାରେ ସେମାନେ ତାକୁ ଯିବାକୁ ଛାଡ଼ନ୍ତି ନାହିଁ। କାମ କରୁଥିବା ସମୟରେ ସେମାନଙ୍କର ମୃତ୍ୟୁ ହେଲେ କ୍ଷତି ପୂରଣ ମିଳେ ନାହିଁ। ରାଜନୀତିକ କର୍ମଚାରୀମାନେ ନିର୍ବାଚନ ସମୟରେ ଲୋକମାନଙ୍କୁ ଯେତେ ମିଛ ପ୍ରତିଶ୍ରୁତି ଦେଲେ ମଧ୍ୟ ତାହା କାର୍ଯ୍ୟକାରୀ କରନ୍ତି ନାହିଁ। ଯାହାଫଳରେ ସାଧାରଣ ଜନତା ଦୁର୍ଭିକ୍ଷ ଭଳି ମହାମାରୀରେ ମୃତ୍ୟୁବରଣ କରନ୍ତି।

ହୃଷୀକେଶ ପଣ୍ଡାଙ୍କ '**ଗର୍ବକରିବାର କଥା**' ଉପନ୍ୟାସରେ ଯେଉଁ ଦୁର୍ଭିକ୍ଷର ପୃଷ୍ଠଭୂମି ଓ ଚିତ୍ର ଅତ୍ୟନ୍ତ ସୂକ୍ଷ୍ମଭାବେ ବର୍ଣ୍ଣିତ ହୋଇଛି, ତାହା ମୁଖ୍ୟତଃ ଉତ୍ତର ଓଡ଼ିଶା ବା ବିଶେଷ ଭାବରେ ବାଲେଶ୍ୱର ଅଞ୍ଚଳକୁ ଭିତ୍ତିକରି ରଚିତ ହୋଇଛି। କାଳିଦାସପୁର

ଅଞ୍ଚଳକୁ ଭିତ୍ତିକରି କିଭଳି ଜଣେ ଜମିଦାରୀର ସଚେତନ ମହିଳା ଅଣ୍ଟାଭିଡ଼ି ଏତେ ବଡ ନଅଙ୍କ ଦୁର୍ଭିକ୍ଷର ଗ୍ରାସରୁ ନିଜ ଜମିଦାରୀକୁ ରକ୍ଷା କରିବାର ପ୍ରଚେଷ୍ଟା କରିଛନ୍ତି, ତାର ଚିତ୍ର ଉପନ୍ୟାସରେ ରୂପ ପାଇଛି। ବ୍ରିଟିଶ ସରକାରଙ୍କ ଷଡ଼ଯନ୍ତ୍ର ଏବଂ ବିଭିନ୍ନ ଇଂରେଜ ସରକାରଙ୍କ ଅଧୀନସ୍ଥ ବିଭିନ୍ନ ଅଫିସରଙ୍କର ଓଡ଼ିଶା ପ୍ରତି ଅସୂୟାଭାବ ଓ ଧୂର୍ତ୍ତତାର ଚିତ୍ର ଏହି ଉପନ୍ୟାସରେ ରହିଛି। ତତ୍ ସହିତ ମୟୂରଭଞ୍ଜଠାରୁ ବାମନଘାଟି ଅଞ୍ଚଳକୁ ବିଚ୍ଛିନ୍ନ କରିଦେବାର ରାଜନୀତିକ ଷଡ଼ଯନ୍ତ୍ର ମଧ୍ୟ ଏଥିରେ ସ୍ଥାନ ପାଇଛି। ସେହିଭଳି ରେଭେନ୍ସା କଲେଜ ନିର୍ମାଣବେଳେ ପ୍ରାପ୍ତ ଅର୍ଥପାଇଁ ମହାରାଜାଙ୍କୁ ଉପାଧି ପ୍ରଦାନ କରିବା ସହିତ ବାମନଘାଟି ଅଞ୍ଚଳକୁ ଫେରାଇ ଦେବାଭଳି କୁତ୍ସିତ ଗୋପନ ଇତିହାସର ଦସ୍ତାବିଜକୁ ଔପନ୍ୟାସିକ ଉପନ୍ୟାସଟିରେ ପରଶି ଦେଇଛନ୍ତି।

'ଦେଶ କାଳ ପାତ୍ର' ଓ 'ଗର୍ବକରିବାର କଥା' ଭଳି ଉପନ୍ୟାସରେ ଦୁର୍ଭିକ୍ଷର ଐତିହାସିକତାକୁ ସବିଶେଷ ନ ହେଲେ ବି ସଚେତନ ସୂଚନା ରହିଛି। ନଅଙ୍କ ଦୁର୍ଭିକ୍ଷ ବ୍ୟତୀତ ଅନ୍ୟ ଦୁର୍ଭିକ୍ଷର ପୃଷ୍ଠଭୂମିରେ 'କଳାହାଣ୍ଡି ଓ ଇନ୍ଦ୍ରଦେବତା' ଓ 'ଦଣ୍ଡଧାରୀ' ଉପନ୍ୟାସ ରଚନା କରାଯାଇଛି; ଯାହାକି ଅନ୍ୟ ଉପନ୍ୟାସ ତୁଳନାରେ ଅଧିକ ପ୍ରାକୃତିକ ବିପର୍ଯ୍ୟୟକୁ ଆଧାର କରିଛି। ସେହିଭଳି ଲୋକଜୀବନରେ ଘଟିଥିବା ଦୁର୍ଭିକ୍ଷର ପ୍ରଭାବ 'ଦଣ୍ଡଧାରୀ' ଉପନ୍ୟାସରେ ଦେଖାଦେଇଛି; ଯେଉଁଠି ଛୁଁଇହେବ ଲୌକିକ ଜୀବନର ଅକ୍ଷତ ଛବିକୁ।

ବିପଦ ମନୁଷ୍ୟର ଚିର ସହଚର। ଅଭାବ, ରୋଗ, ଶୋକ ସହିତ ମଣିଷ ପ୍ରତି ନିୟତ ସଂଗ୍ରାମ କରି ଜୀବନ ଜୀଏଁ। ମଣିଷର ଅପରିଣାମଦର୍ଶିତା, ଅମାପ ଲୋଭ, ପାରସ୍ପରିକ ଅସହଯୋଗ ଓ ଈର୍ଷା ଆଦି ନାନାବିଧ କାରଣ ତା'ର ଜୀବନକୁ ଦୁଃଖ ଓ ଯନ୍ତ୍ରଣାରେ ଭରିଦିଏ। କେତେକ ବିପର୍ଯ୍ୟୟ ପ୍ରାକୃତିକ ହୋଇଥିବାବେଳେ ଅଧିକାଂଶ ମନୁଷ୍ୟକୃତ। ଏହି ଦୁର୍ଗତିରୁ ମୁକ୍ତିପାଇଁ ମଣିଷ ସଚେତନ ହେବା ଏକାନ୍ତ ଆବଶ୍ୟକ। ବାସ୍ତବତା ଦୃଷ୍ଟିରୁ ମଣିଷର ଶକ୍ତି, ସାମର୍ଥ୍ୟ ଓ ସମ୍ବଳର ବିନିଯୋଗକରି ଏହାର ସାମ୍ନା କରାଯାଉଥିବାବେଳେ ମାନବ ଜଗତକୁ ଜାଗୃତ କରିବାପାଇଁ ସାହିତ୍ୟରେ ମାନବିକ ସମ୍ବେଦନା ସକଳ ସମ୍ଭାବନାର ଦ୍ୱାର ଉନ୍ମୁକ୍ତ କରିପାରେ।

ସହାୟକ ଗ୍ରନ୍ଥସୂଚୀ

୧) ଉମର, ସାହିଦ। ଓଡ଼ିଶା ପ୍ରସଙ୍ଗ। ୧ମ ସଂସ୍କରଣ, ଆୟନ ପ୍ରକାଶନ, ଭୁବନେଶ୍ୱର, ୨୦୦୬।

୨) ପଟ୍ଟନାୟକ, ଡକ୍ଟର କଇଳାଶ। ଓଡ଼ିଆ ଉପନ୍ୟାସର ସମାଜତତ୍ତ୍ୱ। ୨ୟ ମୁଦ୍ରଣ, ବିଦ୍ୟାପୁରୀ, କଟକ, ୨୦୧୯।

୩) ବରାଳ, ଡକ୍ଟର ଆଲୋକ। ଉପନ୍ୟାସ ଜିଜ୍ଞାସା। ୧ମ ସଂସ୍କରଣ, ବିଜୟିନୀ ପବ୍ଲିକେଶନ, କଟକ, ୨୦୧୯।

୪) ଦେବୀ, ଶ୍ରୀମତୀ ପୀତାମ୍ବରୀ। କାନ୍ତରାବାବୁ। ୧ମ ମୁଦ୍ରଣ, ଉତ୍କଳ ସାହିତ୍ୟପ୍ରେସ୍, କଟକ, ୧୯୩୧।

୫) ପ୍ରଧାନ, ଡକ୍ଟର ମନୋରଞ୍ଜନ। ଉପନ୍ୟାସତତ୍ତ୍ୱ ଓ ଅନ୍ୟାନ୍ୟ ଆଲୋଚନା। ୧ମ ମୁଦ୍ରଣ, ଓଡ଼ିଶା ବୁକ୍‌ଷ୍ଟୋର, କଟକ, ୨୦୦୩।

୬) ମହାନ୍ତି, କାହ୍ନୁଚରଣ। ଶାସ୍ତି। ୨୦ଶ ସଂସ୍କରଣ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୨୦୧୯ ।

୭) ପାଣିଗ୍ରାହୀ, କାଳିନ୍ଦୀଚରଣ। କାଳିନ୍ଦୀଚରଣ ଉପନ୍ୟାସ ସମଗ୍ର। ୫ମ ସଂସ୍କରଣ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ, ୨୦୨୧।

୮) ଦାଶ, ଜଗନ୍ନାଥ ପ୍ରସାଦ। ଦେଶ କାଳ ପାତ୍ର। ୬ଷ୍ଠ ସଂସ୍କରଣ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୨୦୧୯।

୯) ପଣ୍ଡା, ହୃଷୀକେଶ। ଗର୍ବକରିବାର କଥା। ୪ର୍ଥ ସଂସ୍କରଣ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୨୦୨୨।

୧୦) ମିଶ୍ର, ଶରଦଚନ୍ଦ୍ର। କଳାହାଣ୍ଡି ଓ ଇନ୍ଦ୍ରଦେବତା। ୧ମ ସଂସ୍କରଣ, ନିଉ ଏଜ୍ ପବ୍ଲିକେଶନ୍ସ, କଟକ, ୨୦୦୫।

Funding

No funding was received for conducting this study.

Does this article screened for similarity?

Yes

Conflict of interest

The Author has no conflicts of interest to declare that they are relevant to the content of this article.

About the Licenses

© Sushama Behera, Dr. Mamatarani Behera 2024. The text of this article is open access and licensed under a Creative Commons Attribution 4.0 International License

Cite this Article :

Sushama Behera, Dr. Mamatarani Behera, Durbhikshakaindrika Odia Upanyasa : Eka Alochana, Bageesha, Vol. No. 02, Issue No. 06, November - December 2024, Article No: BM2024/06-A005 | Page-33-38

ALOCHANA
ସମାଲୋଚନା
ବି ବି ଧ ଚ ର୍ଚ୍ଚା

ଦ୍ୱିତୀୟ ବର୍ଷ, ଷଷ୍ଠ ସଂଖ୍ୟା | ନଭେମ୍ବର - ଡିସେମ୍ବର ୨୦୨୪
Volume No. 02 | Issue No. 06 | Nov-Dec 2024
Refereed Peer-Reviewed Journal

ଫକୀର ମୋହନ ଓ ପ୍ରେମଚାନ୍ଦଙ୍କ ଗଳ୍ପ : ଏକ ତୁଳନାତ୍ମକ ବିଚାର

■ ପ୍ରଫେସର ବବ୍ରୁବାହନ ମହାପାତ୍ର

ନିର୍ଦ୍ଦେଶକ ଓ ଓଡ଼ିଆ ବିଭାଗ ମୁଖ୍ୟ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା

https://bageesha.in
OPEN ACCESS

ମୂଳ ଶବ୍ଦ: ଫକୀର ମୋହନ, ପ୍ରେମଚାନ୍ଦ, ଗଳ୍ପ, ତୁଳନାତ୍ମକ ବିଚାର, ଭାରତୀୟ କଥା ସାହିତ୍ୟ, ସମାଜବାଦୀ, ହିନ୍ଦୀ ସାହିତ୍ୟ

ABSTRACT

ସାରାଂଶ: ପରିମାଣ ଦୃଷ୍ଟିରୁ ଫକୀର ମୋହନଙ୍କ ଗଳ୍ପ ପ୍ରେମଚାନ୍ଦଙ୍କ ସହ ତୁଳନା ହୋଇ ନପାରେ। ଫକୀର ମୋହନ ୨୧ ଟି ଗଳ୍ପ ରଚନା କରିଥିବା ବେଳେ, ପ୍ରେମଚାନ୍ଦ୍ ଲେଖିଛନ୍ତି ପ୍ରାୟ ୩୦୦ ଗଳ୍ପ। ଫକୀର ମୋହନଙ୍କ ଗପ ଗୁଡ଼ିକ ଗଳ୍ପସ୍ୱଳ୍ପ ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗରେ ସଂକଳିତ ହୋଇଥିବା ବେଳେ ପ୍ରେମ ଚାନ୍ଦଙ୍କ ଗଳ୍ପ ସମୂହ କଫନ୍, ଲୋଟରି, ପୌଷ କୀ ରାତ, ବଳିଦାନ, ସୌତ୍, କ୍ରିକେଟ ମ୍ୟାଚ୍, ବୁଢ଼ୀ କାକୀ, ଦୁର୍ଗା ମନ୍ଦିର ଓ ଦୁନିଆ କା ସବ୍‌ସେ ଅନ୍‌ମୋଲ୍ ରତନ ଆଦି ପୁସ୍ତକରେ ସଂକଳିତ ହୋଇଛି। ତେବେ ଫକୀର ମୋହନ ଓ ପ୍ରେମଚାନ୍ଦ ଉଭୟଙ୍କ ଗଳ୍ପଗୁଡ଼ିକ ବର୍ଣ୍ଣନାଧର୍ମୀ, ଘଟଣା ବହୁଳ ଓ ଆୟତନରେ ଆପାପତଃ ଦୀର୍ଘ। ପରିବେଶର ଟିକିନିଖି ଚିତ୍ରଣ ସହିତ ଚରିତ୍ରମାନଙ୍କ ବିଶ୍ଳେଷଣରେ ଉଭୟ ବେଶ୍ ପାରଦର୍ଶୀ। ସେମାନଙ୍କ ଗଳ୍ପରେ ସମାଜର ଅସଙ୍ଗତି, ଅଶୋଭନୀୟତା ବା କୁସଂସ୍କାରର ଛାପ କେଉଁଠି ନା କେଉଁଠି ଅବଶ୍ୟ ଉଙ୍କି ମାରିଥାଏ। ଅନ୍ଧ ବିଶ୍ୱାସ ଓ କୁସଂସ୍କାରର ଦୂରୀକରଣ କରି ଏକ ପରିମାର୍ଜିତ ସମାଜ ଗଠନର ସ୍ୱପ୍ନ ଉଭୟଙ୍କ ଗଳ୍ପରେ ସ୍ୱଚ୍ଛ ପ୍ରତିଫଳିତ ହେଇଥିବାର ଦୃଷ୍ଟି ଗୋଚର ହୁଏ। ଉକ୍ତ ଆଲୋଚନାଟି ଏ କ୍ଷେତ୍ରରେ ଏକ ପ୍ରୟାସ।

ଭାରତୀୟ କଥା ସାହିତ୍ୟର ଦୁଇ ଦିଗ୍‌ଗଜ ଲେଖକ ହେଉଛନ୍ତି ଫକୀର ମୋହନ ଓ ପ୍ରେମଚାନ୍ଦ। ବୟସ ଗତ ବ୍ୟବଧାନ ସତ୍ତ୍ୱେ ଉଭୟଙ୍କ କଥନ କଳା ଓ ଉପଲବ୍ଧିରେ ରହିଛି ଯଥେଷ୍ଟ ସାମଞ୍ଜସ୍ୟ। ସମାଜବାଦୀ ବାସ୍ତବତାକୁ ଉଭୟ ଗଳ୍ପ - ଉପନ୍ୟାସରେ ଜୀବନ୍ତ ରୂପେ ପ୍ରସ୍ତୁତନ କରିବାରେ ଉଭୟେ ନିଜ ନିଜ ସାହିତ୍ୟରେ ଅପ୍ରତିଦ୍ୱନ୍ଦୀ ନିଶ୍ଚୟ। କଥା ସାହିତ୍ୟ କ୍ଷେତ୍ରରେ ଉଭୟେ ସମ୍ରାଟ, ଯଥାକ୍ରମେ ଓଡ଼ିଆ ଓ ହିନ୍ଦୀ ଭାଷାରେ। ଜାତିପ୍ରଥା, ଅସ୍ପୃଶ୍ୟତା ଓ ରକ୍ଷଣଶୀଳ ଚିନ୍ତାଧାରାର ଗର୍ଭଗୃହରେ ପୀଡ଼ିତ ସମାଜ ଓ ଅନ୍ଧ ବିଶ୍ୱାସର ବନ୍ଦୀଶାଳାରେ ଆବଦ୍ଧ ମାନବାତ୍ମାର ମୁକ୍ତି କାମନା ହୋଇଛି ଉଭୟ ସ୍ରଷ୍ଟାଙ୍କ ମୌଳିକ ଲକ୍ଷ୍ୟ ଓ ଆଦର୍ଶ। ଊନବିଂଶ ଶତାବ୍ଦୀର ଶେଷ ପାଦରୁ ବିଂଶ ଶତାବ୍ଦୀର ଆଦ୍ୟ ଦୁଇ ଦଶନ୍ଧି ଭିତରେ ଓଡ଼ିଆ ଓ ହିନ୍ଦୀ ସାହିତ୍ୟର କଥା ବଳୟରେ ଏମାନଙ୍କର ସାଧନା ଓ ସିଦ୍ଧି ଭାରତୀୟ ପ୍ରେକ୍ଷାପଟରେ ଅତ୍ୟନ୍ତ ଚମକପ୍ରଦ। ଭିନ୍ନତା ଏତିକି ଯେ ଫକୀର ମୋହନ ବୟସର ଅପରାହ୍ନରେ କଥା ସାହିତ୍ୟ ସର୍ଜନାରେ ହାତ ଦେଇଥିବା ବେଳେ, ପ୍ରେମଚାନ୍ଦ ଆଦ୍ୟ ଯୌବନରୁ ହିନ୍ଦୀ କଥା ଜଗତକୁ ଅନୁପ୍ରବେଶ କରିଛନ୍ତି। ପୁଣି ଗାନ୍ଧୀବାଦର ପ୍ରେରଣା ମୁନସୀ ପ୍ରେମଚାନ୍ଦଙ୍କ ସୃଷ୍ଟିକୁ ରସାନ୍ୱିତ କରିଥିବା ବେଳେ, ଫକୀର ମୋହନ ଗାନ୍ଧିବାଦୀ ଚେତନାର ଛାଇ ମାଡ଼ି ନାହାନ୍ତି। ତଥାପି ଉଭୟଙ୍କ ଗଳ୍ପକଳାର ଏକତ୍ର ପର୍ଯ୍ୟବେକ୍ଷଣ ଅପ୍ରାସଙ୍ଗିକ ନୁହେଁ; ଯେହେତୁ ନିଜ ନିଜ ସ୍ତରରେ ଉଭୟେ ଗଳ୍ପ ବିଭାଗର ପ୍ରାଣ ପ୍ରତିଷ୍ଠାତା ଓ ସାମାଜିକ ବାସ୍ତବତାର ନାନ୍ଦୀକାର ଭାବେ ଚର୍ଚ୍ଚିତ।

ଫକୀର ମୋହନ ପ୍ରେମଚାନ୍ଦଙ୍କ ଠାରୁ ପ୍ରାୟ ୩୭ ବର୍ଷ ବଡ଼। ୧୮୪୩ ଜାନୁଆରୀ ୧୩ ରେ ବାଲେଶ୍ୱର ଜିଲ୍ଲାର ମଲ୍ଲିକାଶପୁରରେ ଫକୀର ମୋହନ ଜନ୍ମ ନେଇଥିବା ବେଳେ, ୧୮୮୦ ଜୁଲାଇ ୩୧ରେ ବନାରସର ଲମ୍‌ହୀ ଠାରେ ଜନ୍ମ ନିଅନ୍ତି ପ୍ରେମଚାନ୍ଦ। ଉଭୟେ ବାଲ୍ୟ ଜୀବନରୁ ମାତୃହରା ଓ ଜେଜେମାଙ୍କ ସେବାଯତ୍ନରେ ବର୍ଦ୍ଧିତ। ଉଭୟଙ୍କ ଜୀବନ ଥିଲା ସଂଘର୍ଷ ପୂର୍ଣ୍ଣ। ପ୍ରେମଚାନ୍ଦ ୭ବର୍ଷ ବୟସରେ ଲମ୍‌ହୀ ନିକଟସ୍ଥ ଲାଲପୁରର ଏକ ମଦ୍ରାସାରେ ଶିକ୍ଷାରମ୍ଭ କରିଥିଲେ, ଜଣେ ପାର୍ଶୀ ମୌଲବୀଙ୍କ ଠାରୁ ସେ ଉର୍ଦ୍ଦୁ ଶିକ୍ଷା କରିଥିଲେ। କ୍ରମେ ମାତୃ ବିୟୋଗ, ପିତାଙ୍କର ଗୋରଖପୁର ବଦଳି ଓ ଦ୍ୱିତୀୟ ବିବାହ ତଥା ସାବତ ମାତାଙ୍କ ସ୍ନେହ ଲାଭରୁ ବଞ୍ଚିତ ହୋଇ

ଜଣେ ବହି ହୋଲ୍ ସେଲର ପାଖରେ ବହି ବିକ୍ରେତା ଭାବେ କାର୍ଯ୍ୟ କରିଥିଲେ ଏବଂ ମିଶନାରୀ ସ୍କୁଲରେ ଇଂରାଜୀ ଶିକ୍ଷାଲାଭ କରି ନବମ ଶ୍ରେଣୀରେ ପଢୁଥିବା ବେଳେ ୧୫ବର୍ଷ ବୟସରେ ବିବାହ କରିଥିଲେ ତାଙ୍କ ଠାରୁ ବୟସରେ ବଡ଼ ଜଣେ ଧନୀ ଜମିଦାର ପରିବାରର ଝିଅକୁ। ପ୍ରଥମ ବୈବାହିକ ଜୀବନ ଥିଲା ନିରାନନ୍ଦମୟ, କ୍ଳେଶକର। ଫକୀର ମୋହନଙ୍କ ଜୀବନରେ ମଧ୍ୟ ପ୍ରାୟ ସେଇ ଅବସ୍ଥା। ତିନିବର୍ଷ ନ ହେଉଣୁ ପିତୃ-ମାତୃହରା, ୯ ବର୍ଷ ବୟସରେ ଶିକ୍ଷାରମ୍ଭ, ବଡ଼ ବାପାଙ୍କ ନିର୍ଦ୍ଦେଶରେ ଜାହାଜରେ ଗୋମାସ୍ତା ମେଟ୍ ରୂପେ ବୃତ୍ତି ନିର୍ବାହ ଓ ଅଖାଲ ସିଲେଇ କାର୍ଯ୍ୟ, ପୁନଶ୍ଚ ବିଦ୍ୟାରମ୍ଭ ଓ ୧୩ ବର୍ଷ ବୟସରେ ବିବାହ 'ଲୀଳାବତୀ'ଙ୍କୁ, ମାତ୍ର ତାଙ୍କର ପ୍ରଥମ ବୈବାହିକ ଜୀବନ ଥିଲା ବିଷାଦମୟ।

ଫକୀର ମୋହନ ଓ ପ୍ରେମଚାନ୍ଦ ଉଭୟେ ଦ୍ୱିପତ୍ନୀକ। ଦୁହେଁ ଦ୍ୱିତୀୟ ବିବାହ କରି ଦ୍ୱିତୀୟ ପତ୍ନୀ ଠାରୁ ସ୍ନେହ ଆଦର ଓ ପ୍ରେରଣା ପାଇଛନ୍ତି। ଫକୀର ମୋହନଙ୍କ ଜୀବନରେ କୃଷ୍ଣା କୁମାରୀଙ୍କ ଆଗମନ ଏକ ଶୁଭଙ୍କର ଘଟଣା। ପ୍ରେମଚାନ୍ଦ ମଧ୍ୟ ଜଣେ ବିଧବା ରମଣୀକୁ ବିବାହ କରି ବୈପ୍ଲବିକ ପଦକ୍ଷେପ ନେଇଛନ୍ତି ଏବଂ ସେହି 'ଶିବରାଣୀ ଦେବୀ' ତାଙ୍କ ସାରସ୍ୱତ ଜୀବନକୁ ପଲ୍ଲବିତ କରିବାରେ ସହାୟତା କରିଛନ୍ତି। ଫକୀର ମୋହନ ଦ୍ୱିତୀୟ ପତ୍ନୀ କୃଷ୍ଣା କୁମାରୀଙ୍କ ବିୟୋଗରେ ଲେଖିଛନ୍ତି ରସସିକ୍ତ ଶୋକ ଗୀତିକା - ହସି ହସି ଗଲା ମତେ କନ୍ଦାଇ କନ୍ଦାଇ, ମୋ କ୍ଷୁଦ୍ର ତାରା, ଆଉ କି ଦେଖିବି ସେହି ସହାସ୍ୟ ବଦନ ପ୍ରଭୃତି। ପ୍ରେମଚାନ୍ଦ କିନ୍ତୁ ଶିବରାଣୀ ଦେବୀଙ୍କ ପୂର୍ବରୁ ଇହଲୀଳା ସମ୍ବରଣ କରିଛନ୍ତି ଏବଂ ତାଙ୍କର ମୃତ୍ୟୁ ପରେ ପତ୍ନୀ ଲେଖିଛନ୍ତି ' ପ୍ରେମ ଚାନ୍ଦ ଘର ମେ (Premchand in house) ନାମକ ଏକ ସ୍ମରଣୀୟ ପୁସ୍ତକ। କୌତୁକର ବିଷୟ ଯେ ପ୍ରେମ ଚାନ୍ଦ ଓ ଫକୀର ମୋହନ ନିଜ ନିଜର ପ୍ରକୃତ ନାମରେ ପରିଚିତ ନୁହଁନ୍ତି। ଫକୀର ମୋହନଙ୍କ ପିତୃଦତ୍ତ ନାମ ଥିଲା ବ୍ରଜମୋହନ। ସେ ଧୂର୍ଜଟି ଛଦ୍ମନାମରେ ବି ସାହିତ୍ୟ ଲେଖୁଥିଲେ, ମାତ୍ର ସାହିତ୍ୟ ଜଗତରେ ପରିଚିତ ହେଲେ ବ୍ୟାସକବି ଫକୀରମୋହନ ଭାବରେ। ସେହିପରି ପ୍ରେମଚାନ୍ଦଙ୍କ ପ୍ରକୃତ ନାମ ଥିଲା ଧନପତ୍ ରାଜ ଶ୍ରୀବାସ୍ତବ। ସେ ନବାବ ରାଜ୍ ନାମରେ ଲେଖାଲେଖି ଆରମ୍ଭ କରିଥିଲେ, ମାତ୍ର ସାରସ୍ୱତ ଜଗତରେ ମୁନସୀ ପ୍ରେମଚାନ୍ଦ ଭାବରେ ହେଲେ ଅଧିକ ପରିଚିତ। ବିଶେଷତଃ ସୋଚ ଇ ବତନ୍ (soz-e-watan)ର ପ୍ରକାଶନ ପରେ ୧୯୧୪ ରେ ତାହାର ପାଞ୍ଚଶହ କପିକୁ ରେଡ୍ କରି ଜଣେ ଇଂରେଜ କଲେକ୍ଟରଙ୍କ ଦ୍ୱାରା ପୋଡ଼ି ଦିଆଯିବା ଦ୍ୱାରା ସେ ନାମ ପରିବର୍ତ୍ତନ କଲେ, ନବାବ ରାଜ୍ ରୁ ପ୍ରେମଚାନ୍ଦକୁ। ଫକୀର ମୋହନଙ୍କ ପରି ପ୍ରେମ ଚାନ୍ଦ ମଧ୍ୟ ୧୯୨୩ ରେ ସରସ୍ୱତୀ ପ୍ରେସ ନାମକ ଏକ ପ୍ରିଣ୍ଟିଂ ପ୍ରେସ୍ ସ୍ଥାପନ କରିଥିଲେ। ଏପରି ଅନେକ ସାଦୃଶ୍ୟ ଉଭୟଙ୍କ ଜୀବନ ଓ କାର୍ଯ୍ୟଧାରାରେ ପରିଲକ୍ଷିତ ହୋଇଥାଏ।

ପରିମାଣ ଦୃଷ୍ଟିରୁ ଫକୀର ମୋହନଙ୍କ ଗଳ୍ପ ପ୍ରେମଚାନ୍ଦଙ୍କ ସହ ତୁଳନା ହୋଇ ନପାରେ। ଫକୀର ମୋହନ ୨୧ ଟି ଗଳ୍ପ ରଚନା କରିଥିବା ବେଳେ, ପ୍ରେମଚାନ୍ଦ୍ ଲେଖିଛନ୍ତି ପ୍ରାୟ ୩୦୦ ଗଳ୍ପ। ଫକୀର ମୋହନଙ୍କ ଗପ ଗୁଡ଼ିକ ଗଳ୍ପସ୍ୱଳ୍ପ ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗରେ ସଂକଳିତ ହୋଇଥିବା ବେଳେ ପ୍ରେମ ଚାନ୍ଦଙ୍କ ଗଳ୍ପ ସମୂହ କଫନ୍, ଲୋଟରି, ପୌଷ କୀ ରାତ , ବଳିଦାନ, ସୌତ୍, କ୍ରିକେଟ ମ୍ୟାଚ୍, ବୁଢ଼ୀ କାକୀ, ଦୁର୍ଗା ମନ୍ଦିର ଓ ଦୁନିଆ କା ସବ୍‌ସେ ଅନ୍‌ମୋଲ୍ ରତନ ଆଦି ପୁସ୍ତକରେ ସଂକଳିତ ହୋଇଛି। ତେବେ ଫକୀର ମୋହନ ଓ ପ୍ରେମଚାନ୍ଦ ଉଭୟଙ୍କ ଗଳ୍ପଗୁଡ଼ିକ ବର୍ଣ୍ଣନା ଧର୍ମୀ, ଘଟଣା ବହୁଳ ଓ ଆୟତନରେ ଆପାପତଃ ଦୀର୍ଘ। ପରିବେଶର ଟିକିନିଖି ଚିତ୍ରଣ ସହିତ ଚରିତ୍ରମାନଙ୍କ ବିଶ୍ଳେଷଣରେ ଉଭୟ ବେଶ୍ ପାରଦର୍ଶୀ। ସେମାନଙ୍କ ଗଳ୍ପରେ ସମାଜର ଅସଙ୍ଗତି, ଅଶୋଭନୀୟତା ବା କୁସଂସ୍କାରର ଛାପ କେଉଁଠି ନା କେଉଁଠି ଅବଶ୍ୟ ଉଙ୍କି ମାରିଥାଏ। ଅନ୍ଧ ବିଶ୍ୱାସ ଓ କୁସଂସ୍କାରର ଦୂରୀକରଣ କରି ଏକ ପରିମାର୍ଜିତ ସମାଜ ଗଠନର ସ୍ୱପ୍ନ ଉଭୟଙ୍କ ଗଳ୍ପରେ ସ୍ୱଚ୍ଛ ପ୍ରତିଫଳିତ ହେଇଥିବାର ଦୃଷ୍ଟି ଗୋଚର ହୁଏ।

ଫକୀର ମୋହନ ତାଙ୍କ ଧୂଳିଆ ବାବା ଗଳ୍ପରେ ଧର୍ମ ନାମରେ ଶଠତା ବା ଭଣ୍ଡାମିର ଦୃଶ୍ୟ ପ୍ରଦର୍ଶନ କରିଥିବା ବେଳେ ପ୍ରେମଚାନ୍ଦ ତାଙ୍କର କେତେକ ଗଳ୍ପରେ ଧର୍ମ ପୀଠଗୁଡ଼ିକରେ ପରିଲକ୍ଷିତ ବ୍ୟଭିଚାରର ପର୍ଦାଫାସ କରିଛନ୍ତି। କାଳିନ୍ଦୀ ଚରଣଙ୍କ 'ଯାଦୁଘର' କବିତା ମଧ୍ୟ ଏହି ଭାବଧାରା ଉପରେ ପର୍ଯ୍ୟବସିତ। ସେହିପରି ପ୍ରେମଚାନ୍ଦଙ୍କ 'ଦୋ ବଏଲନ୍ କି କଥା' ଗଳ୍ପଟି ଫକୀର ମୋହନଙ୍କ ରାଣ୍ଡିପୁଅ ଅନନ୍ତାର ସୁବଳ ମହାକୁଡ ଚରିତ୍ରକୁ ମନେ ପକାଇ ଦିଏ। ଏତେବେଳେ ପ୍ରେମଚାନ୍ଦଙ୍କ ହୀରା-ମୋତି ମାଗୁଣିର ଶଗଡ଼ ଗଳ୍ପର କାଳିଆ-କସରା ମଧ୍ୟ ସ୍ମରଣକୁ ଆସିଯାଆନ୍ତି। ମାନବେତର ପ୍ରାଣୀ ମଧ୍ୟରେ ଗୋଷ୍ଠୀ ଜୀବନର ଆନନ୍ଦକୁ ଲେଖକ ପ୍ରେମ ଚାନ୍ଦ ଯେପରି ପରିବେଷଣ କରିଛନ୍ତି, ତାହା ଅତ୍ୟନ୍ତ ହୃଦୟସ୍ପର୍ଶୀ। ଗୋଦାବରୀଶ ମହାପାତ୍ରଙ୍କ ମାଗୁଣି ବା ସେନାପତିଙ୍କ ସୁବଳ ମହାକୁଡ଼ର ଅକୃତ୍ରିମ ପଶୁପ୍ରେମ ଓ ଶ୍ରଦ୍ଧା ଭିତରେ ସେହି ଜୀବନବାଦୀ ସ୍ୱର ପ୍ରକଟିତ ହୋଇଛି।

ଅସ୍ପୃଶ୍ୟତା, ପରଦା ପ୍ରଥା ଓ ବିଧବା ନାରୀର କଟକଣା ଗ୍ରସ୍ତ ଜୀବନ ଆମ ସମାଜର ରକ୍ଷଣଶୀଳ ଚିନ୍ତାଧାରାକୁ ସୂଚିତ କରେ। ଏହାର ଦୂରୀକରଣ ନିମିତ୍ତ ପ୍ରୟାସ ଓ ପ୍ରତିକ୍ରିୟା ଫକୀର ମୋହନ ଓ ପ୍ରେମଚାନ୍ଦଙ୍କ ଗଳ୍ପଗୁଡ଼ିକରେ ପ୍ରତିଭାତ ହୁଏ। ଧର୍ମ ଓ ପ୍ରଚଳିତ ପରମ୍ପରାର ଦ୍ୱାହି ଦେଇ ମଣିଷ ପଣିଆକୁ ଭୁଲିଯିବା କଦାପି ସ୍ୱାଗତଯୋଗ୍ୟ ନୁହେଁ। ତଥାକଥିତ ରୂଢ଼ିବାଦୀ ସମାଜର ବଡ଼ପଣ୍ଡାମାନେ ମଣିଷ ମଣିଷ ଭିତରେ, ନାରୀ ପୁରୁଷ ଭିତରେ ତଥା ସଧବା ଓ ବିଧବା ଭିତରେ ଯେଉଁ ପାତର ଅନ୍ତର ପୂର୍ଣ୍ଣ ନୀତି ନିର୍ଦ୍ଧାରଣ କରିଛନ୍ତି, ତାହାକୁ ଭାଙ୍ଗିଦେବା ହୁଏତ ସମାଜ ପାଇଁ ଶୁଭଙ୍କର - ଏହି ଚିନ୍ତା ଧାରାରେ ଫକୀର ମୋହନ ଓ ପ୍ରେମଚାନ୍ଦ ଥିଲେ ବିଶ୍ୱାସୀ। ପ୍ରେମଚାନ୍ଦ ତ ନିଜେ ଏକ ବିଧବା ନାରୀକୁ ବିବାହ କରି ସ୍ୱୟଂ କୁସଂସ୍କାରର ବିଲୋପ ଯଜ୍ଞରେ ନିଜକୁ ସାମିଲ କରିଥିଲେ। ତେବେ ଫକୀର ମୋହନ ଇଂରାଜୀ ଶିକ୍ଷାର କୁଫଳକୁ ଯେମିତି

ଡାକ ମୁନସୀ ଗଳ୍ପରେ ଦେଖାଇଛନ୍ତି, ପ୍ରେମଚାନ୍ଦଙ୍କ ଗଳ୍ପ ଗୁଡ଼ିକରେ ଇଂରାଜୀ ଶିକ୍ଷା ପ୍ରତି ସେଭଳି ବୀତସ୍ପୃହତା ପ୍ରାୟ ନାହିଁ। ଫକୀର ମୋହନ ହୁଏତ ସଂସ୍କାର ବାଦୀ ଦୃଷ୍ଟିକୋଣ ସହିତ ଆମ ଶିକ୍ଷିତ ଯୁବସମାଜର ସାହେବୀ ଜୀବନଶୈଳୀକୁ କଟାକ୍ଷ ପାତ କରିଛନ୍ତି। ଭାରତୀୟ ସଂସ୍କାର ବୋଧ ଭିତରେ ଆଧୁନିକତାକୁ ସମର୍ଥନ କରିଛନ୍ତି; ଅଥଚ ପ୍ରେମଚାନ୍ଦ ଇଂରାଜୀ ଶିକ୍ଷା ମାଧ୍ୟମରେ ଆଧୁନିକତାର ଅନୁପ୍ରବେଶ ଏବଂ ତଦ୍‌ଜନିତ ବିଜ୍ଞାନୱାଦୀ ଦୃଷ୍ଟିକୋଣକୁ ଆପଣେଇ ନେଇଛନ୍ତି। ତାଙ୍କର 'ବଡେ ଭାଇ ସାହେବ୍' ଗଳ୍ପରେ ଅଶିକ୍ଷିତ ହେଲେ ମଧ୍ୟ ବଡ ଭାଇ ପ୍ରତି ଉପଯୁକ୍ତ ସମ୍ମାନ ପ୍ରଦାନ କରିବାକୁ ସାନଭାଇକୁ ଇଙ୍ଗିତ ଦେଇଛନ୍ତି। ମୂର୍ଖ ବୋଲି ବଡମାନଙ୍କୁ ଅସମ୍ମାନ କରିବା କସ୍ମିନ କାଳେ ଶୋଭାନୀୟ ନୁହେଁ, ବଡେ ଭାଇ ସାହେବ୍ ଗଳ୍ପର ଏହି ଅଭିବ୍ୟଞ୍ଜନା ଡାକ ମୁନ୍‌ସୀ ସହିତ ତୁଳନୀୟ ହୋଇପାରେ। ମାତ୍ର ଏଠି ଇଂରେଜୀ ଶିକ୍ଷାର ଦୁଷ୍ପରିଣାମ ଅନୁପସ୍ଥିତ।

ଫକୀର ମୋହନ ଓ ପ୍ରେମଚାନ୍ଦ ଉଭୟ ପଲ୍ଲୀ ଜୀବନର ନିଖୁଣ ଚିତ୍ରକର। ଭାଗ୍ୟବାଦୀ ଓ ଈଶ୍ୱର ବିଶ୍ୱାସୀ ମଧ୍ୟ। ଇଂରେଜ ଶାସନାଧୀନ କାଳରେ ଜମିଦାରୀ ଶୋଷଣ ଓ ଅତ୍ୟାଚାରକୁ ମଧ୍ୟ ସେମାନେ ତାଙ୍କ ଗଳ୍ପରେ ପ୍ରଦର୍ଶନ କରିଛନ୍ତି। ଅନ୍ୟ ପକ୍ଷରେ ନିଶାର କୁପରିଣାମ ବା ନିଶା ନିବାରଣ ନିମିତ୍ତ ଉଦ୍ୟମ କରିଛନ୍ତି। ମାତ୍ର ମନେ ହୁଏ, ପ୍ରେମଚାନ୍ଦ ତାଙ୍କ ଗପରେ ସାମଗ୍ରିକ ଭାବେ ମାନବିକତାର ଜୟଗାନ କରିଥିବା ବେଳେ, ଫକୀର ମୋହନ ବ୍ୟଙ୍ଗାତ୍ମକତା ମାଧ୍ୟମରେ ସାମାଜିକ ଅସଙ୍ଗତିକୁ ନିରାକରଣ ନିମିତ୍ତ ହୋଇଛନ୍ତି ଅଧିକ ତତ୍ପର।

ଭାରତୀୟ ସାହିତ୍ୟରେ କୃଷି ଓ କୃଷକ ସଂସ୍କୃତିର ଜଣେ ଆଗ ଧାଡିର କଥାକାର ଭାବେ ଫକୀର ମୋହନ ସୁପରିଚିତ। ପ୍ରେମଚାନ୍ଦ ମଧ୍ୟ ଏହି ଆଦର୍ଶରେ ଅନୁପ୍ରାଣିତ। ଏହି ପ୍ରସଙ୍ଗରେ 'ହିନ୍ଦୀ ସାହିତ୍ୟ କା ଦୁସ୍‌ରା ଇତିହାସ' ପୁସ୍ତକ ରେ ଡ. ବଚ୍ଚନ ସିଂହ କୁହନ୍ତି "प्रेमचंद किसान जिबन का ओपन्यासिक चित्रण करने वाले प्रथम भारतीय उपन्यासकार नहीं थे। उनके पहले ओडिशा के फकीर मोहन सेनापति ने 1897 में 'छ मान आठ गूंठ (छे बीघा जमीन) में किसान जीवन की समस्याएं उठायी थीं। पर प्रेमचंद ने युगानुरूप इसे व्यापक, जटिल और गंभीर बनाया है।" ତେବେ ଦେଶପ୍ରେମ ଓ ମନସ୍ତତ୍ତ୍ୱ ଦୃଷ୍ଟିରୁ ଫକୀର ମୋହନଙ୍କଠାରୁ ପ୍ରେମଚାନ୍ଦଙ୍କ ଗଳ୍ପ ଅଧିକ ପ୍ରଭାବ ଶାଳୀ, ଅଧିକ ପ୍ରେରଣା ପ୍ରଦ ମନେହୁଏ। ଦେଶଭକ୍ତି ଓ ଆତ୍ମତ୍ୟାଗର ପୃଷ୍ଠା ଭୂମିରେ ରଚିତ 'ଦୁନିଆ କା ଅନ୍‌ମୋଲ ରତନ' ଗଳ୍ପ ଗ୍ରନ୍ଥରେ ପ୍ରେମଚାନ୍ଦ ଜନ ସମାଜକୁ ଯେଉଁ ଆହ୍ୱାନ ଦେଇଛନ୍ତି, ତାହା ଏକାନ୍ତ ପ୍ରଣିଧାନ ଯୋଗ୍ୟ। ଦେଶ ପାଇଁ ବୁନ୍ଦାଏ ରକ୍ତ ବୁହାଇବା ଜୀବନର ଶ୍ରେଷ୍ଠ ସମ୍ପଦ ବୋଲି ସେ ଏଠାରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ମାନବ ଚରିତ୍ରର ରହସ୍ୟ ଉଦ୍‌ଘାଟନରେ, ସଚ୍ଚୋଟତା ଓ ସମବେଦନାରେ ପ୍ରେମଚାନ୍ଦଙ୍କ ଗଳ୍ପଗୁଡ଼ିକ ପାଠକକୁ ଯେପରି ଉଚ୍ଛାଟିତ କରେ ଓ ହୃଦୟକୁ ଆନ୍ଦୋଳିତ କରେ, ତାହା ଫକୀର ମୋହନଙ୍କ ଗଳ୍ପରେ ସେତେ ଅନୁଭୂତ ହୁଏ ନାହିଁ। କୁହାଯାଇପାରେ ଯେ ଫକୀର ମୋହନଙ୍କ ଗଳ୍ପରେ ବୌଦ୍ଧିକତାର ସ୍ପର୍ଶ ରହିଥିବା ବେଳେ ପ୍ରେମଚାନ୍ଦଙ୍କ ଗଳ୍ପ ଆବେଗରେ ପାଠକ ପ୍ରାଣକୁ ଆପ୍ଲୁତ କରିଦେବାର କ୍ଷମତା ରଖେ।

ଐତିହାସିକ ଦୃଷ୍ଟିକୋଣରୁ ଦେଖିଲେ ଫକୀର ମୋହନଙ୍କ ବାଲେଶ୍ୱରୀ ରାହାଜାନୀ ଓ ଅଜା ନାତି କଥା ଆଦି କେତେକ ଗଳ୍ପରେ ଓଡ଼ିଶାର ନୌବାଣିଜ୍ୟ, ରାହାଜାନୀ, ଦସ୍ୟୁ ବୃତ୍ତି, ସାମୁଦ୍ରିକ ଯାତ୍ରାର ଚିତ୍ର, କନ୍ୟା ସୁନା ପ୍ରଥା ତଥା ଯୁବ ଜନତାର ବିଦେଶୀ ମୋହ ପ୍ରଭୃତି ଯେପରି ପ୍ରତିଫଳିତ, ପ୍ରେମଚାନ୍ଦଙ୍କ ଗଳ୍ପରେ ତାହାର ଆଖି ଦୃଶିଆ ପ୍ରତିଫଳନ ନାହିଁ; ବରଂ ସମକାଳୀନ ଚାକ୍ଷୁଷ ବାସ୍ତବତାର ଆହ୍ୱାନରେ ତାଙ୍କ ଗଳ୍ପଗୁଡ଼ିକ ମହାଭାରତୀୟ ଜୀବନଧାରାକୁ ଆଲୋକିତ କରିଛି। ଗୋଟିଏ କଥାରେ କହିଲେ ଫକୀରମୋହନଙ୍କ ଦୃଷ୍ଟି ଅତୀତ ଓ ବର୍ତ୍ତମାନ ଆଡ଼କୁ ନିବଦ୍ଧ ଥିବା ବେଳେ, ପ୍ରେମଚାନ୍ଦଙ୍କ ଦୃଷ୍ଟି ବର୍ତ୍ତମାନକୁ ପ୍ରାଧାନ୍ୟ ଦେଇ ଭବିଷ୍ୟତ ଦିଗକୁ ହୋଇଚି ସମ୍ପ୍ରସାରିତ। 'ହିନ୍ଦୀ ସାହିତ୍ୟ କୀ ଭୂମିକା' ପୁସ୍ତକ ରେ ଡ. ହଜାରି ପ୍ରସାଦ ଦ୍ୱିବେଦୀଙ୍କ ମତ ଏ ପ୍ରସଙ୍ଗରେ ଉଲ୍ଲେଖଯୋଗ୍ୟ। ଡ. ଦ୍ୱିବେଦୀ ଗୋଦାନ ଉପନ୍ୟାସର ଏକ ଉକ୍ତିକୁ ଉଲ୍ଲେଖ କରି ଲେଖିଛନ୍ତି- "में भूत की चिंता नहीं करता, भविष्य की परवा नहीं करता। भविष्य की चिंता हमें कायर बना देती है, भूत का भार हमारी कमर तोड़ देता है। हममें जिबन की शक्ति इतनी कम है की भूत ओर भविष्य में फैला रूढ़ियों और विश्वास तथा इतिहासों के मलवे के नीचे दबे पड़े हैं, उठने का नाम नहीं लेते। प्रेमचंद का यह विश्वास ही उनकी विशेषता है।" ପୁନଶ୍ଚ ରାଷ୍ଟ୍ର, ରାଜତନ୍ତ୍ର ଓ ସାମାଜିକ ଜୀବନର ଚିତ୍ର ସହ ପାରିବାରିକ ସମ୍ପର୍କର ମୋହମୁଗ୍ଧ ଆବେଗିକ ଛବି ପ୍ରେମଚାନ୍ଦଙ୍କ ଗଳ୍ପରେ ଯେପରି ବ୍ୟାପକ ରୂପ ନେଇଛି, ଫକୀର ମୋହନଙ୍କ ଗଳ୍ପ ସୃଷ୍ଟିରେ ସେପରି ବ୍ୟାପକତା ନାହିଁ। ତଥାପି ଉଭୟ ସ୍ରଷ୍ଟା ନିଜ ନିଜ ସମୟର ସ୍ୱର ଓ ସ୍ପନ୍ଦନକୁ ଗଳ୍ପରେ ଫୁଟାଇବାକୁ ନିଷ୍ଠାର ସହ ଯତ୍ନବାନ ହୋଇଛନ୍ତି। ସୁତରାଂ ପରିଶେଷରେ କୁହାଯାଇପାରେ ଯେ ତୁଳନାର ମାନଦଣ୍ଡରେ ସାଦୃଶ୍ୟ ଓ ତାରତମ୍ୟ ସତ୍ତ୍ୱେ, ଉଭୟ ସ୍ରଷ୍ଟାଙ୍କ ଗଳ୍ପ ଭାରତୀୟ କଥା ସାହିତ୍ୟକୁ କରିଛି ସଶକ୍ତ ଓ ସମୃଦ୍ଧ।

ସହାୟକ ପୁସ୍ତକ

୧. ସିଂହ, ବଚ୍ଚନ ହିନ୍ଦୀ ସାହିତ୍ୟ କା ଦୁସ୍‌ରା ଇତିହାସ, ରାଧାକୃଷ୍ଣ ପ୍ରକାଶନ, ପ୍ରାଇଭେଟ୍ ଲିମିଟେଡ୍, ୭/୩୧, ଆଁସାରି ମାର୍ଗ, ଦରିଆ ଗଞ୍ଜ, ନଇଦିଲ୍ଲୀ, ସପ୍ତମ ସଂସ୍କରଣ ୨୦୧୪

୨. ଦ୍ୱିବେଦୀ,ଆଚାର୍ଯ୍ୟ ହଜାରୀ ପ୍ରସାଦ, ହିନ୍ଦୀ ସାହିତ୍ୟ କି

ଭୂମିକା, ରାଜ୍ କମଲ ପ୍ରକାଶନ, ନେତାଜୀ ସୁବାଷ ମାର୍ଗ, ଦରିଆ ଗଞ୍ଜା, ନଇଦିଲ୍ଲୀ, ୨୦୧୪ ସଂସ୍କରଣ

୩. ସେନାପତି, ଫକୀର ମୋହନ,ଗଳ୍ପ ସ୍ୱଳ୍ପ, ପ୍ରଥମ ଭାଗ, କଟକ ଷ୍ଟୁଡେଣ୍ଟ୍ ଷ୍ଟୋର, କଟକ, ଷଷ୍ଠ ମୁଦ୍ରଣ, ୧୯୬୧

୪. ସେନାପତି , ଫକୀର ମୋହନ,ଗଳ୍ପ ସ୍ୱଳ୍ପ, ଦ୍ୱିତୀୟ ଭାଗ, ପୁସ୍ତକ ନିକେତନ, ବ୍ରହ୍ମପୁର, ଗଞ୍ଜାମ, ୧୯୭୨

୫. Premchand some selected time conquering stories from internet.

●

ଘୋ ଷ ଣା

- ପତ୍ରିକାରେ ପ୍ରକାଶିତ ଲେଖାର ସତ୍ତ୍ୱ ସଂପୂର୍ଣ୍ଣ ଭାବେ ସମ୍ପୃକ୍ତ ଲେଖକ/ଲେଖିକାଙ୍କର। ତେଣୁ କୌଣସି ଲେଖାରେ ଯଦି କୌଣସି ତଥ୍ୟ ବା ତତ୍ତ୍ୱଗତ ବିଭ୍ରାନ୍ତି ଥାଏ; ତେବେ ଏଥି ପାଇଁ ଲେଖକ/ଲେଖିକା ସଂପୂର୍ଣ୍ଣ ଭାବେ ଦାୟୀ ରହିବେ।
- ଆମେ ସ୍ୱୀକାର କରୁଛୁ ଯେ ପତ୍ରିକାର କେତେକାଂଶରେ ବ୍ୟାକରଣ ଓ ସମ୍ପାଦନାଗତ(ଯାନ୍ତ୍ରିକ) ତ୍ରୁଟି ରହୁଛି। ଏଥି ପାଇଁ ଆମେ କ୍ଷମାପ୍ରାର୍ଥୀ। ଆମେ ଯଥାସାଧ୍ୟ ଚେଷ୍ଟା କରିବୁ ପତ୍ରିକାଟିକୁ ତ୍ରୁଟିଶୂନ୍ୟ ଭାବେ ପ୍ରକାଶ କରିବାପାଇଁ।
- ଲେଖକ/ଲେଖିକାମାନଙ୍କୁ ଅନୁରୋଧ - ଯେଉଁ ଲେଖାଟି ଆପଣ ପ୍ରକାଶନ ପାଇଁ ପଠାଉଛନ୍ତି ପ୍ରଥମେ ଆପଣ ନିଜେ ଏହାକୁ ଠିକ୍ ଭାବେ ପଢ଼ି ଆବଶ୍ୟକୀୟ ସଂଶୋଧନ କରିନିଅନ୍ତୁ। ଯାହା ଫଳରେ ଲେଖାଟି ଶୀଘ୍ର ପ୍ରକାଶନ ପାଇଁ ଯୋଗ୍ୟ ବିବେଚିତ ହେବ। - ସଂପାଦକ

ALOCHANA
ସମାଲୋଚନା
ନୂ ଆ ଫ ର୍ଦ୍ଧ
ଦ୍ୱିତୀୟ ବର୍ଷ, ଷଷ୍ଠ ସଂଖ୍ୟା | ନଭେମ୍ବର - ଡିସେମ୍ବର ୨୦୨୪
Volume No. 02 | Issue No. 06 | Nov-Dec 2024
Refereed Peer-Reviewed Journal

୧୭୧୦ରୁ ୨୦୧୪ ମସିହା ମଧ୍ୟରେ ଓଡ଼ିଶାରେ ପ୍ରଣୀତ ପ୍ରତିନିଧିସ୍ଥାନୀୟ ବିବିଧ ଶବ୍ଦକୋଷ: ଏକ ମାଇକ୍ରୋ ସମୀକ୍ଷାତ୍ମକ ମୂଲ୍ୟାୟନ

■ ଡ. ରବୀନ୍ଦ୍ର କୁମାର ଦାସ
ସହଯୋଗୀ ପ୍ରଫେସର, ଓଡ଼ିଆ ବିଭାଗ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ

OPEN ACCESS
https://bageesha.in

ମୂଳ ଶବ୍ଦ: ଶବ୍ଦକୋଷ, ସମୀକ୍ଷାତ୍ମକ ମୂଲ୍ୟାୟନ, ଓଡ଼ିଆ ଅଭିଧାନ, ମାଇକ୍ରୋ ସମୀକ୍ଷାତ୍ମକ ମୂଲ୍ୟାୟନ, ଭାରତରେ ନବଜାଗରଣ, ଓଡ଼ିଆ ଅଭିଧାନ ପ୍ରଣୟନ ପରମ୍ପରା

ABSTRACT

ସାରାଂଶ: ସମୁଦାୟ ପାଖାପାଖି ୨୦୩ବର୍ଷ ଅବଧି ମଧ୍ୟରେ ପ୍ରଣୀତ ଶବ୍ଦକୋଷଗୁଡ଼ିକୁ ନେଇ ଏହି ସମୀକ୍ଷାତ୍ମକ ମୂଲ୍ୟାୟନ କାର୍ଯ୍ୟ ହୋଇଥିବାରୁ ପୁଙ୍ଖାନୁପୁଙ୍ଖ ଭାବରେ ସବୁ ଦିଗକୁ ସ୍ପର୍ଶ କରାଯାଇପାରି ନାହିଁ। ଯେତିକି ଆଖିରେ ପଡ଼ିଛି, ତାହାକୁ ନେଇ ଆଲୋଚନାଟି ସମ୍ପାଦିତ। ପରବର୍ତ୍ତୀ ପର୍ଯ୍ୟାୟରେ ଏ ଦିଗରେ ଉଦ୍ୟମ କରାଯିବ। ପୁନଶ୍ଚ ଯେତିକି ଅଭିଧାନ ହସ୍ତଗତ ହୋଇଛି, ସେତିକିକୁ ନେଇ ଆଲୋଚନାଟିରେ ଯଥାର୍ଥତା ପ୍ରତିପାଦନ କରିବା ପାଇଁ ଚେଷ୍ଟା କରାଯାଇଛି। ଅନ୍ୟାନ୍ୟ ଅଭିଧାନଗୁଡ଼ିକର ବିଶେଷତ୍ୱକୁ ଏଠାରେ ସେଥିପାଇଁ ସ୍ଥାନିତ କରାଯାଇନାହିଁ। ଅଭିଧାନକୁ ନେଇ ସମାଲୋଚନାଧର୍ମୀ କାର୍ଯ୍ୟ ନିର୍ବାହ କରିବା ମୂଳତଃ ଏକ ଦୁରୂହ ତଥା କଷ୍ଟସାଧ୍ୟ ବ୍ୟାପାର ହୋଇଥିବାରୁ ସାଧ୍ୟମତେ ଯେତିକି ସମ୍ଭବ, ସେତିକି କରାଯାଇଛି। ତେବେ ଓଡ଼ିଆ ଅଭିଧାନ ରଚନା ପରମ୍ପରାରେ ବିଶେଷ କରି ୧୯୪୦ ମସିହା ପର୍ଯ୍ୟନ୍ତ ଯେଉଁ ଉଦ୍ୟମ ଏବଂ ଉଦ୍‌ଯୋଗ ପ୍ରଣେତାମାନଙ୍କ ଦ୍ୱାରା କରାଯାଉଥିଲା, ସେଥିରେ କ୍ରମଶଃ ସ୍ଥାଣୁତା ଦେଖାଦେଇଛି। ସେଥିପାଇଁ ଅଧିକାଂଶ ଅଭିଧାନ ପ୍ରଣେତାମାନେ ପ୍ରହରାଜ, ଗୋପୀନାଥ, କୃଷ୍ଣଚନ୍ଦ୍ର ପ୍ରମୁଖଙ୍କର ଅଭିଧାନକୁ ନକଲ କରି ଅଭିଧାନ ପ୍ରଣେତାର ଆସନରେ ନିଜକୁ ମଣ୍ଡନ କରିବା ପାଇଁ ଚେଷ୍ଟା କରୁଛନ୍ତି। ତେବେ ଓଡ଼ିଆ ଅଭିଧାନ ପ୍ରଣୟନ ପରମ୍ପରା ଧାରାରେ ଯେଉଁ ଯେଉଁ ଉଦ୍ୟମ ଉତ୍କଳରେ ହୋଇଛି, ତାହା ସର୍ବଭାରତୀୟ ସ୍ତରରେ ବିଭିନ୍ନ ଭାଷାରେ ବିଭିନ୍ନ ପ୍ରଣେତାମାନଙ୍କ ଦ୍ୱାରା ହେଉଥିବା ଉଦ୍ୟମଠାରୁ କୌଣସି ଗୁଣରେ ନ୍ୟୂନ ମନେହୁଏ ନାହିଁ।

ୟୁରୋପୀୟମାନେ ଭାରତକୁ ଆଗମନ କରିବାଦ୍ୱାରା ପାଶ୍ଚାତ୍ୟ ନବଜାଗରଣଜ ସଭ୍ୟତା, ସଂସ୍କୃତି, ସାହିତ୍ୟ ଏବଂ ଅଭିନବ ଶିକ୍ଷା ପ୍ରଣାଳୀ ତଥା ଜୀବନଧାରା ପ୍ରଭୃତିର ପ୍ରଭାବ ଭାରତୀୟମାନଙ୍କ ମଧ୍ୟରେ ପ୍ରଭାବ ବିସ୍ତାର କରିଥିଲା। ଫଳତଃ ଭାରତୀୟମାନେ ସେଇ ପାଶ୍ଚାତ୍ୟ ସଂସ୍କୃତି, ସଭ୍ୟତାକୁ ଆହରଣ କରିଥିଲେ ଏବଂ ତତ୍‌ସହିତ ଭାରତୀୟ ପୁରାତନତାର ନବୀକରଣ ପାଇଁ ଆଗ୍ରହ ପ୍ରଦର୍ଶନ କରି ଭାରତରେ ନବଜାଗରଣ ସୃଷ୍ଟି କରିଥିଲେ। ଏହି ନବଜାଗରଣର ଅନ୍ୟତମ ଫଳଶ୍ରୁତି ଥିଲା ପାଶ୍ଚାତ୍ୟ ଶୈଳୀରେ ପ୍ରଣୀତ ଅକ୍ଷରାନୁକ୍ରମିକ ଅଭିଧାନ ରଚନା କରିବାର ଆଗ୍ରହ ବିଶେଷ। ମିଶନାରୀମାନଙ୍କ ଦ୍ୱାରା ଏହି ଉଦ୍ୟମ ପ୍ରଥମେ ହୋଇଥିଲା ଏବଂ ପରେ ପରେ ଭାରତୀୟମାନଙ୍କ ମଧ୍ୟରେ ଏହା ପ୍ରତି ଆଗ୍ରହ ଦେଖାଦେଇଥିଲା। ଏହି କ୍ରମରେ ଓଡ଼ିଶାରେ ଶାସକଶାସିତ ସମ୍ପର୍କକୁ ଅଧିକ ନିକଟବର୍ତ୍ତୀ, ପ୍ରାଶାସନିକ କାର୍ଯ୍ୟକୁ ଅଧିକ ସହଜସୁଗମ, ତଥା ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ୟୁରୋପୀୟମାନେ ଅଭିଧାନ ପ୍ରଣୟନ ପାଇଁ ଉଦ୍ୟମ କରିଥିଲେ। ସେଥିପାଇଁ ଏହି ଅଭିଧାନଗୁଡ଼ିକ ପ୍ରାରମ୍ଭିକ ପର୍ଯ୍ୟାୟରେ ଦ୍ୱିଭାଷିକ ଅର୍ଥାତ୍ ଇଂରାଜୀ-ଓଡ଼ିଆ କିମ୍ବା ଓଡ଼ିଆ-ଇଂରାଜୀ ଥିଲା। ଓଡ଼ିଶାରେ ଏହା ପୂର୍ବରୁ ୧୭୧୦ ମସିହାରେ ଉପେନ୍ଦ୍ର ଭଞ୍ଜ 'ଗୀତାଭିଧାନ' ନାମକ ଏକ ପଦ୍ୟଛନ୍ଦଃନିବଦ୍ଧ ଅଭିଧାନ ପ୍ରସ୍ତୁତ କରିଥିଲେ। ଏହା ପ୍ରାନ୍ତାକ୍ଷର ଆନୁକ୍ରମିକତାଯୁକ୍ତ ଏକ ଛନ୍ଦୋବଦ୍ଧ ଅଭିଧାନ ଥିଲା। ସଂସ୍କୃତ ପଦ୍ୟଛନ୍ଦଃନିବଦ୍ଧ ଅଭିଧାନ ହିଁ ଏହି ଅଭିଧାନର ଆଦର୍ଶ ଥିଲା। ଏହାପରେ ୧୮୧୧ ମସିହାରେ ସର୍ବପ୍ରଥମେ ପାଶ୍ଚାତ୍ୟ ଶୈଳୀରେ ଅଭିଧାନ ପ୍ରଣୟନ କଲେ ମୋହନପ୍ରସାଦ ଠାକୁର। ୧୮୧୧ ମସିହାରୁ ୨୦୧୪ ପର୍ଯ୍ୟନ୍ତ ଦୀର୍ଘ ୨୦୩ବର୍ଷ ମଧ୍ୟରେ ଓଡ଼ିଆରେ ଯେଉଁ ସମଭାଷୀ, ଦ୍ୱିଭାଷୀ, ଚତୁର୍ଭାଷୀ ଏବଂ ଅନ୍ୟାନ୍ୟ ଅଭିଧାନମାନ ପ୍ରଣୀତ ହୋଇଛି, ସେଗୁଡ଼ିକରେ ଅଧ୍ୟୟନ ପରେ ଯେଉଁ ନିଷ୍କର୍ଷ ପ୍ରାପ୍ତ ହୋଇଛି, ତାହାକୁ ନିମ୍ନରେ ଆନୁକ୍ରମିକତା ଭିତ୍ତିରେ ସଂଯୁକ୍ତ କରାଯାଉ।

୧୮୧୧ ମସିହାରେ ପ୍ରଣୀତ ହୋଇଥିବା ମୋହନପ୍ରସାଦ ଠାକୁରଙ୍କ 'A Vocabulary Oriya And English For The Use Of Students' ଶବ୍ଦକୋଷରେ ସର୍ବପ୍ରଥମେ ଆଶୟଶବ୍ଦର ଉଚ୍ଚାରଣକୁ ଇଂରାଜୀ(ରୋମାନ) ଲିପିରେ ପ୍ରଦାନ କରାଯାଇଛି। ତେବେ ଏଥିରେ ଓଡ଼ିଆ ଶବ୍ଦଗୁଡ଼ିକୁ ବଙ୍ଗଳା ଉଚ୍ଚାରଣ ଶୈଳୀରେ ଲିପିବଦ୍ଧ କରାଯାଇଥିବାରୁ କଥିତ ଓଡ଼ିଆଭାଷାର ଶାବ୍ଦିକ ବିଶେଷତ୍ୱ ଉଲଂଘିତ ହୋଇଛି। ଏହା ହେଉଛି ପ୍ରଥମ ଓଡ଼ିଆ-ଇଂରାଜୀ ଦ୍ୱିଭାଷୀ ଶବ୍ଦକୋଷ।

ଆମସ ସଟନଙ୍କଠାରୁ ଆରମ୍ଭ ହୋଇଛି ଓଡ଼ିଆ ଭାଷାରେ ସର୍ବପ୍ରଥମ ବିଶୁଦ୍ଧ ସମଭାଷୀ ଏବଂ ଦୁଇଭାଷୀ ଅଭିଧାନ ପ୍ରଣୟନ ପରମ୍ପରାର ସାରସ୍ୱତ ଅଭିଯାନ। ସେ ଦୁଇଟି ଦ୍ୱିଭାଷୀ ଏବଂ ଦୁଇଟି ସମଭାଷୀ ଅଭିଧାନ ପ୍ରଣୟନ କରିଛନ୍ତି। ଗୋଟିଏ ସମଭାଷୀ ଅଭିଧାନ ଭୁବନାନନ୍ଦ ନ୍ୟାୟାଳଙ୍କାରଙ୍କ ମିଳିତ ଉଦ୍ୟମରେ ପ୍ରଣୀତ। ୧୮୪୧ ମସିହାରେ ପ୍ରଣୀତ ଇଂରାଜୀ-ଓଡ଼ିଆ ଶବ୍ଦକୋଷରେ ସ୍ଥାନିତ ଓଡ଼ିଆ ବ୍ୟାକରଣ ଗ୍ରନ୍ଥଟି ଯଥାସାଧ୍ୟ ବ୍ୟାକରଣଗତ ନିୟମ ନିର୍ଭରତାକୁ ପାଥେୟ କରି ପ୍ରସ୍ତୁତ ହୋଇଛି। ଏହା ହେଉଛି ଓଡ଼ିଆ ଦ୍ୱିଭାଷୀ ଅଭିଧାନରେ ସଂଯୋଜିତ ହୋଇଥିବା ଓଡ଼ିଆ ଭାଷାର ସର୍ବପ୍ରଥମ ବ୍ୟାକରଣ ଗ୍ରନ୍ଥ। ଏଭଳି ବ୍ୟାକରଣଗତ ଅଭିଧାନ ଏଯାବତ୍ ପ୍ରସ୍ତୁତ ହୋଇଥିବାର ଦୃଷ୍ଟାନ୍ତ ପ୍ରାୟତଃ କୌଣସି ଅଭିଧାନରେ ସଂଯୁକ୍ତ ହୋଇଥିବାର ଲକ୍ଷ୍ୟ କରାଯାଏ ନାହିଁ। ୧୮୪୩ ମସିହାରେ ପ୍ରଣୀତ ସଟନ ଏବଂ ନ୍ୟାୟାଳଙ୍କାରଙ୍କ ସମଭାଷୀ ଓଡ଼ିଆ ଅଭିଧାନରେ କେତେକତ୍ର 'ଙ୍କ' ସ୍ଥାନରେ 'କଂ'ର ପ୍ରୟୋଗ ହୋଇଛି। ଯଥା- ଲୋକଂକୁ(ଲୋକଙ୍କୁ), ଛାକୁଂଣି (ଛାଙ୍କୁଣି), ଇତ୍ୟାଦି। ଅନେକତ୍ର 'ଚନ୍ଦ୍ରବିନ୍ଦୁ' ପରିବର୍ତ୍ତେ 'ଅନୁସ୍ୱାର'ର ପ୍ରୟୋଗ ହୋଇଛି। ଯଥା- କାହିଂ, ପାଇଂ, କାହୁଂ, କାହିଂ, କେଉଂ, କେଉଂଠାରେ ଇତ୍ୟାଦି। ଏଇ ଧରଣର ବ୍ୟବହାରରେ ସାରଳା ଦାସୀୟ ପ୍ରଭାବ ଲକ୍ଷଣୀୟ। ୧୮୪୩ ମସିହାରେ ସଟନ ସାହେବଙ୍କ ଦ୍ୱାରା ଯେଉଁ ଅଭିଧାନଟି ପ୍ରଣୀତ ହୋଇଛି, ସେଥିରେ ପ୍ରତ୍ୟେକ ପୃଷ୍ଠାରେ ଲିପିବଦ୍ଧ ହୋଇଥିବା ଆଶୟଶବ୍ଦର ଆଦ୍ୟାଂଶର ସୂଚନାକୁ ସମ୍ପୃକ୍ତ ପୃଷ୍ଠାର ଉପରାଂଶରେ ସଂଯୁକ୍ତ କରାଯାଇଛି। ଏ ଧରଣର ପ୍ରୟାସ ପୂର୍ବରୁ ହୋଇ ନ ଥିଲା। ୧୮୪୩ ମସିହାରେ ସଟନଙ୍କର ଦ୍ୱାରା ପ୍ରଣୀତ ଦ୍ୱୈଭାଷିକ ଶବ୍ଦକୋଷଟିର ଏକ ବିଶେଷତ୍ୱ ହେଉଛି ବୈଦେଶିକ ଶବ୍ଦ ପାଇଁ 'ଷ୍ଟାର' ବା ' ତାରା ଚିହ୍ନ' ବ୍ୟବହାର କରିବା। ଶବ୍ଦଟି କେଉଁ ବୈଦେଶିକ ଶବ୍ଦଭଣ୍ଡାରର ଅନ୍ତର୍ଗତ, ତାହା ଏଥିରେ କୁହାଯାଇନାହିଁ ; କିନ୍ତୁ 'ତାରା ଚିହ୍ନ' ମାଧ୍ୟମରେ ତାହାକୁ ସ୍ୱତନ୍ତ୍ର ଭାବରେ ସୂଚିତ କରାଯାଇଛି।

ପାଦ୍ରୀ ମିଲର ଏବଂ ମିଶ୍ରଙ୍କ ଦ୍ୱାରା ୧୮୬୮ ମସିହାରେ ଯେଉଁ ଦ୍ୱୈଭାଷିକ ଶବ୍ଦକୋଷଟି ପ୍ରଣୟନ ହୋଇଛି, ସେହି ଶବ୍ଦକୋଷର ସବା ଶେଷପୃଷ୍ଠାରେ ଏକ ଶ୍ଳୋକ, ମିଲର ଏବଂ ମିଶ୍ରଙ୍କୁ ଭିତ୍ତିକରି ସନ୍ନିବିଷ୍ଟ ହୋଇଛି। ସେଇ ଶ୍ଳୋକଟି ହେଉଛି- "ଭୂଲୋକେ ମତିମାନ୍ ସୁଧୀଶ୍ୱରପରୋ ସୁଖ୍ୟାତକୀର୍ତ୍ତି ଶ୍ଚ ଯଃ/ ସୋଽୟଂ ସମ୍ପ୍ରତି ସଜ୍ଜନସ୍ୟ ସୁଖଦୋ ନାମ୍ନାପି ବୈ ମିଲ୍ଲରଃ।/ ଏତଦ୍ଦେଶହିତାୟ ତୀକ୍ଷ୍ଣମନସା କୁର୍ଯ୍ୟାଚ୍ଚ ଶବ୍ଦାମ୍ବୁଧେ/ ରନ୍ୟୋଽନ୍ୟାଦ୍ରଘୁନାଥମିଶ୍ରକୃତିନା ସାକଂ ତୁ ଶବ୍ଦାକରଂ ।/ ସମାପ୍ତୋୟଂ ଗ୍ରନ୍ଥଃ।" ପ୍ରଣେତାଙ୍କ ନାମକୁ ନେଇ ଏଭଳି ଶ୍ଳୋକ ରଚନା ଏଯାବତ୍ ରଚିତ ହୋଇଥିବା କୌଣସି ଓଡ଼ିଆ ଅଭିଧାନରେ ଲକ୍ଷ୍ୟ କରାଯାଏ ନାହିଁ।

୧୮୮୩ ମସିହାରେ ପ୍ରଣୀତ 'ଶବ୍ଦନିଧି'ରେ ସର୍ବପ୍ରଥମେ ପ୍ରତ୍ୟେକ ବର୍ଣ୍ଣକୁ ପ୍ରଥମେ ଏକ ସୁନ୍ଦର ବର୍ଗାକାର ଚିତ୍ରଲିପି ମଧ୍ୟରେ ସ୍ଥାନିତ କରାଯାଇଛି। ଏହି ଚିତ୍ର ପୁଣି ସର୍ବତ୍ର ଏକାଭଳି ନୁହଁ। ତାହା ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାର ବକ୍ର କିମ୍ବା ରୈଖିକ ଆକୃତି ବିଶିଷ୍ଟ ଚିତ୍ରଲିପି ମଧ୍ୟରେ ସଜ୍ଜୀକୃତ ହୋଇଛି। ଏହି ପଦ୍ଧତି ମଧ୍ୟ ଓଡ଼ିଆ ଅଭିଧାନ ପ୍ରବର୍ତ୍ତନ ପରମ୍ପରାରେ ପ୍ରଥମ ବୋଲି କୁହାଯାଇପାରିବ। ୧୮୮୩ ମସିହା ପୂର୍ବରୁ ପ୍ରସ୍ତୁତ ହୋଇଥିବା ଅଭିଧାନଗୁଡ଼ିକରେ ଯେଉଁ ବ୍ୟାକରଣିକ ସଂବର୍ଗ ଥିଲା, ତାହା ଆଧୁନିକ ଅଭିଧାନ ପ୍ରଣୟନ ପଦ୍ଧତି ଅନୁସାରୀ ନ ଥିଲା। କିନ୍ତୁ ସର୍ବପ୍ରଥମେ ବ୍ୟାକରଣିକ ସଂବର୍ଗକୁ ସୂଚିତ କରାଇବା ପାଇଁ ବିଭିନ୍ନ ସାଙ୍କେତିକ ଚିହ୍ନ ମାଧ୍ୟମରେ ଆଲୋଚ୍ୟ 'ଶବ୍ଦନିଧି' ଅଭିଧାନରେ ଚତୁର୍ଭୁଜ ପଟ୍ଟନାୟକ ଉଦ୍ୟମ କରିଛନ୍ତି। ଯଥା- ବି. - ବିଶେଷ୍ୟ ପଦ, ବିଂ.- ବିଶେଷଣ ପଦ, କ୍ରି.ବି.- କ୍ରିୟା ବିଶେଷଣ ପଦ, ଅଂ.- ଅବ୍ୟୟ ପଦ, ସଂ.- ସର୍ବନାମ ପଦ।

କୌଣସି ପ୍ରଣେତାଙ୍କ ନାମ ନ ଥାଇ ୧୮୮୯ ମସିହାରେ ଯେଉଁ 'ଦ୍ୱିଭାଷୀ' ଶବ୍ଦକୋଷଟି ପ୍ରଣୀତ ହୋଇଥିଲା, ସେଥିରେ ଇଂରାଜୀ ଶବ୍ଦର ଉଚ୍ଚାରଣଗତ ପ୍ରକ୍ରିୟାରେ ଓଡ଼ିଆ ଉଚ୍ଚାରଣଗତ ପ୍ରକ୍ରିୟାର ମୌଳିକ ସ୍ୱରୂପକୁ ଅବିକଳ ଭାବେ ରକ୍ଷା କରିବା ପାଇଁ ଉଦ୍ୟମ କରାଯାଇଛି। ଆଲୋଚ୍ୟ ଅଭିଧାନରେ ଏଇ ଯେଉଁ ବିଶୁଦ୍ଧତା ଅବଲମ୍ବିତ, ତାହା ଓଡ଼ିଆ 'ଦ୍ୱିଭାଷୀ' ଶବ୍ଦକୋଷରେ ସଂପୂର୍ଣ୍ଣ ଏକ ନୂତନ ପଦକ୍ଷେପ। ଯଥା- 'Cyclone' ଶବ୍ଦ ଉଚ୍ଚାରଣ ସମୟରେ ଯେଉଁ 'ସ' ଧ୍ୱନିଟି ଉଚ୍ଚାରିତ ହେଉଛି, ତାପାଇଁ 'ଦ୍ୱିଭାଷୀ'ରେ 'ସ' ର ବ୍ୟବହାର ହୋଇଛି। କିନ୍ତୁ Sunshine'ରେ ଯେଉଁ 'ସ' ଧ୍ୱନିଟି ଆସୁଛି, ତାପାଇଁ ଦ୍ୱିଭାଷୀରେ 'ଶ'ର ବ୍ୟବହାର ହୋଇଛି। ଏଭଳିକି ଅନେକ ଇଂରାଜୀ ଶବ୍ଦର ଉଚ୍ଚାରଣ ପାଇଁ 'ଷ' ର ବ୍ୟବହାର ମଧ୍ୟ ହୋଇଛି। ଇଂରାଜୀ ଶିକ୍ଷା କରୁଥିବା ଲୋକଙ୍କୁ ଇଂରାଜୀ ଉଚ୍ଚାରଣ ସମ୍ପର୍କରେ ସମୁଚିତ ଧ୍ୱନ୍ୟାତ୍ମକ ଧାରଣା ଦେବା ପାଇଁ 'ଦ୍ୱିଭାଷୀ'ର ଏଇ ଉଦ୍ୟମ ପ୍ରଶଂସନୀୟ ମନେହୁଏ।

'ଦ୍ୱିଭାଷୀ' ଶବ୍ଦକୋଷର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ପ୍ରତ୍ୟେକ ପୃଷ୍ଠାର ଆଦ୍ୟ ଭାଗରେ ଗୋଟିଏ ଇଂରାଜୀ Proverb ସ୍ଥାନିତ କରି ସେହି ପୃଷ୍ଠାର ତଳଭାଗରେ ତାହାର ଅର୍ଥକୁ ଓଡ଼ିଆରେ କିମ୍ବା ସଂସ୍କୃତରେ ପ୍ରଦାନ କରିବା। ଯଥା- ୧) Honor God in all you do. ପ୍ରତ୍ୟେକ କାର୍ଯ୍ୟରେ ଈଶ୍ୱରଙ୍କୁ ମାନ୍ୟକର। ୨)The fear of God is the beginning of wisdom. ଈଶ୍ୱର ଭୟ ଜ୍ଞାନର ମୂଳ। ୩) Doing good is serving God. ସତ୍କାର୍ଯ୍ୟ ଈଶ୍ୱରଙ୍କର ସେବା। 'ଉତ୍କଳ ଅଭିଧାନ' ପ୍ରଣେତା ଜଗନ୍ନାଥ ରାଓଙ୍କ ଦ୍ୱାରା ୧୮୯୧ ମସିହାରେ ପ୍ରଣୀତ ହୋଇଛି। ଏ

ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇଥିବା ଚାରିଗୋଟି "ସମଭାଷା ଓଡ଼ିଆ ଅଭିଧାନରେ ଧାତୁପ୍ରତ୍ୟୟ ନିବେଶିତ ହୋଇ ନ ଥିଲା କି ଶବ୍ଦମାନଙ୍କର ଶିଷ୍ଟ ପ୍ରୟୋଗ ପ୍ରଦର୍ଶିତ ହୋଇ ନ ଥିଲା। ଶବ୍ଦବ୍ୟୁତ୍ପତ୍ତି ଏବଂ ପଦପ୍ରୟୋଗ ହୋଇଥିବା କୌଣସି ସେଭଳି ସୁବୃହତ୍ ଶବ୍ଦକୋଷ ଓଡ଼ିଆରେ ନ ଥିଲା।" ସେଥିପାଇଁ ଏକ ସମର୍ଥ, ସମୃଦ୍ଧ ଏବଂ ସଂପୂର୍ଣ ଆଭିଧାନିକ ଆଭିପ୍ରାୟିକତାକୁ ନେଇ ପ୍ରଣୀତ ହୋଇଥିବା ଏକ ସଫଳ ସମଭାଷୀ ଶବ୍ଦକୋଷ ଭାବରେ 'ଉତ୍କଳ ଅଭିଧାନ'କୁ ଗ୍ରହଣ କରାଯାଇପାରେ। କେତେକ ଆଶୟଶବ୍ଦର ବ୍ୟୁତ୍ପତ୍ତି ନିରୂପିତ ହୋଇ ନ ଥିଲେ ମଧ୍ୟ ସେଗୁଡ଼ିକ କେଉଁ ଶବ୍ଦବର୍ଗର ତାହାର ଐତିହାସିକ ସ୍ତର ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏହି ଐତିହାସିକ ସଂବର୍ଗରେ 'ଦେଶଜ', 'ପ୍ରାକୃତିକ', 'ଯାବନିକ' ଆଦି ଆଶୟଶବ୍ଦାବଳୀକୁ ଅନ୍ତର୍ଭୁକ୍ତ କରାଯାଇଛି। ଯଥା- (୧)-କଟାକଟି, ବି. (ପ୍ରାକୃତିକ) ହଣାହଣି, ଅନ୍ତର ବା ବିୟୋଗକରଣ। (୨)– କଟାସ, ବି. (ଦେଶଜ) ବନ୍ୟ ବିଡ଼ାଳ। (୩)- ପାଇଖାନା, (ଯାବନିକ) ମଳ ତ୍ୟାଗ କରିବାର ସ୍ଥାନ। (୪)– ଠୋକର, ବି. (ହିନ୍ଦୀ) ବାଧା, ଆଘାତ। (୫)- ଡକାଏତ, ବି. (ହିନ୍ଦୀ) ଖଣ୍ଡ, ଖଳଲୋକ। ଜଗନ୍ନାଥ ରାଓଙ୍କର 'ଉତ୍କଳ ଅଭିଧାନ'ରେ ଯେଉଁ ଲିଙ୍ଗଭିତ୍ତିକ ପ୍ରକରଣ ସଂବର୍ଗ ରହିଛି, ସେହି ଉଦ୍ୟମଟି ଓଡ଼ିଆ ଅଭିଧାନ ରଚନା ପରମ୍ପରାରେ ଯେ ଏକ ନବୀନ ସଂଯୁକ୍ତି, ତାହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ତେବେ ଜଗନ୍ନାଥ ରାଓ ସ୍ୱପ୍ରଣୀତ 'ଉତ୍କଳ ଅଭିଧାନ' ଶବ୍ଦକୋଷସ୍ଥ ଆଶୟ ଶବ୍ଦସମୂହର ଯେଉଁ ଲିଙ୍ଗ ନିରୂପଣ କରିଛନ୍ତି, ତାହା ସଂସ୍କୃତ ଲିଙ୍ଗ ନିୟମରେ ସଂପାଦିତ। କେତେକ ଆଶୟଶବ୍ଦକୁ ତୁଳନାତ୍ମକ ବା ଐତିହାସିକ ସ୍ତର ଭିତ୍ତିରେ ଉପସ୍ଥାପନ କରାଯାଇଛି। ଏହା ମଧ୍ୟ ଓଡ଼ିଆ ଅଭିଧାନ ରଚନା ପରମ୍ପରାରେ ସର୍ବପ୍ରଥମ ଉଦ୍ୟମ। ଯଥା- ତ୍ରି. ବିଂ. (ତ୍ରୃ-ଇ) ସଂଖ୍ୟା ତ୍ରୟ; ଅନ୍ୟାନ୍ୟ ଭାଷାରେ ଏହାର ସୌସାଦୃଶ୍ୟ ଦେଖ, ଯଥା, ସଂସ୍କୃତ=ତ୍ରି, ଗ୍ରୀକ୍=ଟ୍ରାଇସ୍, ଲାଟିନ୍=ଟ୍ରେସ୍, ଜର୍ମାନ୍=ଡ୍ରାଇ, ଇଂରାଜୀ=ଥ୍ରି, ବଙ୍ଗଳା=ତିନି। କେତେକ ଆଶୟ ଶବ୍ଦକୁ ବ୍ୟାଖ୍ୟା କରିବା ପାଇଁ ଆବଶ୍ୟକସ୍ଥଳେ 'ଇଂରାଜୀ' ଶବ୍ଦର ସାହାଯ୍ୟ ନିଆଯାଇଛି। ଏଭଳି କୋଷଲେଖମୂଳକ ମୌଳିକ ସଂଯୋଜନା ସମଭାଷୀ ଓଡ଼ିଆ ଅଭିଧାନ ରଚନା ପରମ୍ପରା ଇତିହାସରେ ମଧ୍ୟ ସର୍ବପ୍ରଥମ। ସମଭାଷୀ ଓଡ଼ିଆ ଅଭିଧାନ ରଚନା ପରମ୍ପରାରେ ବ୍ୟାଖ୍ୟାମୂଳକ ଉଦ୍ଧୃତି ପ୍ରଦାନ ପ୍ରକରଣର ଉଦ୍ୟମ ମଧ୍ୟ ସର୍ବପ୍ରଥମେ ଜଗନ୍ନାଥ ରାଓଙ୍କ ଦ୍ୱାରା କରାହୋଇଛି। ଜଗନ୍ନାଥ ରାଓ ସର୍ବପ୍ରଥମେ ଆଶୟ ଶବ୍ଦଗୁଡ଼ିକର ଅତିରିକ୍ତ ବ୍ୟାଖ୍ୟା ତଥା ସରଳୀକରଣ ପାଇଁ ବିଭିନ୍ନ କାବ୍ୟକବିତାରୁ ଉଦ୍ଧୃତି ସଂଗ୍ରହ କରି ସ୍ୱପ୍ରଣୀତ ଅଭିଧାନରେ ସେଗୁଡ଼ିକୁ ଲିପିବଦ୍ଧ କରିଛନ୍ତି। ଏଥିପାଇଁ ସେ ଓଡ଼ିଆ କାବ୍ୟକବିତାରୁ ଆରମ୍ଭ କରି ସଂସ୍କୃତ କାବ୍ୟକବିତା ପର୍ଯ୍ୟନ୍ତ ସାହାଯ୍ୟ ନେଇଛନ୍ତି। ତନ୍ମଧ୍ୟରୁ କେତେକ ଦୃଷ୍ଟାନ୍ତ ନିମ୍ନରେ ସଂଯୁକ୍ତ କରାଯାଉ। ଯଥା- ୧) ସାରସ, ବି. ପୁଂ. (ସରସ୍+ଅ) ହଂସ; ସ୍ୱନାମପ୍ରସିଦ୍ଧ ଜଳଚର ପକ୍ଷୀ, ଯଥା, " ସୁଖେ ବସନ୍ତି ତହିଁ ହଂସ ସାରସ, / ବର୍ଷାଗମେ ମାନସେ ନାହିଁ ମାନସ।"(ମେ. ଦୂ.)

ଉଦ୍ଧୃତି ଚିହ୍ନର ପ୍ରୟୋଗ ପ୍ରଥମ କରି ଜଗନ୍ନାଥ ରାଓ ଓଡ଼ିଆ ଅଭିଧାନ ରଚନା ପରମ୍ପରାରେ ପ୍ରଚଳନ କରାଇଛନ୍ତି। କୌଣସି ଶବ୍ଦର ଅବବୋଧମୂଳକ ସ୍ପଷ୍ଟତା ପାଇଁ ବିଭିନ୍ନ କାବ୍ୟକବିତାରୁ ଯେଉଁ ପଂକ୍ତିଗୁଡ଼ିକୁ ଉଦ୍ଧାର କରାଯାଇଛି, ସେହି ପଂକ୍ତିଗୁଡ଼ିକୁ ଉଦ୍ଧୃତି ଚିହ୍ନ ମାଧ୍ୟମରେ ଲିପିବଦ୍ଧ କରାଯାଇଛି। ୧୮୯୧ ମସିହା ପର୍ଯ୍ୟନ୍ତ ରଚିତ ହୋଇଥିବା ସମସ୍ତ ପ୍ରକାରର ଅଭିଧାନ ମଧ୍ୟରେ ଚିତ୍ରଲିପିର ବ୍ୟବହାର ମଧ୍ୟ ସର୍ବପ୍ରଥମେ ଜଗନ୍ନାଥ ରାଓ କରିଛନ୍ତି। ଜଣାଅଜଣା ଅସଂଖ୍ୟ ଚିତ୍ରଲିପିର ବିଚିତ୍ର ସମାବେଶ ଏହି ଅଭିଧାନରେ ଲକ୍ଷ୍ୟ କରାଯାଏ। କେତେକ ଚିତ୍ରର ତଳେ ନାମୋଲ୍ଲେଖ ହୋଇଥିବାବେଳେ ଆଉ କେତେକରେ ତାହା ନାହିଁ। ଚିତ୍ରଲିପିଗୁଡ଼ିକର ସଂଯୋଜନା ଦ୍ୱାରା ଆଧୁନିକ ଅଭିଧାନ ରଚନା ପଦ୍ଧତିର ଭିନ୍ନ ଏକ ସ୍ୱାତନ୍ତ୍ର୍ୟ ପ୍ରଦର୍ଶିତ ହୋଇଛି, ଯାହା ୧୮୯୧ ମସିହା ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇଥିବା ସମଭାଷୀ ଅର୍ଥାତ୍ ନିରୋଳ ଓଡ଼ିଆ ଶବ୍ଦକୁ ନେଇ ପ୍ରଣୀତ ହୋଇଥିବା ଅଭିଧାନଗୁଡ଼ିକରେ ବିରଳ କହିଲେ ଅତ୍ୟୁକ୍ତି ହେବ ନାହିଁ। ଆନ୍ତର୍ଜାତିକ ସ୍ତରରେ ପ୍ରସିଦ୍ଧି ଅର୍ଜନ କରିଥିବା 'ଅକ୍ସଫୋର୍ଡ' ଆଦି କେତେକ ଶବ୍ଦକୋଷରେ ଏଭଳି ଦୃଷ୍ଟାନ୍ତ ଲକ୍ଷ୍ୟ କରାଯାଏ। ଓଡ଼ିଆ ସମଭାଷୀ ଅଭିଧାନଗୁଡ଼ିକରେ ଆଶୟଶବ୍ଦର ବ୍ୟୁତ୍ପତ୍ତିନିରୂପଣ ପ୍ରକ୍ରିୟା ଗୋପୀନାଥ ନନ୍ଦଶର୍ମାଙ୍କଠାରୁ ଆରମ୍ଭ ହୋଇଥିଲା ବୋଲି ଆମ୍ଭେମାନେ ଏପର୍ଯ୍ୟନ୍ତ ଜାଣିଆସିଥିଲୁ। ଗୋପୀନାଥ ନନ୍ଦଶର୍ମାଙ୍କ ବ୍ୟୁତ୍ପତ୍ତିନିରୂପଣକୁ କେନ୍ଦ୍ର କରି ଅନେକ ତର୍କବିତର୍କ ମଧ୍ୟ ସୃଷ୍ଟି ହୋଇଥିଲା। କିନ୍ତୁ ଏହି ବ୍ୟୁତ୍ପତ୍ତି ନିରୂପଣ କ୍ଷେତ୍ରରେ ଜଗନ୍ନାଥ ରାଓ ହେଉଛନ୍ତି ସର୍ବପ୍ରଥମ ଉଦ୍ୟମୀ। ନନ୍ଦଶର୍ମା ମଧ୍ୟ ତାଙ୍କରି ପଦାଙ୍କ ଅନୁସରଣ କରିଛନ୍ତି। କିନ୍ତୁ ଏହା ଏଯାବତ୍ ବିଶେଷ ଭାବରେ ଜଗନ୍ନାଥ ରାଓ ଗବେଷଣା ପରିସରଭୁକ୍ତ ହୋଇ ଚର୍ଚ୍ଚା ହୋଇନାହାନ୍ତି। ୧୮୯୧ ମସିହା ପୂର୍ବରୁ ପ୍ରଣୀତ ହୋଇଥିବା ସମଭାଷୀ ଓଡ଼ିଆ ଅଭିଧାନଗୁଡ଼ିକରେ ' ଉଦ୍ଧୃତି ଚିହ୍ନଯୁକ୍ତ ଉଦ୍ଧୃତାଂଶ'ର ବ୍ୟବହାର କରାଯାଇନାହିଁ। କୌଣସି ଶବ୍ଦର ଅବବୋଧମୂଳକ ସ୍ପଷ୍ଟତା ପାଇଁ ବିଭିନ୍ନ କାବ୍ୟକବିତାରୁ ଯେଉଁ ପଂକ୍ତିଗୁଡ଼ିକ ଉଦ୍ଧାର କରାଯାଇଛି, ସେହି ପଂକ୍ତିଗୁଡ଼ିକୁ 'ଉଦ୍ଧୃତି ଚିହ୍ନ' ମାଧ୍ୟମରେ ଲିପିବଦ୍ଧ କରାଯାଇଛି। ଜଗନ୍ନାଥ ରାଓଙ୍କର ଏତାଦୃଶ କୋଷକଳାମୂଳକ କୌଶଳକୁ ପରେ ପଣ୍ଡିତ ଗୋପୀନାଥ ନନ୍ଦଶର୍ମା, ଗୋପାଳଚନ୍ଦ୍ର ପ୍ରହରାଜ ପ୍ରମୁଖ ବହୁ ମାତ୍ରାରେ ଅନୁସରଣ କରିଛନ୍ତି। କେତେକ ଆଶୟ ଶବ୍ଦକୁ ବ୍ୟାଖ୍ୟା କରିବା ପାଇଁ ଆବଶ୍ୟକସ୍ଥଳେ 'ଇଂରାଜୀ' ଶବ୍ଦର ସାହାଯ୍ୟ ନିଆଯାଇଛି। ଏଭଳି କୋଷଲେଖମୂଳକ ମୌଳିକ ସଂଯୋଜନା ସମଭାଷୀ ଓଡ଼ିଆ ଅଭିଧାନ ରଚନା ପରମ୍ପରା ଇତିହାସରେ ମଧ୍ୟ ସର୍ବପ୍ରଥମ।

୧୮୯୧ ମସିହା ପର୍ଯ୍ୟନ୍ତ ରଚିତ ହୋଇଥିବା ସମସ୍ତ ପ୍ରକାର ଅଭିଧାନ ମଧ୍ୟରେ 'ଚିତ୍ରଲିପି' ସହିତ 'ଶବ୍ଦଲିପି' ମାଧ୍ୟମରେ ପାଠକକୁ କୌଣସି ଶବ୍ଦ ସମ୍ପର୍କରେ ଅବଗତ କରାଇବା ପ୍ରକ୍ରିୟା ଓଡ଼ିଆ ଅଭିଧାନ ରଚନା ପରମ୍ପରାରେ ଜଗନ୍ନାଥ ରାଓଙ୍କର ସର୍ବପ୍ରଥମ ଉଦ୍ୟମ। ଏହା ସଂଖ୍ୟାରେ ଅତ୍ୟଳ୍ପ ହେଲେ ମଧ୍ୟ ଏକ ଅଭିନବ ପଦକ୍ଷେପ। ଜଗନ୍ନାଥ

ରାଓଙ୍କ 'ଉତ୍କଳ ଅଭିଧାନ'ରେ ଆଉ ଗୋଟିଏ ବୈଶିଷ୍ଟ୍ୟ ଲକ୍ଷ୍ୟ କରାଯାଏ, ଯାହା ଅନ୍ୟ ଅଭିଧାନଗୁଡ଼ିକରେ ଅନୁପସ୍ଥିତ। ତାହା ହେଉଛି କେତେକ ଓଡ଼ିଆ ମିଶ୍ରକ୍ରିୟାର ପୂରଣନରୂପ ପ୍ରଦାନ ନ କରି ସଂକ୍ଷିପ୍ତରୂପ ପ୍ରଦାନ କରିବା ପ୍ରକ୍ରିୟା। ଯଥା- 'ଗମନ କ' (ଗମନ କରିବା), 'ବଧ କ' (ବଧ କରିବା), 'ପ୍ରତିବନ୍ଧକ ହେ' (ପ୍ରତିବନ୍ଧକ ହେବା) ଇତ୍ୟାଦି।

ଆଲୋଚ୍ୟ ଅଭିଧାନର ଆଉ ଏକ ନବୀନ ଉଦ୍ୟମ ହେଉଛି କେତେକ ଶବ୍ଦର ଧାତୁ ନିରୂପଣ। ଏହି ପ୍ରକ୍ରିୟା 'ହ' ବର୍ଣ୍ଣଯୁକ୍ତ ଶବ୍ଦବର୍ଗ ପରେ ସମ୍ପାଦିତ ହୋଇଛି। 'ଧାତୁମାଳା' ନାମକ ପରିଚ୍ଛେଦରେ ଏହି ପ୍ରକ୍ରିୟା ସ୍ଥାନିତ। ଏଥିରେ 'ଅଗ୍, ଅଣ, ଅନ୍ଦ୍, ଅମ୍, ଆସ୍, ଇଖ୍, ଇତ୍, ଉଠ, ରକ୍ଷ, ଉୟ, ଏଠ୍, ଓଜ, କଡ଼୍ଡ଼, କ୍ଷନ୍ପ, ଖଚ୍, ଗା, ଘୁନଷ, ଚତ୍, ଛେଦ୍, ଜୁଳ, ଙ୍କା, ଝର୍ଝ, ଡନଭ୍, ଢୀକ, ଣୟ, ତଡ଼, ଦମ' ଆଦି ଧାତୁଗୁଡ଼ିକର ଅର୍ଥ, ବ୍ୟୁତ୍ପତ୍ତି ଦୃଷ୍ଟାନ୍ତ, ପର୍ଯ୍ୟାୟବାଚୀ ଅର୍ଥ, ଭିନ୍ନାର୍ଥ ଆଦି ପ୍ରଦାନ କରାଯାଇଛି। କେତେକ ଶବ୍ଦକୁ ଜଗନ୍ନାଥ ରାଓ 'ଅନୁକରଣାତ୍ମକ ଶବ୍ଦ' (Imitative words) ବର୍ଗର ବୋଲି ଉଲ୍ଲେଖ କରିଛନ୍ତି। ଏଭଳି ଉଦ୍ୟମ ଓଡ଼ିଆ ଅଭିଧାନ ରଚନା ପରମ୍ପରାରେ ମଧ୍ୟ ସର୍ବପ୍ରଥମ ବୋଲି କୁହାଯାଇପାରେ।

ଜଗନ୍ନାଥ ରାଓଙ୍କର 'ଉତ୍କଳ ଅଭିଧାନ'ରେ ଯେଉଁ ଲିଙ୍ଗଭିତ୍ତିକ ପ୍ରକରଣକୁ ସ୍ଥାନିତ କରାଯାଇଛି, ତାହା ମଧ୍ୟ ଓଡ଼ିଆ ଅଭିଧାନ ରଚନା ପରମ୍ପରାରେ ଏକ ନବୀନ ସଂଯୁକ୍ତି।

'ଅପଭ୍ରଂଶବୋଧିନୀ'(୧୮୯୨) ଅଭିଧାନରେ ଅନେକ ଅପଭ୍ରଷ୍ଟ ଶବ୍ଦ ରହିଛି, ଯାହାର ମୂଳଶବ୍ଦ ନିରୂପିତ କରିବା ଅତ୍ୟନ୍ତ କଠିନ। ସେଗୁଡ଼ିକ ବିଭିନ୍ନ ସ୍ତର ଦେଇ ସାମ୍ପ୍ରତିକ ଅପଭ୍ରଂଶ ରୂପ ଗ୍ରହଣ କରିଛି। ତନ୍ମଧ୍ୟରୁ କେତେକ ଶବ୍ଦର ମୂଳରୂପକୁ ଆର୍ତ୍ତତ୍ରାଣ ଶତପଥୀ ଏଠାରେ ଚିହ୍ନଟ କରିବା ପାଇଁ ପ୍ରଚେଷ୍ଟା କରିଛନ୍ତି। ଯଥା- ୧– ହଜାର (ମୂଳ ଶବ୍ଦ ହେଉଛି ସଂସ୍କୃତ ସହସ୍ର। ଏହି ଶବ୍ଦଟି ନିମ୍ନମତେ ଅପଭ୍ରଷ୍ଟ ରୂପ ଧାରଣ କରିଛି। ଯଥା- କ- ସହସ୍ର> ସହସର > ହସର > ହଜର > ହଜାର। ଖ- ମୁଛ (ମୂଳ ଶବ୍ଦ ହେଉଛି ସଂସ୍କୃତ ଶ୍ମଶ୍ରୁ) ଶ୍ମଶ୍ରୁ> ମିଶ୍ର> ମଲ୍ଲ > ମୁଛୁ > ମୁଛ। ଗ- ଦଧିଭଦ୍ରା > ଦହିଆ > ଦୟା। ଘ- ଡୋରକ > ଡୋର > ଡୋରି > ଡଉରି > ଦଉରି> ଦଉଡ଼ି। ଙ- ଅବସ୍କର > ଓସ୍କରା > ଅସ୍କର > ଅସ୍କରା। ଚ- କିରାତତିକ୍ତ> ଚିରାତତିକ୍ତ > ଚିରାତିକ୍ତ > ଚିରାଇକ୍ତ > ଚିରାଇତ> ଚିରେଇତା। ଛ- ସାମ୍ମୁଖ୍ୟ > ସାମୁହ > ଛାମୁହ > ଛାମୁ। ଜ- ଦୁର୍ଜୟଲିଙ୍ଗ > ଦୁର୍ଜଲିଙ୍ଗ > ଡୁର୍ଜଲିଙ୍ଗ > ଡାର୍ଜଲିଙ୍ଗ> ଦାର୍ଜଲିଙ୍ଗ। ଝ- ଶ୍ମଶାନ > ମଶାନ > ମଶାଣ > ମଶାଣି। ଞ- ଖର୍ବଟ > ଖରବଟ > ଖରବଡ଼ > ଖରବାଡ଼ > କରବାଡ଼।

ଐତିହାସିକ ଏବଂ ତୁଳନାତ୍ମକ ଭାଷାବିଜ୍ଞାନରେ ଏତାଦୃଶ ବ୍ୟୁତ୍ପତ୍ତି ନିର୍ଦ୍ଦେଶ ଲକ୍ଷ୍ୟ କରାଯାଏ। ଆର୍ତ୍ତତ୍ରାଣ ଶତପଥୀଙ୍କର ଏହି ଉଦ୍ୟମ ଅତ୍ୟନ୍ତ ସଂକ୍ଷିପ୍ତ ଭାବରେ ବିଶ୍ଳେଷିତ। ତଥାପି ଓଡ଼ିଆ ଭାଷାବୈଜ୍ଞାନିକ ଲେକ୍ସିକୋଗ୍ରାଫିକାଲ ବିଶ୍ଳେଷଣ କ୍ଷେତ୍ରରେ ଏହାକୁ ସର୍ବପ୍ରଥମ ସଂଯୋଗ ବୋଲି ଧରି ନିଆଯାଇ ପାରେ।

ସ୍ୱପ୍ନେଶ୍ୱର ଦାସଙ୍କ ଦ୍ୱାରା 'କୋଷାଙ୍କୁର' ଶବ୍ଦକୋଷଟି ୧୯୦୭ ମସିହାରେ ପ୍ରଣୀତ ହୁଏ। ଏହାପୂର୍ବରୁ ପ୍ରଣୀତ ହୋଇଥିବା ଅଭିଧାନଗୁଡ଼ିକରେ ସଂଖ୍ୟାଭିତ୍ତିକ ଆଶୟଶବ୍ଦକୁ ଭିତ୍ତିକରି ସଂକ୍ଷିପ୍ତ ଭାବରେ କେତେକ ବ୍ୟାଖ୍ୟା କରାଯାଇଥିଲେ ମଧ୍ୟ ଏକ ସ୍ୱତନ୍ତ୍ର ବର୍ଗ ଭାବରେ ସର୍ବପ୍ରଥମେ 'କୋଷାଙ୍କୁର' ଶବ୍ଦକୋଷରେ ସଂଖ୍ୟାମୂଳକ ଆଶୟଶବ୍ଦସମୂହକୁ ସଂଯୁକ୍ତ କରାଯାଇଛି। ଏଥିରେ ସର୍ବମୋଟ ୮୪ଟି ସଂଖ୍ୟାଭିତ୍ତିକ ଆଶୟଶବ୍ଦର ସମପର୍ଯ୍ୟାୟବାଚୀ ଏବଂ ଭିନ୍ନାର୍ଥବୋଧକ ଅର୍ଥନିରୂପିତ ହୋଇଛି। ସେଗୁଡ଼ିକ ମଧ୍ୟରେ ଏକ, ତ୍ରିଗୁଣ, ତ୍ରିଦଶା, ଚାରିଉପାୟ, ଚାରିଜୀବିକା, ପଞ୍ଚବଟ, ଅଷ୍ଟପଦ, ଅଷ୍ଟନାଗ, ନବଗ୍ରହ, ୧୦ଦିଗ, ବାରମାସ, ୧୪ ଭୁବନ, ୧୮ ବିଦ୍ୟା ଆଦି ଅନ୍ୟତମ। ବର୍ଣ୍ଣଗୁଡ଼ିକୁ ଏକତ୍ର ସଜ୍ଜୀକୃତ କରି ସେଗୁଡ଼ିକୁ ନେଇ ଯେଉଁ ଯେଉଁ ଭିନ୍ନାର୍ଥବାଚକ ଶବ୍ଦ ରହିଛି, ତାହାର ସବିଶେଷ ପରିଚୟ ପ୍ରଦାନ କରିବାର ସ୍ୱତନ୍ତ୍ର ଉଦ୍ୟମ ଓଡ଼ିଆ ଶବ୍ଦକୋଷ ରଚନା ପରମ୍ପରାରେ 'କୋଷାଙ୍କୁର' ଶବ୍ଦକୋଷରେ ସର୍ବପ୍ରଥମେ କରାଯାଇଛି। ବିଭିନ୍ନ ପ୍ରକାରର ଆଶୟଶବ୍ଦବର୍ଗ ସହିତ ଅପଭ୍ରଂଶ ଶବ୍ଦକୁ ସ୍ୱତନ୍ତ୍ର ଭାବରେ ସ୍ଥାନିତ କରିବାର ବ୍ୟବସ୍ଥା ପୂର୍ବରୁ ପ୍ରଣୀତ ହୋଇଥିବା କୌଣସି ସମଭାଷୀ ଶବ୍ଦକୋଷରେ ଦେଖାଯାଏ ନାହିଁ। କବିଭୂଷଣ ସ୍ୱପ୍ନେଶ୍ୱର ଦାସଙ୍କ ଦ୍ୱାରା 'କୋଷାଙ୍କୁର' ଶବ୍ଦକୋଷରେ ସ୍ୱତନ୍ତ୍ର ଭାବରେ ସମ୍ପୃକ୍ତ ଶବ୍ଦଗୁଡ଼ିକର ପଦ୍ୟରୂପ ପ୍ରଦାନ କରିବା ଉଦ୍ୟମଟି ଓଡ଼ିଆ ଅଭିଧାନ ରଚନା ପରମ୍ପରାରେ ସର୍ବପ୍ରଥମ।

୧୯୦୯ ମସିହା ପର୍ଯ୍ୟନ୍ତ ପ୍ରଣୀତ ହୋଇଥିବା ସମସ୍ତ ଅଭିଧାନ ମଧ୍ୟରେ ଚିକିତ୍ସା ଶାସ୍ତ୍ର ସମ୍ପର୍କିତ ସର୍ବପ୍ରଥମ ଅଭିଧାନ ଭାବରେ 'ବୈଦ୍ୟକ ଅଭିଧାନ'କୁ ଗ୍ରହଣ କରାଯାଇଥାଏ।

୧୯୧୬ ମସିହାରେ ପ୍ରକାଶିତ 'ଶବ୍ଦତତ୍ତ୍ୱବୋଧ ଅଭିଧାନ'ସ୍ଥ ପ୍ରତ୍ୟେକ ପୃଷ୍ଠାର ଉପରାଂଶର ଦୁଇ ପାର୍ଶ୍ୱରେ ସେହି ସେହି ପୃଷ୍ଠାର ଆରମ୍ଭ ଓ ଶେଷରେ କେଉଁ ଶବ୍ଦ ରହିଛି, ତାହା ଉଲ୍ଲେଖ କରାଯାଇଛି। ଧରାଯାଉ ୩୨ ପୃଷ୍ଠାରେ ବାମ ପାର୍ଶ୍ୱରେ ଯେଉଁ ଶବ୍ଦଗୁଡ଼ିକ ଅଛି ତାହାର ପ୍ରଥମ ଶବ୍ଦଟି ହେଉଛି 'ଅଧିମାସ'। ଏହି 'ଅଧିମାସ' ଶବ୍ଦଟି ସେହି ପୃଷ୍ଠାର ଉପରାଂଶସ୍ଥ ବାମ ପାର୍ଶ୍ୱରେ ମୁଦ୍ରିତ ହୋଇଛି। ସେହି ପୃଷ୍ଠାର ଦକ୍ଷିଣ ପାର୍ଶ୍ୱର ଶେଷ ଶବ୍ଦ ହେଉଛି 'ଅଧୀଶ'। ଏହି ଶବ୍ଦଟିକୁ ସମ୍ପୃକ୍ତ ପୃଷ୍ଠାର ଦକ୍ଷିଣ ପାର୍ଶ୍ୱସ୍ଥ ଶେଷାଂଶରେ ମୁଦ୍ରିତ କରାଯାଇଛି। ଫଳତଃ ପ୍ରତି ପୃଷ୍ଠାର ଆଦ୍ୟଶବ୍ଦ ଏବଂ ପ୍ରାନ୍ତଶବ୍ଦ କଣ ତାହା ସ୍ପଷ୍ଟ ବୁଝାପଡ଼ୁଛି। ଏହି କ୍ରମ କିନ୍ତୁ ପୂର୍ବ ଅଭିଧାନଗୁଡ଼ିକରେ ନାହିଁ। ଗୋପୀନାଥ ନନ୍ଦଶର୍ମାଙ୍କ ଅଭିଧାନରେ ବୈୟାକରଣିକ ସଂକ୍ଷିପ୍ତିମୂଳକ ପ୍ରକରଣ ପ୍ରତ୍ୟେକ ଆଶୟଶବ୍ଦ ପାଇଁ ରହିଥିଲେ ମଧ୍ୟ ତାଙ୍କ ଅଭିଧାନରେ କୌଣସି ସ୍ଥାନରେ ବି ସେଗୁଡ଼ିକର ପୂର୍ଣ୍ଣାଙ୍ଗରୂପ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ। ଏହି ଅଭିଧାନରେ ହଜାର ହଜାର ଉଦ୍ଧୃତାଂଶ ରହିଥିଲେ ମଧ୍ୟ ସେଗୁଡ଼ିକରେ କୌଣସିଥିରେ ଏକକ ଉଦ୍ଧୃତି କିମ୍ବା ଦ୍ୱିତୟ ଉଦ୍ଧୃତି ଚିହ୍ନର ବ୍ୟବହାର କରାଯାଇନାହିଁ। ୧୯୧୬ ଯାବତ୍ ଅଭିଧାନ ରଚନା ପରମ୍ପରାରେ ଯେଉଁ ଯେଉଁ ଉଦ୍ୟମ କରାହୋଇ ଆସୁଥିଲା, ତାହାକୁ ଅଧିକ ଯଥାର୍ଥ ଏବଂ

ବିଜ୍ଞାନସମ୍ମତ କରି ଉପସ୍ଥାପନ କରିଛନ୍ତି ଗୋପୀନାଥ ନନ୍ଦଶର୍ମା। ସେ ଜଣେ ପ୍ରଚଣ୍ଡ ପ୍ରତିଭାଧାରୀ ଭାଷାତତ୍ତ୍ୱବିଦ୍ ଥିବାରୁ ଓଡ଼ିଆ ଭାଷାର ଶବ୍ଦକୁ ବିଭିନ୍ନ ଦୃଷ୍ଟିରୁ ବ୍ୟାଖ୍ୟା କରିବା ପାଇଁ ପ୍ରୟାସ କରିଛନ୍ତି; କିନ୍ତୁ ତାଙ୍କ ଅଭିଧାନରେ ବହୁ ଓଡ଼ିଆ ଶବ୍ଦ ମଧ୍ୟ ଅନୁପସ୍ଥିତ। ୧୯୧୬ ମସିହାରେ ଗ୍ରୁଣ୍ଡିଙ୍କ ସମ୍ପାଦିତ The Concise Oriya-English ଅଭିଧାନରେ କେତେକ ତତ୍ସମମୂଳକ ଆଶୟଶବ୍ଦକୁ ତାରାଚିହ୍ନ ମାଧ୍ୟମରେ ସ୍ଥାନିତ କରାଯାଇଛି। ଏହି ତାରାଚିହ୍ନ ସଂଯୁକ୍ତ କରିବା ଦ୍ୱାରା ସେଗୁଡ଼ିକ ତତ୍ସମ ଶବ୍ଦବର୍ଗର ବୋଲି ସୂଚିତ ହେଉଛି। ଏହି ପ୍ରକ୍ରିୟା ପୂର୍ବରୁ ପ୍ରଣୀତ କୌଣସି ଶବ୍ଦକୋଷରେ ଲକ୍ଷ୍ୟ କରାଯାଏ ନାହିଁ। ଏହାକୁ ସର୍ବପ୍ରଥମ ଦୃଷ୍ଟାନ୍ତ ଭାବରେ ଗ୍ରହଣ କରାଯାଇପାରେ। ଗ୍ରୁଣ୍ଡିଙ୍କ ଅଭିଧାନରେ କେତେକ ସଂଖ୍ୟାବାଚକ ଆଶୟଶବ୍ଦର ଅର୍ଥ ନିରୂପଣ ସମୟରେ ଉଭୟ ଇଂରାଜୀ ଏବଂ ରୋମାନ୍ ସଂଖ୍ୟାଲିପିର ବ୍ୟବହାର କରାଯାଇଛି। ଯଥା- (୧) ବାଆନ, a. and n. fifty-two; 52; LII. (୨) ବତିସ, a. and n. thirty-two, 32; XXXII. ଏହିପରି ଦୃଷ୍ଟାନ୍ତ ପୂର୍ବରୁ ପ୍ରଣୀତ ହୋଇଥିବା ଅନ୍ୟ ଓଡ଼ିଆ-ଇଂରାଜୀ ଦ୍ୱିଭାଷୀ ଶବ୍ଦକୋଷଗୁଡ଼ିକରେ ନ ଥିବାରୁ ଏହାକୁ ସର୍ବପ୍ରଥମ ସଂଯୋଗ ଭାବରେ ଗ୍ରହଣ କରାଯାଇପାରେ। ଇଂରାଜୀ ପକେଟ୍ ଅଭିଧାନ ଆକୃତିର ସର୍ବପ୍ରଥମ ସମଭାଷୀ ଓଡ଼ିଆ ଅଭିଧାନ ହେଉଛି ମୃତ୍ୟୁଞ୍ଜୟ ରଥ ଏବଂ ଶ୍ରୀ ବାଞ୍ଛାନିଧି ମିଶ୍ରଙ୍କ ସଂକଳିତ 'ଓଡ଼ିଆ ପକେଟ୍ ଅଭିଧାନ'(୧୯୨୫)। ୧୯୩୨ ମସିହା ପୂର୍ବରୁ ପ୍ରସ୍ତୁତ ହୋଇଥିବା ସମଭାଷୀ ଓଡ଼ିଆ ଅଭିଧାନଗୁଡ଼ିକରେ ସଂସ୍କୃତ ଭାଷା ନିୟମ ଅନୁସାରେ 'ବର୍ଗ୍ୟ ବ' ଓ 'ଅବର୍ଗ୍ୟ ବ'କୁ ବର୍ଣ୍ଣମାଳା କ୍ରମେ ଭିନ୍ନ ଭିନ୍ନ ସ୍ଥାନରେ ଅର୍ଥାତ୍ 'ଫ' ପରେ ବର୍ଗ୍ୟ 'ବ' ଏବଂ 'ଲ' ପରେ ଅବର୍ଗ୍ୟ 'ବ'କୁ ସ୍ଥାନିତ କରାଯାଉଥିଲା;କିନ୍ତୁ 'ସରଳ ଉତ୍କଳ ଅଭିଧାନ'(୧୯୩୨)ରେ ପ୍ରଥମଥର ପାଇଁ ଦୁଇ 'ବ' କୁ ଏକତ୍ର ସ୍ଥାନିତ କରି ଶବ୍ଦକୋଷ ପ୍ରଣୟନ କରାଯାଇଛି। 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ୧୯୩୧ ରୁ ୧୯୪୦ ମଧ୍ୟରେ ପ୍ରଣୀତ ହୁଏ। ଏହି ଅଭିଧାନ ପ୍ରଣୟନ ପାଇଁ ଗୋପାଳଚନ୍ଦ୍ର ପ୍ରହରାଜ ଦୀର୍ଘ ୨୭ ବର୍ଷ ବ୍ୟାପୀ ସାଧନାମଗ୍ନ ଥିଲେ। ଏ ଦିଗରେ ତାଙ୍କର ସହକର୍ମୀଗଣଙ୍କର ଭୂମିକା ମଧ୍ୟ କୌଣସି ଗୁଣରେ କମ୍ ନ ଥିଲା। ଏଇ ଅଭିଧାନ ପ୍ରକାଶ ପାଇଁ ବିଭିନ୍ନ ସମୟରେ ସାହାଯ୍ୟସହଯୋଗର ହାତ ବଢ଼ାଇଥିବା ଅନେକ ଉତ୍କଳୀୟ, ଭାରତୀୟ ତଥା ବିଦେଶୀୟ ବ୍ୟକ୍ତିଙ୍କର ନାମ ମଧ୍ୟ ପ୍ରଣିଧାନ୍ୟଯୋଗ୍ୟ। ଡ. ବିଜୟ ପ୍ରସାଦ ମହାପାତ୍ର କହନ୍ତି- " ଦୁର୍ବଳତାଗୁଡ଼ିକ ସତ୍ତ୍ୱେ ପୂର୍ଣଚନ୍ଦ୍ର ଭାଷାକୋଷ ଭବିଷ୍ୟତ ପାଇଁ ପାଣ୍ଡିତ୍ୟ, ଧୈର୍ଯ୍ୟ, ଅଧ୍ୟବସାୟ ଓ ଗବେଷଣାର ଏକ ଆଦର୍ଶ ସୃଷ୍ଟି କରିଯାଇଛି। ହିନ୍ଦୀର 'ଶବ୍ଦସାଗର' ଓ ବଙ୍ଗଳାର 'ବିଶ୍ୱକୋଷ' ପରି ବଳଦିଆ ଧାରାରେ ଲିଖିତ ଦୁଇଟି ବିରାଟ ଗ୍ରନ୍ଥର ପ୍ରଭାବରୁ ମୁକ୍ତ ବୈଜ୍ଞାନିକ ରୀତିରେ ଭାଷାକୋଷ ସଂକଳନ କରିବା କେତେଦୂର ସମ୍ଭବ ଥିଲା, ତାହା ମଧ୍ୟ ବିଚାରକୁ ଆଣିବା ଉଚିତ ।" (ଉଦ୍ଧୃତ 'ପୂ.ଓ. ଭାଷାକୋଷ', ଭୂମିକା, ମହେନ୍ଦ୍ର ମିଶ୍ର, ଲାର୍କ ବୁକ୍ସ, ସେପ୍ଟେମ୍ବର ୫, ୨୦୦୬)

ଶବ୍ଦ ସଂଗ୍ରହ ପରେ ଯେତେବେଳେ ଗୋପାଳଚନ୍ଦ୍ର ପ୍ରହରାଜ ପ୍ରଣୟନ କାର୍ଯ୍ୟରେ ଅଗ୍ରସର ହେଲେ ସେତେବେଳେ ସେ ଉପଲବ୍ଧି କଲେ ଯେ ଓଡ଼ିଆରେ 'ବିଶ୍ୱକୋଷ' ଶ୍ରେଣୀର ଅଭିଜ୍ଞାନଗ୍ରନ୍ଥ ନାହିଁ ଏବଂ ଭାଷାତତ୍ତ୍ୱ ସମ୍ବନ୍ଧରେ ତୁଳନାତ୍ମକ ଗବେଷଣା ପାଇଁ ଓଡ଼ିଶାରେ ସେ ପର୍ଯ୍ୟନ୍ତ କୌଣସି ମୂଳଭିତ୍ତି ମଧ୍ୟ ସ୍ଥାପନ ହୋଇ ନ ଥିଲା। ତେଣୁ ଉତ୍କଳ ଭାଷାରେ ପ୍ରଚଳିତ ବ୍ୟାକରଣକୁ ଅନୁସରଣ କରି ସେହି ସଂଗୃହୀତ ଶବ୍ଦମାନଙ୍କର ବ୍ୟୁତ୍ପତ୍ତି, ଉତ୍ପତ୍ତି ଓ ଅନ୍ୟ ଭାଷା ସଙ୍ଗେ ସେଗୁଡ଼ିକର ସମ୍ବନ୍ଧ ନିର୍ଣ୍ଣୟ କରିବାରେ ସେ ତତ୍ପର ହୋଇଉଠିଲେ। ଏଇ ଅଭିଧାନରେ ଯେଉଁ ଯେଉଁ ନବୀନତା ରହିଛି, ତାହା ହେଲା-(କ)- ପ୍ରବନ୍ଧ ମାଧ୍ୟମରେ ଆଶୟଶବ୍ଦକୁ ବ୍ୟାଖ୍ୟା କରିବାର ପଦ୍ଧତି- ଏ ଧରଣର ଶୈଳୀ ପୂର୍ବରୁ କୌଣସି ଅଭିଧାନରେ ଅନୁସୃତ ହୋଇନାହିଁ କି ଏ ପର୍ଯ୍ୟନ୍ତ ମଧ୍ୟ ହୋଇନାହିଁ। ଓଡ଼ିଆ ପ୍ରବନ୍ଧ ସାହିତ୍ୟର ବିବର୍ତ୍ତନ ଧାରାରେ ଏହାକୁ ଏକ ଗୁରୁତ୍ୱପୂର୍ଣ ପ୍ରୟାସ ଭାବରେ ଗ୍ରହଣ କରାଯାଇପାରେ। (ଖ) ଗ୍ରାମ୍ୟ ଲୋକମାନଙ୍କ ମୁଖରେ ବିକୃତିପିତ ହୋଇ କଥିତ ହୋଇଆସୁଥିବା ଶବ୍ଦାବଳୀର ସ୍ୱତନ୍ତ୍ର ବର୍ଗଭିତ୍ତିକ ପ୍ରସ୍ତୁତି ସର୍ବପ୍ରଥମେ ଗୋପାଳଚନ୍ଦ୍ରଙ୍କ ଆଲୋଚ୍ୟ 'ପୂ. ଓ. ଭାଷାକୋଷ'ରେ ହୋଇଛି। (ଗ)- ଏଥିରେ ଯେଉଁ ଗୁଜୁରାଟୀ, ମରହଟ୍ଟା, ତେଲୁଗୁ, ତାମିଲ, ମାଳୟ ଭାଷା ପ୍ରଭୃତିର ଉଲ୍ଲେଖ ହୋଇଛି, ତାହା ପୂର୍ବରୁ ସଙ୍କଳିତ ହୋଇଥିବା କୌଣସି ଅଭିଧାନରେ ସ୍ୱତନ୍ତ୍ର ତଥା ବିସ୍ତାରିତ ଭାବରେ ଲକ୍ଷ୍ୟ କରାଯାଏନାହିଁ। (ଘ)– ବ୍ୟାଖ୍ୟାକରଣ ପର୍ଯ୍ୟାୟରେ ସମୃଦ୍ଧ ବିସ୍ତାରଣ ଅନ୍ୟ କୌଣସି ଅଭିଧାନରେ ଲକ୍ଷ୍ୟ କରାଯାଏ ନାହିଁ। ଏହି ବିସ୍ତାରଣରେ ସଂରକ୍ଷିତ ହୋଇଥିବା ପ୍ରତ୍ୟେକ ବିଶେଷତାଯୁକ୍ତ ବ୍ୟାଖ୍ୟାକୁ ସ୍ୱତନ୍ତ୍ର ଭାବରେ ସଂକଳିତ କରାଯିବା ଉଚିତ। ଏହାଦ୍ୱାରା ଅନେକ ଅନାଲୋଚିତ ଦିଗନ୍ତ ଓଡ଼ିଆ ଭାଷାସାହିତ୍ୟ, ସମାଜସଂସ୍କୃତି ପାଇଁ ଉନ୍ମୋଚିତ ହେବ।

ସର୍ବଭାରତୀୟ ସ୍ତରରେ ଯେଉଁ ବିଶିଷ୍ଟ ଶବ୍ଦକୋଷମାନ ପ୍ରଣୀତ ହୋଇଛି, ତନ୍ମଧ୍ୟରେ 'ପୂ.ଓ. ଭାଷାକୋଷ'ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ବିଭିନ୍ନ ଭାଷାତତ୍ତ୍ୱବିଦ୍‌ମାନଙ୍କର ମତ।

ପ୍ରମୋଦଚନ୍ଦ୍ର ଦେବପଟ୍ଟାୟତଙ୍କ ଦ୍ୱାରା ପ୍ରଣୀତ ଏବଂ କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର ଦ୍ୱାରା ପ୍ରକାଶିତ 'ପ୍ରମୋଦ-ଅଭିଧାନ'ରେ ସାଙ୍କେତିକ ଶବ୍ଦ ସ୍ଥାନିତ ହୋଇଥିବା ପୃଷ୍ଠାର ଠିକ ପରେ ପରେ ଯେଉଁ ପୃଷ୍ଠାଟି ରହିଛି, ତାହା ହେଉଛି 'ଅକ୍ଷରସୂଚୀ'। ଏହି 'ଅକ୍ଷରସୂଚୀ' ପୃଷ୍ଠାରେ ଯେଉଁ ଯେଉଁ ଅକ୍ଷରଗୁଡ଼ିକୁ ନେଇ ଆଶୟଶବ୍ଦ ବା ବିଷୟମୂଳକ ଶବ୍ଦ ରହିଛି, ସେହି ଅକ୍ଷରମୂଳକ ଶବ୍ଦଗୁଡ଼ିକ କେଉଁପୃଷ୍ଠାରୁ କେଉଁପୃଷ୍ଠା ପର୍ଯ୍ୟନ୍ତ ପରିବ୍ୟାପ୍ତ, ତାହା ସୂଚିତ। ଯଥା- ଅ- ୧ପୃଷ୍ଠା ରୁ ୨୨୭ପୃଷ୍ଠା; ଈ, ଋ , ଏ- ୪୦୯ ପୃଷ୍ଠାରୁ ୪୨୭ ପୃଷ୍ଠା; ର- ୨୨୭୭ ପୃଷ୍ଠାରୁ ୨୩୬୭ ପୃଷ୍ଠା; ହ - ୨୮୭୭ ପୃଷ୍ଠାରୁ ୨୯୫୨ପୃଷ୍ଠା ଇତ୍ୟାଦି। ଏହି ଧରଣର ଅକ୍ଷରସୂଚୀ ଏ ଯାବତ୍ ପ୍ରସ୍ତୁତ କୌଣସି ଅଭିଧାନରେ ଲକ୍ଷ୍ୟ କରାଯାଏ ନାହିଁ। 'ପ୍ରମୋଦ-ଅଭିଧାନ'ର ଏହି ଉଦ୍ୟମ ଓଡ଼ିଆ ଅଭିଧାନ ପ୍ରଣୟନ ପରମ୍ପରାରେ ସର୍ବପ୍ରଥମ ସଂଯୋଗ

ଅଟେ। କିନ୍ତୁ ଏ କଥା ସ୍ମର୍ତ୍ତବ୍ୟ ଯେ ୧୯୪୨ ମସିହାରେ ପ୍ରଣୀତ ମୂଳ 'ପ୍ରମୋଦ-ଅଭିଧାନ' (ସୃଜନିକା ଦ୍ୱାରା ପ୍ରସ୍ତୁତ ହୋଇଥିବା ଇଲେକ୍ଟ୍ରିକ୍ ସଂସ୍କରଣ ସୌଜନ୍ୟ ଅନୁଯାୟୀ)ରେ ଏଭଳି 'ଅକ୍ଷରସୂଚୀ' ନାହିଁ।

ଜଗନ୍ନାଥ ତ୍ରିପାଠୀଙ୍କ ପ୍ରଣୀତ 'ତ୍ରିପାଠୀଙ୍କ ସଂକ୍ଷିପ୍ତ ଓଡ଼ିଆ ଅଭିଧାନ (୧୯୪୮)ରେ ଅକ୍ଷରମୂଳକ ଆଶୟଶବ୍ଦ ବିନ୍ୟାସରେ କେତେକ ବ୍ୟତିକ୍ରମ ଦେଖାଯାଏ। ଯେଭଳିକି 'ର', 'ହ୍ରସ୍ୱ ଲୁ', 'ଦୀର୍ଘ ଲୁ' ର ବ୍ୟବହାର ଗୋପୀନାଥ ନନ୍ଦଶର୍ମା (୧୯୧୬- ଶବ୍ଦତତ୍ତ୍ୱବୋଧ ଅଭିଧାନ)ଙ୍କଠାରୁ ଆରମ୍ଭ କରି ଗୋପାଳଚନ୍ଦ୍ର (୧୯୩୦-ପୂ.ଓ.ଭା. ପ୍ରଥମ ଖଣ୍ଡ- ଅ-ଔ) ଏବଂ ପ୍ରମୋଦଚନ୍ଦ୍ର ପଟ୍ଟାୟତ (୧୯୪୨-ପ୍ରମୋଦ ଅଭିଧାନ)ଙ୍କ ପର୍ଯ୍ୟନ୍ତ ରହିଛି;କିନ୍ତୁ ପ୍ରଥମ କରି ୧୯୪୮ ମସିହାରେ ପ୍ରଣୀତ ଆଲୋଚ୍ୟ ଅଭିଧାନରେ ଏ ରୀତିକୁ ବର୍ଜନ କରାଯାଇଛି। ସଟନ ସାହେବ ଅଭିଧାନ ରଚନା କ୍ଷେତ୍ରରେ ଯେଉଁ ବୈଶିଷ୍ଟ୍ୟ ପ୍ରଦର୍ଶନ କରିଥିଲେ, ସେହି ବୈଶିଷ୍ଟ୍ୟ ଜଗନ୍ନାଥ ତ୍ରିପାଠୀ ପ୍ରଦର୍ଶନ କରିଛନ୍ତି। ଏଥିରେ ତାଙ୍କର ଓଡ଼ିଆପ୍ରାଣତା ସୃଷ୍ଟି ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ;କିନ୍ତୁ ସଂସ୍କୃତ ରୀତିରେ ସେ 'କ' ବର୍ଗରେ 'କ୍ଷ' କୁ ସ୍ଥାନିତ କରିଛନ୍ତି। 'ଳ' ଓ 'ଲ' ଗୋଟିଏ ବର୍ଗରେ ସ୍ଥାନିତ। ସମୁଦାୟ ୨୯୧ ପୃଷ୍ଠାବିଶିଷ୍ଟ (ତୃତୀୟ ସଂସ୍କରଣ) ଏହି ଅଭିଧାନଟି ଆକାର ଏବଂ ମୂଲ୍ୟ ଦୃଷ୍ଟିରୁ ଅତ୍ୟନ୍ତ ସୁଲଭ ହୋଇପାରିଛି। 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ'ରେ ସର୍ବପ୍ରଥମେ ଓଡ଼ିଆ ଆଶୟଶବ୍ଦ ସହିତ ଇଂରାଜୀ, ହିନ୍ଦୀ ଏବଂ ବଙ୍ଗଳା ଶବ୍ଦ ଏବଂ ଅର୍ଥ ପ୍ରଦାନ କରାଗଲା;କିନ୍ତୁ ଏହା ଥିଲା ଏକ ଭାଷାକୋଷ। ଏହି ବ୍ୟବସ୍ଥା ପୂର୍ବରୁ କେତେକ ଶବ୍ଦକୋଷରେ ଦ୍ୱୈଭାଷିକ ରୂପରେ ଅର୍ଥାତ୍ ଇଂରାଜୀରୁ ଓଡ଼ିଆ କିମ୍ବା ଓଡ଼ିଆରୁ ଇଂରାଜୀ ଭାବରେ ଥିଲା। ସମଭାଷୀ ଓଡ଼ିଆ ଅଭିଧାନଗୁଡ଼ିକରେ କ୍ୱଚିତ୍ କେତେକ ସ୍ଥାନରେ ଓଡ଼ିଆ ଶବ୍ଦ ପାଇଁ ଇଂରାଜୀ ସମାର୍ଥବାଚକ ଶବ୍ଦର ବ୍ୟବହାର କରାଯାଉଥିଲା; କିନ୍ତୁ 'ତ୍ରିପାଠୀଙ୍କ ସଂକ୍ଷିପ୍ତ ଓଡ଼ିଆ ଅଭିଧାନ' ସଦୃଶ ଏକକାଳୀନ ଅଧିକାଂଶ ଓଡ଼ିଆ ଆଶୟଶବ୍ଦର ଅର୍ଥ ଓଡ଼ିଆରେ ପୁଣି ଇଂରାଜୀ ପ୍ରତିଶବ୍ଦରେ ପ୍ରଦାନ କରିବାର ପରମ୍ପରା ପ୍ରଥମେ ପ୍ରଣେତା ଜଗନ୍ନାଥ ତ୍ରିପାଠୀ ହିଁ ଆରମ୍ଭ କରିଛନ୍ତି। ଜଗନ୍ନାଥ ତ୍ରିପାଠୀଙ୍କ ଏହି ଉଦ୍ୟମ ପରବର୍ତ୍ତୀ ପର୍ଯ୍ୟାୟରେ ଅନେକ ଅଭିଧାନ ପ୍ରଣେତାଙ୍କୁ ମାର୍ଗ ନିର୍ଦ୍ଦେଶ କରିଛି।

ରମଲା କରଙ୍କ 'ଅଭିନବ ସରଳ ଉତ୍କଳ ଅଭିଧାନ'(୧୯୬୧)ର ସବୁଠୁ ବଡ଼ ବିଶେଷତ୍ୱ ହେଉଛି ଅଭିଧାନର ସମଗ୍ର କଳେବର ମଧ୍ୟରେ ସମସ୍ତ ଆଶୟଶବ୍ଦ ଏବଂ ଆଶୟଶବ୍ଦ ବହିର୍ଭୂତ ବିଭିନ୍ନ ବିଷୟମୂଳକ ନାମ ଇତ୍ୟାଦିକୁ ନିରୋଳ ଆକ୍ଷରାନୁକ୍ରମିକ ପଦ୍ଧତିରେ ଉପସ୍ଥାପନ କରାଯାଇଛି, ଯାହା ଅନ୍ୟ ଅଭିଧାନ ପ୍ରଣେତାମାନଙ୍କଠାରେ ଲକ୍ଷ୍ୟ କରାଯାଏ ନାହିଁ। ଅର୍ଥାତ୍ ଅନ୍ୟ ଅଭିଧାନ ପ୍ରଣେତାମାନେ ଆଶୟଶବ୍ଦମୂଳକ ଉପସ୍ଥାପନରେ ଆକ୍ଷରାନୁକ୍ରମିକତା ରୀତି ଅବଲମ୍ବନ କରୁଥିବା ସମୟରେ ସାଙ୍କେତିକ ନାମୋଲ୍ଲେଖ କିମ୍ବା ଅନ୍ୟାନ୍ୟ ପ୍ରସଙ୍ଗରେ ସେହି ଆକ୍ଷରାନୁକ୍ରମିକତା ରୀତିକୁ ପ୍ରାୟତଃ ଅନୁସରଣ କରି ନାହାନ୍ତି; କିନ୍ତୁ ରମଲା କର ଏ ଦିଗରେ ଆମୂଳଚୂଳ ଆକ୍ଷରାନୁକ୍ରମିକ ପଦ୍ଧତିକୁ ଅନୁସରଣ କରି ଅଭିଧାନ ପ୍ରଣୟନ କରିଛନ୍ତି।

ବାବା ବୈଦ୍ୟନାଥ ପାଢ଼ୀଙ୍କ ଦ୍ୱାରା ପ୍ରଣୀତ ବୃହତ୍ ଓଡ଼ିଆ ଅଭିଧାନ (୧୯୬୪) ଅଭିଧାନରେ ମୁଖ୍ୟ ଆଶୟଶବ୍ଦକୁ ପ୍ରଥମେ ସ୍ଥାନିତ କରାଯାଇ, ସେହି ଆଶୟଶବ୍ଦର ବିଶେଷ୍ୟ, ବିଶେଷଣ ପ୍ରଭୃତି ରୂପକୁ ଏକତ୍ର ଲିପିବଦ୍ଧ କରାଯାଇଛି। ଏହାଦ୍ୱାରା ପାଶ୍ଚାତ୍ୟ ଅଭିଧାନ ପ୍ରଣୟନ କ୍ଷେତ୍ରରେ ଯେଉଁ ଅତ୍ୟାଧୁନିକ ପଦ୍ଧତି ଅନୁସୃତ ହୋଇଛି, ତାହାକୁ ପ୍ରଣେତା ଆପଣାଇବା ପାଇଁ ପ୍ରୟାସ କରିଛନ୍ତି। ଏ ପର୍ଯ୍ୟନ୍ତ ସଂକଳିତ ହୋଇ ଆସିଥିବା ଅଭିଧାନଗୁଡ଼ିକରେ ଏ ଧରଣର ଉଦ୍ୟମ ଲକ୍ଷ୍ୟ କରାଯାଏନାହିଁ। ବାବା ବୈଦ୍ୟନାଥ ପାଢ଼ୀଙ୍କର ଏଇ ଉଦ୍ୟମକୁ ଓଡ଼ିଆ ଅଭିଧାନ ପ୍ରଣୟନ ପରମ୍ପରା କ୍ଷେତ୍ରରେ ପ୍ରଥମ ଉଦ୍ୟମ ବୋଲି କୁହାଯାଇପାରିବ। ଗୋଟିଏ ଦୃଷ୍ଟାନ୍ତ ଦେଲେ ଏହା ସ୍ପଷ୍ଟ ହୋଇଯିବ। ଯଥା- ଅଗଣନ- ବିଂ. ଅସଂଖ୍ୟ, ଅସୁମାର, numberless । ଅଗଣନୀୟ- ବିଂ. ଅସଂଖ୍ୟ, numberless, countless; ଅଗ୍ରାହ୍ୟ- ଯାହା ବିବେଚିତ ବା ଗ୍ରହଣଯୋଗ୍ୟ ନୁହେଁ, unimportant, of an account। ଅଗଣିତ-ବିଂ, ଯାହା ଗଣାଯାଇ ନ ପାରେ, countless । ଅଗଣ୍ୟ-ବିଂ. ଅସଂଖ୍ୟ, countless। ଅଗଣ୍ୟ ଲୋକ, insignificant man।

ଉପର୍ଯ୍ୟୁକ୍ତ ଉଦାହରଣରେ ଅଗଣନ ହେଉଛି ମୁଖ୍ୟ ଆଶୟଶବ୍ଦ। ଏହାର ଅନ୍ୟ ବିଶେଷଣ ରୂପ, ବିଶେଷ୍ୟ ରୂପ ଏବଂ ଭିନ୍ନାର୍ଥବିଶିଷ୍ଟ ଶବ୍ଦ ଭାବରେ ସେହି ଅଗଣନ ଆଶୟଶବ୍ଦ ବର୍ଗରେ ଅଗଣନୀୟ, ଅଗ୍ରାହ୍ୟ, ଅଗଣିତ, ଅଗଣ୍ୟ ଆଦି ଶବ୍ଦକୁ ସ୍ଥାନିତ କରାଯାଇଛି। ଅବଶ୍ୟ ଅଗ୍ରାହ୍ୟ ଶବ୍ଦ ଏହି ଅଗଣନ ଆଶୟଶବ୍ଦର ପର୍ଯ୍ୟାୟଭୁକ୍ତ ହେବାର ନ ଥିଲା। ଏହି ଧରଣର ଦୃଷ୍ଟାନ୍ତ ପୂର୍ବରୁ ପ୍ରଣୀତ ହୋଇଥିବା କୌଣସି ଶବ୍ଦକୋଷରେ ଲକ୍ଷ୍ୟ କରାଯାଏନାହିଁ। ଏଇ ଧରଣର ବ୍ୟାଖ୍ୟାକରଣ ଦ୍ୱାରା ପରବର୍ତ୍ତୀ ସମୟରେ ଗିରୀଶଚନ୍ଦ୍ର ମିଶ୍ର, ନଟବର ଶତପଥୀ ପ୍ରମୁଖ ପ୍ରଭାବିତ ହୋଇ ନିଜ ନିଜ ଅଭିଧାନରେ ଏହାକୁ ସଫଳ ଭାବରେ ପ୍ରୟୋଗ କରିବା ପାଇଁ ପ୍ରୟାସ କରିଛନ୍ତି। ପଣ୍ଡିତ କୃଷ୍ଣଚନ୍ଦ୍ର କରଙ୍କ ଦ୍ୱାରା ପ୍ରଣୀତ 'ତରୁଣ ଶବ୍ଦକୋଷ' (୧୯୬୬)ରେ ଯେଉଁ ଯେଉଁ ବିଶେଷତ୍ୱ ରହିଛି, ସେଗୁଡ଼ିକୁ ଉଭୟ ଗୁଣମୂଳକ ଏବଂ ଦୋଷମୂଳକ ଦୃଷ୍ଟିରୁ ଆକଳନ କରାଯାଏଇପାରେ। ଗୁଣମୂଳକ ଆକଳନ: (କ) ଆଶୟଶବ୍ଦଗୁଡ଼ିକର ବିପରୀତ ଶବ୍ଦରୂପ, ବିଶେଷଣ ବା ବିଶେଷ୍ୟ ରୂପ, ପୁଂଲିଙ୍ଗ ବା ସ୍ତ୍ରୀଲିଙ୍ଗରୂପ ଆଦିକୁ ସ୍ୱତନ୍ତ୍ର ଭାବରେ ଅଭିଧାନରେ ସଂଯୁକ୍ତ ନ କରାଇ ଆବଶ୍ୟକସ୍ଥଳେ ଆଶୟଶବ୍ଦର ଶେଷାଂଶରେ ବିପରୀତ ରୂପ କିମ୍ବା ବିଶେଷ୍ୟ, ବିଶେଷଣ ରୂପ କିମ୍ବା ପୁଂଲିଙ୍ଗ ବା ସ୍ତ୍ରୀଲିଙ୍ଗବାଚକ ରୂପ ପ୍ରଦାନ କରାଯାଇଛି। (ଖ) ଅନେକ ଅପଭ୍ରଷ୍ଟ ଶବ୍ଦକୁ 'ଇ-କାରାନ୍ତ' କରି ଲେଖାଯାଇଛି। (ଗ) ବର୍ଗୀୟ 'ବ' ଏବଂ ଅବର୍ଗୀୟ 'ବ' ମଧ୍ୟରେ ଓଡ଼ିଆରେ ଧ୍ୱନି ପାର୍ଥକ୍ୟ ନ ଥିବାରୁ ପୂର୍ବପ୍ରଣୀତ ଅଭିଧାନଗୁଡ଼ିକ

ଭଳି ଏଥିରେ 'ଫ' ପରେ ବର୍ଗୀୟ 'ବ'କୁ ଏବଂ 'ଲ' ପରେ ଅବର୍ଗୀୟ 'ବ'କୁ ସ୍ଥାନ ଦିଆ ନ ଯାଇ 'ଫ' ଅକ୍ଷର ପରେ ଉଭୟ 'ବ'ଯୁକ୍ତ ଆଶୟଶବ୍ଦକୁ ସ୍ଥାନିତ କରାଯାଇଛି। (ଘ) 'ଶିଫାରିଶ, ପେଶ, ତମାଶା' ପ୍ରଭୃତି ଯାବନିକ ଶବ୍ଦକୁ ଏହି ଶବ୍ଦକୋଷରେ ' ସିପାରିସ, ପେସ, ତମାସା' ପ୍ରଭୃତି ରୂପରେ ଲେଖାଯିବା ଦ୍ୱାରା ଉଚ୍ଚାରଣଗତ ଦୃଷ୍ଟିରୁ ସ୍ୱାଭାବିକତା ଲକ୍ଷିତ ହୋଇଛି। (ଙ) 'କ୍ଷ' ଅକ୍ଷରଯୁକ୍ତ ଆଶୟଶବ୍ଦଗୁଡ଼ିକୁ ସଂସ୍କୃତ ରୀତି ଅନୁସାରେ 'କ' ବର୍ଗରେ ସ୍ଥାନିତ ନ କରାଇ 'କ' ଏବଂ 'ଖ' ବର୍ଗ ମଧ୍ୟରେ ଏକ ସ୍ୱତନ୍ତ୍ର ବର୍ଗ ଭାବରେ ଲିପିବଦ୍ଧ କରାଯାଇଛି। (ଚ) 'ଞ', 'ଣ', 'ନ' ମିଶ୍ରିତ ସମନ୍ୱିତ ଶବ୍ଦମାନଙ୍କୁ ଇଚ୍ଛାକ୍ରମେ ଅନୁସ୍ୱାରଯୁକ୍ତ କରିପକାଇବାରେ ଶାଳୀନତା ନ ଥିବାରୁ 'ଷଣ୍ଢ, ଚନ୍ଦନ, କଣ୍ଠ, ଅଞ୍ଜଳି' ଆଦି ଶବ୍ଦକୁ 'ଷଂଢ, ଚଂଦନ, କଂଠ, ଅଂଜଳି' ଭାବରେ ଏଇ ଅଭିଧାନରେ ଲିପିବଦ୍ଧ କରାଯାଇନାହିଁ। (ଛ) 'ସଠିକ୍, ସଜାଗ, ଆବଶ୍ୟକୀୟ, ବାହ୍ୟିକ, ନିଃସ୍ୱାର୍ଥପର' ପ୍ରଭୃତି ଶବ୍ଦର ସାହିତ୍ୟିକ ବ୍ୟବହାର ସଂପୂର୍ଣ୍ଣ ଅଶୁଦ୍ଧ ଓ ଅସିଦ୍ଧ ହୋଇଥିବାରୁ ସେଗୁଡ଼ିକୁ ଅଶୁଦ୍ଧ ବୋଲି ପରିଶିଷ୍ଟ ପର୍ଯ୍ୟାୟରେ ଉଲ୍ଲେଖ କରାଯାଇଛି। (ଜ) 'ଉପର୍ଯ୍ୟୁକ୍ତ, ଉରଜ, ସୃଜନ, ମର୍ମନ୍ତୁଦ, ନିର୍ଭୁଲ, କୁରଗ, କଳନ୍ତର, ମନାନ୍ତର, ମୋହ୍ୟମାନ, ସମସାମୟିକ, ସଂଗଠନ, ସଂକ୍ରାନ୍ତୀୟ, ସଘନ, ସଧୀର, ସଚଳ, ପଞ୍ଚବାର୍ଷିକ' ପ୍ରଭୃତି ତଥାକଥିତ ଅଶୁଦ୍ଧ ଶବ୍ଦକୁ ଏହି ଅଭିଧାନରେ ଦେଶଜ ଶବ୍ଦ ରୂପେ ଗ୍ରହଣ କରାଯାଇଛି। ଦୋଷମୂଳକ ଆକଳନ: (କ) ବ୍ୟାକରଣ ଦୃଷ୍ଟିରୁ 'ରାଜନୀତିକ', 'ସାମସମୟିକ' ଆଦି ଶବ୍ଦ ଶୁଦ୍ଧ ହୋଇଥିଲେ ମଧ୍ୟ ସେଗୁଡ଼ିକର ପ୍ରଚଳିତ ଅଶୁଦ୍ଧ ରୂପ 'ରାଜନୈତିକ', 'ସମସାମୟିକ' ଆଦିର ଏକତ୍ର ସମାବେଶ ଦ୍ୱାରା କୋଷବୈଜ୍ଞାନିକ ଯଥାର୍ଥତା ରକ୍ଷିତ ହୋଇପାରିନାହିଁ। ଫଳରେ କେଉଁ ଗୋଟିକ ଠିକ୍ ଏବଂ ବୈଧ, ତାହା ନିର୍ଣ୍ଣୟ କରିବାରେ ପାଠକ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାଏ। (ଖ) ଏହି ଅଭିଧାନରେ ଅସଂଖ୍ୟ ଫାର୍ସୀ, ଆରବିକ, ପର୍ତ୍ତୁଗୀଜ, ଇଂରାଜୀ, ଦେଶଜ ପ୍ରଭୃତି ଶବ୍ଦର ନାମୋଲ୍ଲେଖ ହୋଇନାହିଁ। ଆମୁଖରେ ଥିବା ବୈଶିଷ୍ଟ୍ୟ ଦ୍ରଷ୍ଟବ୍ୟରେ ପ୍ରଣେତା ମହାଶୟ ତଦ୍ଭବ, ଦେଶଜ (ଓଡ଼ିଆ), ଯାବନିକ, ବୈଦେଶିକ ପ୍ରଭୃତି ଅନ୍ୟ ସମସ୍ତ ଶବ୍ଦକୁ ଅର୍ଥାତ୍ ଯେଉଁଗୁଡ଼ିକର ନାମୋଲ୍ଲେଖ ହୋଇନାହିଁ, ସେଗୁଡ଼ିକୁ ଏକ ବ୍ୟାପକ ପର୍ଯ୍ୟାୟର ଅନ୍ତର୍ଭୁକ୍ତ କରାଇଛନ୍ତି ବୋଲି ପ୍ରକାଶ କରିଥିଲେ ମଧ୍ୟ ଏହି ବ୍ୟବସ୍ଥା ଅନ୍ୟ ଅଭିଧାନଗୁଡ଼ିକରେ ଅନୁସୃତ ହୋଇ ନ ଥିବାରୁ ସମସ୍ୟା ଦେଖାଦେଇଛି। (ଗ) କେତେକ 'ଇ-କାରାନ୍ତ' ସଂସ୍କୃତ ଶବ୍ଦ ଯଥା- ଇଲୀଶ, ରୀଠା, ରୀଢ଼ା, ବଟୀ, ବ୍ରୀହି, ଦୋଳୀ, ପୁଞ୍ଜୀ, କାଞ୍ଜୀ, ଖଡ଼ୀ ଆଦି ସଂସ୍କୃତ ଶବ୍ଦକୁ 'ଇ-କାରାନ୍ତ', ଯଥା- ଇଲିଶି, ରିଠା, ରିହା, ବଡ଼ି, ବିରି, ଦୋଳି, ପୁଞ୍ଜି, କାଞ୍ଜି, ଖଡ଼ୀ ରୂପରେ ଏହି ଅଭିଧାନରେ ଲିଖିତ ହୋଇଥିଲେ ହେଁ ଏଗୁଡ଼ିକ ସର୍ବସମ୍ମତି ଏବଂ ସାଧାରଣିକତା ଦୃଷ୍ଟିରୁ ଏ ଯାବତ୍ ଓଡ଼ିଆ ଭାଷାସାହିତ୍ୟରେ ମାନକ ଭାବରେ ଗୃହୀତ ହୋଇ ନ ଥିବାରୁ ଏ କ୍ଷେତ୍ରରେ ମଧ୍ୟ ସନ୍ଦିଗ୍ଧତା ନିଷ୍ପନ୍ନ ହୋଇଛି। ଏଭଳିକି ୨୦୧୪ ମସିହାରେ ପ୍ରଣୀତ ହୋଇଥିବା ଶବ୍ଦକୋଷ (ସାରସ୍ୱତ ଓଡ଼ିଆ ଭାଷାକୋଷ- ସଂକଳକ- କୃପାସିନ୍ଧୁ ବିଶ୍ୱାଳ, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ-୨) ରେ 'ଇଲୀଶ' ଆଦି ଶବ୍ଦକୁ ବ୍ୟବହାର ସ୍ଥାନିତ କରାଯାଉଥିବାରୁ କେଉଁଟି ଠିକ୍, କେଉଁଟି ଭୁଲ ଏବଂ କିଏ ଯଥାର୍ଥ, କିଏ ଅଯଥାର୍ଥ ତାହା ନିର୍ଣ୍ଣୟ କରିବାରେ ଦ୍ୱନ୍ଦ୍ୱ ଦେଖାଦେଇଥାଏ। (ଘ) ଓଡ଼ିଆ ଅଭିଧାନ ରଚନା ପରମ୍ପରାରେ ପ୍ରଚଳିତ ହୋଇଆସୁଥିବା ଅନେକ ଗତାନୁଗତିକ ପଦ୍ଧତିକୁ ପଣ୍ଡିତ କୃଷ୍ଣଚନ୍ଦ୍ର କର ଏଇ ଅଭିଧାନରେ ପରିବର୍ଜିତ କରିଛନ୍ତି। ଏହି ପରିବର୍ତ୍ତନକୁ ସେ ଗ୍ରହଣ କରିଛନ୍ତି ଏବଂ ଆଲୋଚ୍ୟ ଅଭିଧାନରେ ସେଗୁଡ଼ିକୁ ପ୍ରତିଷ୍ଠିତ କରିବା ପାଇଁ ପ୍ରୟାସ କରିଛନ୍ତି;କିନ୍ତୁ ଏହି ପରିବର୍ତ୍ତନ ଏବଂ ପ୍ରତିଷ୍ଠାକୁ ଓଡ଼ିଆ ଭାଷାରେ ମାନକତା ଦୃଷ୍ଟିରୁ ମାନ୍ୟତା ପ୍ରାପ୍ତ ହୋଇ ନ ଥିବାରୁ ଏ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇଛି। ଏହାକୁ ଏକ ଦୋଷ ଭାବରେ ବିଚାର କରିହେବ।

ପଣ୍ଡିତ ନାରାୟଣ ମହାପାତ୍ର ଓ ଅଧ୍ୟାପକ ଶ୍ରୀଧର ଦାସଙ୍କ ପ୍ରଣୀତ 'ବିବିଧକୋଷ' (୧୯୬୯)ରେ ଯେଉଁ ଭିନ୍ନ ଭିନ୍ନ ବିଷୟମୂଳକ ଆଶୟଶବ୍ଦ ବା ବାକ୍ୟଗୁଡ଼ିକୁ ସ୍ଥାନିତ କରାଯାଇଛି, ସେଗୁଡ଼ିକର ଉପାଦେୟତା ରହିଛି ବୋଲି ମନେହୁଏ। ଏଭଳି କୋଷ ରଚନାରେ ୧୯୬୯ ମସିହା ପୂର୍ବରୁ କେହି ପ୍ରଣେତା ମନୋନିବେଶ କରିଥିବାର ପ୍ରାୟତଃ ଲକ୍ଷ୍ୟ କରାଯାଏ ନାହିଁ। ପ୍ରଣେତାଦ୍ୱୟଙ୍କର ଏତାଦୃଶ ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ।

କୁଞ୍ଜବିହାରୀ ତ୍ରିପାଠୀଙ୍କ 'An Anchalika-Sabda-kosha Of The Oriya Language'(1974)କୁ ଓଡ଼ିଆ ଭାଷାର ପ୍ରଥମ ଆଞ୍ଚଳିକ ଶବ୍ଦକୋଷ ଭାବରେ ଉଲ୍ଲେଖ କରିଛନ୍ତି ଆଲୋଚ୍ୟ ଗ୍ରନ୍ଥର ପ୍ରଣେତା ନିଜେ କୁଞ୍ଜବିହାରୀ ତ୍ରିପାଠୀ। ଏଭଳି ଅଭିଧାନ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି। ସମଲପୁରୀ ଭାଷାର ଶବ୍ଦ, କ୍ରିୟା, ବାକ୍ୟ, ବିଭକ୍ତି ଇତ୍ୟାଦିକୁ ଆଧାର କରି ପ୍ରଣେତା ପ୍ରଫୁଲ୍ଲ କୁମାର ତ୍ରିପାଠୀ ଏକ ସ୍ୱତନ୍ତ୍ର କିସମର ସମ୍ବଲପୁରୀ ଅଭିଧାନ ପ୍ରଣୟନ କରିଛନ୍ତି। ଏହା ମଧ୍ୟ ଆଞ୍ଚଳିକ ଭାଷାର ଏକ ସ୍ୱତନ୍ତ୍ର ଅଭିଧାନ ଏବଂ ଅଭିନବ ଉଦ୍ୟମ। ବୈକୁଣ୍ଠନାଥ ନାଥ ଆଚାର୍ଯ୍ୟଙ୍କ 'ବ୍ୟାବହାରିକ ବିଦ୍ୟାର୍ଥୀ ଅଭିଧାନ'(୧୯୮୪)ରେ ଯେଉଁ ସର୍ଗବଦ୍ଧ ବ୍ୟବସ୍ଥାପୂର୍ବକ ଆଶ୍ରୟଶବ୍ଦର ଆଭିଧାନିକ ଅର୍ଥ ପ୍ରଦାନ କରିବା ସହିତ ଅନ୍ୟାନ୍ୟ ପ୍ରସଙ୍ଗକୁ ସଂଯୁକ୍ତ କରିବାର ଦୃଷ୍ଟାନ୍ତ ରହିଛି, ତାହା ଏ ପର୍ଯ୍ୟନ୍ତ ସଙ୍କଳିତ ହୋଇଥିବା କୌଣସି ଅଭିଧାନରେ ଲକ୍ଷ୍ୟ କରାଯାଏନାହିଁ। ଗିରୀଶ ଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ପ୍ରଣୀତ 'ଆର୍ଯ୍ୟ ଓଡ଼ିଆ ଅଭିଧାନ'ରେ ଆଶୟଶବ୍ଦକୁ ବ୍ୟାଖ୍ୟା କରିବା ପାଇଁ ପ୍ରାୟୋଗିକ ସ୍ତରରେ ଯେଉଁ ଆଧୁନିକ କବି ଓ ଲେଖକମାନଙ୍କର ବିଭିନ୍ନ କୃତିର ଅଂଶକୁ ଉଦ୍ଧାର କରାଯାଇଛି, ତାହା ଏକ ନବୀନ ଉଦ୍ୟମ ବୋଲି କହିହେବ। ଏହି ପର୍ଯ୍ୟାୟରେ ପ୍ରଣେତା ମହାଶୟ ରାଧାନାଥ, ଗୋପାଳଚନ୍ଦ୍ର ପ୍ରହରାଜ, ଗଙ୍ଗାଧର ମେହେର, ନନ୍ଦକିଶୋର ବଳ, ଗୋପୀନାଥ ମହାନ୍ତି, ଫକୀରମୋହନ ସେନାପତି, କାଳିନ୍ଦୀଚରଣ ପାଣିଗ୍ରାହୀ, ସୁରେନ୍ଦ୍ର ମହାନ୍ତି ପ୍ରମୁଖ କବି, ଲେଖକମାନଙ୍କର ବିଭିନ୍ନ ଉଦ୍ଧୃତିକୁ ନିଜ ପ୍ରଣୀତ ଆର୍ଯ୍ୟ ଓଡ଼ିଆ ଅଭିଧାନରେ ସ୍ଥାନିତ କରିଛନ୍ତି। ଏହି ପ୍ରଭାବରେ ପ୍ରଭାବିତ ହୋଇ ନଟବର ଶତପଥୀ ୨୦୦୮ ମସିହାରେ ଯେଉଁ 'ଶବ୍ଦସିନ୍ଧୁ' ଅଭିଧାନ ପ୍ରଣୟନ କରିଛନ୍ତି,

ସେଥିରେ ଅସଂଖ୍ୟ ନୂତନ କବି, ଲେଖକମାନଙ୍କର କବିତାଂଶ ତଥା ଲେଖାଂଶକୁ ଉଦ୍ଧାର କରିଛନ୍ତି। ୨୦୦୮ ମସିହାରେ ପ୍ରଣୀତ ନଟବର ଶତପଥୀ ତାଙ୍କ 'ଶବ୍ଦସିନ୍ଧୁ' (୨୦୦୮) ରେ ଯେଉଁ ଦୃଷ୍ଟାନ୍ତ ବା ଉଦ୍ଧୃତିଗୁଡ଼ିକୁ ବ୍ୟାଖ୍ୟାକରଣ କିମ୍ବା ପ୍ରାୟୋଗିକ ସ୍ତରରେ ସଂଯୁକ୍ତ କରିଛନ୍ତି, ସେଗୁଡ଼ିକୁ ଆଖିଦୃଶିଆ କରିବା ପାଇଁ ବଙ୍କାଅକ୍ଷର ବା ଇଟାଲିକ୍ ଶୈଳୀର ବ୍ୟବହାର କରିଛନ୍ତି। ଏହି ବ୍ୟବହାର ପୂର୍ବରୁ କେହି କରିଥିବାର ମନେ ହୁଏନାହିଁ। 'ଶବ୍ଦସିନ୍ଧୁ' ରେ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ପରି ପ୍ରାପ୍ତିସ୍ୱୀକାରମୂଳକ ବିଶେଷତ୍ୱକୁ ଉଲ୍ଲେଖ କରାଯାଇଛି। ଯେଉଁ ପରମ୍ପରା 'ପ୍ରମୋଦ–ଅଭିଧାନ'ଠାରୁ ବର୍ଜିତ ହୋଇଆସିଥିଲା, ତାହାକୁ ପୁଣି ଥରେ ନଟବର ଶତପଥୀ ପ୍ରଚଳନ କରାଇଛନ୍ତି। 'ପୂଜ୍ୟପୂଜା' ପରମ୍ପରାରେ ଏହା ଏକ ସ୍ୱାଗତଯୋଗ୍ୟ ସଂଯୋଗ ବୋଲି କହିହେବ। ବିଭିନ୍ନ ଆଶୟଶବ୍ଦର ବ୍ୟାଖ୍ୟା ସମୟରେ ପ୍ରଣେତା ବିଭିନ୍ନ ଲେଖକ, ସମାଲୋଚକ, ଟୀକାକାର ପ୍ରଭୃତିଙ୍କର ନାମୋଲ୍ଲେଖ କରିଛନ୍ତି। ଏଭଳିକି ଆବଶ୍ୟକସ୍ଥଳେ ପୂର୍ବପ୍ରଣେତାମାନଙ୍କର ଯେଉଁ ଆଶୟଶବ୍ଦ ଏବଂ ସମ୍ପୃକ୍ତ ଆଶୟଶବ୍ଦର ଅର୍ଥସ୍ତରୀୟ କିମ୍ବା ଶବ୍ଦସ୍ତରୀୟ ବ୍ୟାଖ୍ୟାନକୁ ଅବିକଳ ନକଲ କରିଛନ୍ତି, ତାହାକୁ ବିନୟର ସହିତ ଉଲ୍ଲେଖ କରିଛନ୍ତି। ଯଥା- "କାଟା (ତେଲୁଗୁ, ଗଞ୍ଜାମର ବହୁ ବ୍ୟବହାର, ନନ୍ଦ) ବି. ଚିଠିପତ୍ରର ବିଡ଼ା ।"

ବ୍ୟାଖ୍ୟାମୂଳକ ଉଦ୍ଧୃତି ପର୍ଯ୍ୟାୟରେ 'ଶବ୍ଦସିନ୍ଧୁ' ଅଭିଧାନରେ ଯେଉଁ ବିଶେଷତ୍ୱଗୁଡ଼ିକ ଅଧିକ ମୌଳିକ ମନେହୁଏ, ତାହା ହେଉଛି ଆଧୁନିକ ଲେଖକମାନଙ୍କର ବିଭିନ୍ନ ଉଦ୍ଧୃତାଂଶକୁ ସାମିଲ କରାଇବା। ଏଥିରେ ପ୍ରଣେତା ଗୋଲୋକବିହାରୀ ଧଳ, ଅମରେଶ ପଟ୍ଟନାୟକ, ଦୀପକ ମିଶ୍ର, ଖଗେଶ୍ୱର ମହାପାତ୍ର, କୁଞ୍ଜବିହାରୀ ତ୍ରିପାଠୀ, ସଚ୍ଚି ରାଉତରାୟ, ପ୍ରମୋଦ କୁମାର ମହାନ୍ତି, ରବି ସିଂ, ଗଗନେନ୍ଦ୍ର ଦାସ, ଗିରିଜା ବଳିୟାରସିଂହ, ଗୁରୁପ୍ରସାଦ ମହାନ୍ତି, ମନୋଜ ଦାସ, ରମାକାନ୍ତ ରଥ, ଅନନ୍ତ ପଟ୍ଟନାୟକ, ପ୍ରକାଶ କୁମାର ପରିଡ଼ା, ଦେବୀପ୍ରସନ୍ନ ପଟ୍ଟନାୟକ, ରାଜେନ୍ଦ୍ର କିଶୋର ପଣ୍ଡା, ମନୋରଞ୍ଜନ ଦାସ, ମହାପାତ୍ର ନୀଳମଣି ସାହୁ, ବେଣୁଧର ରାଉତ, ଡ.ବେଣୀମାଧବ ପାଢ଼ୀ, ଡ. ଦୀନନାଥ ପାଠୀ, ଚନ୍ଦ୍ରଶେଖର ରଥ, ଶାନ୍ତନୁ କୁମାର ଆଚାର୍ଯ୍ୟ, ସୀତାକାନ୍ତ ମହାପାତ୍ର, ସୁରେନ୍ଦ୍ର ମହାନ୍ତି, ଧନେଶ୍ୱର ମହାପାତ୍ର, ମାୟାଧର ମାନସିଂହ, ସୌଭାଗ୍ୟ କୁମାର ମିଶ୍ର, ସୌରୀନ୍ଦ୍ର ବାରିକ ପ୍ରମୁଖଙ୍କର ଗ୍ରନ୍ଥ ଏବଂ ଆବଶ୍ୟକ ସ୍ଥଳେ ପାଠାଂଶ ବା କବିତାଂଶକୁ ଉଦ୍ଧୃତ କରାଇ ଆଶୟଶବ୍ଦର ବ୍ୟାଖ୍ୟାକୁ ଅଧିକ ଭାବଗର୍ଭକ କରାଯାଇଛି। ଏହା ପୂର୍ବରୁ କୌଣସି ଅଭିଧାନରେ ସବିସ୍ତାରରେ ଏଭଳି ଉପସ୍ଥାପନ କରିବା ଘଟଣା ଦୃଷ୍ଟି ପଥାରୂଢ଼ ହୁଏନାହିଁ। 'ଶବ୍ଦସିନ୍ଧୁ'ରେ ଅଭିଧାନ ରଚନା କରିବାର ବିଭିନ୍ନ ପଦ୍ଧତିକୁ ଯଥୋଚିତ ଭାବରେ ପ୍ରୟୋଗ କରିବା ପାଇଁ ଚେଷ୍ଟା କରାଯାଇଛି। ଏହାକୁ ଓଡ଼ିଆ ଭାଷାର ନବ ଅଭିଧାନ ବୋଲି ମଧ୍ୟ କୁହାଯାଇଛି; କିନ୍ତୁ ଏଥିରେ ମଧ୍ୟ ଅନେକ ତ୍ରୁଟି ବିଚ୍ୟୁତି ରହିଛି, ଯେଉଁଗୁଡ଼ିକ ସଂଶୋଧିତ ହେଲେ ଅଭିଧାନଟି ଅଧିକ ସାର୍ଥକତା ଓ ସାମର୍ଥ୍ୟ ଅର୍ଜନ କରିପାରିବ। ଉପର୍ଯ୍ୟୁକ୍ତ ସମୀକ୍ଷାତ୍ମକ ମୂଲ୍ୟାୟନରେ ଯେଉଁ ନିଷ୍କର୍ଷକୁ ଦର୍ଶାଯାଇଛି, ତାହା ବାହାରେ ହୁଏତ ଆହୁରି ଅଧିକ କିଛି ଥାଇପାରେ। ସମୁଦାୟ ପାଖାପାଖି ୨୦୩ବର୍ଷ ଅବଧି ମଧ୍ୟରେ ପ୍ରଣୀତ ହୋଇଥିବା ଶବ୍ଦକୋଷଗୁଡ଼ିକୁ ନେଇ ଏହି ସମୀକ୍ଷାତ୍ମକ ମୂଲ୍ୟାୟନ କାର୍ଯ୍ୟ ହୋଇଥିବାରୁ ପୁଙ୍ଖାନୁପୁଙ୍ଖ ଭାବରେ ସବୁ ଦିଗକୁ ସ୍ପର୍ଶ କରାଯାଇପାରି ନାହିଁ। ଯେତିକି ଆଖିରେ ପଡ଼ିଛି, ତାହାକୁ ନେଇ ଆଲୋଚନାଟି ସମ୍ପାଦିତ। ପରବର୍ତ୍ତୀ ପର୍ଯ୍ୟାୟରେ ଏ ଦିଗରେ ଉଦ୍ୟମ କରାଯିବ। ପୁନଶ୍ଚ ଯେତିକି ଅଭିଧାନ ହସ୍ତଗତ ହୋଇଛି, ସେତିକିକୁ ନେଇ ଆଲୋଚନାଟିରେ ଯଥାର୍ଥତା ପ୍ରତିପାଦନ କରିବା ପାଇଁ ଚେଷ୍ଟା କରାଯାଇଛି। ଅନ୍ୟାନ୍ୟ ଅଭିଧାନଗୁଡ଼ିକର ବିଶେଷତ୍ୱକୁ ଏଠାରେ ସେଥିପାଇଁ ସ୍ଥାନିତ କରାଯାଇନାହିଁ। ଅଭିଧାନକୁ ନେଇ ସମାଲୋଚନାଧର୍ମୀ କାର୍ଯ୍ୟ ନିର୍ବାହ କରିବା ମୂଳତଃ ଏକ ଦୁରୂହ ତଥା କଷ୍ଟସାଧ୍ୟ ବ୍ୟାପାର ହୋଇଥିବାରୁ ସାଧ୍ୟମତେ ଯେତିକି ସମ୍ଭବ, ସେତିକି କରାଯାଇଛି। ତେବେ ଓଡ଼ିଆ ଅଭିଧାନ ରଚନା ପରମ୍ପରାରେ ବିଶେଷ କରି ୧୯୪୦ ମସିହା ପର୍ଯ୍ୟନ୍ତ ଯେଉଁ ଉଦ୍ୟମ ଏବଂ ଉଦ୍‌ଯୋଗ ପ୍ରଣେତାମାନଙ୍କ ଦ୍ୱାରା କରାଯାଉଥିଲା, ସେଥିରେ କ୍ରମଶଃ ସ୍ଥାଣୁତା ଦେଖାଦେଇଛି। ସେଥିପାଇଁ ଅଧିକାଂଶ ଅଭିଧାନ ପ୍ରଣେତାମାନେ ପ୍ରହରାଜ, ଗୋପୀନାଥ, କୃଷ୍ଣଚନ୍ଦ୍ର ପ୍ରମୁଖଙ୍କର ଅଭିଧାନକୁ ନକଲ କରି ଅଭିଧାନ ପ୍ରଣେତାର ଆସନରେ ନିଜକୁ ମଣ୍ଡନ କରିବା ପାଇଁ ଚେଷ୍ଟା କରୁଛନ୍ତି। ତେବେ ଓଡ଼ିଆ ଅଭିଧାନ ପ୍ରଣୟନ ପରମ୍ପରା ଧାରାରେ ଯେଉଁ ଯେଉଁ ଉଦ୍ୟମ ଉତ୍କଳରେ ହୋଇଛି, ତାହା ସର୍ବଭାରତୀୟ ସ୍ତରରେ ବିଭିନ୍ନ ଭାଷାରେ ବିଭିନ୍ନ ପ୍ରଣେତାମାନଙ୍କ ଦ୍ୱାରା ହେଉଥିବା ଉଦ୍ୟମଠାରୁ କୌଣସି ଗୁଣରେ ନ୍ୟୂନ ମନେହୁଏ ନାହିଁ।

ସହାୟକ ଗ୍ରନ୍ଥସୂଚୀ

୧) ତ୍ରିପାଠୀ, କୁଞ୍ଜବିହାରୀ, ଓଡ଼ିଆ ଭାଷାତତ୍ତ୍ୱ ଓ ଲିପିର ବିକାଶ, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ପରିମାର୍ଜିତ ସଂସ୍କରଣ- ୨୦୦୬।

୨) ଦାଶ, ଗଗନେନ୍ଦ୍ରନାଥ, ଓଡ଼ିଆ ଭାଷାଚର୍ଚ୍ଚାର ପରଂପରା, ଓଡ଼ିଆ ଗବେଷଣା ପରିଷଦ, କଟକ-୧୦, ପ୍ରଥମ ପ୍ରକାଶ- ୧୯୮୩।

୩) ଦାସ, ପଣ୍ଡିତ ନୀଳକଣ୍ଠ, ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ, ନବଭାରତ ଗ୍ରନ୍ଥାଳୟ, କଟକ, ୧୯୪୮।

୪) ଦାସ, ଡ. ରବୀନ୍ଦ୍ର କୁମାର, ପ୍ରାୟୋଗିକ ଶୈଳୀବିଜ୍ଞାନ, ଚିନ୍ମୟ ପ୍ରକାଶନୀ, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ-୨, ପ୍ରଥମ ପ୍ରକାଶ-୨୦୧୨।

୫) ଧଳ, ଗୋଲୋକବିହାରୀ, ଧ୍ୱନି ବିଜ୍ଞାନ, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ଷଷ୍ଠ ସଂସ୍କରଣ-୨୦୦୯ ।

୬) ଧଳ, ଗୋଲୋକବିହାରୀ, ଓଡ଼ିଆ କେବେ ?, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ-୨, ତୃତୀୟ ସଂସ୍କରଣ-୧୯୯୫।

୭) ଧଳ, ଗୋଲୋକବିହାରୀ, ଭାଷାଶାସ୍ତ୍ର ପରିଚୟ, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶକ ସଂସ୍ଥା, ପୁସ୍ତକ ଭବନ, ଭୁବନେଶ୍ୱର, ପୁନର୍ମୁଦ୍ରଣ-୨୦୦୮ ।

୮) ନନ୍ଦଶର୍ମା, ପଣ୍ଡିତ ଗୋପୀନାଥ, ଓଡ଼ିଆ ଭାଷାତତ୍ତ୍ୱ, ପ୍ର.- ଶ୍ରୀ ବଳଭଦ୍ର ନନ୍ଦ ଶର୍ମା, ପ୍ରଥମ ସଂସ୍କରଣ- ୧୯୨୭।

୯) ପଟ୍ଟନାୟକ, ଦେବୀପ୍ରସନ୍ନ, ଓଡ଼ିଆ ଭାଷା ଓ ଭାଷାବିଜ୍ଞାନ, ଗ୍ରନ୍ଥ ମନ୍ଦିର, କଟକ-୨, ପରିମାର୍ଜିତ ନୂତନ ସଂସ୍କରଣ- ୨୦୦୭।

୧୦) ପାଢ଼ୀ, କୀର୍ତନ ନାରାୟଣ, ଓଡ଼ିଆ ଭାଷାର ଶାସ୍ତ୍ରୀୟତା, ଇନ୍ଷ୍ଟିଟ୍ୟୁଟ ଅଫ୍ ଇଣ୍ଡିଆନ୍ ମିଉଜିକ୍, ଭୁବନେଶ୍ୱର-୨୪, ପ୍ରକାଶ କାଳ- ୨୦୧୨।

୧୧) ପ୍ରଧାନ, କୃଷ୍ଣଚନ୍ଦ୍ର ଓ ହୋତା, ବ୍ରଜକିଶୋର ଓ ପ୍ରଧାନ, ଭାସ୍କର, ସାରସ୍ୱତ ବ୍ୟାବହାରିକ ଓଡ଼ିଆ ବ୍ୟାକରଣ, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ-୨, ପରିମାର୍ଜିତ ସଂସ୍କରଣ-୨୦୧୨।

୧୨) ପ୍ରଧାନ, ଶରତ୍‌ଚନ୍ଦ୍ର ଓ ଦାଶ, ଗଗନେନ୍ଦ୍ର ନାଥ ଓ ମହାନ୍ତି, ପଞ୍ଚାନନ ଓ ଷଡ଼ଙ୍ଗୀ, କୃଷ୍ଣଚନ୍ଦ୍ର, ଓଡ଼ିଆ ବ୍ୟାକରଣ, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ପ୍ରଥମ ମୁଦ୍ରଣ-୧୯୯୫।

୧୩) ମହାନ୍ତି, ବଂଶୀଧର, ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମବିକାଶ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ-୨, ପଞ୍ଚମ ମୁଦ୍ରଣ- ୧୯୯୫

୧୪) ମହାଂତି, ବିଜୟଲକ୍ଷ୍ମୀ, ଓଡ଼ିଆ ବ୍ୟାକରଣ ବିଚାର, ଓଡ଼ିଶା ଲେଖକ ସମବାୟ ସମିତି ଲି., ଭୁବନେଶ୍ୱର, ପ୍ରକାଶ-୧୯୯୮

୧୫) ମହାପାତ୍ର, ଖଗେଶ୍ୱର, ଓଡ଼ିଆ ଲିପି ଓ ଭାଷା, ଗ୍ରନ୍ଥମନ୍ଦିର, କଟକ-୨, ପରିବର୍ଦ୍ଧିତ ସଂସ୍କରଣ-୧୯୯୩।

୧୬) ମହାପାତ୍ର, ଖଗେଶ୍ୱର, ପ୍ରତ୍ନ-ଓଡ଼ିଆ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ-୨, ଦ୍ୱିତୀୟ ସଂସ୍କରଣ-୧୯୯୪।

୧୭) ମହାପାତ୍ର, ଧନେଶ୍ୱର, ଓଡ଼ିଆ ଧ୍ୱନିତତ୍ତ୍ୱ ଓ ଶବ୍ଦ ସମ୍ଭାର, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ-୨, ଦ୍ୱିତୀୟ ସଂସ୍କରଣ-୧୯୯୭।

୧୮) ମହାପାତ୍ର, ଧନେଶ୍ୱର, ଆଧୁନିକ ଓଡ଼ିଆ ବ୍ୟାକରଣ, କିତାବ ମହଲ, କଟକ-୩, ଚତୁର୍ଥ ସଂସ୍କରଣ- ୨୦୦୭।

୧୯) ମହାପାତ୍ର, ଡ. ଧନେଶ୍ୱର, ସରଳ ଓଡ଼ିଆ ଅଭିଧାନ, ଆମ ଓଡ଼ିଶା, ଭୁବନେଶ୍ୱର-୧, ପ୍ରଥମ ସଂସ୍କରଣ-୨୦୦୪।

୨୦) ମହାପାତ୍ର, ନାରାୟଣ ଓ ଶ୍ରୀଧର ଦାସ, ସର୍ବସାର ବ୍ୟାକରଣ, ନିର ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ-୨, ପ୍ରଥଣ ସଂସ୍କରଣ- ୧୯୪୩।

୨୧) ମହାପାତ୍ର, ବିଜୟ ପ୍ରସାଦ, ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ଭାଷାତତ୍ତ୍ୱ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ-୨, ପ୍ରଥମ ସଂସ୍କରଣ-୧୯୯୯।

୨୨) ମହାପାତ୍ର, ବିଜୟପ୍ରସାଦ, ମାତୃଭାଷା ଓଡ଼ିଆ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ-୨, ପ୍ରଥମ ସଂସ୍କରଣ-୧୯୯୭।

୨୩) ମହାପାତ୍ର, ବିଜୟ ପ୍ରସାଦ, ପ୍ରଚଳିତ ଓଡ଼ିଆ ଭାଷାର ଏକ ବ୍ୟାକରଣ, ବିଦ୍ୟାପୁରୀ, କଟକ-୨, ତୃତୀୟ ମୁଦ୍ରଣ -୨୦୧୨।

୨୪) ସଂ.- ମହାପାତ୍ର, ମହେଶଚନ୍ଦ୍ର, ବିଦ୍ୟାବାଗୀଶ, ଗଦାଧର, ଓଡ଼ିୟା ଭାଷାର ବ୍ୟାକରଣ, ଗୋପବନ୍ଧୁ ସାହିତ୍ୟ ମନ୍ଦିର, କଟକ-୧, ପ୍ରକାଶ କାଳ-୧୮୦୬।

୨୫) ମିଶ୍ର, ପଣ୍ଡିତ ବିନାୟକ, ଓଡ଼ିଆ ଭାଷାର ପୁରାତତ୍ତ୍ୱ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ-୨, ତୃତୀୟ ସଂସ୍କରଣ-୨୦୧୩।

୨୬) ରଥ, ସରୋଜକାନ୍ତ, ମିତା ସରଳ ଓଡ଼ିଆ ବ୍ୟାକରଣ, ମିତା ବୁକ୍‌ସ, କଟକ-୨, ପ୍ରଥମ ସଂସ୍କରଣ-୨୦୦୭।

୨୭) ସାହୁ, ବାସୁଦେବ, ଭାଷାବିଜ୍ଞାନର ରୂପରେଖ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ-୨, ସପ୍ତମ ପ୍ରକାଶ-୨୦୦୫।

୨୮) ସେନାପତି ଫକୀରମୋହନ, ଉତ୍କଳ ବ୍ୟାକରଣ, ସଂ. ପଟ୍ଟନାୟକ, କଇଳାଶ, ଫକୀରମୋହନଙ୍କ ଦୁଷ୍ପ୍ରାପ୍ୟ ରଚନାବଳୀ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ-୨, ପ୍ରଥମ ସଂସ୍କରଣ - ୧୯୯୮।

୨୯) ସଂପାଦନା- ପ୍ର. ଗିରିବାଳା ମହାନ୍ତି, ବିଶ୍ୱଭାରତୀ ଦୀପିକା ୨୬ : ୨୦୧୦, ମୁଦ୍ରଣ- ଏଥେନା ବୁକ୍ସ, ଭୁବନେଶ୍ୱର- ୨।

ଇଂରାଜୀ :

1) Landau, Sidney I., Dictionaries (The Art and Craft of Lexicography), Cambridge University Press, Trumpington, Cambridge, First Published-1984 and Reprinted-1993.

2) Pattanayak, Dr. Debi Prasanna, Classical Odia, KIS Foundation, Bhubaneswar, First Edition-2013.

3) First Course of Lectures on General Linguistics, Second Course of Lectures on General Linguistics, Third Course of Lectures on General Linguistics- by Furdinand de Saussure.

4) An Introduction to Applied Linguistics, Edited by Norbert Schmitt, Hodder Education, 2011.

5) The Encyclopedia of Language and Linguistics, Editor-R.E.Asher, Pergamon Press, First Sdition-1994.

6) The New Encyclopedia Britannica Vol.4, Peter B. Norton, Encyclopedia Britannica, Inc., 15th Edition-1994.

●

●●● ସାକ୍ଷାତ୍କାର

ବାଗୀଶ ବରେଣ୍ୟ

ବାଗୀଶର ଚଳିତ ସଂଖ୍ୟାର '**ବାଗୀଶ ବରେଣ୍ୟ**'ରେ ଆମେ ଆପଣମାନଙ୍କୁ ଭେଟି ଦେଉଛୁ ବରେଣ୍ୟ ସାରସ୍ୱତସାଧିକା ତଥା ସମାଲୋଚିକା **ପ୍ରଫେସର ସନ୍ତୋଷ ତ୍ରିପାଠୀ**ଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର। - *ସଂପାଦନା ମଣ୍ଡଳୀ, ବାଗୀଶ*

● ପ୍ରଫେସର ସନ୍ତୋଷ ତ୍ରିପାଠୀଙ୍କ ସ୍ଥିରଚିତ୍ର

ସୌଜନ୍ୟ: ଉତ୍କଳ ବିଶ୍ୱବିଦ୍ୟାଳୟ ଓ କଥାକଳ୍ପ ପୁସ୍ତକ

ସନ୍ତୋଷ ତ୍ରିପାଠୀ(୨୪ ମଇ, ୧୯୬୨)ଙ୍କ ଜନ୍ମସ୍ଥାନ: ଜଗତସିଂହପୁର ଜିଲ୍ଲା ନାଉଗାଁ ଅନ୍ତର୍ଗତ ତରୁଣା। ପିତା ଶ୍ରୀ ନବଘନ ତ୍ରିପାଠୀ। ମାତା ପାର୍ବତୀ ଦେବୀ। ବୃତ୍ତି ଅଧ୍ୟାପନା। ପ୍ରବୃତ୍ତି ଓଡ଼ିଆ ଭାଷାରେ ପ୍ରବନ୍ଧ ଓ ସାହିତ୍ୟ ସମାଲୋଚନା ଲେଖିବା ତଥା ଭାଷା ବିଜ୍ଞାନ ଓ ବ୍ୟାକରଣ ସମ୍ବନ୍ଧରେ ନୂତନ ସିଦ୍ଧାନ୍ତର ଅନ୍ୱେଷଣ କରିବା। ଅଧ୍ୟୟନ, ଅଧ୍ୟାପନା, ସମ୍ପାଦନା, ବିମର୍ଶ ନିର୍ମାଣ, ଓଡ଼ିଆ ଭାଷା, କାବ୍ୟତତ୍ତ୍ୱ ଓ ବ୍ୟାକରଣ ଭଳି ଭାଷା ସାହିତ୍ୟର ପ୍ରାୟ ପ୍ରତିଟି ବିଭାଗ ଓ ବିଭବକୁ ସମୃଦ୍ଧ କରିଚାଲିଥିବା ପ୍ରଫେସର ସନ୍ତୋଷ ତ୍ରିପାଠୀ ଅଧୁନାତନ ଭାଷା ସାହିତ୍ୟ ଓ ଅଧ୍ୟୟନ ତଥା ଗବେଷଣା କ୍ଷେତ୍ରରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ। ଓଡ଼ିଆ କବିତା, କଥା ସାହିତ୍ୟ, ସାହିତ୍ୟତତ୍ତ୍ୱ ଓ ବ୍ୟାକରଣକୁ ନେଇ ତାଙ୍କ ବ୍ୟଖ୍ୟା ଓ ବିତର୍କ ବିଚାର ସବୁବେଳେ ଉଲ୍ଲେଖନୀୟ ଓ ସଂଗ୍ରହଣୀୟ। ଏକ ବିଶାଳ ବିମର୍ଶନୀ ଓ ବିଘଟନା ସର୍ଜନାର ପରିମଣ୍ଡଳ ଭିତରେ ତାଙ୍କର ଆତଯାତ ତାଙ୍କୁ ଦେଇଛି ଉଭୟ ଶ୍ରୀ ଓ ସମୃଦ୍ଧି। ପାରମ୍ପରିକ ନୁହେଁ, ନିଜସ୍ୱ ଦୃଷ୍ଟିବଳୟ ଭିତରେ ସେ ଓଡ଼ିଆ ଭାଷା ସାହିତ୍ୟକୁ ପରଖିଛନ୍ତି ଓ ନିଜ ଅନନୁକରଣୀୟ ବାଗରେ ପରଷି ଚାଲିଛନ୍ତି। ତାଙ୍କ ଜୀବନର ଦୀର୍ଘ ସମୟ ବିତିଛି ଗବେଷଣା, ଅଧ୍ୟାପନା ଓ ସଂପାଦନା କ୍ଷେତ୍ରରେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୯୯୬ ମସିହାରୁ ଅଧ୍ୟାପନା ଜୀବନ ଆରମ୍ଭକରି ଶେଷରେ ୨୦୨୨ ମସିହାରେ ଉକ୍ତ ବିଶ୍ୱବିଦ୍ୟାଳୟରୁ ପ୍ରଫେସର ଭାବେ ଅବସର ଗ୍ରହଣ କରିଥିଲେ। ଏହି ସମୟକାଳ ମଧ୍ୟରେ ସେ କିଛି କାଳଧରି ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ମଧ୍ୟ ପ୍ରଫେସର ଭାବେ ଦାୟିତ୍ୱ ତୁଲାଇଛନ୍ତି। ଜଣେ ଶାନ୍ତ, ସରଳ ଓ ନିଷ୍କପଟ ବ୍ୟକ୍ତିତ୍ୱ ଭାବେ ସେ ସମସ୍ତଙ୍କ ପାଖରେ ପରିଚିତ। ତାଙ୍କ ଜୀବନ କାଳ ମଧ୍ୟରେ ସେ ୪୫ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିବା ସହ ୫୦ରୁ ଊର୍ଦ୍ଧ୍ୱ ଗବେଷଣା ପ୍ରବନ୍ଧ ଜାତୀୟ ଓ ଆନ୍ତର୍ଜାତୀୟ ଗବେଷଣଧର୍ମୀ ପତ୍ରପତ୍ରିକାରେ ପ୍ରକାଶ କରି ଓଡ଼ିଆ ସମାଲୋଚନା ଓ ଗବେଷଣା କ୍ଷେତ୍ରକୁ ପୁଷ୍ଟ କରିଛନ୍ତି। ଓଡ଼ିଆ ଭାଷା ସାହିତ୍ୟର ପ୍ରତିଟି ଅଧ୍ୟାୟୀ ତାଙ୍କ ବ୍ୟାକରଣ ପୁସ୍ତକ ଓ ସଂଯୋଗ ଅନୁବିଧି ମାଧ୍ୟମ ଦେଇ ତାଙ୍କୁ ଜାଣିଛନ୍ତି, ଚିହ୍ନିଛନ୍ତି। 'ଚିହ୍ନା ବ୍ରାହ୍ମଣର ପଇଁତା ଲୋଡ଼ା ନାହିଁ' ମର୍ମରେ ଏଠାରେ ତାଙ୍କ ବିଶେଷ ପରିଚୟ ପର୍ବର ଆବଶ୍ୟକତା ଥିବା ଭଳି ମୋତେ ମନେହୁଏ ନାହିଁ।

ପ୍ରଶ୍ନ: ଆପଣଙ୍କ ଦୃଷ୍ଟିରେ ଆଲୋଚନା ବା ସମାଲୋଚନା କହିଲେ କ'ଣ?

ଉତ୍ତର: କୌଣସି ଗୋଟିଏ ଲେଖା/ ଲେଖକର/ ଲେଖାଯୋଗ୍ୟ ଧାରା ବିଷୟରେ ନୂଆମତ ସ୍ଥିରୀକରଣ ହେଉଛି - ଆଲୋଚନା। ଗୋଟିଏ ଜାତିର ସାହିତ୍ୱର ସର୍ବପାକ୍ଷିକ/ ବହୁପାକ୍ଷିକ/ ଆବେଦନ-ପାକ୍ଷିକ ବିମର୍ଶ ହେଉଛି - ସମାଲୋଚନା।

ପ୍ରଶ୍ନ: ଆପଣ ଦୀର୍ଘକାଳ ହେବ ସାହିତ୍ୟ ସମାଲୋଚନା ସହ ଜଡ଼ିତ। ଯେତେବେଳେ ଆମେ ଆମ ପୂର୍ବସୂରୀମାନଙ୍କ ଗବେଷଣା ଓ ସାହିତ୍ୟ ଆଲୋଚନାକୁ ଅଧ୍ୟୟନ କରୁ; ମୋତେ ଲାଗେ ସେମାନଙ୍କ ପାଇଁ ଗବେଷଣା ଓ ସାହିତ୍ୟ ସମାଲୋଚନା ଏକ ଗୁରୁଦାୟିତ୍ୱ ଥିଲା। ତାହାକୁ ସେମାନେ ନିଷ୍ଠାର ସହ କରୁଥିଲେ। କିନ୍ତୁ ବର୍ତ୍ତମାନର ପରିପ୍ରେକ୍ଷାରେ ଏ ନିଷ୍ଠା ମୋର ଦୃଷ୍ଟିକୁ ଆସୁନି। ଏସଂପର୍କରେ ଆପଣ କ'ଣ କହିବେ?

ଉତ୍ତର: ବେପାରେ ଲକ୍ଷ୍ମୀ ବର୍ଦ୍ଧନ୍ତି । ସାଧନ ଓ ସଂକଳ୍ପ ରହିତ ସନ୍ଧାନରେ ସରସ୍ୱତୀ ରମ୍ୟା ହୋଇ ଉଠନ୍ତି। ଏବେ ଗବେଷଣା ବେପାର। ସରକାରୀ ବ୍ୟବସ୍ଥାର ଗାଦିପତିଏ ବେପାରର ପିଣ୍ଡିରକ୍ଷକ। ଦାୟିତ୍ୱହୀନ ମିଛ ଗବେଷଣା ପ୍ରଚୁର। ଏବେ ଗବେଷଣାରେ ସରସ୍ୱତୀ ନୁହେଁ ଲକ୍ଷ୍ମୀ ପ୍ରଭାବୀ।

ପ୍ରଶ୍ନ: ଆପଣ ଏକାଧାରରେ ଜଣେ ସମାଲୋଚକ ଓ ଭାଷାବିଦ୍। ଅଦ୍ୟାବଧି ଆପଣଙ୍କର ଅନେକ ଆଲୋଚନାତ୍ମକ ଲେଖା ଓଡ଼ିଶା ଓ ଓଡ଼ିଶା ବାହାରେ ଅନେକ ପ୍ରସିଦ୍ଧ ପତ୍ରପତ୍ରିକାରେ ପ୍ରକାଶିତ ହୋଇସାରିଛି। ଏପରିକି ଆପଣଙ୍କ ଅନେକ ଆଲୋଚନାତ୍ମକ ପୁସ୍ତକ ମଧ୍ୟ ପ୍ରକାଶିତ। ତେବେ ଆପଣ ନିଜର ଆଲୋଚନାରେ କେଉଁ ଦିଗ ପ୍ରତି ବିଶେଷ ଗୁରୁତ୍ୱ ଦେଇଥାନ୍ତି ଓ କାହିଁକି?

ଉତ୍ତର: ଯାହା ଅନାଲୋଚିତପୂର୍ବ, ଯେଉଁ ଦିଗରୁ ଆଲୋଚନା କଲେ ଓଡ଼ିଆ ସାହିତ୍ୟ ଓ ଓଡ଼ିଆ ଭାଷା ବିଶ୍ୱାୟନ ଧାରାରେ ବୃହତ୍ତର ସାମର୍ଥ୍ୟରେ ପରିଚୟ ପାଇବ, ସେହି ଦିଗପ୍ରତି ଦୟାବଦ୍ଧ ଥାଏ। ପୁରସ୍କାର କି ବନ୍ଧ୍ୟାଯଶ ପାଇଁ ନୁହେଁ।

ପ୍ରଶ୍ନ: ଆପଣ ଜଣେ ପ୍ରାଧ୍ୟାପକ ଭାବେ ଜୀବନର ସର୍ବାଧିକ ସମୟ ବ୍ୟତୀତ କରିଛନ୍ତି। ଗବେଷଣା ଓ ଅଧ୍ୟାପନା ଆପଣଙ୍କ ଜୀବନର ଦୁଇ ପ୍ରମୁଖ ପ୍ରବାହ। ଅଦ୍ୟାବଧି ମଧ୍ୟ ଆପଣଙ୍କ ସର୍ଜନକର୍ମ ଜାରି ରହିଛି। ସମକାଳର ଓଡ଼ିଆ ସାହିତ୍ୟ ସମାଲୋଚନାର ପରିବେଶ ଓ ପରିସ୍ଥିତିକୁ ଆପଣ ଭଲ ଭାବରେ ହୃଦୟଙ୍ଗମ କରିଛନ୍ତି। ସମ୍ପ୍ରତି ଏହାର ସ୍ଥିତିକୁ ଅପଣ କେମିତି ଦେଖନ୍ତି?

ଉତ୍ତର: ଗୋଷ୍ଠୀବଦ୍ଧ ହୋଇ ଗବେଷଣାତ୍ମକ ଉପାଧି ଦିଆନିଆ ଚାଲିଛି। ବୃତ୍ତି ସହିତ ଗବେଷଣାକୁ ଯୋଡ଼ିଦେବାରୁ ପ୍ରିୟା-ପ୍ରୀତି, ତୋଷଣ-ଭରଣ, ଟୀପାଣ ଓ ନୂତନ ସିଦ୍ଧାନ୍ତରହିତ ଅଧ୍ୟୟନ ଶତକଡ଼ା ୯୫ ଭାଗରୁ ବେଶୀ; ଏହା ମାନବବିଶ୍ୱାସର ଓ ଶାଶ୍ୱତ ଭାବ ଉଦ୍ରେକର ସାହିତ୍ୟ ସୃଷ୍ଟିରେ ବାଧକ ହେଉଛି। ସମାଲୋଚନା ଏବେ ପୃଷ୍ଠାଗଣତିର ପଙ୍ଗୁ ପ୍ରସଙ୍ଗ। ବଡ଼ ମଜାକଥା ଜଣକର ସମାଲୋଚନା ଚୋରି କରି ସାହିତ୍ୟ ଏକାଡ଼େମୀକୁ ଦେଇ ତିନି ଲକ୍ଷ୍ୟ ନ୍ୟାୟଳୟରେ ଯେଉଁ ରାଇଜରେ ପ୍ରଫେସରମାନେ ଗଣତି ସେଠି ସମାଲୋଚନାର ସ୍ଥିତି ଅସତୀ କର୍ମ।

ପ୍ରଶ୍ନ: ସାମ୍ପ୍ରତିକ ସମୟରେ ବହୁ ପରିମାଣରେ ମୌଳିକ ସାହିତ୍ୟ ସୃଷ୍ଟି ହେଉଛି। ମାତ୍ର ସେଗୁଡ଼ିକ ସାଧାରଣ ପାଠକ ମନରେ ଦୀର୍ଘ ସମୟ ଧରି ପ୍ରଭାବ ବିସ୍ତାର କରିପାରୁନାହିଁ। ତେବେ ଏଭଳି କ୍ଷେତ୍ରରେ ସମାଲୋଚନା ଓ ସମାଲୋଚକର ଭୂମିକା କ'ଣ ହେବା ଉଚିତ ବୋଲି ଆପଣ ମନେକରନ୍ତି?

ଉତ୍ତର: ନିଷ୍ଠୁର ନିରପେକ୍ଷତାର ଓ ବହୁଶାସ୍ତ୍ରଦର୍ଶୀ ଆନ୍ତର୍ବିଦ୍ୟା ସଂଯୋଗାତ୍ମକ ସମାଲୋଚନା ଦରକାର। ଯେଉଁ ଧାରା ନୂଆ ପ୍ରକାରେ ସର୍ଜକ ସେମାନେ କେବଳ ହିଁ ଆଲୋଚନା ଯୋଗ୍ୟ।

ପ୍ରଶ୍ନ: ମୋତେ ଲାଗେ ଆଜି ପୂର୍ବପିଢି-ଉତ୍ତରପିଢି ଭିତରେ ବର୍ତ୍ତମାନ ଏକ ବିରାଟ ଦୂରତା। ଏ ପରିପ୍ରେକ୍ଷୀରେ ବର୍ତ୍ତମାନର ଯୁବପିଢି ଗବେଷଣା କ୍ଷେତ୍ରରେ ଉପଯୁକ୍ତ ମାର୍ଗଦର୍ଶନ ପାଇବା କଳ୍ପନା କରାଯାଇ ନପାରେ। ଯାହାର ଅନେକ ନଜିର୍ ଆମେ ଦେଖିବାକୁ ମଧ୍ୟ ପାଉଛେ। - ଆପଣ ଏକଥା ସହ ଏକ ମତ ହେବେ କି? ଏହା ପଛର କାରଣ କ'ଣ ହୋଇପାରେ?

ଉତ୍ତର: ସହଜେ ନବରସ ପ୍ରାପ୍ତି ମାନସିକତା ଓ ଅଳ୍ପ ପଠନେ ବଡ଼ ସିଦ୍ଧିର ଇଚ୍ଛାଶକ୍ତି ସହିତ ଦିଗଦର୍ଶନ ଓ ଗବେଷକଙ୍କ ଭାବ ଚନ୍ଦ୍ରିକା ହେତୁ ଆମ ବିଶ୍ୱବିଦ୍ୟାଳୟର ଗବେଷଣା ଏବେ ଖୁବ୍ ଫବେଷଣା।

ପ୍ରଶ୍ନ: ସମକାଳର ନବୀନ ଗବେଷକଙ୍କୁ ଆପଣ କ'ଣ କହିବେ।

ଉତ୍ତର: ଆଗ ବିବିଧ ବିଦ୍ୟା ସହିତ ସାହିତ୍ୟକୁ ଯୋଡ଼ି ପାଢ, ପଢ, ପଢ। ବହୁ ପାକ୍ଷିକ ସାଧନା ଓ ସଂକଳ୍ପର ସହ ପଢ। ତା'ପରେ ବିଷୟ ନିର୍ବାଚନ କର। ଅନବରତ ପୂର୍ବ ସିଦ୍ଧାନ୍ତ ନିର୍ଦ୍ଧାରଣ କର। ନଚେତ୍ ବନ୍ଧ୍ୟା ହୁଅ, ସହଜଚତୁରୀ ଓ ଉତ୍ତରାକୌଶଳକୁ ନେଇ ଦାଗସଂଖ୍ୟା ବଢାଅ ନାହିଁ। ସମାଲୋଚନାକୁ ଏଚ୍.ଆଇ.ଭି ଭରା କରନି।

ପ୍ରଶ୍ନ: ବାଗୀଶ ପାଇଁ ଉପଦେଶ ସୂଚକ ଦୁଇଟି ବାକ୍ୟ...

ଉତ୍ତର: ଯେଉଁଠି ନୂଆଦୃଷ୍ଟି, ଯେଉଁଥିରେ ବିଭାଜନକର ତୈଳନିର ଭାବସତ୍ତା ଅନ୍ତର୍ଗୁମ୍ଫିତ ସେଇଠାରେ ବାଗୀଶ ଦଣ୍ଡେ ହେଲେ ବି ଅଟକି ଯାଉ, ଝଲସି ଉଠୁ ।

(ଉପସ୍ଥାପନା : ସଂପାଦକ, ବାଗୀଶ)



ଓଡ଼ିଆ ବର୍ଣ୍ଣବୋଧ ସମ୍ବନ୍ଧରେ

ଲେଖକ
ଡକ୍ଟର ଦୂର୍ବାଦଳ ମେହେର

ପ୍ରକାଶକ :ଏମ୍. ଆର୍. ଏଣ୍ଟରପ୍ରାଇଜେସ୍ , ଏମ୍. ଆର୍. ପ୍ରେସ୍, ବରଗଡ଼

ପ୍ରଥମ ପ୍ରକାଶ : ୨୦୨୪

ପୃଷ୍ଠା - ୭୬, ମୂଲ୍ୟ - ୭୦ ଟଙ୍କା

ବଲାଙ୍ଗିର ଜିଲ୍ଲା କନ୍ଧକେଲ ଗାଁରେ ୧୯୬୧ ମସିହାରେ ଜନ୍ମିତ ଡକ୍ଟର ଦୂର୍ବାଦଳ ମେହେର ଓଡ଼ିଆ ସାହିତ୍ୟ ଜଗତର ଜଣେ ନିରଳସ ସାଧକ। ଓଡ଼ିଶା ସରକାରଙ୍କ ଅଧୀନରେ ଜଣେ ପ୍ରଶାସନିକ ଅଧିକାରୀ ଭାବରେ କାର୍ଯ୍ୟକରି ତାଙ୍କ ସୁଦକ୍ଷତାର ପରିଚୟ ଦେଇଛନ୍ତି। ବୃତ୍ତି ଯାହା ହେଉ, ତାଙ୍କର ପ୍ରବୃତ୍ତି ଯେ ସାହିତ୍ୟ ତାହା ତାଙ୍କର ରଚିତ ବିଭିନ୍ନ କୃତିକୁ ଅନୁଧ୍ୟାନ କଲେ ଜଣାପଡ଼େ। 'ଶ୍ରୀଗୀତଗୋବିନ୍ଦ'ର ପଦାନୁସାରୀ ଉତ୍କଳାନୁବାଦ, ସଂସ୍କୃତରୁ ଅନୂଦିତ 'ଶିବ ତାଣ୍ଡବ ସ୍ତୋତ୍ର', 'ମୋହମୁଦ୍ଗର', 'କୌପୀନ ପଞ୍ଚକ', 'ହସ୍ତାମଳକ', ଇଂରାଜୀ ସାହିତ୍ୟରୁ ଅନୂଦିତ 'ପାର୍ବତ୍ୟ ଲଳନା', 'ଶ୍ମଶାନ ଗାଥା', 'ଦସ୍ୟୁ ସର୍ଦ୍ଦାର', ମୌଳିକ କବିତା ପୁସ୍ତକ 'ପ୍ରଥମ ସୃଷ୍ଟି', ଅନୁସୃଜନ କଳାରେ ପ୍ରସ୍ତୁତ 'ଅନୁସୃଜନିକା', 'ଓମାର ରୁବାୟତ' ଭଳି ପୁସ୍ତକ ଓଡ଼ିଆ ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛି। ତାଙ୍କର ଜ୍ଞାନ ପିପାସା ଏତେ ମାତ୍ରାରେ ଥିଲା ଯେ ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ 'ଖଡ଼ିଆଳ ଦରବାର ଓ କବି ବ୍ରଜରାଜ ସିଂହଦେବ' ଶୀର୍ଷକରେ ଗବେଷଣା କରି ନିବନ୍ଧ ରଚନା କରିଥିଲେ। ଯେଉଁ କାଳରେ ପାଠକେ ଭଞ୍ଜ ସାହିତ୍ୟରୁ ଦୂରେଇ ଯାଉଛନ୍ତି, ସେତିକିବେଳେ ଡକ୍ଟର ଦୂର୍ବାଦଳ ମେହେର ଭଞ୍ଜଙ୍କ 'ଚିତ୍ରକାବ୍ୟ ବନ୍ଧୋଦୟ'ରେ ସ୍ଥାନିତ ନାଗଫାଶ ଅନୁସରଣରେ ନିଜେ ଏକ ନାଗଫାଶ ଚିତ୍ର ଅଙ୍କନ କରି ତହିଁରେ ପଦ ସଂଯୋଜନା କରିଛନ୍ତି। ଏହା ତାଙ୍କ ପାଣ୍ଡିତ୍ୟର ପରିଚୟ। ତାଙ୍କର ଅନ୍ୟ ଏକ ଉପାଦେୟ ପୁସ୍ତକ ହେଉଛି 'ଓଡ଼ିଆ ବର୍ଣ୍ଣବୋଧ ସମ୍ବନ୍ଧରେ'।

'ଓଡ଼ିଆ ବର୍ଣ୍ଣବୋଧ ସମ୍ବନ୍ଧରେ' ପୁସ୍ତକଟି ୧ ଏପ୍ରିଲ ୨୦୨୪ ମସିହାରେ ମନୋରଞ୍ଜନ ମେହେରଙ୍କ ଦ୍ୱାରା ଏମ୍. ଆର୍. ପ୍ରେସ୍, ବରଗଡ଼ରୁ ପ୍ରଥମେ ପ୍ରକାଶିତ। ଏହାର ମୂଲ୍ୟ ଟ. ୭୦/- ମାତ୍ର। ସମୁଦାୟ ୭୬ ପୃଷ୍ଠା ବିଶିଷ୍ଟ ଏହି ପୁସ୍ତକରେ ଓଡ଼ିଆ ଭାଷାରେ ଥିବା ବର୍ଣ୍ଣ ବା ଅକ୍ଷର ଜନିତ ଅନେକ ଦ୍ୱନ୍ଦ୍ୱର ସରଳ ସମାଧାନ କରିଦେଇଛନ୍ତି ଡକ୍ଟର ମେହେର ମହୋଦୟ। ପୁସ୍ତକଟି ଭକ୍ତକବି ମଧୁସୂଦନ ରାଓଙ୍କୁ ଉତ୍ସର୍ଗୀକୃତ। ଉପୋଦ୍ଘାତକୁ ଛାଡ଼ି ଦେଲା ପରେ ବାକି ପ୍ରସଙ୍ଗକୁ ଦୁଇ ଭାଗରେ ଭାଗ କରିଛନ୍ତି। ପ୍ରଥମ ଭାଗରେ ବର୍ଣ୍ଣ ସମ୍ପର୍କୀୟ ପାଞ୍ଚଟି ସଂକ୍ଷିପ୍ତ ଆଲୋଚନା ରହିଛି ଏବଂ ଦ୍ୱିତୀୟ ଭାଗରେ ମଧୁସୂଦନ ରାଓଙ୍କ ରଚିତ 'ବର୍ଣ୍ଣବୋଧ'(ଅଷ୍ଟମ ସଂସ୍କରଣ, ଅରୁଣୋଦୟ ପ୍ରେସ, କଟକ, ୧୯୦୧) ସ୍ଥାନିତ। ଏଠାରେ ମଧୁସୂଦନ ରାଓଙ୍କ ରଚିତ 'ବର୍ଣ୍ଣବୋଧ' ବିଷୟରେ ଆଲୋଚନା କରିବୁ ନାହିଁ। 'ଓଡ଼ିଆ ବର୍ଣ୍ଣବୋଧ ସମ୍ବନ୍ଧରେ' ପୁସ୍ତକର ପୃଷ୍ଠା ସଂଖ୍ୟା ୭ରୁ ୨୫ ମଧ୍ୟରେ ଅର୍ଥାତ ମାତ୍ର ୧୯ଟି ପୃଷ୍ଠାରେ 'ମାହେଶ୍ୱର ସୂତ୍ର ଓ ଓଡ଼ିଆ ବର୍ଣ୍ଣବୋଧ', 'ବର୍ଣ୍ଣବୋଧ ସମ୍ବନ୍ଧରେ ଆଉ କିଛି', 'ଦୀର୍ଘ(ଋ) ଓ (ଌ)ର ପ୍ରୟୋଗ', 'ସ୍ୱରବର୍ଣ୍ଣ ଓ ମାତ୍ରା', 'ବର୍ଣ୍ଣ ଓ ସେମାନଙ୍କ ଉଚ୍ଚାରଣ ସ୍ଥାନ' ଇତ୍ୟାଦି ଶୀର୍ଷକରେ ଓଡ଼ିଆ ବର୍ଣ୍ଣ ସମ୍ବନ୍ଧରେ ଆଲୋଚନା କରିଛନ୍ତି। ପାଣିନୀୟ ଶିକ୍ଷା ଓ ଓଡ଼ିଆ ବର୍ଣ୍ଣମାଳା ମଧ୍ୟରେ ଥିବା ସମ୍ପର୍କକୁ ସୁନ୍ଦର ଭାବରେ ଦେଖେଇଦେଇଛନ୍ତି। ପାଣିନୀୟ ଶିକ୍ଷାରେ ସ୍ଥାନିତ ଚଉଷଠିଗୋଟି ବର୍ଣ୍ଣ ମଧ୍ୟରୁ ମଧୁସୂଦନ ରାଓ କାହିଁକି ଅନେକ

ବର୍ଣ୍ଣକୁ ବାଦ୍ ଦେଇ କେବଳ ପଚାଶଟି(ଅଯୋଗବାହକୁ ଛାଡ଼ି) ବର୍ଣ୍ଣ ରଖିଲେ ତାହାର କାରଣଗୁଡ଼ିକୁ ଅତି ସରଳ ଭାବରେ ଉପସ୍ଥାପନ କରିଛନ୍ତି। ମଧୁସୂଦନ ରାଓ ପାଣିନୀୟ ଶିକ୍ଷାରେ ପ୍ରଦତ୍ତ ଅନେକ ଅକ୍ଷରକୁ ତ୍ୟାଗ କଲେ ଏବଂ ସେଥିରେ ନଥିବା କିଛି ଅକ୍ଷରକୁ ଯୋଡ଼ିଲେ। ଏହାର ପଛରେ ଥିଲା ଓଡ଼ିଆ ଭାଷାର ବ୍ୟାବହାରିକ ପ୍ରୟୋଗ। ସେହିଭଳି ଦୀର୍ଘ(ର) ଓ (ଳୃ)ର ପ୍ରୟୋଗ ବିଷୟରେ ସୂଚନା ଦେଇଛନ୍ତି। ଭାରତୀୟ ଋଷିମାନେ ସୂକ୍ଷ୍ମାତିସୂକ୍ଷ୍ମ ଅନୁଧ୍ୟାନ କରି କେଉଁ ବର୍ଣ୍ଣ କେଉଁ କେଉଁ ସ୍ଥାନରୁ ଉଚ୍ଚାରଣ ହୁଏ ତାହା ମଧ୍ୟ ସୁନ୍ଦର ଓ ତଥ୍ୟନିଷ୍ଠ ଭାବରେ ଉକ୍ତ ପୁସ୍ତକରେ ଉପସ୍ଥାପନା କରିଛନ୍ତି। ଯାହା ବାସ୍ତବରେ ଉପାଦେୟ ।

ପୁସ୍ତକର କଳେବର କ୍ଷୁଦ୍ର ହେଲେ ମଧ୍ୟ ଓଡ଼ିଆ ଭାଷା ପ୍ରତି ଭଲ ପାଉଥିବା ପାଠକ ତଥା ଛାତ୍ରଛାତ୍ରୀ, ଗବେଷକ, ଗବେଷିକାମାନଙ୍କ ପାଇଁ ଏହା ଅତି ଉପାଦେୟ। ମଧୁସୂଦନ ରାଓ ଓଡ଼ିଆ ଭାଷାର ବର୍ଣ୍ଣ ସଂଖ୍ୟା କାହିଁକି ଏତିକି ରଖିଲେ, ଯୁକ୍ତାକ୍ଷରଗୁଡ଼ିକୁ ଉଠେଇଦେଲେ କି କି ସମସ୍ୟା ରହିପାରେ ଏସବୁ ବିଷୟରେ ସଂକ୍ଷିପ୍ତ ଧାରଣା ଦେଇ ସନ୍ଦେହ ମୋଚନ କରିବାରେ ସମର୍ଥ ବୋଲି ଆମ୍ଭର ବିଶ୍ୱାସ।

ସହ-ସଂପାଦକ, ବାଗୀଶ

ଆପଣଙ୍କ ଚିଠି

କ୍ରମଶଃ

ଗବେଷିକାମାନଙ୍କୁ ପ୍ରତି ସଂଖ୍ୟାରେ ନୂତନ ଗବେଷଣାଧର୍ମୀ ପ୍ରବନ୍ଧ ସହିତ ପରିଚିତ କରିବ ବୋଲି ମୋର ଆଶା ଓ ବିଶ୍ୱାସ।

--- *ବଳରାମ କଟା*

(ଗବେଷକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ସମ୍ବଲପୁର ବିଶ୍ୱବଦ୍ୟାଳୟ)

'ପତ୍ରିକା' ସାହିତ୍ୟମାର୍ଗୀ ଦୀପଟିର ଇନ୍ଧନ। ଏହି କ୍ଷେତ୍ରରେ ଲୋକପ୍ରିୟ ତଥା ଗବେଷଣାଧର୍ମୀ ପତ୍ରିକା 'ବାଗୀଶ'ର ପ୍ରବନ୍ଧସବୁ ବେଶ ମନନଧର୍ମୀ। 'ବାଗୀଶ'ର ସେପ୍ଟେମ୍ବର-ଅକ୍ଟୋବର ସଂଖ୍ୟା ଖୁବ ଉପାଦେୟ ତଥା ତଥ୍ୟଗର୍ଭକ। ନୂଆ ନୂଆ ଦିଗକୁ ଆଲୋକପାତ କରି ବିଶ୍ଳେଷଣ କରିବାରେ ସବୁ ପ୍ରବନ୍ଧ ବେଶ ଉପାଦେୟ। ସେଥିରୁ 'ସାରଳା ମହାଭାରତରେ ଲୋକବିଦ୍ୟା :ଏକ ଅନୁଶୀଳନ'ରେ ଯୁଗ୍ମ ଆଲୋଚିକା ତତ୍କାଳୀନ ଲୋକ-ଚଳଣିକୁ ନିଖୁଣ ଯୁକ୍ତି ସହ ଉପସ୍ଥାପନା ସଂପ୍ରତି ଚଳଣୀର ଭ୍ରମ ସୂଚାଏ। ତତ୍କାଳୀନ ସନ୍ତାନ ଜନ୍ମବିଧି, ବିବାହ, ମୃତକ୍ରିୟାରେ ଧର୍ମାଚାର ତଥା ପାଳନବିଧିକୁ ଲକ୍ଷ୍ୟକଲେ ଓଡ଼ିଆ ଜାତିର ଏକ ବିଶାଳ ପରମ୍ପରା ଓ ଐତିହ୍ୟ ଥିବାର ପ୍ରମାଣ ମିଳେ। ଏହାସହ 'ଲୁଇପାଙ୍କ ଚର୍ଯ୍ୟାଗୀତୀୟ ପ୍ରାକୃତ: ପ୍ରାଚୀନ ଓଡ଼ିଆ ଭାଷା' ପ୍ରବନ୍ଧଟି ମଧ୍ୟ ଭାଷାତାତ୍ତ୍ୱିକ ଦୃଷ୍ଟିରୁ ଲୁଇପାଙ୍କୁ ଓଡ଼ିଶାର ବୋଲି ଆଲୋଚକ ପ୍ରମାଣ କରିଛନ୍ତି। ସେ ପ୍ରାମାଣିକ ସ୍ୱରୂପ ଲୁଇପାଙ୍କ ଗୀତିକାରେ ପ୍ରାକୃତ ଓ ଓଡ଼ିଆ ଶବ୍ଦର ଅବିକଳ ବ୍ୟବହାରକୁ ଯୁକ୍ତି ସହ ପ୍ରମାଣ କରିଛନ୍ତି ଏବଂ ପ୍ରାଚୀନ ଓଡ଼ିଆ ଗ୍ରନ୍ଥ ତଥା ଭାଷାବିତଙ୍କ ମତକୁ ପ୍ରମାଣ ସ୍ୱରୂପ ଗ୍ରହଣ କରିଛନ୍ତି। ଅନ୍ୟ ଏକ ପ୍ରବନ୍ଧ '୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସର ଭାଷାଶିଳ୍ପ'ର ଆଲୋଚନାରେ ଆଲୋଚକ ୧୯୮୦ ପରବର୍ତ୍ତୀ ଉପନ୍ୟାସରେ ଔପନ୍ୟାସିକମାନେ ଭାବ, ଭାଷା ଓ ଶୈଳୀରେ ଶୈଳୀବିଜ୍ଞାନ ପଦ୍ଧତିକୁ ନେଇ କିଭଳି ପରୀକ୍ଷା କରିଛନ୍ତି ତାହାକୁ ସେ ବ୍ୟାକରଣ ବହିର୍ଭୂତ ଭାଷା-ବିନ୍ୟାସ, ଶବ୍ଦ ସୃଷ୍ଟିରେ ପୌନଃ ପୁନିକତା, ଅସଂଲଗ୍ନ ବାକ୍ୟର ପ୍ରୟୋଗ, ମୁକ୍ତ ଛନ୍ଦର ଆଙ୍ଗିକ ଗଠନ ଆଦିକୁ ସୁନ୍ଦର ଭାବେ ପ୍ରମାଣ ସହ ଦର୍ଶାଇଛନ୍ତି। ଏଥିସହ ସମ୍ପାଦକୀୟ ପୃଷ୍ଠାରେ 'ପତ୍ରିକା'ର ଧାରାବାହିକତା ରକ୍ଷା କରିବାରେ କେତେକ ସଂଘର୍ଷ: ଯେପରି ଲେଖାସଂଗ୍ରହ, ଚୟନ, ସଂଶୋଧନ ଆଦିରେ ପତ୍ରିକା ସହ ଜଡ଼ିତ ବ୍ୟକ୍ତିମାନଙ୍କ ପରିଶ୍ରମକୁ ଚେତେଇ ଦିଏ। ପ୍ରଯୁକ୍ତିବିଦ୍ୟାର ପ୍ରସାର 'ପତ୍ରିକା' ଉପରେ ତା'ର ଖରାପ ଓ ଭଲ ପ୍ରଭାବକୁ ସମ୍ପାଦକ ଦର୍ଶାଇଛନ୍ତି। ପତ୍ରିକା ପ୍ରକାଶନ ଏକ ଶିଳ୍ପ ନୁହେଁ: ଏକ ଦାୟିତ୍ୱ ଏ ଦିଗରେ ସଂପାଦକ ଓ ପାଠକ ଉଭୟେ ସଚେତନ ହେବା ଉଚିତ ବୋଲି ପରାମର୍ଶଟିଏ ଏଥିରେ ଅଛି ।

--- *ସଞ୍ଜୟ ରାଉଳ*

(ଗବେଷକ, ବିଶ୍ୱଭାରତୀ, ଶାନ୍ତିନିକେତନ)

'ବାଗୀଶ' ପତ୍ରିକାକୁ ଆଗରୁ ଗୋଟେ ସଂଖ୍ୟା ଓ ସେପ୍ଟେମ୍ବର–ଅକ୍ଟୋବର ୨୦୨୪ ସଂଖ୍ୟାକୁ ମୁଁ ପଢ଼ିଛି । ଏହି ସେପ୍ଟେମ୍ବର–ଅକ୍ଟୋବର ୨୦୨୪ ସଂଖ୍ୟାର ଆଲୋଚନା ବହୁତ ସୁନ୍ଦର ଓ ଆକର୍ଷଣୀୟ ହୋଇଛି । ଏହି ପତ୍ରିକା ପଢ଼ି ମୁଁ ନୂତନ ଦୃଷ୍ଟିଭଙ୍ଗୀ (New perspectives) ପାଇବା ସହ ମୋର ଜ୍ଞାନର କ୍ଷମତାକୁ ବଢ଼ାଇବାରେ ବିଶେଷ ସହାୟତା ପାଇଛି। ଏହି ସଂଖ୍ୟାର 'ସାରଳା ମହାଭାରତରେ ଲୋକବିଦ୍ୟା: ଏକ ଅନୁଶୀଳନ'ରେ ରହିଥିବା ସନ୍ତାନ ଜନ୍ମବିଧି, ବିବାହ, ମୃତକ୍ରିୟା ଆଦି ସୁନ୍ଦର ଭାବରେ ଉଲ୍ଲେଖ ହୋଇଛି। 'ଓଡ଼ିଆ ନାଟକରେ ରୂପାନ୍ତର ଶୈଳୀର ପ୍ରୟୋଗ' ପ୍ରବନ୍ଧ ପଢ଼ି ମୁଁ ଏକ ନୂତନ ଦୃଷ୍ଟିଭଙ୍ଗୀ ପାଇଲି । "ପଶ୍ଚିମ ଓଡିଶାର 'ଦଳ' ଜନଜାତିଙ୍କ ମୃତ ସଂସ୍କାର କର୍ମ: ଏକ ଅଧ୍ୟୟନ"କୁ ପାଠ କରି ଜାଣିବାକୁ ପାଇଲି ଯେ ସେହି ସବୁ ନୀତିନିୟମ ଆମ ଅଞ୍ଚଳରେ ମଧ୍ୟ ପ୍ରଚଳିତ ହୁଏ, ତେଣୁ ତାହା ନିଜର ନିଜର ପରି ଲାଗିଲା। '୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସର ଭାଷାଶିଳ୍ପ' ଅଧ୍ୟୟନ କରି ଜାଣିବାକୁ ପାଇଲି ଯେ କିପରି ଭାବରେ ୧୯୮୦ ପରବର୍ତ୍ତୀ ଉପନ୍ୟାସଗୁଡ଼ିକରେ ବ୍ୟଞ୍ଜନାଧର୍ମୀ ଭାଷା, କାବ୍ୟିକ ଭାଷା, ବ୍ୟାକରଣ ବହିର୍ଭୂତ ଭାଷା-ବିନ୍ୟାସ ଆଦିର ପ୍ରୟୋଗ ହେଇଛି।

ଏହା ବ୍ୟତୀତ ପ୍ରଫେସର୍ ଗିରିବାଳା ମହାନ୍ତିଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର ଅଧ୍ୟୟନ କରି ତାଙ୍କ ଜୀବନବ୍ୟାପୀ ଉପଲବ୍ଧି କରିଥିବା ଅଭିଜ୍ଞତା(Experience), ଦୃଷ୍ଟିଭଙ୍ଗୀ ଆଦି ଜାଣିବାକୁ ପାଇଲି। ପ୍ରତି ସଂଖ୍ୟାର ସାକ୍ଷାତକାର ଏହି ପତ୍ରିକାର ନୂତନତ୍ୱ ଦୃଷ୍ଟିଆକର୍ଷଣ କରିଆସୁଅଛି । ବର୍ତ୍ତମାନ ସମୟର ଗବେଷକ ଓ ଗବେଷିକାମାନଙ୍କ ପାଇଁ ଏହା ଏକ ନୂତନ ଆକର୍ଷଣ।

--- *ଆଲିଶ କୁମାର କର୍ଣ୍ଣ*

(ଗବେଷକ, ବିଶ୍ୱ-ଭାରତୀ, ଶାନ୍ତିନିକେତନ)

BAGEESHA | VOLUME N0. 02 | ISSUE N0. 06 | NOV - DEC 2024

ISSN 2583-9543
9 772583 954001

ବାଗୀଶ

B.K House, Ground Floor Women's College Lane
Nayagarh- 752069
E-mail : bageesha.magazine@gmail.com
Phone No. 9337166172

EDITOR : BIKESH SAHU | RS: 100/-